ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨୬/୨୦୨୫ (୧୨ ପୃଷ୍ଠା) Bhubaneswar, Tuesday, August 26/2025 Page 12 ₹ 7.00
୫୧ଶ ଭାଗ ୨୭୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 271 ମୂଲ୍ୟ ₹୭/-

## କାଣୀ ନଦୀବନ୍ଧରେ ୭୦ ଫୁଟର ଘାଇ

# ଯାଜପୁରରେ ବନ୍ୟା



ଯାଜପୁର ଜିଲା ଦଶରଥପୁର ବ୍ଲକ କସପା ପଞ୍ଚାୟତ ବଙ୍ଗଳାବାଡ଼ିଠାରେ ସୋମବାର ଭୋର ସମୟରେ ବୈତରଣୀର ଶାଖା କାଣୀ ନଦୀବନ୍ଧରେ ସୃଷ୍ଟି ହୋଇଥିବା ୭୦ ଫୁଟର ଘାଇ।

- **ଲୋକେ ଶୋଇଥିବାବେଳେ ପଶିଆସିଲା ପାଣି**
- **୧୪ ପଞ୍ଚାୟତର ୫୦ ଗ୍ରାମ ଜଳାର୍ଣ୍ଣବ**
- **ବୈତରଣୀରେ ଭାସିଯାଇ ଜଣଙ୍କ ମୃତ୍ୟୁ**

ଯାଜପୁର/ଦଶରଥପୁର/ଝୁମ୍ପୁରି,୨୫।୮ (ହର୍ଷବର୍ଦ୍ଧନ ବେହେରା/ସୁଶାନ୍ତ ବେହୁରିଆ/ସରୋଜ ନାଏକ)

ଯାଜପୁର ଜିଲା ଦଶରଥପୁର ବ୍ଲକ କସପା ପଞ୍ଚାୟତ ବଙ୍ଗଳାବାଡ଼ିଠାରେ ବୈତରଣୀର ଶାଖା କାଣୀ ନଦୀବନ୍ଧରେ ସୋମବାର ଭୋର ୪ଟା ରେ ୭୦ଫୁଟ ଲମ୍ବର ଘାଇ ସୃଷ୍ଟି ହୋଇଛି। ଏଥିରେ ମଲ୍ଲିକାପୁର ଓ କସପା ପଞ୍ଚାୟତର ପ୍ରାୟ ୫୦ ହଜାର ଲୋକ ସିଧାସଳଖ ପ୍ରଭାବିତ ହୋଇଛନ୍ତି। ବଙ୍ଗଳାବାଡ଼ି ଗ୍ରାମର ଲୋକେ ଶୋଇଥିବାବେଳେ ହଠାତ୍ ବନ୍ୟାପାଣି ଧସେଇ ପଶିବାରୁ ଶତାଧିକ ଲୋକ ଘର ଭିତରେ ଫସି ରହିଯାଇଥିଲେ। ସେଥିମଧ୍ୟରୁ ଯାହାର ପକ୍କାଘର ଅଛି ସେମାନେ ଛାତ ଉପରକୁ ଉଠିଯାଇଥିଲେ। ବନ୍ୟାପାଣିରେ ଅନେକଙ୍କ ଆସବାବପତ୍ର ଓ ଖାଦ୍ୟ ସାମଗ୍ରୀ ଧୋଇ ହୋଇଯାଇଛି। ଆଖି ପିଛୁଳାକେ ବନ୍ୟାପାଣି ୧୪ ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ଗ୍ରାମକୁ ମାଡ଼ିଯାଇଛି। ଚାଷଜମିରେ ବନ୍ୟାପାଣି ଲହଡ଼ି ମାରୁଛି। ଖବରପାଇ ଦଶରଥପୁର ଅଗ୍ନିଶମ ଓ କଟକ ଓଡ୍ରାଫ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ସେଥିରୁ ଜଣେ ୨୩ ଦିନର କନ୍ୟାସନ୍ତାନକୁ ପାଣି ଘେରରୁ ଉଦ୍ଧାର କରାଯାଇଛି।


କାଣୀ ନଦୀର ଉଚ୍ଛୁଳା ପାଣି ସମଗ୍ର ଦଶରଥପୁର ବ୍ଲକ୍‌କୁ ପ୍ରଭାବିତ କରିଛି। ସୋମବାର ସନ୍ଧ୍ୟା ସୁଦ୍ଧା ଦଶରଥପୁରଠାରେ ବୈତରଣୀ ଜଳସ୍ତର ବିପଦ ସଙ୍କେତର ☞ ପୃଷ୍ଠା–୪


**ଆଜିର ସମ୍ପାଦକୀୟ**

## ଗାଜା ଦୁର୍ଭିକ୍ଷ

## ନୂଆ ଆଇଟି ନୀତିକୁ କ୍ୟାବିନେଟ୍ ମୋହର

ପୃଷ୍ଠା–୩




Terms and Conditions applied. Approval of the loan is at the sole discretion of the nanciers, and additional documentation may be required. The interest rates, down payment, tenure options and EMI are based on the nancier's assessment of the applicant's credit prole. Low down payment & Low EMI Schemes cannot be clubbed together. The oers/features may be modied or withdrawn at any time without prior intimation. Oer valid until 31st August 2025. #5% Cashback Oer up to a maximum of `4000/- available on selected Honda2wheelers models for EMI transactions made using IDFC Bank credit cards through Pine Labs machines only which is valid on one transaction per card/order during the oer period and is valid till 31st August 2025. The features shown in the creative may not be available in all variants. Product shown in the picture may vary from actual product available in the market. Accessories shown in the picture are not part of standard equipment.

Honda Motorcycle & Scooter India Pvt. Ltd., Registered Oce: Plot No. 1, Sector - 03, IMT Manesar, Distt. Gurugram, (Haryana) – 122052, India; Website: www.honda2wheelersindia.com; Customer Care: customercare@honda.hmsi.in

Honda Exclusive Authorized Dealerships: BHUBANESWAR: MO Honda - 0674-2964289, 7008990541; Gugnani Honda - 9778611111, 8658916111; PGL Honda - 0674-2354418, 7735012345; Khimji Honda - 7735734882, 7735734888; Shivam Honda - 7873024400, 7873024320; ATHAGARH: Sidhivinayak Honda - 9937060136, 9658080060; BALUGOAN: Khimji Honda - 8114605673, 9778045606; BANKI: Shree Honda - 9658201234; BIDHARPUR: Saivinayak Honda - 9937060477, KHURDA: Gugnani Honda- 7077771900, 9937844533; UTTARA: Gugnani Honda- 7077771944, 7852930844; JANKIA: PGL Honda- 7788001030; CUTTACK: Durga Honda - 9114800102\17\121; Durga Honda (Choudwar) - 9114800120; SGBL Honda - 7437010004, 9040433000; Utkal Honda - 9439827522, 9437029811; JAJPUR ROAD: TEZ Honda - 7504991301 7504994444; JAJPUR TOWN: Agasti Honda - 9437518600; MANGALPUR: SP Honda - 9861843931, 7609065533; KUAKHIA: Sai Honda - 9938906077; SINGHPUR: Ramachandi Honda - 7377688445; CHANDIKHOL: Basanti Honda - 06725-227011, 9853066000; BALICHANDRAPUR: Mahavir Honda - 7978393608, 9438553478; JAGATSINGHPUR: Kanchan Murali Honda - 7809568988, 9090876483; JAGATPUR: Durga Honda - 9114800118; JATNI: PGL Honda - 7788001046, 7788001033; NAYAGRAH: Pattnaik Honda - 7008812540, 6370422120, Nayagarh Honda - 06753-296355, 7437000507; CHANDPUR: Pattnaik Honda - 7978913904; NARSINGHPUR: Baba Honda - 9438057701; NIALI: Hindustan Honda - 9040091922, 0671-2803355; PURI: Shivam Honda - 7735743520, 9040088747; KUJANG: Kanchan Murali Honda - 9937786824; RAHAMA: Navjyoti Honda - 9938339189, 7809568988; SALEPUR: S.N.Honda - 9437439076; KENDRAPARA: Saisudha Honda - 9178455081/2/3/4; PATTAMUNDAI: Satya Honda - 9439375055; KANDARPUR: Jay Pee Honda - 9861007679; KAKATPUR: Shree Ganesh Honda - 9937842437; RAJSUNAKHALA: NC Honda - 9078583100; PARADEEP: Kanchan Murali Honda - 9040650040. NIMAPADA: Santosh Honda -8917353149; PIPLI: SR Honda-9437885004, 9437129924; KONRAK: Konrak Honda- 9777565956; BRAHAMGIRI: Om Sai Honda- 9078953555; BALIAPATNA: Swastik Honda- 9439744817; BADAMBA: Somanath Honda-9438560360/9937271125; NISCHINTAKOILI: Anant Honda- 9437271903

For Bulk/Institutional enquiries, please write us at: institutionalsales@honda2wheelersindia.com

# ଚାଇନାରେ ମେଗା ଡ୍ୟାମ୍, ଭାରତରେ ବନ୍ୟା ଭୟ


ଚାଇନା ପକ୍ଷରୁ ପ୍ରସ୍ତାବିତ ଡ୍ୟାମ୍‌ର ପ୍ରତୀକାତ୍ମକ ଚିତ୍ର।

**ଭାରତର ଉପରମୁଣ୍ଡରେ ଚାଇନା ବିଶ୍ୱର ସର୍ବବୃହତ୍ ଡ୍ୟାମ୍ ନିର୍ମାଣ କରୁଛି। ତିବ୍ବତରେ ଏକ ବଡ଼ ନଦୀରେ ଏହି ମେଗା ଡ୍ୟାମ୍ ସମ୍ପୂର୍ଣ୍ଣ ହେଲେ ବେଜିଂ ଅତ୍ୟଧିକ ଜଳ ନିଷ୍କାସନ କରି ଭାରତରେ କୃତ୍ରିମ ବନ୍ୟା ସୃଷ୍ଟି କରିପାରେ। ସେହିପରି ଗ୍ରୀଷ୍ମରେ ଏହି ନଦୀରୁ ଭାରତକୁ ଜଳସ୍ରୋତ ୮୫% ପର୍ଯ୍ୟନ୍ତ ହ୍ରାସ ପାଇବ ବୋଲି ନୂଆଦିଲ୍ଲୀ ଆଶଙ୍କା କରୁଛି। ଏହାର ପ୍ରଭାବକୁ ଦୃଷ୍ଟିରେ ରଖି ଭାରତ ମଧ ଯୁଦ୍ଧକାଳୀନ ଭିତ୍ତିରେ ନିଜସ୍ୱ ନଦୀବନ୍ଧ ଯୋଜନା ପାଇଁ ଅଣ୍ଟା ଭିଡ଼ିଛି। କେବଳ ଜଳବିଦ୍ୟୁତ୍ ଉତ୍ପାଦନ ଓ ବନ୍ୟା ନିୟନ୍ତ୍ରଣ ନୁହେଁ, ରଣନୈତିକ ଆବଶ୍ୟକତା ଦୃଷ୍ଟିରୁ ମଧ ଏହା ବିଶେଷ ଗୁରୁତ୍ୱ ବହନ କରୁଥିବାରୁ ଭୂକମ୍ପପ୍ରବଣ ଅଞ୍ଚଳରେ ଦୁଇ ପଡ଼ୋଶୀ ମଧରେ ଭୂରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ତୀବ୍ରତର ହୋଇଛି। କିନ୍ତୁ ଭାରତ ସରକାରଙ୍କ ପ୍ରସ୍ତାବିତ ଡ୍ୟାମ୍ ଯୋଗୁ ସୀମାନ୍ତ ଅରୁଣାଚଳ ପ୍ରଦେଶର ଅନେକ ଗ୍ରାମ ଜଳମଗ୍ନ ହୋଇ ବହୁ ଜୀବନଜୀବିକା ବିପନ୍ନ ହେବା ଆଶଙ୍କା ରହିଛି। ଏଥିପାଇଁ ଅରୁଣାଚଳବାସୀ ଭାରତର ଡ୍ୟାମ୍‌କୁ ବିରୋଧ କରୁଥିବାରୁ ଏହି ଯୋଜନାକୁ ଝଟ୍‌କା ଲାଗିଛି।**

ପାରୋଙ୍ଗ/ବେଜିଂ, ୨୫।୮ (ରଏଟର୍ସ/ଷ୍ଟ୍ରେଟ୍ସ ଟାଇମ୍ସ)

କୈଳାସ ପର୍ବତର ମାନସରୋବର ହ୍ରଦ ନିକଟରୁ ୟାର୍‌ଲୁଙ୍ଗ୍ ସାଙ୍ଗ୍‌ପୋ ନଦୀର ଉତ୍ପତ୍ତି। ଏହା ଦକ୍ଷିଣପଶ୍ଚିମ ଚାଇନା ଦେଇ ଉତ୍ତରପୂର୍ବ ଭାରତକୁ ପ୍ରବାହିତ, ଯାହାକି ଭାରତରେ ବ୍ରହ୍ମପୁତ୍ର ନାମରେ ପରିଚିତ। ବିଶ୍ୱର ଏହି ନବମ ବୃହତ୍ ଓ ପଞ୍ଚଦଶ ଦୀର୍ଘତମ (୩,୦୦୦ କି.ମି.) ନଦୀ ଉପରେ ଚାଇନା ପୃଥିବୀର ସବୁଠୁ ବଡ଼ ଡ୍ୟାମ୍ ନିର୍ମାଣ କରୁଛି। ୟାର୍‌ଲୁଙ୍ଗ୍ ସାଙ୍ଗ୍‌ପୋ ଭାରତୀୟ ଭୂଖଣ୍ଡକୁ ପ୍ରବେଶ କରିବାର ଠିକ୍ ପୂର୍ବରୁ ତିବ୍ବତରେ ଏହା ଉପରେ ବିଶ୍ୱର ସର୍ବବୃହତ୍ ଜଳବିଦ୍ୟୁତ୍ ଡ୍ୟାମ୍ ମେଡଗ୍ ହାଇଡ୍ରୋପାୱାର ଷ୍ଟେଶନ୍ ନିର୍ମାଣ ନେଇ ୨୦୨୪ ଡିସେମ୍ବରରେ ଚାଇନା ଘୋଷଣା କରିଥିଲା। ଅରୁଣାଚଳ ପ୍ରଦେଶକୁ ନିଜ ଭୂଖଣ୍ଡର ଏକ ଅଂଶ ବୋଲି ଦାବି କରୁଥିବା ଚାଇନାର ଏହି ଘୋଷଣା ନୂଆଦିଲ୍ଲୀର ଚିନ୍ତା ବଢ଼ାଇ ଦେଇଥିଲା। ଆଙ୍ଗ୍‌ସି ଗ୍ଲେସିୟରରୁ ବାହାରିଥିବା ଏହି ନଦୀ ଜଳକୁ ଚାଇନା ଭାରତ ବିରୋଧରେ ଅସ୍ତ୍ର ରୂପେ ପ୍ରୟୋଗ କରିପାରେ ବୋଲି ନୂଆଦିଲ୍ଲୀ ଆଶଙ୍କା କରୁଛି। ଏହାକୁ ଦୃଷ୍ଟିରେ ରଖି ଭାରତର ସର୍ବବୃହତ୍ ହାଇଡ୍ରୋପାୱାର କମ୍ପାନୀ ଗତ ମେ'ରେ ଅପର ସିଆଙ୍ଗ୍ ମଲ୍ଟିପର୍ପଜ୍ ପ୍ରୋଜେକ୍ଟ (ୟୁଏସ୍‌ଏମ୍‌ପି) ନିର୍ମାଣ ପାଇଁ ସଶସ୍ତ୍ର ପୋଲିସ ସୁରକ୍ଷା ଅଧୀନରେ ଏକ ସର୍ଭେ କରାଇଥିଲା। ନିର୍ମାଣ ଶେଷ ହେଲେ ଏହା ହୀରାକୁଦ ନଦୀବନ୍ଧ ଯୋଜନାକୁ ଅତିକ୍ରମ କରି ଭାରତର ସର୍ବବୃହତ୍ ଡ୍ୟାମ୍ ହେବ। ଚଳିତବର୍ଷ ଏହାର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ବରିଷ୍ଠ ଅଧିକାରୀମାନେ ବୈଠକ କରୁଛନ୍ତି। ଗତ ଜୁଲାଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ମଧ ଏନେଇ ଏକ ବୈଠକ କରିଥିଲା। ଉକ୍ତ ବୈଠକରେ ଚାଇନା ଡ୍ୟାମ୍‌ର ପ୍ରଭାବ ଉପରେ ଭାରତ ସରକାରଙ୍କ ପକ୍ଷରୁ ଚିନ୍ତାବ୍ୟକ୍ତ କରାଯାଇଥିଲା। ଅନ୍ୟପକ୍ଷେ ୨୦୨୫ ଜୁଲାଇରେ ନିର୍ମାଣ ଆରମ୍ଭ ହୋଇଥିବା ମେଡଗ୍ ଡ୍ୟାମ୍ ସମ୍ପର୍କରେ ବେଜିଂ ବିସ୍ତୃତ ଯୋଜନା ପ୍ରଘଟ କରିନାହିଁ। କିନ୍ତୁ ଉକ୍ତ ପ୍ରକଳ୍ପରେ ପ୍ରାୟ ୧୭୦ ବିଲିୟନ୍ ଆମେରିକୀୟ ଡଲାର ଖର୍ଚ୍ଚ ହେବ ଏବଂ ୬୦ ଗିଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହେବ ବୋଲି ଆକଳନ କରାଯାଇଛି। ଏହି ଡ୍ୟାମ୍ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ବେଜିଂ ୪୦ ବିଲିୟନ୍ କ୍ୟୁବିକ୍ ମିଟର (ବିସିଏମ୍) ପର୍ଯ୍ୟନ୍ତ ଜଳକୁ ସୀମାନ୍ତର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଡାଇଭର୍ଟ କରିପାରେ ବୋଲି ନୂଆଦିଲ୍ଲୀ ଆଶଙ୍କା କରୁଛି। ଏହାର ପ୍ରଭାବ ବିଶେଷକରି ଅଣମୌସୁମୀ ଋତୁରେ ଅନୁଭୂତ ହେବ, ଯେତେବେଳେ ଭାରତରେ ତାପମାତ୍ରା ବୃଦ୍ଧିପାଇ ଚାଷଜମି ଶୁଷ୍କ ହୋଇଯିବ। ତେବେ ୧୩.୨ ବିଲିୟନ୍ ଡଲାର ବ୍ୟୟରେ ନିର୍ମିତ ହେବାକୁ ଥିବା ୧୪ ବିସିଏମ୍ ଜଳ ଧାରଣ କ୍ଷମତା ବିଶିଷ୍ଟ ଅପର୍ ସିଆଙ୍ଗ୍ ପ୍ରୋଜେକ୍ଟରୁ ଜଳ ପ୍ଲାବନ କରି ଏହି ଅଚଳାବସ୍ଥାକୁ ଦୂର କରାଯାଇପାରିବ ବୋଲି ମନେକରାଯାଉଛି। ସେହିପରି ବେଜିଂ ବନ୍ୟାଜଳ ଛାଡ଼ିଦେଲେ ତଳମୁଣ୍ଡରେ ଏହାକୁ ଅପର୍ ସିଆଙ୍ଗ୍ ଷ୍ଟୋରେଜ୍ ଡ୍ୟାମ୍ ଜରିଆରେ ନିୟନ୍ତ୍ରଣ ସହ ୧୧.୨ ଗିଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କରାଯାଇପାରିବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷେ ଭାରତର ଏହି ମୁକାବିଲା ରଣନୀତିକୁ ଅରୁଣାଚଳର ଅନେକ ହଜାର ଗ୍ରାମବାସୀ ବିରୋଧ କରିଛନ୍ତି। ଅପର୍ ସିଆଙ୍ଗ୍ ପ୍ରୋଜେକ୍ଟ ଯୋଗୁ ବହୁ ଚାଷଜମି ଜଳମଗ୍ନ ହେବାକୁ ଥିବାରୁ ଧାନ, କମଳା, ଗୁଜରାତି ଓ ଅଦା ଚାଷ ପ୍ରଭାବିତ ହୋଇପାରେ। ତେଣୁ ଆଗକୁ ଏହା ବିରୋଧରେ ଆନ୍ଦୋଳନ ତୀବ୍ରତର ହୋଇପାରେ।

## ନୂଆଦିଲ୍ଲୀର ମୁକାବିଲା ରଣନୀତିକୁ ଅରୁଣାଚଳରେ ବିରୋଧ

## ସଂକ୍ଷେପରେ

### ତଓ୍ୱି ନଦୀରେ ବଡ଼ ବନ୍ୟା ନେଇ ପାକିସ୍ତାନକୁ ସତର୍କ କରାଇଲା ଭାରତ

ନୂଆଦିଲ୍ଲୀ, ୨୫।୮

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ସିନ୍ଧୁ ନଦୀ ଜଳ ଚୁକ୍ତିକୁ ଭାରତ ସ୍ଥଗିତ ରଖିଥିବାବେଳେ ତଓ୍ୱି ନଦୀରେ ବଡ଼ ବନ୍ୟା ଆସିବାକୁ ଥିବା ନେଇ ସୋମବାର ପାକିସ୍ତାନକୁ ସତର୍କ କରାଇ ଦେଇଛି। ମାନବୀୟ ଦୃଷ୍ଟିକୋଣରୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ଜରିଆରେ ଏହି ସୂଚନା ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଜଳଶକ୍ତି ମନ୍ତ୍ରଣାଳୟ ରବିବାର ବହିର୍ବ୍ୟାପର ମନ୍ତ୍ରଣାଳୟକୁ ବନ୍ୟା ସମ୍ପର୍କିତ ସୂଚନା ଦେବା ପରେ ଏହାକୁ ଇସ୍‌ଲାମାବାଦକୁ ଜଣାଇ ଦିଆଯାଇଛି। ୧୯୬୦ ସେପ୍ଟେମ୍ବର ୧୯ରେ ସ୍ୱାକ୍ଷରିତ ସିନ୍ଧୁନଦୀ ଜଳଚୁକ୍ତି ଅନୁଯାୟୀ ସିନ୍ଧୁ ନଦୀଜଳ କମିଶନରଙ୍କ ଜରିଆରେ ବନ୍ୟା ତଥ୍ୟ ଆଦାନପ୍ରଦାନ କରାଯାଇଥାଏ।

### ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲା: ଟିଏମ୍‌ସି ବିଧାୟକ ଗିରଫ


ଜୀବନକୃଷ୍ଣ ଶାହା

କୋଲକାତା, ୨୫।୮

ପଶ୍ଚିମବଙ୍ଗର ଏସ୍‌ଏସ୍‌ସି ସହାୟକ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର ମୁର୍ଶିଦାବାଦ ଜିଲାର ବୁର୍‌ୱାନ ବିଧାନସଭା ଆସନରୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ବିଧାୟକ ଜୀବନକୃଷ୍ଣ ଶାହାଙ୍କୁ ଗିରଫ କରିଛି। ଇଡି ଜୀବନକୃଷ୍ଣଙ୍କ ଘରେ ଚଢ଼ାଉ କରିବା ପାଇଁ ପହଞ୍ଚିଥିବା ବେଳେ ସେ ଘରର ପ୍ରଥମ ମହଲାର କାନ୍ଥ ଡେଇଁ ଖସି ପଳାଇବାକୁ ଚେଷ୍ଟା କରିଥିଲେ। ତେବେ ଇଡି ଅଧିକାରୀମାନେ ତାଙ୍କୁ କାବୁ କରି ଗିରଫ କରିଛନ୍ତି। ଗିରଫଦାରି ପୂର୍ବରୁ ବିଧାୟକ ଜୀବନକୃଷ୍ଣ ପ୍ରମାଣ ନଷ୍ଟ କରିବା ପାଇଁ ତାଙ୍କ ମୋବାଇଲ ଫୋନ୍‌କୁ ଏକ ନାଳକୁ ଫିଙ୍ଗି ଦେଇଥିଲେ। ଘଟଣାସ୍ଥଳରୁ ଇଡି ଉକ୍ତ ଫୋନ୍‌କୁ ଜବତ କରିଛି। ସୋମବାର ଜୀବନକୃଷ୍ଣ ଓ ତାଙ୍କ ସହଯୋଗୀଙ୍କ ଠିକଣାରେ ଏକକାଳୀନ ଚଢ଼ାଉ କରାଯାଇଥିବା ନେଇ ଇଡି ସୂଚନା ଦେଇଛି।

### ୫ ଇନ୍‌ଫ୍ଲୁଏନ୍ସରଙ୍କୁ କ୍ଷମା ମାଗିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୫।୮ (ପି.ଟି.)

ଭିନ୍ନକ୍ଷମ ଏବଂ ବିରଳ ଅନୁବଂଶୀୟ ବିକୃତି ଥିବା ଲୋକଙ୍କୁ ପରିହାସ କରିଥିବାରୁ ଇଣ୍ଡିଆସ୍ ଗଟ୍ ଲାଟେଣ୍ଟର ଆୟୋଜକ ସମୟ ରାଇନାଙ୍କ ସମେତ ୫ ଜଣ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରଙ୍କୁ ସେମାନଙ୍କ ପଡ୍‌କାଷ୍ଟ କିମ୍ବା ଶୋ'ରେ ନିଃସର୍ତ୍ତ କ୍ଷମା ମାଗିବାକୁ ସୁପ୍ରିମକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ବ୍ୟବସାୟିକ ଏବଂ ନିଷିଦ୍ଧ ଭାଷଣ ମୌଳିକ ଅଧିକାର ପରିସରଭୁକ୍ତ ନୁହେଁ ବୋଲି ଏହି ଅବସରରେ ସର୍ବୋଚ୍ଚ ଅଦାଲତ ଟିପ୍ପଣୀ ଦେଇଛନ୍ତି। ଅନୁତାପର ମାତ୍ରା ଅପମାନିତ କରିବା ମାତ୍ରାଠାରୁ ଅଧିକ ହେବା ଆବଶ୍ୟକ ବୋଲି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି। ପରବର୍ତ୍ତୀ ସମୟରେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଅପମାନିତ କଲେ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସରଙ୍କୁ ଦଣ୍ଡିତ କରିବା ପାଇଁ ବିଚାର କରିବୁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି। ଅଦାଲତ ଅବମାନନାକୁ ଦୂର କରିବାକୁ ହେଲେ ସେମାନେ କେତେ ପରିମାଣର ଜରିମାନା ଦେବାକୁ ଇଚ୍ଛୁକ, ଯାହା ବିରଳ ଅନୁବଂଶୀୟ ବିକୃତିରେ ପୀଡ଼ିତ ଲୋକଙ୍କ ଚିକିତ୍ସାରେ ବ୍ୟବହାର କରାଯାଇପାରିବ ବୋଲି ଜଷ୍ଟିସ୍ କାନ୍ତ ଇନ୍‌ଫ୍ଲୁଏନ୍ସରମାନଙ୍କୁ ପ୍ରଶ୍ନ କରିଥିଲେ। ଭିନ୍ନକ୍ଷମ ଏବଂ ସ୍ପାଇନାଲ ମସ୍କୁଲାର ଆଟ୍ରୋଫି (ଏସ୍‌ଏମ୍‌ଏ)ରେ ପୀଡ଼ିତ ଓ ଦୃଷ୍ଟିବାଧିତଙ୍କୁ ୫ ଇନ୍‌ଫ୍ଲୁଏନ୍ସର ପରିହାସ କରିଥିବା ଅଭିଯୋଗ ହୋଇଥିଲା। ସୋମବାର ଶୁଣାଣି ବେଳେ ଅଦାଲତରେ ରାଇନାଙ୍କ ସମେତ ୪ ଜଣ ଉପସ୍ଥିତ ଥିଲେ। ଇନ୍‌ଫ୍ଲୁଏନ୍ସରମାନେ ଭିନ୍ନ ବର୍ଗଙ୍କୁ ନେଇ ହାସ୍ୟରସ ପରିବେଷଣ କଲାବେଳେ ଅଧିକ ସତର୍କ ରହିବା ଉଚିତ ବୋଲି ଜଷ୍ଟିସ୍ ବାଗ୍‌ଚୀ କହିଛନ୍ତି।

## ସିଆଇସିଙ୍କ ନିର୍ଦ୍ଦେଶକୁ ଖାରଜ କଲେ ଦିଲ୍ଲୀ ହାଇକୋର୍ଟ

### ପ୍ରଧାନମନ୍ତ୍ରୀ ମୋଦିଙ୍କ ଡିଗ୍ରୀ ବିବାଦ

ନୂଆଦିଲ୍ଲୀ, ୨୫।୮ (ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ନାତକ ଡିଗ୍ରୀ ସମ୍ପର୍କିତ ସବିଶେଷ ବିବରଣୀ ପ୍ରଦାନ ପାଇଁ କେନ୍ଦ୍ରୀୟ ସୂଚନା କମିଶନର (ସିଆଇସି) ଦିଲ୍ଲୀ ୟୁନିଭର୍ସିଟି (ଡିୟୁ)କୁ ଦେଇଥିବା ନିର୍ଦ୍ଦେଶକୁ ଦିଲ୍ଲୀ ହାଇକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ଏହା ବ୍ୟକ୍ତିଗତ ତଥ୍ୟ ହୋଇଥିବାବେଳେ ଏଥିରେ ଜନସ୍ୱାର୍ଥ ଅନ୍ତର୍ନିହିତ ନ ଥିବା ଅଦାଲତ କହିଛନ୍ତି। ସିଆଇସିଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଦିଲ୍ଲୀ ୟୁନିଭର୍ସିଟି ହାଇକୋର୍ଟରେ ପିଟିଶନ ଦାଏର କରିଥିବାବେଳେ ଜଷ୍ଟିସ୍ ସଚିନ ଦତ୍ତାଙ୍କ ଖଣ୍ଡପୀଠ ଫେବୃଆରୀ ୨୭ରେ ଏହାର ଶୁଣାଣି ଶେଷକରି ରାୟ ସଂରକ୍ଷିତ ରଖିଥିଲେ। ଅଦାଲତ କହିଛନ୍ତି, ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଏବଂ ଜନସାଧାରଣଙ୍କ ସ୍ୱାର୍ଥ ମଧ୍ୟରେ ପ୍ରଭେଦ ରହିଥିବା ବିଚାରପତି କହିଛନ୍ତି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶିକ୍ଷାଗତ ଯୋଗ୍ୟତାକୁ ନେଇ ବିବାଦ ଲାଗିରହିଥିବାବେଳେ ସେ ୧୯୭୮ରେ ବିଏ ପାସ୍ କରିଥିଲେ କି ନାହିଁ ଜାଣିବା ନିମନ୍ତେ ନୀରଜ ନାମକ ବ୍ୟକ୍ତି ତଥ୍ୟ ଜାଣିବା ଅଧିକାର (ଆର୍‌ଟିଆଇ) ବଳରେ ସିଆଇସିଙ୍କ ନିକଟରେ ଆବେଦନ କରିଥିଲେ। ଉକ୍ତ ଆବେଦନକ୍ରମେ ମୋଦିଙ୍କ ସମେତ ୧୯୭୮ରେ ବିଏ ପରୀକ୍ଷାରେ ପାସ୍ କରିଥିବା ସବୁ ଛାତ୍ରୀଛାତ୍ରଙ୍କ ରେକର୍ଡ ଯାଞ୍ଚ ଲାଗି ଅନୁମତି ଦେବାକୁ ସିଆଇସି ୨୦୧୬ ଡିସେମ୍ବର ୨୧ରେ ଡିୟୁକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୭ ଜାନୁଆରୀ ୨୩ରେ ହାଇକୋର୍ଟ ସିଆଇସିଙ୍କ ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶ ଜାରି କରିଥିଲେ।

### ଦିଲ୍ଲୀରେ ଆଜି


ନୂଆଦିଲ୍ଲୀସ୍ଥିତ ହାଇଦ୍ରାବାଦ ହାଉସ୍‌ଠାରେ ଫିଜି ପ୍ରଧାନମନ୍ତ୍ରୀ ସିଟିଭେନି ଲିଗାମାମାଦା ରାବୁକାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। (ଫଟୋ– ଚମନ ଗୌତମ)

## ଗାଜା ହସ୍ପିଟାଲରେ ମିଶାଇଲ୍ ମାଡ଼

### ୪ ଖବରଦାତାଙ୍କ ସମେତ ୧୯ ମୃତ

ଖାନ୍ ୟୁନିସ୍, ୨୫।୮

ଗାଜାର ଖାନ୍ ୟୁନିସ୍‌ରେ ଥିବା ନାସେର ହସ୍ପିଟାଲର ଚତୁର୍ଥ ମହଲାରେ ଇସ୍ରାଏଲୀ ସେନା ମିଶାଇଲ୍ ମାଡ଼ କରିବାରୁ ୪ ଜଣ ଖବରଦାତାଙ୍କ ସମେତ ୧୯ ଜଣଙ୍କ ମୃତ୍ୟୁ ଘଟିଛି। ପ୍ରଥମେ ଗୋଟିଏ ମିଶାଇଲ୍ ମାଡ଼ ହୋଇଥିବାବେଳେ ଉଦ୍ଧାରକାରୀ ଟିମ୍ ପହଞ୍ଚିବା ପରେ ଆଉ ଏକ ମିଶାଇଲ୍ ମାଡ଼ ହୋଇଥିଲା। ୨୨ ମାସ ଧରି ଚାଲିଥିବା ଏହି ଯୁଦ୍ଧରେ ଦକ୍ଷିଣ ଗାଜାର ସର୍ବବୃହତ୍ ନାସେର ହସ୍ପିଟାଲ ଅନେକଥର ଆକ୍ରମଣର ସମ୍ମୁଖୀନ ହେଲାଣି। ମୃତ ୪ ଖବରଦାତାଙ୍କ ମଧ୍ୟରେ ଆସୋସିଏଟେଡ୍ ପ୍ରେସ୍ ପାଇଁ କାର୍ଯ୍ୟ କରୁଥିବା ମୁକ୍ତବୃତ୍ତି ସାମ୍ବାଦିକ ମାରିଆମ୍ ଡାକ୍କା ଅଛନ୍ତି। ଏହା ବ୍ୟତୀତ ଅଲ୍ ଜଜିରା ଖବରଦାତା ମହମ୍ମଦ ସଲାମା, ରଏଟର୍ସର କ୍ୟାମେରାମ୍ୟାନ ହୁସମ ଅଲ୍ ମସ୍ରି ଏବଂ ଅନ୍ୟ ଫଟୋଗ୍ରାଫର ହାତେମ୍ ଖାଲେଦ ମଧ ନିହତ ହୋଇଥିବା ଜଣାପଡ଼ିଛି। ତେବେ ଏୟାରଷ୍ଟ୍ରାଇକ୍ ସମ୍ପର୍କରେ ଇସ୍ରାଏଲୀ ସେନା ପକ୍ଷରୁ କିଛି କୁହାଯାଇ ନାହିଁ। ଗାଜାରେ ୨୨ ମାସର ଯୁଦ୍ଧ ମଧ୍ୟରେ ମୋଟ ୧୯୨ ଜଣ ଖବରଦାତାଙ୍କ ମୃତ୍ୟୁ ଘଟିଲାଣି।

## 'ଅନୁଚ୍ଛେଦ ୩୨ ଅନୁଯାୟୀ ମୃତ୍ୟୁ ଦଣ୍ଡାଦେଶ ଚ୍ୟାଲେଞ୍ଜଯୋଗ୍ୟ'

ନୂଆଦିଲ୍ଲୀ, ୨୫।୮ (ପି.ଟି.)

ପ୍ରକ୍ରିୟାଗତ ସୁରକ୍ଷାର ଉଲ୍ଲଂଘନ ହୋଇଥିଲେ, ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଥିବା କୌଣସି ମାମଲାକୁ ପୁନର୍ବାର ଶୁଣାଣି କରିବା କ୍ଷମତା ସମ୍ବିଧାନର ଅନୁଚ୍ଛେଦ ୩୨ ଅଦାଲତଙ୍କୁ ଦେଇଛି। ମୃତ୍ୟୁ ଦଣ୍ଡାଦେଶ ପାଇଥିବା ଜଣେ ଅପରାଧୀଙ୍କ ଆବେଦନର ପୁନଃ ଶୁଣାଣି ପାଇଁ ସୁପ୍ରିମକୋର୍ଟ ସୋମବାର ରାଜି ହେବା ସହ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି।

୨୦୦୮ ଏପ୍ରିଲରେ ଜଣେ ୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ନାଗପୁରର ବସନ୍ତ ସମ୍ପତ ଦୁପାରେ ଦୋଷୀସାବ୍ୟସ୍ତ ହୋଇଥିଲେ। ନାଗପୁର ଅତିରିକ୍ତ ସେସନ୍ସ କୋର୍ଟ ତାଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିବାବେଳେ ୨୦୧୪ ନଭେମ୍ବରରେ ସୁପ୍ରିମକୋର୍ଟ ଏହାକୁ କାଏମ୍ ରଖିଥିଲେ। ଉକ୍ତ ରାୟ ବିରୋଧରେ ଦୁପାରେ ଦାଖଲ କରିଥିବା ରିଭ୍ୟୁ ପିଟିଶନ ୨୦୧୭ ମେ' ୩ରେ ଖାରଜ ହୋଇଯାଇଥିଲା। ଏହା ପରେ ସେ ମହାରାଷ୍ଟ୍ର ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ପାଖରେ କ୍ଷମା ଆବେଦନ କରିଥିଲେ ମଧ ତାହା ଯଥାକ୍ରମେ ୨୦୨୨ ଏବଂ ୨୦୨୩ରେ ଅଗ୍ରାହ୍ୟ ହୋଇଯାଇଥିଲା।

ଦୁପାରେ ଶିଶକନ୍ୟାଙ୍କୁ ଚକୋଲେଟ ଦ୍ୱାରା ପ୍ରଲୋଭିତ କରି ନେଇଯାଇଥିଲେ ଓ ପରିଚୟ ଲୁଚାଇବା ପାଇଁ ତାଙ୍କ ମୁଣ୍ଡକୁ ପଥରରେ ଛେଚିଥିଲେ। ଏହି ମାମଲାରେ ପ୍ରକ୍ରିୟାଗତ ସୁରକ୍ଷାର ଉଲ୍ଲଂଘନ ହୋଇଥିବା ଜାଣିବା ପରେ ଜଷ୍ଟିସ୍ ବିକ୍ରମ ନାଥ, ସଞ୍ଜୟ କାରୋଲ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ ଅନୁଚ୍ଛେଦ ୩୨ ଅନୁଯାୟୀ ଅପରାଧୀଙ୍କ ପିଟିଶନ୍‌ର ପୁନଃ ଶୁଣାଣି ପାଇଁ ଅନୁମତି ଦେଇଛନ୍ତି। ୨୦୨୨ରେ ମନୋଜ ବନାମ ମଧ୍ୟପ୍ରଦେଶ ରାୟର ଅବତାରଣା କରି ଖଣ୍ଡପୀଠ କହିଛନ୍ତି, ମୃତ୍ୟୁ ଦଣ୍ଡାଦେଶ ପ୍ରଦାନ କରିବା ପୂର୍ବରୁ ଟ୍ରାଏଲ୍ କୋର୍ଟଗୁଡ଼ିକ ଅଭିଯୁକ୍ତଙ୍କ ମନୋଚିକିତ୍ସୀୟ ଏବଂ ମନୋବୈଜ୍ଞାନିକ ମୂଲ୍ୟାୟନ ରିପୋର୍ଟ ସଂଗ୍ରହ କରିବାକୁ ସେତେବେଳେ ସୁପ୍ରିମକୋର୍ଟ କେତେଗୁଡ଼ିଏ ମାର୍ଗଦର୍ଶନ ଓ ନିର୍ଦ୍ଦେଶାବଳୀ ଜାରି କରିଥିଲେ। ତେବେ ଅନୁଚ୍ଛେଦ ୩୨ର ଅସାଧାରଣ ପରିସରକୁ ବିଚାର ଶେଷ ହୋଇଥିବା ଅନ୍ୟାନ୍ୟ ମାମଲାର ପୁନର୍ବିଚାର ପାଇଁ ନିୟମିତ ଉପାୟ ଭାବେ ଅନୁମତି ଦିଆଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ। ଯେଉଁଠି ନୂଆ ପ୍ରକ୍ରିୟାଗତ ସୁରକ୍ଷାର ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ ଉଲ୍ଲଂଘନ ହୋଇଥିବ ଏବଂ ଯଦି ତାହା ଏତେ ଗମ୍ଭୀର ଯେ, ଏହାକୁ ସଂଶୋଧନ ନ କରି ଛାଡ଼ିଦେଲେ, ତାହା ଅଭିଯୁକ୍ତଙ୍କ ମର୍ଯ୍ୟାଦା ଓ ସ୍ୱଚ୍ଛ ବିଚାର ପ୍ରକ୍ରିୟା ଭଳି ମୌଳିକ ଅଧିକାରର ଉଲ୍ଲଂଘନ କରୁଥିବ, କେବଳ ସେଭଳି କ୍ଷେତ୍ରରେ ମାମଲାର ପୁନର୍ବିଚାର କରାଯାଇପାରିବ ବୋଲି ଖଣ୍ଡପୀଠ କହିଛନ୍ତି।

## ମିଗ୍-୨୧ର ଶେଷ ଉଡ଼ାଣ




### ୧୯୬୩ରୁ ଭାରତୀୟ ବାୟୁସେନାରେ ସାମିଲ ଥିଲା

ବିକାନେର, ୨୫।୮ (ପି.ଟି.)

ଭାରତୀୟ ବାୟୁସେନାର ଲଢୁଆ ବିମାନ ମିଗ୍-୨୧ ଇତିହାସ ହେବାକୁ ଯାଉଛି। ୬୨ ବର୍ଷ ଧରି ସେବା ପ୍ରଦାନ ପରେ ଆସନ୍ତା ମାସ ୨୬ରେ ଚଣ୍ଡିଗଡ଼ରେ ଅନୁଷ୍ଠିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ମିଗ୍-୨୧ ବିମାନ ଆନୁଷ୍ଠାନିକ ଭାବେ ଅବସର ନେବ। ଏହା ପୂର୍ବରୁ ଗତ ୧୮ ଓ ୧୯ରେ ଭାରତୀୟ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏପି ସିଂ ରାଜସ୍ଥାନର ନାଲ ଏୟାରଫୋର୍ସ ଷ୍ଟେଶନରୁ ଅନ୍ତିମ ଥର ପାଇଁ ଏହି ଲଢୁଆ ବିମାନକୁ ଉଡ଼ାଇଛନ୍ତି। ସେ ଗୋଟିଏ ଟ୍ରେନିଂ ଶର୍ଟ ଏବଂ ୩ରୁ ୪ଟି ସୋଲୋ ଶର୍ଟ ପୂରଣ କରିଥିଲେ। ଉଡ଼ାଣ ପରେ ଏୟାର ଚିଫ୍ ମାର୍ଶାଲ କହିଛନ୍ତି, ଏହି ଲଢୁଆ ବିମାନରେ ସେ ନିଜର ପ୍ରଥମ ଟ୍ରେନିଂ ନେଇଥିଲେ। ୧୯୮୫ରେ ଆସାମର ତେଜପୁରରେ ସେ ପ୍ରଥମ ଥର ପାଇଁ ମିଗ୍-୨୧ ବିମାନର ଟାଇପ-୭୭ ଭାରିଆଣ୍ଟକୁ ଉଡ଼ାଇଥିଲେ। ସମ୍ପ୍ରତି ବାୟୁସେନା ନିକଟରେ ମିଗ୍-୨୧ର ୨ଟି ସ୍କ୍ୱାର୍ଡନ ରହିଛି। ଉଭୟ ସ୍କ୍ୱାର୍ଡନକୁ ନାଲ୍ ଏୟାରଫିଲ୍ଡରେ ରଖାଯାଇଛି। ତେବେ ସବୁକିଛିର ଏକ ସମୟ ରହିଥାଏ। ମିଗ୍-୨୧ ପ୍ରଯୁକ୍ତି ପୁରୁଣା ହୋଇଗଲାଣି, ଯାହାକୁ ବଜାୟ ରଖିବା ବାୟୁସେନା ପାଇଁ କଷ୍ଟସାଧ ହୋଇପଡ଼ିଛି। ବାୟୁସେନାକୁ ଆଗକୁ ବଢ଼ିବାକୁ ପଡ଼ିବ। ତେଣୁ ଏହି ବିମାନକୁ ଅବସର ଦିଆଯାଉଥିବା ନେଇ ଏୟାର ଚିଫ୍ ମାର୍ଶାଲ ସିଂ କହିଛନ୍ତି। ଉନ୍ନତ ପ୍ରଯୁକ୍ତିବିଦ୍ୟା ସହ ତେଜସ୍, ତେଜସ୍ ଏମ୍‌କେ ୨, ରାଫେଲ, ଏସ୍‌ୟୁ-୩୦ ଭଳି ବିମାନ ମିଗ୍-୨୧ର ସ୍ଥାନ ନେବେ ବୋଲି ସେ କହିଛନ୍ତି। ରୁଷିଆ ନିର୍ମିତ ଏହି ଯୁଦ୍ଧବିମାନ ୧୯୬୩ ଏପ୍ରିଲରେ ଭାରତୀୟ ବାୟୁସେନାରେ ସାମିଲ ହୋଇଥିଲା।

## ଟ୍ରାକ୍ଟର ଟ୍ରଲିକୁ ଧକ୍କା ଦେଲା ଟ୍ରକ୍: ୯ ମୃତ

ବୁଲନ୍ଦସହର, ୨୫।୮

ଉତ୍ତରପ୍ରଦେଶର ବୁଲନ୍ଦସହର ଜିଲା ଅନ୍ତର୍ଗତ ବୁଲନ୍ଦସହର-ଆଲିଗଡ଼ ରାସ୍ତାରେ ରବିବାର ବିଳମ୍ବିତ ରାତିରେ ଏକ ଟ୍ରକ୍ ଟ୍ରାକ୍ଟର ଟ୍ରଲିକୁ ଧକ୍କା ଦେବାରୁ ୯ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିବା ସହ ୪୨ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ୨ ଜଣ ଏବଂ ଆହତଙ୍କ ମଧ୍ୟରେ ୧୨ ଜଣ ନାବାଳକ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୃତକଙ୍କ ପରିବାରକୁ ୨ ଲକ୍ଷ ଏବଂ ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କା ସହାୟତା ଘୋଷଣା କରିଛନ୍ତି। କସଗଞ୍ଜ ଜିଲାର ରାଫତପୁର ଗ୍ରାମରୁ ଟ୍ରାକ୍ଟର ଟ୍ରଲିରେ ୬୧ ଜଣ ଲୋକ ରାଜସ୍ଥାନର ଜହରପୀରକୁ ତୀର୍ଥଯାତ୍ରାରେ ଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା।

## ମା' ହେବେ ପରିଣୀତି



ନୂଆଦିଲ୍ଲୀ

ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ଓ ତାଙ୍କ ସ୍ୱାମୀ ତଥା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ରାଜ୍ୟ ସଭା ସଦସ୍ୟ ରାଘବ ଚଡ୍ଢା ସୋମବାର ସେମାନଙ୍କ ପ୍ରଶଂସକଙ୍କୁ ଗୁଡ୍ ନ୍ୟୁଜ୍ ଦେଇଛନ୍ତି। ପରିଣୀତି ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟକରି ସେ ଗର୍ଭବତୀ ଥିବା ନେଇ ସୂଚନା ଦେଇଛନ୍ତି। ଏହି ପୋଷ୍ଟରେ ସେ ରାଘବଙ୍କୁ ଟ୍ୟାଗ୍ କରିଛନ୍ତି। ପରିଣୀତି ତାଙ୍କ ପୋଷ୍ଟରେ ଏକ କେକ୍‌ର ଫଟୋକୁ ଶେୟାର କରି କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, ଆମେ ଏକ ଛୋଟ ଅତିଥିଙ୍କୁ ସ୍ୱାଗତ କରିବାକୁ ଯାଉଛୁ। ଏଥିପାଇଁ ଆପଣମାନଙ୍କର ଆଶୀର୍ବାଦ କାମନା କରୁଛୁ। ଉକ୍ତ ପୋଷ୍ଟରେ ବଲିଉଡ୍‌ର ବହୁ ସେଲିବ୍ରିଟି କମେଣ୍ଟ ମାଧ୍ୟମରେ ଏହି ତାରକା ଦମ୍ପତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ୨୦୨୩ ସେପ୍ଟେମ୍ବର ୨୪ରେ ରାଜସ୍ଥାନର ଉଦୟପୁରସ୍ଥିତ ଦି ଲୀଲା ପ୍ୟାଲେସରେ ପରିଣୀତି ଓ ରାଘବଙ୍କର ବିବାହ ଅନୁଷ୍ଠିତ ହୋଇଥିଲା। ପରିଣୀତିଙ୍କୁ ଶେଷଥର ପାଇଁ ୨୦୨୪ରେ ନିର୍ମାତା ଇମ୍‌ତିଆଜ୍ ଅଲୀଙ୍କ 'ଅମର ସିଂ ଚମକିଲା' ଫିଲ୍ମରେ ଦେଖିବାକୁ ମିଳିଥିଲା। ଏହି ଫିଲ୍ମରେ ତାଙ୍କ ବିପକ୍ଷରେ ଅଭିନେତା ତଥା ପ୍ରସିଦ୍ଧ ସିଙ୍ଗର ଦିଲ୍‌ଜିତ ଦୋସାଞ୍ଜ ନଜରକୁ ଆସିଥିଲେ।

# ନୂଆ ଆଇଟି ନୀତିକୁ କ୍ୟାବିନେଟ୍ ମୋହର



ଲୋକସେବା ଭବନଠାରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଉପସ୍ଥିତ ମନ୍ତ୍ରୀ ଓ ଅଧିକାରୀ।

## ୧୦ଲକ୍ଷଙ୍କୁ ମିଳିବ ନିଯୁକ୍ତି

- ସାଇବର ସୁରକ୍ଷା ସହିତ ଡିଜିଟାଲ ରୂପାନ୍ତରଣକୁ ବିକଶିତ କରିବ
- ରାଜ୍ୟ କ୍ୟାବିନେଟ୍ ବୈଠକରେ ୪ ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର,୨୫।୮
(ରବିନାରାୟଣ ଜେନା)

ଓଡ଼ିଶାକୁ ସୂଚନା ପ୍ରଯୁକ୍ତି ଓ ଯୋଗାଯୋଗ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ରୂପେ ଗଢ଼ିତୋଳିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହିକ୍ରମରେ ସୋମବାର ରାଜ୍ୟ ସରକାର ସୂଚନା ପ୍ରଯୁକ୍ତି(ଆଇଟି)ର ବିକାଶ ଲାଗି ନୂତନ ଆଇଟି ନୀତି ଆଣିଛନ୍ତି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଏହି ଆଇଟି ନୀତି ସମେତ ୩ଟି ବିଭାଗର ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ବାଜିଛି।

ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଛନ୍ତି, ଓଡ଼ିଶାର ଡିଜିଟାଲ୍ ରୂପାନ୍ତରଣକୁ ଆଗେଇ ନେବା ଏବଂ ବୈଷୟିକ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ପାଇଁ ଏକ ରଣନୈତିକ ପଦକ୍ଷେପ ସ୍ୱରୂପ ରାଜ୍ୟ ମନ୍ତ୍ରିମଣ୍ଡଳ ଓଡ଼ିଶା ଆଇଟି ନୀତି -୨୦୨୫କୁ ସୋମବାର ଅନୁମୋଦନ ଦେଇଛନ୍ତି। ଏହି ଦୂରଦୃଷ୍ଟିସମ୍ପନ୍ନ ନୀତି ଓଡ଼ିଶାକୁ ବୈଷୟିକ ଜ୍ଞାନ ଏବଂ ଉଦ୍ଭାବନ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବରେ ସ୍ଥାପନ କରିବ। କୃତ୍ରିମ ବୁଦ୍ଧିମତ୍ତା(ଏଆଇ), କ୍ଲାଉଡ୍‌କମ୍ପ୍ୟୁଟିଂ ଏବଂ ଡାଟା ଆନାଲିଟିକ୍ସ ଭଳି ଅତ୍ୟାଧୁନିକ ଜ୍ଞାନକୌଶଳକୁ ଆପଣାଇ ଏହି ନୀତି ଶାସନକୁ ମଜଭୁତ କରିବା, ସର୍ବସାଧାରଣ ସେବା ଯୋଗାଇବାରେ ଉନ୍ନତି ଆଣିବା ଏବଂ ଏକ ଡିଜିଟାଲ୍ ଅନ୍ତର୍ଭୁକ୍ତ ସମାଜକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି। ଏହା ଉଦ୍ଭାବନା, ଉଦ୍ୟୋଗିତା ଏବଂ ଡିଜିଟାଲ ସ୍ଥାୟୀ ବିକାଶକୁ ଏକ ଦୃଢ଼ ଡିଜିଟାଲ ପରିବେଶ ଯୋଗାଇବାରେ ସହାୟକ ହେବ।

ଓଡ଼ିଶା ଆଇଟି ନୀତି ୨୦୨୫ ମଧ୍ୟରେ ଆଇଟି/ଆଇଟିଇଏସ୍ କ୍ଷେତ୍ରରେ ୧୦ ଲକ୍ଷ ଲୋକଙ୍କ ପାଇଁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ପରିକଳ୍ପନା କରାଯାଇଛି। ଏହା ଆଇଟି ପାର୍କ, ଆଇଟିଟାୱାର ଏବଂ ଏସ୍‌ଇଜେଡ୍‌ପରି ବିଶ୍ୱସ୍ତରୀୟ ଭିତ୍ତିଭୂମି ବିକାଶ କରିବା ସହିତ ଗବେଷଣା ଏବଂ ବିକାଶ, ବିଭିନ୍ନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ସମନ୍ୱୟ, ଏକାଡେମିଆ ଓ ଷ୍ଟାର୍ଟଅପ୍ ସହିତ ସହଯୋଗ ମାଧ୍ୟମରେ ବୈଷୟିକ ଉଦ୍ଭାବନକୁ ପ୍ରୋତ୍ସାହିତ କରିବ। ଏହି ନୀତି ସାଇବର ସୁରକ୍ଷା, ଡାଟା ଆନାଲିଟିକ୍ସ, ୫ଜି/ମୋବାଇଲ୍ ଟେକ୍, ଆଇଓଟି,ଏଆର/ଭିଆର, କ୍ଲାଉଡ୍ କମ୍ପ୍ୟୁଟିଂ, ଡିପ୍ ଲର୍ନିଂ, ବ୍ଲକଚେନ୍, ଏଆଇ ଏବଂ ଏମ୍‌ଏଲ୍ ପରି ଉଦୀୟମାନ ପ୍ରଯୁକ୍ତିକୁ ପ୍ରୋତ୍ସାହିତ କରିବ। ଆହୁଜା କହିଛନ୍ତି, ନିବେଶକୁ ଆକର୍ଷିତ କରିବା ପାଇଁ ଏହି ନୀତି ପୁଞ୍ଜି ଏବଂ ସୁଧ ସବ୍‌ସିଡି, ଜମି ଓ ଭଡ଼ା ସହାୟତା ଏବଂ ଏସ୍‌ଜିଏସ୍‌ଟି ପୁନଃପୈଠ ଭଳି ବ୍ୟବସାୟ-ଅନୁକୂଳ ପ୍ରୋତ୍ସାହନ ପ୍ରଦାନ କରିବ। ଅତିରିକ୍ତ ସୁବିଧାଗୁଡ଼ିକ ମଧ୍ୟରେ ଉପଯୋଗିତା ଚାର୍ଜ ଛାଡ଼, ମାର୍କେଟିଂ ସହାୟତା, ପେଟେଣ୍ଟ ପଞ୍ଜୀକରଣ ପ୍ରୋତ୍ସାହନ ଏବଂ ଦକ୍ଷତା ବିକାଶ, ଇଣ୍ଟର୍ନଶିପ୍, ଉତ୍କର୍ଷ କେନ୍ଦ୍ର (ସିଓଇ), କେବୁଲ ଲ୍ୟାଣ୍ଡିଂ ଷ୍ଟେଶନର ବିକାଶ ପାଇଁ ସହାୟତା, ବୃହତ୍ ଏବଂ ମେଗା ଆଇଟି ନିବେଶ ପାଇଁ ନିର୍ଦ୍ଦିଷ୍ଟ ପ୍ରୋତ୍ସାହନ, ସହ-କାର୍ଯ୍ୟ ସ୍ଥାନର ବିକାଶକୁ ପ୍ରୋତ୍ସାହନ ଏବଂ ନିଯୁକ୍ତି ପାଇଁ ଆର୍ଥିକ ସହାୟତା ଅନ୍ତର୍ଭୁକ୍ତ। ଏକ ସିଙ୍ଗଲ୍-ୱିଣ୍ଡୋ କ୍ଲିୟରାନ୍ସ ସିଷ୍ଟମ୍ ଏବଂ ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକ ସହିତ ଭାଗୀଦାରି ରାଜ୍ୟରେ ବ୍ୟବସାୟ କରିବାର ସହଜତାକୁ ଆହୁରି ଉନ୍ନତ କରିବ।

ମୁଖ୍ୟ ଶାସନ ସଚିବ କହିଛନ୍ତି, ଏହି ନୀତି ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ୍ସ ସେଣ୍ଟର (ଓକାକ୍ ) ନୋଡାଲ୍ ଏଜେନ୍ସି ଭାବରେ କାର୍ଯ୍ୟ କରିବ, ଇ-ଆଣ୍ଡ୍ ଆଇଟି ବିଭାଗ ନିୟମିତ ସମୀକ୍ଷା କରିବ ଏବଂ ଆବଶ୍ୟକ ଅନୁସାରେ ମଧ୍ୟବର୍ତ୍ତୀ ସମୟରେ ସଂଶୋଧନ କରିବ। ଓଡ଼ିଶା ଆଇଟି ନୀତି-୨୦୨୫ ବୈଶ୍ୱିକ ବ୍ୟବସାୟକୁ ଓଡ଼ିଶା ଆଡ଼କୁ ଆକୃଷ୍ଟ କରିବ, ଯାହା ଆର୍ଥିକ ଅଭିବୃଦ୍ଧିକୁ ବୃଦ୍ଧି କରିବ।

# ଝିଆରୀଙ୍କୁ ବଞ୍ଚାଇବାକୁ ଯାଇ ବଡ଼ବାପାଙ୍କ ମୃତ୍ୟୁ

### ବିଦ୍ୟୁତ୍ ଆଘାତରେ କକା, ଝିଆରୀ ଗୁରୁତର

ପାଟଣା,୨୫।୮
(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଚିନାମାଳିପଶି ତଣ୍ଡିଆ ସାହିରେ ସୋମବାର ପୂର୍ବାହ୍ନରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ବିଦ୍ୟୁତ ଆଘାତରୁ ଦିବ୍ୟାଙ୍ଗ ଝିଆରୀଙ୍କୁ ବଞ୍ଚାଇବାକୁ ଯାଇ ବଡ଼ବାପାଙ୍କ ମୃତ୍ୟୁ ଘଟିଛି। ବିଦ୍ୟୁତ୍ ଆଘାତରେ ଦିବ୍ୟାଙ୍ଗ ଝିଆରୀ ଓ ମୃତକଙ୍କ ସାନଭାଇ ଗୁରୁତର ହୋଇଛନ୍ତି। ମୃତକ ହେଉଛନ୍ତି ଗ୍ରାମର ରବୀନ୍ଦ୍ର ବେହେରାଙ୍କ ପୁଅ ଦୁର୍ଯ୍ୟୋଧନ ବେହେରା (୪୦)। ଗୁରୁତର ହୋଇଛନ୍ତି ଚିତ୍ରସେନ ବେହେରାଙ୍କ ଝିଅ ତଥା ଦୁର୍ଯ୍ୟୋଧନଙ୍କ ଝିଆରୀ ଅଞ୍ଜଳି ବେହେରା(୧୧) ଓ ଦୁର୍ଯ୍ୟୋଧନଙ୍କ ଭାଇ ଦୁଃଶାସନ ବେହେରା(୩୫)।

ସୂଚନା ଅନୁଯାୟୀ, ସକାଳେ ଅଞ୍ଜଳି ଘର ବାହାରେ ଆଜ୍‌ବେଷ୍ଟସ ଘର ଲୁହା ପାଇପରୁ ବାହାରକୁ ଟଣା ଯାଇଥିବା ଜିଆଇ ତାରରେ ଲୁଗା ଶୁଖାଉଥିଲେ। ଏହି ସମୟରେ ଜିଆଇ ତାରଟି କୌଣସି କାରଣରୁ ଘରକୁ ଯାଇଥିବା ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯାଇଥିଲା। ଅଞ୍ଜଳି ବିଦ୍ୟୁତ ସଂସ୍ପର୍ଶରେ ଆସିଥିବା ଦେଖି ତାଙ୍କ ବଡ଼ବାପା ଦୁର୍ଯ୍ୟୋଧନ ଓ କକା ଦୁଃଶାସନ ତାଙ୍କୁ ଉଦ୍ଧାର କରିବାକୁ ଯାଇ ନିଜେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯାଇଥିଲେ। ବିଦ୍ୟୁତ୍ ଆଘାତରେ ଦୁର୍ଯ୍ୟୋଧନଙ୍କ ପେଟ, ଦୁଃଶାସନଙ୍କ ୨ ହାତ ପୋଡ଼ିଯାଇଥିଲା। ଅଞ୍ଜଳି ମଧ୍ୟ ଗୁରୁତର ହୋଇଥିଲେ। ସମସ୍ତଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଦୁର୍ଯ୍ୟୋଧନଙ୍କୁ ମୃତ ଘୋଷଣା କରିଥିଲେ। ଘଟଗାଁ ପୋଲିସ ପହଞ୍ଚି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ଏକ ମାମଲା(ନଂ.୩୯/୨୫) ରୁଜୁ କରି ତଦନ୍ତ ଚଳାଇଛି।

# ଓପିଏସ୍‌ସିରେ ୩ଜଣଙ୍କ ନିଯୁକ୍ତିକୁ ଅନୁମୋଦନ

ଭୁବନେଶ୍ୱର,୨୫।୮
(ରବିନାରାୟଣ ଜେନା)

ଓଡ଼ିଶା ଲୋକସେବା ଆୟୋଗରେ ସଦସ୍ୟ ପଦରେ ତିନିଜଣଙ୍କ ନିଯୁକ୍ତିକୁ ନିୟମିତ କରିବା ଲାଗି ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ସୋମବାର ଲୋକସେବାଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଥିଲେ, ଓଡ଼ିଶା ଲୋକସେବା ଆୟୋଗରେ ସଦସ୍ୟ ଭାବେ ଅବସରପ୍ରାପ୍ତ ଆଇଏଏସ୍ ଉଦୟ ନାରାୟଣ ଦାସ, ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରୀର ଅଧ୍ୟକ୍ଷ ମିହିର ପ୍ରସାଦ ମିଶ୍ର ଏବଂ ଅବସରପ୍ରାପ୍ତ ଆଇଏଏସ୍ ମନୋଜ କୁମାର ମହାନ୍ତି ପୂର୍ବରୁ ନିଯୁକ୍ତ ହୋଇଛନ୍ତି। ଏହାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ପ୍ରତ୍ୟାଶା ପୂର୍ବକ ଜୁଲାଇ ୧୦ରେ ନିଯୁକ୍ତି ଦିଆଯାଇଛି। ସୋମବାର ରାଜ୍ୟ କ୍ୟାବିନେଟ୍ ସମ୍ପୃକ୍ତ ସଦସ୍ୟଙ୍କ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି।







*ସର୍ତ୍ତ ଓ ନିୟମାବଳୀ ଲାଗିବ । ବତାଯାଇଥିବା ମୋଟ ସଞ୍ଚୟରେ ଅଛି କ୍ୟାଶ୍‌ବ୍ୟାକ୍, ନିଲ୍ ପ୍ରୋସେସିଙ୍ଗ ଫୀ ଆଉ 1 ବର୍ଷର ଓନ୍ ଡ୍ୟାମେଜ୍ ଇନ୍‌ସ୍ୟୋରାନ୍ସ । ଫାଇନାନ୍ସର୍ / ଇନ୍‌ସ୍ୟୋରର୍ ଙ୍କ ଉପରେ ନିର୍ଭର କରି ନିଲ୍ ପିଏଫ୍ ଆଉ ଇନ୍‌ସ୍ୟୋରାନ୍ସ ଭିନ୍ନ ହୋଇପାରେ । *ଏକ୍ସ-ଶୋରୁମ୍ ମୂଲ୍ୟ ବତାଯାଇଥିବା ପଲ୍‌ସର୍ ଯଥୋଚିତ ମଡେଲଙ୍କ ବେସ୍ ଭାରିଆଣ୍ଟ ସକାଶେ । **ଡାଉନ୍-ପେମେଣ୍ଟ ହେଉଛି ପଲ୍‌ସର୍ 125 Neon ପାଇଁ ମାର୍ଜିନ୍ ମନୀ । ମାର୍ଜିନ୍ ମନୀ ରେ ଡିସିସି ଚାର୍ଜେସ୍, ପ୍ରୋସେସିଙ୍ଗ ଫୀଜ୍, ଅନ୍ୟାନ୍ୟ ଚାର୍ଜ ମିଶିନାହିଁ । ଫାଇନାନ୍ସିଅର୍ ଙ୍କ ନିଜସ୍ୱ ବିବେଚନା ଅନୁସାରେ ଫାଇନାନ୍ସ । ସର୍ତ୍ତ ଓ ନିୟମାବଳୀ ଲାଗିବ । ବଜାଜ ଅଟୋ ବିନା ପୂର୍ବ ସୂଚନାରେ ଯେକୌଣସି ବା ସମସ୍ତ ଅଫର୍ କାଢ଼ିନେବାର ଅଧିକାର ସଂରକ୍ଷିତ ରଖିଛି । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ । ନିର୍ଦ୍ଦିଷ୍ଟ ମଡେଲଙ୍କ ପାଇଁ ଓ ନିର୍ଦ୍ଦିଷ୍ଟ ପ୍ରଦେଶମାନଙ୍କରେ ଏଏମ୍‌ସି ଉପଲବ୍ଧ । ଅଧିକ ବିବରଣୀ ବଜାଜ ଡୀଲର୍‌ଙ୍କୁ ପଚାରି ବୁଝନ୍ତୁ । ରୋଡ୍ ସାଇଡ୍ ସହାୟତା ତୃତୀୟ ପକ୍ଷ ଦ୍ୱାରା ଯୋଗାଯାଇଥାଏ, ଯାହା ତାଙ୍କ ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ ।

Authorised Dealers for BAJAJ Auto Ltd.: Bhubaneswar: Lewis Road MSB BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444• Rasulgarh BHARAT BAJAJ 9124717803 • Phulnakhara BHARAT BAJAJ 9124717805 • Charichak MSB BAJAJ 8018881850 , • Banki MSB BAJAJ 9348819293 • Balugaon BHARAT BAJAJ 7381099441 • Puri MSB BAJAJ 7077735752 • Pipili MSB BAJAJ 7077735755 • Cuttack: Badambadi SURAJ BAJAJ 8093066603 • Shikharpur RASHMI BAJAJ 9237379210 • Satichaura RASHMI BAJAJ 9237379211 • Rahama MAITREE BAJAJ 9668801781• Chandikhole TARINI BAJAJ 9937310800, • Pattamundai MAITREE BAJAJ 7064987720/9668801781, • Kendrapara TARINI BAJAJ 8338944471 • Rajnagar MAITREE BAJAJ 7064987720/9668801781 • Nayagarh MSB BAJAJ 7790048130 • Rajsunakhala MSB BAJAJ 9668820967 • Daspalla MSB BAJAJ 7873925390 • Phulbani MSB BAJAJ 8917341979 • Keonjhar JR BAJAJ 9937697094 / 9439008692• Angul JAMUNA BAJAJ 7682899351 • Jajpur Road PARIDA BAJAJ 7381012602 • Dhenkanal SHIVAM BAJAJ 7873922722 • Anandapur PARIDA BAJAJ 7381670007, • Udala BALA BAJAJ 8260843646 • Markona SURAJ BAJAJ 9124626001 • Jaleswar SURAJ BAJAJ 9124626016, • Basudevpur SHANKAR BAJAJ 9040902802 • Rairangpur BALA BAJAJ 9583777236 • Harichandanpur JR BAJAJ 7008484029.

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଚିନ୍ତା ଓ ଚେତନା ପକ୍ଷରୁ ୪୮ତମ ବର୍ଷା ୨୦୨୫ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଶତାବ୍ଦୀର କଳାକାର ପକ୍ଷରୁ ନାଟକ 'ଆପଣମାନେ ଖୁସି ତ ?' ମଞ୍ଚସ୍ଥ, ସ୍ଥାନ: ବିଜୁ ନାଟ୍ୟକେନ୍ଦ୍ର, ନୟାପଲ୍ଲୀ, ସମୟ: ସନ୍ଧ୍ୟା ୬ଟା ୩୦।
- ଓଡ଼ିଶା ପି ଏବଂ ଟି କଣ୍ଟ୍ରାକ୍ଟର୍ ଆସୋସିଏଶନ୍ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଇନ୍‌ସ୍ପେକ୍ସନ୍ କ୍ୱାଟର୍ ଦୂର୍ ସଞ୍ଚାର ଭବନ, ୟୁନିଟ୍ ୯, ସମୟ: ପୂର୍ବାହ୍ନ ୧୧ ଟା।

## ଖୋର୍ଦ୍ଧା
- ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା ଅଭିଯାନ, ସ୍ଥାନ: ବରୁଣେଇ ପୀଠ, ସମୟ: ସକାଳ ୮ଟା।
- ଶରଧାପୁର ଫୁଟବଲ୍ ଲିଗ୍, ସ୍ଥାନ: ଶରଧାପୁର ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର
- ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ, ସ୍ଥାନ: ମିଶନ ପଡ଼ିଆ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- କଲ୍ୟାଣ ମଣ୍ଡପ ଏବଂ ସିଲେଇ ପ୍ରଶିକ୍ଷଣ କେନ୍ଦ୍ରର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଧୋବଶିଳା ପଞ୍ଚାୟତ ପରିସର, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ଏନ୍‌ଏସି ଘୋଷଣା ଦାବିରେ ୬ଘଣ୍ଟିଆ ବନ୍ଦ ପାଳନ, ସ୍ଥାନ: ଆଗରପଡ଼ା ବଜାର, ବନ୍ତ, ସମୟ: ସକାଳ ୬ଟା।
- ରକ୍ତଦାନ ଶିବିର, ସ୍ଥାନ: ବିଜୁ ସ୍ମୃତି ଭବନ, ଚାନ୍ଦବାଲି, ସମୟ: ସକାଳ ୯ଟା।
- ଜୋନାଲସ୍ତରୀୟ ସ୍ପୋର୍ଟସ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର
- ବିଜେଡିର ସମ୍ବର୍ଦ୍ଧନା ସଭା, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ବଡ଼ବିଲ, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ
- ହ୍ୟାଣ୍ଡିଲୁମ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- ମୟୂରଭଞ୍ଜ ମିରରର ବାର୍ଷିକୋତ୍ସବ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସନ୍ଧ୍ୟା ୬ଟା।

## ବ୍ରହ୍ମପୁର
- ମନ୍ଦିର କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୧ଟା୩୦।।
- ବିଇଏମ୍‌ସି ପକ୍ଷରୁ ଟ୍ରାଇ ସାଇକେଲ ପ୍ରତିଯୋଗିତା, ସ୍ଥାନ: ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ୩୦।

## ଗଞ୍ଜାମ
- ପଞ୍ଚାୟତ ସମିତ ବୈଠକ, ସ୍ଥାନ: ଶେରଗଡ଼ ବ୍ଲକ୍ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ ଟା।

## ଜଗତ୍‌ସିଂହପୁର
- ଦାରିଦ୍ର ଦୂରିକରଣ ଓ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆଦିତ୍ୟ ବାହିନୀ ଆନନ୍ଦ ବାହିନୀ ସଂଗଠନ ପକ୍ଷରୁ ବୃଦ୍ଧାବୃଦ୍ଧଙ୍କ ପାଇଁ ସେବାମୂଳକ କାର୍ଯ୍ୟକ୍ରମ, ସ୍ଥାନ: ସନ୍ତୋଷୀ ଜରାଶ୍ରମ, ବାଲିଝରା, ପାରାଦୀପ, ସମୟ: ମଧ୍ୟାହ୍ନ ୧୨ଟା।
- ସ୍ୱାୟତ୍ତଶାସନ ଦିବସ ଉପଲକ୍ଷେ ପାରାଦୀପ ପୌରପରିଷଦ ପକ୍ଷରୁ ବାଳିକା ବାଳକଙ୍କୁ ନେଇ ଭଲିବଲ ଓ ଫୁଟ୍‌ବଲ ମ୍ୟାଚ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ହାତିନା, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଟକୁମାରୀ କଳାବିକାଶ ଯୁବ ସଙ୍ଗଠନ ପକ୍ଷରୁ ମେଘମଲ୍ଲାର ୨୦୨୫ (ଭଜନ ସନ୍ଧ୍ୟା), ସ୍ଥାନ: ଏଣ୍ଡୁଲାପୁର, ରାଜନଗର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- କୋରେଇ ବିଧାନସଭାସ୍ତରୀୟ ସମୀକ୍ଷା ବୈଠକ, ସ୍ଥାନ: ବ୍ୟାସଦେବ ଟାଉନ ହଲ୍, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଭାରତ ବିକାଶ ପରିଷଦ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷଣ ଓ ଚଷମା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଗିରିଡିପଲ୍ଲୀ ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ଷଷ୍ଠ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ସଜନାପଡ଼ା ହାଇସ୍କୁଲ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା, ସ୍ଥାନ: ନୟାଗଡ଼ ବ୍ଲକ ବରପଲ୍ଲୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ୪ର୍ଥ ଦିବସ, ସ୍ଥାନ: ନୟାଗଡ଼ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।

## ରାୟଗଡ଼ା
- ମହିଳାଙ୍କ ଦ୍ୱାରା ବାଲି ତୃତୀୟା ଏବଂ ଗୌରୀ ବ୍ରତ ପାଳନ, ସ୍ଥାନ: ରାୟଗଡା ସହରର ସମସ୍ତ ଶିବ ମନ୍ଦିର, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର
- ଯକ୍ଷ୍ମା ରୋଗ ମୁକ୍ତ ଗ୍ରାମ ପଞ୍ଚାୟତ ଗଠନ ତାଲିମ୍, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ପୌରପରିଷଦର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ପୌର ପରିଷଦ କଲ୍ୟାଣ ମଣ୍ଡପ, ସୁନାବେଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସାମ୍ବାଦିକଙ୍କ ବିୟୋଗରେ ଶୋକସଭା, ସ୍ଥାନ: ସେମିଳିଗୁଡ଼ା ପ୍ରେସ୍ କ୍ଲବ, ସମୟ: ପୂର୍ବାହ୍ନ ୧୧ଟା।
- ଗଣେଷ ମନ୍ଦିର ଉଦ୍‌ଘାଟନ ନେଇ କଳସଯାତ୍ରା, ସ୍ଥାନ: ପଟ୍ଟାଙ୍ଗି ମେଡିକାଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି
- ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା,ସ୍ଥାନ:କାଲିମେଲା ଗୋପବନ୍ଧୁ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ:ହୀରାକୁଦ କଲୋନୀସ୍ଥିତ ଯୋଗକେନ୍ଦ୍ର, ସମୟ: ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ କାର୍ଯ୍ୟକ୍ରମ, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦର ପରିସର, ସମୟ: ସକାଳ ୬ଟା।
- ସ୍ୱତନ୍ତ୍ର ନୂଆଁଖାଇ ହାଟ–୨୦୨୫, ସ୍ଥାନ : ସମ୍ବଲପୁରୀ ଡେରା, ସମୟ: ସକାଳ ୮ଟା।
- ନୂଆଁଖାଇ –୨୦୨୫ ପ୍ରସ୍ତୁତି ବୈଠକ, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ: ରାତି ୭ଟା।

## ବଲାଙ୍ଗୀର
- କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବିରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ସମାବେଶ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା
- ରକ୍ତଦାନ ଶିବିର, ସ୍ଥାନ: ଡାଇମଣ୍ଡ ଭବନ, ବାସନ୍ତୀ କଲୋନି, ସମୟ: ପୂର୍ବାହ୍ନ ୧୦ଟା।
- ଦେବେନ୍ଦ୍ର ଦାଶଙ୍କ ଦ୍ୱିତୀୟ ବକ୍ତୃତାମାଳା, ସ୍ଥାନ: ପ୍ରଗତି ଉତ୍କଳ ସଂଘ, ସେକ୍ଟର–୭, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼
- ତର୍କ, ଚିତ୍ରାଙ୍କନ ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: ରାଣାପ୍ରତାପ ହାଇସ୍କୁଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅତିରିକ୍ତ ବିକାଶାତ୍ମକ କାର୍ଯ୍ୟର ଶୁଭାରମ୍ଭ, ସ୍ଥାନ: ଜିଲା ବିଜ୍ଞାନ କେନ୍ଦ୍ର, ଟୁକୁର୍ଲା, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାସନ କାର୍ଡ ବଣ୍ଟନ, ସ୍ଥାନ: ବ୍ଲକ ପରିସର, ଭଟଲି, ସମୟ: ଅପରାହ୍ନ ୧୧ଟା ୩୦।
- ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ସମ୍ମିଳନୀ କକ୍ଷ, ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ: ସନ୍ଧ୍ୟା ୫ଟା।

## କଳାହାଣ୍ଡି
- ଭାଜପା ରାଜ୍ୟ ସଭାପତିଙ୍କ କଳାହାଣ୍ଡି ଗସ୍ତ, ସ୍ଥାନ: ଭବାନୀପାଟଣା ସର୍କିଟ ହାଉସ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକ ସମଗ୍ର ଶିକ୍ଷା କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ, ସ୍ଥାନ: ଜୁନାଗଡ଼ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- କୃଷି ନେଇ ଜିଲାସ୍ତରୀୟ ସମନ୍ୱୟ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ଅପରାହ୍ନ ୩ଟା।
- ଏନ୍‌ଏସି ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଜିଲା ଷ୍ଟାଡ଼ିୟମ ବୌଦ୍ଧ, ସମୟ: ଅପରାହ୍ନ ୩ଟା।

## ଦେବଗଡ଼
- ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ପୁରୁଣା ମୁଖ୍ୟ ଚିକିତ୍ସାଳୟକୁ ୨୪ ଘଣ୍ଟିଆ ସେବା ଦାବି ପ୍ରସଙ୍ଗ ନେଇ ଆଗାମୀ କାର୍ଯ୍ୟପନ୍ଥା ପାଇଁ ଆଲୋଚନା, ସ୍ଥାନ: ଗୋପାଳଜୀ ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା'କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ନୂଆପଡ଼ା
- ଜିଲା ରାଜସ୍ୱ ଅମଲା ସଂଘ ଧାରଣା ଷୋଡଶ ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଖଡିଆଳ ସାହିତ୍ୟ ସମିତି ପକ୍ଷରୁ ଗଙ୍ଗାଧର ମେହେର ଜୟନ୍ତୀ ପାଳନ, ସ୍ଥାନ: ରାଜ ଦରବାର ଖଡିଆଳ, ସମୟ: ଅପରାହ୍ନ ୪ଟା ୩୦।
- ଆବଶ୍ୟକ ସାର ଯୋଗାଣ ପାଇଁ ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

# ସ୍କୁଲ, କଲେଜ କ୍ୟାମ୍ପସ ଡ୍ରଗ୍ସ ଫ୍ରି କରିବାକୁ ନିର୍ଦ୍ଦେଶ

**ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କଲେ ମୁଖ୍ୟଶାସନ ସଚିବ**

ଭୁବନେଶ୍ୱର,୨୫।୮(ସତ୍ୟଜିତ୍ ରାଉତ)

ଯୁବପିଢ଼ି ନିଶା କବଳରେ ପଡୁଥିବାରୁ ଏହା ରାଜ୍ୟ ପାଇଁ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି। ମାଦକଦ୍ରବ୍ୟ ଚୋରା ଚାଲାଣ ଓ ନିଶାଦ୍ରବ୍ୟ ସେବନ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ସୋମବାର ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ମୁଖ୍ୟ ଶାସନ ସଚିବ ଏଥିରେ ଅଧ୍ୟକ୍ଷତା କରିବା ସହ ସମୀକ୍ଷା କରି ସ୍କୁଲ ଓ କଲେଜ କ୍ୟାମ୍ପସକୁ ଡ୍ରଗ୍ସ ଫ୍ରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଶିକ୍ଷାନୁଷ୍ଠାନ ସଂଲଗ୍ନ ଅଞ୍ଚଳରେ ନିଶାଦ୍ରବ୍ୟ କାରବାର ରୋକିବାକୁ କହିଛନ୍ତି। ମାଦକଦ୍ରବ୍ୟ ଚୋରାଚାଲାଣ ଓ ସପ୍ଲାଏ ଚେନ୍ ରୋକିବା ସହ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ସାତ ଥର ଯିବ ଗଙ୍ଗା,
ଥରେ ଯାଇଥିବ ଚନ୍ଦରଭାଗା,
ମୁହଁ ପଡ଼ିଯିବ ରଙ୍ଗା।**

ଆଗକାଳରେ ଗମନାଗମନର ସେତେଟା ସୁବିଧା ନ ଥିଲା। ପ୍ରମୁଖ ସ୍ଥାନକୁ ବାଦ୍ ଦେଲେ ଅନ୍ୟ ସ୍ଥାନକୁ ଯିବା ଆସିବାରେ ଲୋକେ ଅଧିକ ହଇରାଣ ହରକତ ହେଉଥିଲେ। ସେହିପରି ଗଙ୍ଗା ଭଳି ଚନ୍ଦ୍ରଭାଗା ସ୍ଥଳର ପରିଚ୍ଛନ୍ନତା ସେତେଟା ଆଖିଦୃଶିଆ ବା ଉଚ୍ଚକୋଟୀର ନ ଥିଲା। ଫଳରେ ଲୋକେ ସେଠାକୁ ଯିବା ନିମନ୍ତେ ସେତେ ଆଗ୍ରହ ଦେଖାଉ ନ ଥିଲେ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ସଞ୍ଜେ ସକାଳେ ନିଦ ଯାଏ,
ତା'ରି ପଇସା ବଇଦ ଖାଏ।**

ସକାଳେ ଓ ସନ୍ଧ୍ୟାକାଳରେ ନିଦ୍ରା ଯିବା ନେଇ ବାରଣ କରାଯାଇଥାଏ। ଏଭଳି ସମୟରେ ନିଦ୍ରା ଗଲେ ଦେହ ଅସୁସ୍ଥ ରହିବାର ସମ୍ଭାବନା ରହିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଓଡ଼ିଶାର ନୃତ୍ୟ ପରମ୍ପରା ଦେଶ ବିଦେଶରେ ଅଧିକ ପହଞ୍ଚୁ




ବର୍ଷା ମହୋତ୍ସବରେ ସୋମବାର ମୁଖ୍ୟ ଅତିଥି 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଗୁରୁ ସୁଜାତା ମହାପାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

**ଚିନ୍ତା ଓ ଚେତନାର ୪୮ତମ ବର୍ଷା ମହୋତ୍ସବ**

**ଗୁରୁକୀର୍ତ୍ତି ଅନୁଷ୍ଠାନ ସହ ୩ ଜଣଙ୍କୁ 'ଚିନ୍ତା ଓ ଚେତନା ସମ୍ମାନ'**

ଭୁବନେଶ୍ୱର,୨୫।୮(ସୌମ୍ୟରଞ୍ଜନ ରାଉତ)

ଚିନ୍ତା ଓ ଚେତନାର ୪୮ତମ ବର୍ଷା ମହୋତ୍ସବ ସୋମବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଔରାଦିତ୍ୟ ନୃତ୍ୟାନୁଷ୍ଠାନର କୁନି ଶିଳ୍ପୀମାନେ 'ମେଘ ବରଷିଲା ମୟୂର ନାଚିଲା ନୂପୁରର ତାଳେ ତାଳେ ଛମ୍ ଛମ୍...' ସଙ୍ଗୀତରେ ବର୍ଷାକୁ ସ୍ୱାଗତ କରିଥିଲେ। ପରେ ଓଡ଼ିଶୀ ନୃତ୍ୟଗୁରୁ ସୁଜାତା ମହାପାତ୍ର ମଙ୍ଗଳାଚରଣରେ ନମାମି ବିଘ୍ନରାଜତ୍ୱମ୍ ଓ କାଳି ଦାସଙ୍କ ଋତୁ ସଂହାର କାବ୍ୟରୁ ବର୍ଷାକୁ ଆମନ୍ତ୍ରଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ, ସମ୍ମାନିତ ଅତିଥିଭାବେ ବାବା ରାମ ନାରାୟଣ ମହାରାଜ, ତବଲାବାଦକ ପଣ୍ଡିତ ରାମଦାସ ପଲ୍‌ସୁଲେ, ସିଆର୍‌ପିଏଫ୍ ଡିଆଇଜି ଭାରତ ଭୂଷଣ ସେଠୀ, ଗୁରୁ ସୁଜାତା ମହାପାତ୍ର, ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଳିତ୍, ସିତାର ବାଦକ ସୁବ୍ରତ ଦେ, ଚିନ୍ତା ଓ ଚେତନାର ରାଜ୍ୟ ସଭାପତି ସହଦେବ ସାହୁ, ମହାସଚିବ ସୁରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସିଆର୍‌ପିଏଫ୍ ଡିଆଇଜି ବର୍ଷା ମହୋତ୍ସବକୁ ସ୍ୱାଗତ କରିବା ସହ ଓଡ଼ିଶାର ଭାଷା, ସାଂସ୍କୃତିକ ପରମ୍ପରାକୁ ପ୍ରଶଂସା କରିଥିଲେ। ଏଥିସହ ଓଡ଼ିଶାର ନୃତ୍ୟ ପରମ୍ପରା ଦେଶ ବିଦେଶରେ ଅଧିକରୁ ଅଧିକ ପହଞ୍ଚାଇବା ପାଇଁ ସେ ଆହ୍ୱାନ ଦେଇଥିଲେ। ତବଲା ବାଦକ ପଣ୍ଡିତ ରାମଦାସ କହିଲେ, ଯୋଗ ଓ ଶାସ୍ତ୍ରୀୟ ନୃତ୍ୟ ପାଇଁ ଭାରତ ସାରା ବିଶ୍ୱରେ ପ୍ରସିଦ୍ଧିଲାଭ କରିଛି। ତେଣୁ ଏପରି ଏକ ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ତବଲା ପରିବେଷଣ କରିବା ସୌଭାଗ୍ୟର କଥା ବୋଲି ସେ କହିଛନ୍ତି। ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ବର୍ଷାକୁ ନେଇ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ସତପଥୀ ତବଲାବାଦକ ପଣ୍ଡିତ ରାମଦାସ ପଲ୍‌ସୁଲେ, ଗୁରୁ ସୁଜାତା ମହାପାତ୍ର, ସିତାର ବାଦକ ସୁବ୍ରତ ଦେ ଏବଂ ଗୁରୁକୀର୍ତ୍ତି ନୃତ୍ୟାନୁଷ୍ଠାନକୁ 'ଚିନ୍ତା ଓ ଚେତନା ସମ୍ମାନ' ପ୍ରଦାନ କରିଥିଲେ। ଏଥିସହ ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ ହରେକୃଷ୍ଣ ମହତାବ, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓ ରାଜ୍ୟର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷ ପ୍ରସ୍ତୁତିରେ ଗୁରୁକୀର୍ତ୍ତି ଅନୁଷ୍ଠାନ ପକ୍ଷରୁ ହଂସଧ୍ୱନି ପଲ୍ଲବୀ, ବ୍ରଜକୁ ଚୋର ଓ ଗୀତ ଗୋବିନ୍ଦ ପରିବେଷଣ କରାଯାଇଥିଲା। ଚିନ୍ତା ଓ ଚେତନାର ରାଜ୍ୟ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ପରିଚାଳନା କରିଥିଲେ।

# ବିଧାନସଭା: ପୂର୍ବତନ ବିଧାୟକ କରେନ୍ଦ୍ରଙ୍କୁ ଶେଷ ସମ୍ମାନ

ଭୁବନେଶ୍ୱର,୨୫।୮(ରବିନାରାୟଣ ଜେନା)

କନ୍ଧମାଳ ଜିଲା ବାଲିଗୁଡ଼ାର ପୂର୍ବତନ ବିଧାୟକ କରେନ୍ଦ୍ର ମାଝୀଙ୍କୁ ସୋମବାର ବିଧାନସଭାରେ ପୋଲିସ ବାହିନୀ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ା, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ,ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବିଧାୟକ ବାବୁ ସିଂ, ପୋଲିସ କମିଶନର ଏସ. ଦେବଦତ୍ତ ସିଂ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମାଝୀଙ୍କୁ ପୁଷ୍ପାର୍ଘ୍ୟ ଅର୍ପଣପୂର୍ବକ ଶେଷ ଦର୍ଶନ କରିଥିଲେ।

# ଯାଜପୁରରେ ବନ୍ୟା...

ପ୍ରଥମ ପୃଷ୍ଠାରୁ...

ପ୍ରାୟ ୧୦ ଫୁଟ୍ ଉଚ୍ଚରେ ପ୍ରବାହିତ ହେଉଥିଲା। ଅହିୟାସ ବଜାରରେ ପାଣି ଲହଡ଼ି ମାରୁଥିବାବେଳେ କାଟିଆ ଓ ବୈଶପାନ ମୁଖ୍ୟ ରାସ୍ତାରେ ୪ ଫୁଟ୍ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି। ଯୋଗାଯୋଗ ସମ୍ପୂର୍ଣ୍ଣ ବ୍ୟାହତ ହେବା ସହ ଶତାଧିକ ଲୋକଙ୍କ ଘରେ ବନ୍ୟାପାଣି ପଶିଯାଇଛି। ଘାଇ ନିକଟରେ ଥିବା ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଘରର ଝରକା ପର୍ଯ୍ୟନ୍ତ ପାଣି ଲାଗି ରହିଛି। ଲୋକେ ଜୀବନ ବିକଳରେ ଘରୁ ପଳାଇଆସି ନଦୀବନ୍ଧ, ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ଆଶ୍ରୟ ନେଇଛନ୍ତି। ଏହି ଘାଇ ଫଳରେ ବ୍ଲକର କସ୍‌ପା, ତରପଦା, ମଲ୍ଲିକାପୁର, କନିକାପଡ଼ା, ଛଟିଣା, ମଙ୍ଗଳପୁର, ଶୁଗୁଆ, ଦୁଦୁରାଅଣ୍ଟା, ନିଜାମପୁର, ଦତ୍ତପୁର, ଖାନନଗର, କମାରଡିହି, କୟାଁ ଆଦି ପଞ୍ଚାୟତ ଅଞ୍ଚଳରେ ବନ୍ୟା ପାଣି ପ୍ରବେଶ କରିଛି। ବହୁ ହଜାର ହେକ୍ଟର ଧାନଜମିରେ ପାଣି ମାଡ଼ିଯାଇଛି। ବନ୍ୟାଘେରରେ ଥିବା କଟିକଟା ତରେଇ ସାହିର ୭୦ବର୍ଷ ବୟସ୍କା ଭାଗବତ ମାଝି ବୈତରଣୀ ନଦୀର ବନ୍ୟାସ୍ରୋତରେ ଭାସିଯାଇଛନ୍ତି। ଖବର ପାଇ ଦମକଳ ବାହିନି ସହ ଓଡ୍ରାଫ୍ ଟିମ୍ ଭାସିଯାଇଥିବା ଭାଗବତଙ୍କୁ ନଦୀଗର୍ଭରୁ ଉଦ୍ଧାର କରିବା ପରେ ଜିଲା ସଦରମହକୁମା ଚିକିତ୍ସାଳୟକୁ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଘାଇ ହୋଇଥିବା ଖବର ପାଇ ଜିଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲାପାଳ ଶିବାନନ୍ଦ ସ୍ୱାଇଁ, ବିଡିଓ ଆକାଶ ପଟ୍ଟନାୟକ ପ୍ରମୁଖ ସେଠାରେ ପହଞ୍ଚିବା ସହ ପାଣିଘେରରେ ଥିବା ଲୋକମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର ବ୍ୟବସ୍ଥା କରିଛନ୍ତି। ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ବିଧାୟିକା ସୁଜାତା ସାହୁ, ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ଭାଜପା ନେତା ଗୌତମ ରାୟ, ସଂଜୟ ନାୟକ, ରମେଶ ଚନ୍ଦ୍ର ସାମଲ, ପ୍ରତ୍ୟୁଷ ନାୟକ, ଇନ୍ଦ୍ରଜିତ ଦାସ, ନିରଞ୍ଜନ ସାହୁ, ରମାକାନ୍ତ ଜେନା ପ୍ରମୁଖ ଘାଇ ଅଞ୍ଚଳ ପରିଦର୍ଶନ କରି ଲୋକମାନଙ୍କୁ ଉଦ୍ଧାର ସହ ରିଲିଫ୍ ସାମଗ୍ରୀ ଯୋଗାଇ ଦେବା ପାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି। ସେହିପରି ଜଳସମ୍ପଦ ବିଭାଗ ପକ୍ଷରୁ ବନ୍ୟା ଉପରେ ସମ୍ପୂର୍ଣ୍ଣ ନଜର ରଖାଯାଇଛି। ଯାଜପୁର ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରତ୍ନାକର ଦଳାଇ, ସହକାରୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି, କନିଷ୍ଠ ଯନ୍ତ୍ରୀ ଅରୁଣ ତ୍ରିପାଠୀ ପ୍ରମୁଖ ବନ୍ୟା ପ୍ଳାବିତ ଦଶରଥପୁର ବ୍ଲକରେ ଡେରା ପକାଇ ବୈତରଣୀ ଓ କାଣୀ ନଦୀବନ୍ଧରେ ବିଭିନ୍ନ ସ୍ଥାନରେ ହୋଇଥିବା ଘଳିଆଗୁଡିକୁ ମରାମତି କରିବା ସହ ଦୁର୍ବଳ ସ୍ଥାନଗୁଡ଼ିକ ଉପରେ ନଜର ରଖିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** – ଆଜିର ଚନ୍ଦ୍ର ରାଶ୍ୟାଧିପତିଙ୍କ ସହ ଷଷ୍ଠଭାବସ୍ଥ ଯୋଗୁ ପାରିବାରିକ ସମସ୍ୟା ସକାଶେ ଚିନ୍ତିତ ରହିବେ। କର୍ମକ୍ଷେତ୍ରକୁ ବୁଧ ଓ ଶୁକ୍ରଙ୍କ ଦୃଷ୍ଟି ସହକର୍ମୀଙ୍କ ନିକଟରୁ ଆର୍ଥିକ ସାହାଯ୍ୟ ଭିକ୍ଷା କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ସାହିତ୍ୟରେ ସ୍ଥିତି ଭଲ ରହିବ। ସଭାସମିତିକୁ ନିମନ୍ତ୍ରିତ ହୋଇ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସିତ ହେବା ସହ ସୌଭାଗ୍ୟ ଅର୍ଜନ କରିବେ।

**ବୃଷ** – ଶୁକ୍ରଙ୍କ ପ୍ରଭାବରେ ସୌଖୀନ ଦ୍ରବ୍ୟ, ବିଳାସବ୍ୟସନ, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ, କ୍ରୀଡ଼ାରେ ନୈପୁଣ୍ୟତା ପ୍ରଦାନ କରିବେ। ବନ୍ଧୁମେଳରେ କୌଣସି ଆଲୋଚନା ପରିପ୍ରେକ୍ଷୀରେ ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ଯାତ୍ରା ସମୟରେ ଅନ୍ୟମନସ୍କ ହେତୁ ବ୍ୟତିକ୍ରମ ପରିଲକ୍ଷିତ ହେବ। ଅର୍ଥ ସଙ୍କଟରୁ ଆଶା ଅପୂରଣ ରହିଯିବ।

**ମିଥୁନ** – ଧନଲାଭାଧିପତିଙ୍କ ସଂଯୋଗରୁ ଅର୍ଥପ୍ରାଚୁର୍ଯ୍ୟ ଲାଭକରି ଖୁସି ମନରେ ଦିନଟିକୁ ବିତାଇନେବେ। ଯେଉଁ ବିଷୟ ନେଇ ଚିନ୍ତା କରୁଥିଲେ ଆଜି ତାହା କାମରେ କରି ଦେଖାଇବ। ବାଣିଜ୍ୟ, ପରିବହନ, ନିର୍ମାଣ ଓ ସଭାସମିତିରେ କାମ ଶୃଙ୍ଖଳିତ ହେବ। ସାହିତ୍ୟ, ସାମ୍ବାଦିକତା, ପ୍ରକାଶନ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରହେବ।

**କର୍କଟ** – ଚନ୍ଦ୍ର ଓ ବୁଧଙ୍କ କ୍ଷେତ୍ର ବିନିମୟଜନିତ ପ୍ରିୟ ବନ୍ଧୁଟି ପାଖରୁ ପ୍ରେରଣା ଲାଭକରି କାର୍ଯ୍ୟାରମ୍ଭ କରିପାରନ୍ତି। ଘରକୁ ଫେରିବା ସମୟରେ ଘରର ବରାଦ ଅନୁଯାୟୀ ମନୋରଞ୍ଜନ ଜିନିଷ କ୍ରୟ କରିବେ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ସହଜରେ ପୂର୍ଣ୍ଣାଙ୍ଗ କରିବେ। ବିରୋଧ କରୁଥିବା ବ୍ୟକ୍ତି ପ୍ରତି ଯଥା ସମ୍ଭବ ଜଗିରଖି ଚଳିବା ଭଲ ହେବ।

**ସିଂହ** – କର୍ମାଧିପତି ଦ୍ୱାଦଶସ୍ଥ ଯୋଗୁ କର୍ମକ୍ଷେତ୍ରରେ ସହକର୍ମୀ ବିରୁଦ୍ଧାଚରଣ ଚେଷ୍ଟା କରିପାରନ୍ତି। ପରିବାରରେ ଅଯଥା ସାଧାରଣ କଥାକୁ କେନ୍ଦ୍ରକରି ବିତର୍କର ସୂଚନା ରହିଛି। ଗୃହ, ଯାନ କ୍ରୟ, ଭ୍ରମଣ,ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ସାହିତ୍ୟ ଚର୍ଚ୍ଚା, ଗବେଷଣା, ଅନୁସନ୍ଧାନ ଓ ରାଜନୀତିରେ ସଫଳ ହୋଇପାରିବେ।

**କନ୍ୟା** – ଅଷ୍ଟମାଧିପତିଯୁକ୍ତ ଲାଭାଧିପତି ଯୋଗୁ ଅନେକ ଆଶା ନେଇ ଯାହା କରିବାକୁ ଯାଉଛନ୍ତି ସେଥିରେ ସଫଳତା ପାଇବା କଷ୍ଟକର ହେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ସମସ୍ୟାକୁ ବଢ଼ାଇଦେଇପାରେ। ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧହେବେ।

**ତୁଳା** – ଆଜିର କାମଗୁଡ଼ିକ ସଂଘର୍ଷପୂର୍ଣ୍ଣ ରହିଲେ ମଧ ଲକ୍ଷ୍ୟହାସଲ କରିପାରିବେ। ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ଜଣେ ବନ୍ଧୁ ଖୁସି ଖବର ସାଙ୍ଗକୁ କିଛି ଅର୍ଥ ଦେଇଯିବେ। ଆଜିର ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିବ, କିନ୍ତୁ ବିଶେଷ ଗୁରୁତର ହେବ ନାହିଁ।

**ବିଛା** – ସ୍ୱଗୃହୀ ରବିଙ୍କ ଯୋଗୁ କର୍ମକ୍ଷେତ୍ରରେ ବହୁଦିଗରୁ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆଶାନୁରୂପ ଫଳ ପାଇ ଖୁସି ହେବେ। ଦୀର୍ଘଦିନର ବିବାଦୀୟ ଘଟଣାର ଅବସାନ ଘଟିବ, କିନ୍ତୁ ଏଥିପାଇଁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ।

**ଧନୁ** – ଗୁରୁଙ୍କ ଅନୁକମ୍ପାରୁ ବନ୍ଧୁଙ୍କ ସଦ୍‌ଭାବ, ସହକର୍ମୀଙ୍କ ସହଯୋଗ କାମ ହାସଲକୁ ତ୍ୱରାନ୍ୱିତ କରିବ। ଅଫିସରେ ଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଭୁଲ୍ ଖବରଟିଏ ପାଇ ବିବ୍ରତ ହୋଇପାରନ୍ତି। ବନ୍ଧୁଙ୍କ ଅନୁରୋଧରେ ଭ୍ରମଣହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେବ। ଆର୍ଥିକ ଉନ୍ନତିର ଆଶା ଉଜ୍ଜ୍ୱଳତର ହେବ ।

**ମକର** – ତୃତୀୟସ୍ଥ ଶନିଙ୍କ ଯୋଗୁ ପ୍ରିୟଜନଙ୍କ ପରାମର୍ଶରେ ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। କର୍ମକ୍ଷେତ୍ରରେ ସାହାଯ୍ୟର ପ୍ରତିଶ୍ରୁତି ପାଇ ମନୋବଳ କ୍ରମଶଃ ବୃଦ୍ଧିପାଇବ। ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ, କିନ୍ତୁ ବ୍ୟବସାୟିକ ଦିଗଟି ଭଲ ରହିବ। ଆଜିର ଯାତ୍ରା ଓ ଆନୁଷ୍ଠାନିକ କାମରୁ ସାମୟିକ ଖୁସି ରହିପାରନ୍ତି।

**କୁମ୍ଭ** – ଚନ୍ଦ୍ରଙ୍କ ଉପରେ ଶନିଦୃଷ୍ଟିଜନିତ ଅଧିକାଂଶ ସମୟ ଅନ୍ୟମନସ୍କ ରହିବାରୁ ପ୍ରକୃତ ଆନନ୍ଦକୁ ଉପଭୋଗ କରି ପାରିବେ ନାହିଁ। ଅପ୍ରିୟ ସତ୍ୟ କଥା ବନ୍ଧୁଙ୍କ ମନରେ ଦୁଃଖ ଦେବ। କର୍ମକ୍ଷେତ୍ରରେ ପ୍ରତିବନ୍ଧକକୁ ସାମ୍ନା କରିବାର ଧୈର୍ଯ୍ୟ ଧରି ମୁକାବିଲାର ସମ୍ମୁଖୀନ ହେବେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ସମସ୍ୟା ବଢ଼ିପାରେ।

**ମୀନ** – ସ୍ୱସ୍ଥାନହନ୍ତା ବୃହସ୍ପତିଙ୍କ କୁପ୍ରଭାବରେ ପାରିବାରିକ କ୍ଷେତ୍ରରେ ରହିଆସିଥିବା ସମସ୍ୟା ହେତୁ ଦୁର୍ଭାବନା ବଢ଼ିବ। ପରିବହନ, ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିବେ। ଆନୁଷ୍ଠାନିକ କାର୍ଯ୍ୟରେ ଅଗ୍ରଣୀ ଭୂମିକା ଗ୍ରହଣକରି ପ୍ରଶଂସିତ ହେବ।

ଆଜି ଅଗଷ୍ଟ ୨୬ ତାରିଖ, ମଦର ଟେରେସା ଜୟନ୍ତୀ, ଶ୍ରୀମନ୍ଦିରରେ ଅନ୍ଧପ୍ରସ୍ତାବ ଲୀଳା, ବାଲିତୃତୀୟା ଗୌରୀବ୍ରତ, ଭାଦ୍ରବ ଶୁକ୍ଳ ତୃତୀୟାଯୁକ୍ତ ଚତୁର୍ଥୀ ମଙ୍ଗଳବାର। ରାଶିନକ୍ଷତ୍ର–ହସ୍ତା/କନ୍ୟା, ତୃତୀୟାର ଏକୋଦ୍ଦିଷ୍ଟ ଶ୍ରାଦ୍ଧ। ଦିବା ଘ.୦୮।୪୦ ଗତେ, ଘ.୧୦।୩୩ ମଧ୍ୟେ, ଘ.୦୧।୦୩ ଗତେ, ଘ.୦୧।୨୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୫୫ ଗତେ, ଘ.୦୪।୨୯ ମଧ୍ୟେ ରାହୁକାଳ।

# ଓଡ଼ିଆ ଆଦିବାସୀ ଝିଅଙ୍କୁ ମିଳିବ ସ୍ୱତନ୍ତ୍ର ପାଇଲଟ ଟ୍ରେନିଂ

ଭୁବନେଶ୍ୱର,୨୫।୮
(ଅନୁରାଧା ମହାରଣା)

ଓଡ଼ିଶାର ଆଦିବାସୀ ଝିଅ ହେବେ ପାଇଲଟ୍। ଏଥିପାଇଁ ରାଜ୍ୟ ସରକାର ବିଲ୍ଡିଂ ଆଣ୍ଡ ମ୍ୟାନେଜମେଣ୍ଟ ଅଫ୍ ଆଭିଏଶନ୍ ଆସେଟ୍ସ ଆଣ୍ଡ ନେଟୱର୍କ (ବିମାନ) ଅଧୀନରେ କ୍ୟାଡେଟ ପାଇଲଟ ପ୍ରୋଗ୍ରାମ ଆରମ୍ଭ କରିବାକୁ ଯାଉଛନ୍ତି। ଆଦିବାସୀ ଝିଅମାନଙ୍କୁ ପାଇଲଟ ହେବା ପାଇଁ ସ୍ୱତନ୍ତ୍ର ଟ୍ରେନିଂ ଦିଆଯିବ। ଭୁବନେଶ୍ୱରଠାରେ ଆୟୋଜିତ ପୂର୍ବାଞ୍ଚଳ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀମଣ୍ଡଳ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିଛନ୍ତି। ସମ୍ମିଳନୀରେ ରାଜ୍ୟ ସରକାର ବିମାନ ମେଣ୍ଟେନାନ୍ସ, ରିପେୟାର ଆଣ୍ଡ ଓଭରହଲ୍(ଏମ୍ଆର୍ଓ) ସେବାଦାତା ଏୟାର ୱାର୍କସ୍ ସହ ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଚୁକ୍ତି ଅନୁସାରେ, ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏକ ଆଧୁନିକ ଏମ୍ଆର୍ଓ ସୁବିଧା ସ୍ଥାପିତ ହେବ। ଏଥିସହିତ ରାଜ୍ୟର ଯୁବକମାନଙ୍କ ପାଇଁ ଦକ୍ଷତା ବିକାଶ, ପ୍ରଶିକ୍ଷଣ ଓ ଚାକିରି ସୁଯୋଗ ସୃଷ୍ଟି ଲାଗି ମଧ୍ୟ ଏୟାର ୱାର୍କସ୍ ସହ ଆଉଏକ ଚୁକ୍ତି ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜାତୀୟ ଓ ଅନ୍ତର୍ଜାତୀୟ ବିମାନ ପରିବହନ କ୍ଷେତ୍ରରେ, ଓଡିଶାକୁ ଆଗକୁ ନେବା ପାଇଁ ଢେଙ୍କାନାଳ ଜିଲାର ବିରାଶୋଳଠାରେ ଏକ ବିଶ୍ୱସ୍ତରୀୟ ବିମାନ ପ୍ରଶିକ୍ଷଣ କେନ୍ଦ୍ର ନିର୍ମାଣ ହେବାକୁ ଯାଉଛି। ପୁରୀରେ ଏକ ବିଶ୍ୱସ୍ତରୀୟ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ହେଉଛି ଓ ଏହି ବିମାନବନ୍ଦର ସାରା ବିଶ୍ୱର କୋଟି କୋଟି ଜଗନ୍ନାଥ ଭକ୍ତଙ୍କ ପାଇଁ ଏକ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଦ୍ୱାରପଥ ହେବ। ଏଥିସହିତ ଝାରସୁଗୁଡା ବିମାନବନ୍ଦରର ସମ୍ପ୍ରସାରଣ ପାଇଁ ଜମି ବ୍ୟବସ୍ଥା କରାଯାଇଛି। ଗତ ୧୪ ମାସ ମଧ୍ୟରେ ଓଡିଶାର ବିମାନବନ୍ଦରଗୁଡ଼ିକୁ ୧୫ଟି ନୂଆ ଗନ୍ତବ୍ୟ ସହିତ ଯୋଡ଼ାଯାଇଛି। ସେହିପରି ରାଜ୍ୟର ବିମାନବନ୍ଦରଗୁଡ଼ିକ ପାଇଁ ସରକାର ଏକ ପ୍ରୋଗ୍ରେସିଭ୍ ଲ୍ୟାଣ୍ଡ ଆଲଟମେଣ୍ଟ ପଲିସି ଆଣିବାକୁ ଯାଉଛନ୍ତି। ଏହି ପଲିସି ଅନୁସାରେ, ବିମାନ ବନ୍ଦରଗୁଡ଼ିକ ଭିତରେ ଫ୍ଲାଇଂ ପ୍ରଶିକ୍ଷଣ, ୟୁଏଭି ପ୍ରଶିକ୍ଷଣ ଓ ବିମାନ କ୍ରୀଡ଼ା କାର୍ଯ୍ୟକଳାପ ସମ୍ଭବ ହେବ। ରାଜ୍ୟରେ ବ୍ୟବହାର ହେଉ ନ ଥିବା ବିମାନ ପଥ (ଏୟାରଷ୍ଟ୍ରିପ୍)ଗୁଡ଼ିକୁ ସରକାର ବିମାନବନ୍ଦର ରୂପେ ବିକଶିତ କରୁଛନ୍ତି। ଏଭଳି ୧୪ଟି ବିମାନବନ୍ଦର ହେବ। ଯେଉଁ ଜିଲାରେ ବିମାନବନ୍ଦର ନାହିଁ, ସେଠାରେ ୧୫ଟି ହେଲିପୋର୍ଟ ସ୍ଥାପନ ହେବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ସମ୍ମିଳନୀରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ କିଞ୍ଜରାପୁ ଯୋଗଦେଇ କହିଲେ, ହାୱାଇ ଚପଲ ପିନ୍ଧିଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ଏବେ ଉଡ଼ାଜାହାଜରେ ଯିବା ସୁଯୋଗ ମିଳିବ। ପ୍ରଧାନମନ୍ତ୍ରୀଙ୍କ ଏହି ସ୍ୱପ୍ନକୁ ସରକାର ସମ୍ପୂର୍ଣ୍ଣ ରୂପରେ କାର୍ଯ୍ୟକାରୀ କରିବାକୁ ପ୍ରୟାସ କରୁଛନ୍ତି। ଓଡ଼ିଶାକୁ ବିମାନ ଚଳାଚଳ ଭିତ୍ତିଭୂମି ପାଇଁ ସବୁ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି କିଞ୍ଜରାପୁ ପ୍ରତିଶ୍ରୁତି ଦେଇଛନ୍ତି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହଲ, ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଛତିଶଗଡ଼ ଅର୍ଥମନ୍ତ୍ରୀ ଓମ୍ ପ୍ରକାଶ ଚୌଧୁରୀ ପ୍ରମୁଖ ଯୋଗଦେଇ ଅଭିଭାଷଣ ରଖିଥିଲେ। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ସଚିବ ସମୀର ସିହ୍ନା ସ୍ୱାଗତ ଭାଷଣ ଦେଇଥିବା ବେଳେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ବିବରଣୀ ରଖିବା ସହ ଧନ୍ୟବାଦ ଦେଇଥିଲେ।



ପୂର୍ବାଞ୍ଚଳ ବେସାମରିକ ବିମାନ ଚଳାଚଳ ମନ୍ତ୍ରିମଣ୍ଡଳ ସମ୍ମିଳନୀରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ କିଞ୍ଜରାପୁ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ଦୁଇ ମନ୍ତ୍ରୀଙ୍କ ଉପସ୍ଥିତିରେ ଏୟାର ୱାର୍କସ ସହ ଚୁକ୍ତିସ୍ୱାକ୍ଷର କରାଯାଉଛି।

**ପୂର୍ବାଞ୍ଚଳ ବେସାମରିକ ବିମାନ ପରିବହନ ମନ୍ତ୍ରିମଣ୍ଡଳ ସମ୍ମିଳନୀ**

- ଢେଙ୍କାନାଳରେ ହେବ ବିଶ୍ୱସ୍ତରୀୟ ବିମାନ ପ୍ରଶିକ୍ଷଣ କେନ୍ଦ୍ର
- ବିମାନ ବନ୍ଦରଗୁଡ଼ିକ ପାଇଁ ଆସିବ ପ୍ରୋଗ୍ରେସିଭ୍ ଲ୍ୟାଣ୍ଡ ଆଲଟମେଣ୍ଟ ପଲିସି

ଏନ୍‌ଟିପିସି NTPC
ଏନ୍‌ଟିପିସି ଲିମିଟେଡ୍
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
50 YEARS OF POWERING GROWTH
ଆଗ୍ରହର ଅଭିବ୍ୟକ୍ତି ଆହ୍ୱାନ
ଏନ୍‌ଟିପିସି ଦର୍ଲିପାଲିରୁ ସଡ଼କ ପ୍ରକଳ୍ପ, ଖଣି ବ୍ୟାକଫିଲିଂ, ଖଣି ଓବି ମିକ୍ସ, ସମୁଦ୍ରତଟ ସୁରକ୍ଷା ଢାଞ୍ଚା, ବନ୍ଧ ନିର୍ମାଣ ଆଦି ଅନୁରୂପ ଯୋଗ୍ୟ ପ୍ରକଳ୍ପଗୁଡ଼ିକ ପାଇଁ ପଣ୍ଡ ଆଶ୍ ଯୋଗାଣ ନିମନ୍ତେ
ବିଜ୍ଞପ୍ତି ସଂଖ୍ୟା: ଏଏମ୍-ଦର୍ଲିପାଲି/ପଣ୍ଡ ଆଶ୍/୨୦୨୫/୦୨ ତାରିଖ: ୨୬।୦୮।୨୦୨୫
ଏନ୍‌ଟିପିସି ଲିମିଟେଡ୍‌ର ଦର୍ଲିପାଲି ସୁପର୍ ଥର୍ମାଲ୍ ପାୱାର ଷ୍ଟେଶନ, ଯାହା ସୁନ୍ଦରଗଡ଼/ଝାରସୁଗୁଡ଼ାଠାରୁ ପ୍ରାୟ ୩୨ କିମି ଦୂରରେ ଅବସ୍ଥିତ, ଏହି ପ୍ରକାଶନ ତାରିଖଠାରୁ ୧ ବର୍ଷ ଅବଧି ପାଇଁ ଏନ୍‌ଟିପିସି ଦର୍ଲିପାଲିର ଆଶ୍ ପଣ୍ଡରୁ **'ନିଃଶୁଳ୍କ ଭିତ୍ତିରେ'** ଏବଂ **'ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ'** ଉପରେ ଦର୍ଶାଯାଇଥିବା ଅନୁଯାୟୀ ଯୋଗ୍ୟ ପ୍ରକଳ୍ପଗୁଡ଼ିକ ପାଇଁ ତଥା ପ୍ରଚଳିତ ଏମ୍ଓଇଏଫ୍ ଆଣ୍ଡ ସିସି ଅଧିସୂଚନା ଓ ନୀତି ଅନୁସାରେ ୧୧୭ ଲକ୍ଷ ସିୟୁଏମ୍ ପଣ୍ଡ ଆଶ୍ ଜାରି କରିବା ଲାଗି ଆଗ୍ରହୀ ଆଶ୍ ଉପଭୋକ୍ତାଙ୍କଠାରୁ ଆଗ୍ରହର ଅଭିବ୍ୟକ୍ତି (ଇଓଆଇ) ଆମନ୍ତ୍ରଣ କରୁଛି। **ପରିବହନ ଖର୍ଚ୍ଚ ଏନ୍‌ଟିପିସି ଦର୍ଲିପାଲି ଦ୍ୱାରା ବହନ କରାଯିବ।**
କେମିତି ଆବେଦନ କରିବେ
ଆଗ୍ରହୀ ପକ୍ଷବୃନ୍ଦଙ୍କୁ ମେଲ୍: emgdarlipali@ntpc.co.in ରେ ସେମାନଙ୍କର ଆବଶ୍ୟକତାକୁ ଦାଖଲ କରିବା ପାଇଁ ଅନୁରୋଧ କରାଯାଉଛି। ବିବରଣୀ ନିମ୍ନଲିଖିତ ଠିକଣାରୁ ମଧ୍ୟ ହାସଲ କରାଯାଇପାରିବ।
ଠିକଣା: ଏଜିଏମ୍ (ଇଏମ୍‌ଜି-ଏୟୁ), ଦର୍ଲିପାଲି ସୁପର୍ ଥର୍ମାଲ୍ ପାୱାର ଷ୍ଟେଶନ୍, ଏନ୍‌ଟିପିସି ଲିମିଟେଡ୍, ପୋଷ୍ଟ- ଦର୍ଲିପାଲି, ଜିଲ୍ଲା- ସୁନ୍ଦରଗଡ଼, ଓଡ଼ିଶା – ୭୭୦୦୭୨।
ମୋ.: ୯୪୩୭୫୬୮୨୯୩, ୯୭୫୦୯୯୩୭୪୩, ୯୭୫୦୯୯୯୫୪୭, ୯୪୩୭୦୧୮୪୫୩
Leading the Power Sector




# ରାଜସ୍ୱ ଅମଲା କର୍ମଚାରୀଙ୍କୁ ଶୃଙ୍ଖଳା ଛାଟ

## ସବୁ ଜିଲାପାଳଙ୍କଠାରୁ ସରକାର ଲୋଡ଼ିଲେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ

ଭୁବନେଶ୍ୱର,୨୫।୮
(ରବିନାରାୟଣ ଜେନା)

ଦୀର୍ଘ ୧୪ଦିନ ଧରି ୧୦ଦଫା ଦାବି ନେଇ ଧାରଣାରତ ରାଜସ୍ୱ ଅମଲା କର୍ମଚାରୀଙ୍କ ଉପରେ ରାଜସ୍ୱ ବିଭାଗର ଛାଟ ପଡ଼ିଛି। ସୋମବାର ରାଜସ୍ୱ ବିଭାଗ ପକ୍ଷରୁ ସବୁ ଜିଲାପାଳଙ୍କୁ ଚିଠି ଲେଖାଯାଇ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଲୋଡ଼ାଯାଇଛି। ଏନେଇ ରାଜସ୍ୱ ବିଭାଗ ଅତିରିକ୍ତ ସଚିବ ଆଲୋମଣି ସେଠୀ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ଛୁଟିରେ ଯାଇଥିବା ସମସ୍ତ କର୍ମଚାରୀଙ୍କ ତାଲିକା ସହିତ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତା'ର ରିପୋର୍ଟ ତୁରନ୍ତ ସରକାରଙ୍କୁ ଅବଗତ କରାଅ।

# ଓଡ଼ିଶାର ୨ ଶିକ୍ଷକଙ୍କୁ ଜାତୀୟ ପୁରସ୍କାର


ବସନ୍ତ କୁମାର ରଣା ଓ ତରୁଣ କୁମାର ଦାଶ।

ମାଲକାନଗିରି/କୋରାପୁଟ, ୨୫।୮ (ଦୁର୍ଯ୍ୟୋଧନ ପାତ୍ର/ ଅମିତାଭ ବେହେରା)

ମାଲକାନଗିରିର ଶିକ୍ଷକ ବସନ୍ତ କୁମାର ରଣା ଓ କୋରାପୁଟର ତରୁଣ କୁମାର ଦାଶ ୨୦୨୫ ମସିହା ପାଇଁ ଜାତୀୟ ଶିକ୍ଷକ ପୁରସ୍କାର ପାଇବା ଲାଗି ମନୋନୀତ ହୋଇଛନ୍ତି। ମାଲକାନଗିରି କନ୍ଦେଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ ବସନ୍ତ କାର୍ଯ୍ୟରତ ଅଛନ୍ତି। ପୁରସ୍କାର ବାବଦକୁ ଉଭୟ ୫୦ ହଜାର ଟଙ୍କାର ଅର୍ଥ ରାଶି ଓ ମାନପତ୍ର ୫ ସେପ୍ଟେମ୍ବର ଗୁରୁ ଦିବସରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଗ୍ରହଣ କରିବେ। ଏହି ଅବସରରେ ମାଲକାନଗିରି ଜିଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ବସନ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି କୋରାପୁଟର ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ତରୁଣ କାର୍ଯ୍ୟରତ ଅଛନ୍ତି। ଜାତୀୟ ଶିକ୍ଷକ ସମ୍ମାନ ପାଇଁ ମନୋନୀତ ହୋଇଥିବାରୁ ତାଙ୍କୁ କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଶୁଭେଚ୍ଛା ଜଣାଇଛନ୍ତି। ପୂର୍ବରୁ କ୍ଷୁଦ୍ର ଚଳଚ୍ଚିତ୍ର ପହିଆ କୁର୍ସି ପାଇଁ ସେ ଜାତୀୟ ପୁରସ୍କାର ପାଇଛନ୍ତି। ତାଙ୍କ ଦ୍ୱାରା ନିର୍ଦ୍ଦେଶିତ ସଚେତନତା ଧର୍ମୀ କ୍ଷୁଦ୍ର ଚଳଚ୍ଚିତ୍ର 'ସଡ଼କ' ଓ 'ବାବାଜୀ କି ଠେଲା' ଜାତୀୟସ୍ତରରେ ପ୍ରଶଂସିତ ହୋଇଛି।


# ଭୁବନେଶ୍ୱର ବିମାନବନ୍ଦରରେ ୧୦ ଟଙ୍କାରେ ଚା', ପାଣି

ଭୁବନେଶ୍ୱର,୨୫।୮
(ଅନୁରାଧା ମହାରଣା)

**ଉଡାଣ ଯାତ୍ରୀ କାଫେ, କିଡ୍ସ ପ୍ଲେ ଜୋନ୍ ଉଦ୍‌ଘାଟିତ**

ଭାରତୀୟ ବିମାନବନ୍ଦର ପ୍ରାଧିକରଣ (ଏଏଆଇ) ପକ୍ଷରୁ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଟର୍ମିନାଲ-୧ରେ ଯାତ୍ରୀଙ୍କ ପାଇଁ ସୁଲଭ ମୂଲ୍ୟରେ ଖାଦ୍ୟ ଓ ପାନୀୟ ଯୋଗାଇ ଦେବାକୁ 'ଉଡାଣ ଯାତ୍ରୀ କାଫେ' ଖୋଲାଯାଇଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ କିଞ୍ଜରାପୁ ସୋମବାର ଏହି କାଫେର ଉଦ୍‌ଘାଟନ କରି କହିଛନ୍ତି, ଉଡାଣ ଯୋଜନା ବିମାନ ଯାତ୍ରାକୁ ସମସ୍ତଙ୍କ ପାଇଁ ସୁଗମ କରିବା ଲାଗି ଆରମ୍ଭ ହୋଇଥିଲା। ବିମାନବନ୍ଦର ପରିସରରେ ଖାଦ୍ୟ ଓ ପାନୀୟର ଅଧିକ ମୂଲ୍ୟ ନେଇ ବାରମ୍ବାର ଅଭିଯୋଗ ଆସୁଥିଲା। 'ଉଡାଣ ଯାତ୍ରୀ କାଫେ' ସେହି ସମସ୍ୟାର ସମାଧାନ କରୁଛି। ଏହି କାଫେରେ ଏକ ବୋତଲ ପାଣି ଏବଂ ଏକ କପ ଚା' ମାତ୍ର ୧୦ ଟଙ୍କାରେ ମିଳୁଛି, ଆଉ ସିଙ୍ଗଡ଼ାର ମୂଲ୍ୟ ୨୦ ଟଙ୍କା ରହିଛି। ଏହା ପୂର୍ବରୁ କୋଲକାତାରେ ପ୍ରଥମ ଏଭଳି କାଫେ ଖୋଲାଯାଇଥିଲା।




DSPL - 216



# ନବୀନ ନିବାସ ଯାଇ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ରାଜ୍ୟପାଳ


ନବୀନ ନିବାସରେ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟିଙ୍କ ସହ ନବୀନ।

ଭୁବନେଶ୍ୱର, ୨୫।୮ (ସୁନିତ୍ ମିଶ୍ର)

ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ସୋମବାର ନବୀନ ନିବାସ ଯାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଏହି ଅବସରରେ ଉଭୟଙ୍କ ମଧ୍ୟରେ ପ୍ରାୟ ୧୫ରୁ ୨୦ ମିନିଟ୍ ପର୍ଯ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ହୋଇଥିବା ଜଣାପଡ଼ିଛି। ବିରୋଧୀ ଦଳ ନେତା ନିଜ ସ୍ୱାସ୍ଥ୍ୟାବସ୍ଥାର ସ୍ଥିତି ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଛନ୍ତି। ଆଲୋଚନା ବନ୍ଧୁତ୍ୱପୂର୍ଣ୍ଣ ଏବଂ ଅନୌପଚାରିକ ରହିଥିବା ରାଜ୍ୟପାଳ ସୂଚନା ଦେଇଛନ୍ତି। ନବୀନଙ୍କ ଆଶୁ ଆରୋଗ୍ୟ, ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦୀର୍ଘ ଜୀବନ ପାଇଁ ରାଜ୍ୟପାଳ ପ୍ରାର୍ଥନା କରିଛନ୍ତି।

ସୂଚନାଯୋଗ୍ୟ, ଡିହାଇଡ୍ରେସନ ଜନିତ ସମସ୍ୟା ଯୋଗୁ ନବୀନ କିଛିଦିନ ତଳେ ସ୍ଥାନୀୟ ଘରୋଇ ହସ୍ପିଟାଲ ସମ୍ ଅଲଟିମେଟ୍‌ରେ ଚିକିତ୍ସିତ ହୋଇଥିଲେ। ୪ ଦିନ ହସ୍ପିଟାଲରେ ରହିବା ପରେ ସେ ସୁସ୍ଥ ହୋଇ ନବୀନ ନିବାସ ଫେରିଛନ୍ତି। ଏହାପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଜାଣିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିକଟରେ ଯାଇଥିଲେ। ଏହାପରେ ରାଜ୍ୟପାଳ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା କଥା ବୁଝିଛନ୍ତି।

ମୁଖ୍ୟତଃ ଆମର ଏଠାରେ ବଂଚିବାର ଗୋଟିଏ ମାତ୍ର କାରଣ ହେଲା– ଆମେ ନିଜକୁ ଜାଣିବା– ଆମେ କ'ଣ ? ତାହା ହିଁ ଆମକୁ ଜାଣିବାକୁ ହେବ। ଆମେ ମଧ୍ୟ ଜାଣିବା– କାହିଁକି ଆମେ ଏଠାକୁ ଆସିଛୁ ଓ ଆମର କ'ଣ କରିବାକୁ ଅଛି ? ଯଦି ଆମେ ଏହା ଜାଣି ନାହୁଁ– ତେବେ ଆମ ଜୀବନ ଆମ ପାଇଁ ଓ ଅନ୍ୟ ପାଇଁ ନିରର୍ଥକ। –ଶ୍ରୀମା

–ବାଲିତୃତୀୟା, ଗୌରୀବ୍ରତ



# ଗାଜା ଦୁର୍ଭିକ୍ଷ

ମଧ୍ୟପ୍ରାଚ୍ୟର ଯୁଦ୍ଧବିଧ୍ୱସ୍ତ ପାଲେଷ୍ଟାଇନ୍‌ର ଗାଜାରେ ଏବେ ମନୁଷ୍ୟକୃତ ଦୁର୍ଭିକ୍ଷ ବା ଉତ୍କଟ ଖାଦ୍ୟାଭାବ ଦେଖାଦେଇଛି। ୭ ଅକ୍ଟୋବର ୨୦୨୩ର ଇସ୍ରାଏଲ ଓ ହମାସ ମଧ୍ୟରେ ଲାଗି ରହିଥିବା ଯୁଦ୍ଧ ଯୋଗୁ ଏଭଳି ସ୍ଥିତି ଉପୁଜିଛି ବୋଲି ଜାତିସଂଘ କହିଛି । ଦୀର୍ଘ ୨୨ ମାସର ସାମରିକ କାର୍ଯ୍ୟାନୁଷ୍ଠାନ ଗାଜାକୁ ଧ୍ୱଂସସ୍ତୂପରେ ପରିଣତ କରିଛି ବୋଲି ଅନ୍ତର୍ଜାତୀୟ ସ୍ତରରେ ଯେଉଁ ବ୍ୟାଖ୍ୟାନ ସୃଷ୍ଟି କରାଯାଇଛି ତାହାକୁ ତର୍ଜମା କରାଯିବା ଦରକାର। ଇସ୍ରାଏଲ ଉପରେ ଆତଙ୍କବାଦୀ ସଙ୍ଗଠନ ହମାସ ପ୍ରଥମେ ଆକ୍ରମଣ କରି ଅନେକ ଇସ୍ରାଏଲୀଙ୍କୁ ମାରିଥିବା ବେଳେ ଅନେକଙ୍କୁ ପଣବନ୍ଦୀ କରିଥିଲା। ଇସ୍ରାଏଲ ପ୍ରତିଆକ୍ରମଣ କରିବାକୁ ଯାଇ ଯେତେବେଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ବର୍ତ୍ତମାନ ତାହାକୁ ଦୋଷୀ ଭାବେ ଦେଖାଯାଉଛି। ଯାହା କୁହାଯାଉଛି ଯେ ଗାଜା ଅଞ୍ଚଳର ଲୋକଙ୍କ ପାଖକୁ ପଠାଯାଉଥିବା ଖାଦ୍ୟକୁ ଇସ୍ରାଏଲ ବନ୍ଦ କରୁଛି, ତାହାକୁ ନେଇ ପ୍ରଶ୍ନ ଉଠିଲାଣି। କାରଣ ଅନ୍ତର୍ଜାତୀୟ ସହାନୁଭୂତି ଗୋଟାଇବାକୁ ଯାଇ ହମାସ ପାଲେଷ୍ଟିନୀୟ ମହିଳା ଓ ଶିଶୁଙ୍କୁ ବ୍ୟବହାର କରୁଛି ବୋଲି ମଧ୍ୟ ଶୁଣାଯାଉଛି। ବିଭିନ୍ନ ସହାୟତା କେନ୍ଦ୍ରରୁ ଗାଜାର ଲୋକମାନଙ୍କୁ ଖାଦ୍ୟ ଦିଆଯାଉ ନାହିଁ ବୋଲି ଦର୍ଶାଇବାରେ ହମାସର ହାତ ରହିଥିବା ଆଲୋଚନା ହେଉଛି। ଏହି ଆତଙ୍କବାଦୀ ସଙ୍ଗଠନକୁ ସମର୍ଥନ ଦେଇ ଅନେକ ରାଷ୍ଟ୍ର ଓ ଉଦାରବାଦୀ ଦେଖାଉଥିବା ବ୍ୟକ୍ତିମାନେ ଇସ୍ରାଏଲ ବିପକ୍ଷ ସ୍ଲୋଗାନ ଦେଉଛନ୍ତି। ଫଳରେ ବିଶ୍ୱବ୍ୟାପୀ ଗୋଟେ 'ଘୋ' ସୃଷ୍ଟି ହୋଇଯାଇଛି ଯେ, ଗାଜାରେ ମନୁଷ୍ୟକୃତ ଦୁର୍ଭିକ୍ଷ ଇସ୍ରାଏଲ ସୃଷ୍ଟି କରିଛି।

> **ଅନ୍ତର୍ଜାତୀୟ ସହାନୁଭୂତି ଗୋଟାଇବାକୁ ଯାଇ ହମାସ ପାଲେଷ୍ଟିନୀୟ ମହିଳା ଓ ଶିଶୁଙ୍କୁ ବ୍ୟବହାର କରୁଛି ବୋଲି ଶୁଣାଯାଉଛି। ବିଭିନ୍ନ ସହାୟତା କେନ୍ଦ୍ରରୁ ଗାଜାର ଲୋକମାନଙ୍କୁ ଖାଦ୍ୟ ଦିଆଯାଉ ନାହିଁ ବୋଲି ଦର୍ଶାଇବାରେ ହମାସର ହାତ ରହିଛି ବୋଲି ଆଲୋଚନା ହେଉଛି। ଏହି ଆତଙ୍କବାଦୀ ସଙ୍ଗଠନକୁ ସମର୍ଥନ ଦେଇ ଅନେକ ରାଷ୍ଟ୍ର ଓ ଉଦାରବାଦୀ ଦେଖାଉଥିବା ବ୍ୟକ୍ତିମାନେ ଇସ୍ରାଏଲ ବିପକ୍ଷ ସ୍ଲୋଗାନ ଦେଉଛନ୍ତି। ଫଳରେ ବିଶ୍ୱବ୍ୟାପୀ ଗୋଟେ 'ଘୋ' ସୃଷ୍ଟି ହୋଇଯାଇଛି ଯେ, ଗାଜାରେ ମନୁଷ୍ୟକୃତ ଦୁର୍ଭିକ୍ଷ ଇସ୍ରାଏଲ ସୃଷ୍ଟି କରିଛି।**

ଏହି ପରିପ୍ରେକ୍ଷୀରେ ଗତ ମେ'ରେ ଭାରତ–ପାକିସ୍ତାନ ମଧ୍ୟରେ ହୋଇଥିବା ୪ ଦିନିଆ ଯୁଦ୍ଧକୁ ଉଦାହରଣ ଭାବେ ନିଆଯାଇପାରେ। 'ଅପରେଶନ ସିନ୍ଦୂର' ଜରିଆରେ ପାକିସ୍ତାନର ପ୍ରଭୂତ କ୍ଷତି ଭାରତ କରିଛି ବୋଲି ଗୋଟେ ବ୍ୟାଖ୍ୟାନ କରାଯାଇଥିଲା। ଯୁଦ୍ଧର ଅବଧି ବଢ଼ିଥିଲେ ପାକିସ୍ତାନୀମାନେ ଭାରତ ବିରୋଧୀ ଅଭିଯାନରେ ହୁଏତ ଅଧିକ ସଫଳ ହୋଇଥାଆନ୍ତେ। କାରଣ ଯେତିକି ଦିନର ଘଟଣା ବିଷୟରେ ଆଲୋଚନା ହେଲା ସେଥିରେ ଭାରତର ସ୍ୱର, ଇସ୍ରାଏଲ ଭଳିଆ ଦୁର୍ବଳ ପଡ଼ିଗଲା। ଭାରତୀୟମାନେ ସେମାନଙ୍କ ପଡ଼ୋଶୀ ଦେଶର ବ୍ୟବହାରକୁ ଭଲ ଭାବେ ଜାଣିଥିବାରୁ ସେମାନଙ୍କ ଆକ୍ରମଣାତ୍ମକ ଚରିତ୍ରକୁ ବୁଝିଛନ୍ତି। ସେହିପରି ଇସ୍ରାଏଲ ମଧ୍ୟ ତା' ଚାରିକଡ଼େ ଥିବା ମୁସଲମାନ ରାଷ୍ଟ୍ରର କାର୍ଯ୍ୟକଳାପକୁ ଦୀର୍ଘ ଦଶନ୍ଧି ଧରି ଦେଖିଆସୁଛି। ତା' ନିଜ ଭୂଖଣ୍ଡକୁ ସୁରକ୍ଷିତ ରଖିବା ଲାଗି ନେଉଥିବା ପଦକ୍ଷେପକୁ କେତେକ ରାଷ୍ଟ୍ର ପାଲେଷ୍ଟିନୀୟଙ୍କ ପାଇଁ ଘୋର ବିପତ୍ତି ଆଣିଥିବା କହୁଛନ୍ତି। ହେଲେ ପ୍ରଥମେ ଇସ୍ରାଏଲ ଉପରେ ଆକ୍ରମଣ କରିଥିବା ହମାସ ଓ ଅନେକ ଇସ୍ରାଏଲୀଙ୍କୁ ପଣବନ୍ଦୀ ରଖି ନିର୍ଯାତନା ଦେଉଥିବା ବିଷୟ ଏବେ ଅନ୍ତର୍ଜାତୀୟ ଗଣମାଧ୍ୟମରୁ ଲୁଚିଯାଉଛି। ଯେଉଁ ସମୟର ଇତିହାସକୁ ବଦଳାଇ ଦିଆଯାଏ, ସେତେବେଳେ ଅନ୍ୟାୟ କରୁଥିବା ବ୍ୟକ୍ତି ବା ଗୋଷ୍ଠୀ ନ୍ୟାୟବନ୍ତ ପାଲଟିଯିବାକୁ ଚେଷ୍ଟା କରେ। ଆଜି ଇସ୍ରାଏଲ ଭଳି ଭାରତ ମଧ୍ୟ ଏକ ପ୍ରକାରର ଅଠାକାଠିରେ ପଡ଼ିଛି।

# ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ଓ ତା'ର ପ୍ରଭାବ



ଛାୟାକାନ୍ତ ଷଡ଼ଙ୍ଗୀ

ଓଡ଼ିଶାରେ ଯେତିକି ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଅଛି ତାହା ରାଜ୍ୟର ଛାତ୍ରୀଛାତ୍ରଙ୍କ ପାଇଁ ଯଥେଷ୍ଟ ନୁହେଁ। ଏଣୁ ବେସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଖୋଲାଯାଉଛି ଏବଂ ସେହିସବୁ ଅନୁଷ୍ଠାନରେ ଅଧିକ ସଂଖ୍ୟକ ଛାତ୍ରୀଛାତ୍ର ପଢୁଛନ୍ତି। ଏଣୁ ରାଜ୍ୟରେ ଶିକ୍ଷାର ପ୍ରସାର କରିବାକୁ ହେଲେ ବେସରକାରୀ ଅନୁଷ୍ଠାନଗୁଡ଼ିକର ଭିତ୍ତିଭୂମି ଦୃଢ଼ କରିବାକୁ ପଡ଼ିବ। ମାତ୍ର ଏହି ଅନୁଷ୍ଠାନଗୁଡ଼ିକରେ ଯେଉଁମାନେ ଅଧ୍ୟାପନା କରନ୍ତି ସେମାନେ ସ୍ୱଳ୍ପ ଦରମା ପାଆନ୍ତି। ଅନୁଷ୍ଠାନଗୁଡ଼ିକ ବହୁବର୍ଷ ପରେ ଅନୁଦାନ ପାଏ ଓ ଅଧ୍ୟାପକ / ଶିକ୍ଷକମାନେ ସରକାରଙ୍କଠାରୁ ପ୍ରତ୍ୟକ୍ଷ ଦରମା ପାଆନ୍ତି। ମାତ୍ର ସେମାନଙ୍କ ଚାକିରି ସର୍ତ୍ତାବଳୀ ନ ଥାଏ। ୩୦ ବର୍ଷରୁ ଅଧିକ ବର୍ଷ ଚାକିରି କଲାପରେ ମଧ୍ୟ ସେମାନଙ୍କ ପାଇଁ ଗ୍ରାଚୁଇଟି ଓ ପେନ୍‌ସନ୍ ବ୍ୟବସ୍ଥା ନ ଥାଏ। ସେମାନେ ଆର୍ଥିକ ଅନଟନ ଭିତରେ ଚଳନ୍ତି। ଏଣୁ ଯେଉଁମାନେ ପ୍ରତିଭାଶାଳୀ ସେମାନେ ବେସରକାରୀ ମହାବିଦ୍ୟାଳୟରେ ଅଧ୍ୟାପନା କରିବା ପାଇଁ ଆସନ୍ତି ନାହିଁ। କେହିକେହି ବିଭିନ୍ନ ବ୍ୟବସାୟ କରି ସନ୍ତୋଷଜନକ ଅର୍ଥ ରୋଜଗାର କରନ୍ତି। ଦ୍ୱିତୀୟତଃ କିଛି ବ୍ୟକ୍ତି ଏହିସବୁ ଅନୁଷ୍ଠାନରେ ଯୋଗ ଦିଅନ୍ତି, ମାତ୍ର ସ୍ୱଳ୍ପ ଦରମାଯୁକ୍ତ ଗ୍ରାଚୁଇଟି ପେନ୍‌ସନବିହୀନ ଚାକିରି କରି ପରିବାର ପୋଷଣ ସମ୍ଭବ ହେଉ ନ ଥିବାରୁ ଘରୋଇ ଟିଉସନ୍ କରି କିଛି ଉପାର୍ଜନ କରନ୍ତି। ଟିଉସନ୍ ସେମାନଙ୍କ ପାଇଁ ଆବଶ୍ୟକତା ହୋଇଯାଏ। ଏହାଦ୍ୱାରା ଶିକ୍ଷା ଏକ ପଣ୍ୟଦ୍ରବ୍ୟ ହୋଇଯାଏ। ଫଳରେ ଶିକ୍ଷକଙ୍କ ପ୍ରତି ଛାତ୍ରୀଛାତ୍ରଙ୍କର ଆନ୍ତରିକ ଭକ୍ତି ଓ ସମ୍ମାନ ରହେନାହିଁ। ପ୍ରତିଭାଶାଳୀ ଛାତ୍ରୀଛାତ୍ରମାନେ ଶିକ୍ଷା ସମାପ୍ତ କଲାପରେ ଯଦି ଶିକ୍ଷକ / ଅଧ୍ୟାପକ ନ ହେବେ, ଉନ୍ନତମାନର ଶିକ୍ଷା ସମ୍ଭବ ହେବ କିପରି? ଆମ ରାଜ୍ୟରେ ଆଜି ତାହା ହିଁ ଘଟୁଛି। ପ୍ରତିଭାବାନ୍ ଛାତ୍ରୀଛାତ୍ର ଶିକ୍ଷକତା କ୍ଷେତ୍ରକୁ ଆସୁନାହାନ୍ତି।

ଏହି ପ୍ରସଙ୍ଗରେ ପାରସ୍ୟର ଏକ କାହାଣୀ ପ୍ରଣିଧାନ ଯୋଗ୍ୟ ମନେହୁଏ। ଜଣେ ଗାଉଁଲି ବେପାରୀ ତା' ଗଧ ଉପରେ କିଛି ବୋଝ ଲଦି ହାଟ ଉଦ୍ଦେଶ୍ୟରେ ପଥ ଅତିକ୍ରମ କରୁଥାଏ। ଦୈବାତ୍ ଜଣେ ପଥିକ ତାଙ୍କ ସାଥୀ ହେଲେ। ପଥ ଅତିକ୍ରମ କରୁ କରୁ ସେ ପଥିକ ଜଣକ କଥା ପ୍ରସଙ୍ଗରେ ବେପାରୀକୁ ବିଜ୍ଞାନ, ଭୂଗୋଳ, ସାହିତ୍ୟ, ଧର୍ମ ଆଦି ବିବିଧ ବିଷୟରେ କିଛି କିଛି କହୁଥାଏ। କଥାବାର୍ତ୍ତାରୁ ବେପାରୀ ଅନୁଭବ କଲା ପଥିକ ଜଣକ ଅସାଧାରଣ ଜ୍ଞାନୀ। ଗଧଟି କ୍ଲାନ୍ତ ହୋଇଯାଇଥିବାର ଅନୁଭବ କରି ପଥିକଜଣକ ବେପାରୀକୁ ପଚାରିଲେ, "ତୁମେ ଗଧ ପିଠିରେ କ'ଣ ଲଦିଛ ଯେ ଗଧଟି ହାଲିଆ ହୋଇଗଲାଣି?" ବେପାରୀ ଉତ୍ତର ଦେଲା, "ପିଠିର ବାମପାଖରେ ଚାଉଳ ଓ ଡାହାଣ ପାଖରେ ଓଜନ ଭାରସାମ୍ୟ ରକ୍ଷା କରିବା ପାଇଁ ବାଲି



ରଖିଛି।" ପଥିକ କହିଲେ, "ତୁମେ ସେହି ଚାଉଳକୁ ସମାନ ଦୁଇଭାଗ କରି ଦୁଇପାଖରେ ରଖିଥିଲେ ତ ଭାରସାମ୍ୟ ରକ୍ଷା ହୋଇପାରିଥାନ୍ତା ଓ ଗଧ ପିଠିରେ ଓଜନ ବି କମିଥାନ୍ତା। ଗଧଟି ହାଲିଆ ହୁଅନ୍ତା ନାହିଁ।" ବେପାରୀ ମନକୁ କଥାଟା ଛୁଇଁଲା। ସେ କହିଲା, "ମହାଶୟ! ଆପଣ ପ୍ରକୃତରେ ଅସାଧାରଣ ଜ୍ଞାନୀ। ଆପଣ ନିଶ୍ଚୟ ଜଣେ ସଫଳ ମଣିଷ ହୋଇଥିବେ। ଆପଣଙ୍କର କେତେ ଗଧ ଅଛନ୍ତି, କେତେ ଜମିଜମା ଅଛି?" ପଥିକ ଉତ୍ତର ଦେଲେ, "ମୋର ଗଧ ନାହିଁ କି ଜମି ନାହିଁ। କୋଠା ନାହିଁ କି ସଞ୍ଚୟ ନାହିଁ। ମୁଁ ଏମିତି ଗୋଟିଏ ଗାଁରୁ ଆଉ ଗୋଟିଏ ଗାଁ ବୁଲେ। ମୋର ଅର୍ଜିତ ଜ୍ଞାନକୁ ବିତରଣ କରେ। ଯାହା ମିଳେ ଖାଏ। ବେଳେବେଳେ ଖାଇବାକୁ ମିଳେନାହିଁ। ତଥାପି ମୋଟ ଉପରେ ମୁଁ ଖୁସିରେ ଅଛି।" ବେପାରୀ ଏତକ ଶୁଣି ଅଟକିଗଲା ଓ ଚକିତ ହୋଇ ଛିଡ଼ାହେଲା। ପଥିକ ପଚାରିଲେ, "କ'ଣ ହେଲା?" ବେପାରୀ ଉତ୍ତର ଦେଲା, "ଆଜ୍ଞା ଜ୍ଞାନର ଫଳ ଯଦି ଏହା ହୁଏ, ମୁଠେ ଖାଇବାକୁ ମିଳେ ନାହିଁ, କୋଠାଟିଏ କରିହୁଏ ନାହିଁ, ମୁଁ ବରଂ ଗଧ ପିଠିରେ ବାଲିବସ୍ତା ଥୋଇ ଭାରସାମ୍ୟ ରକ୍ଷା କରିବି, ତୁମ ସାଙ୍ଗରେ ବାଟ ଚାଲି ଜ୍ଞାନ ସଂଗ୍ରହ କରି ଭୋକିଲା ରହିବି ନାହିଁ।" ବେପାରୀ ବାଟ ଭାଙ୍ଗି ଚାଲିଗଲା। ଆଜି ପ୍ରତିଭାଶାଳୀ ଛାତ୍ରୀଛାତ୍ରମାନଙ୍କ ଅବସ୍ଥା ଠିକ୍ ଏହି ବେପାରୀ ଭଳି। ଯଦି କଠିନ ପରିଶ୍ରମ କରି ପରୀକ୍ଷାରେ ଭଲ ନମ୍ବର ରଖି ଅଧ୍ୟାପକ ହୋଇ ମଧ୍ୟ ପୂର୍ଣ୍ଣ ଦରମା ନ ପାଇ ପେନ୍‌ସନ ନ ପାଇ ସର୍ତ୍ତାବଳୀ ନ ଥାଇ ଦୟନୀୟ ଚାକିରି କରିବାକୁ ପଡ଼େ, ମୁଁ ଅନ୍ୟ ବ୍ୟବସାୟ କରି ପ୍ରଭୂତ ଅର୍ଥ ଉପାର୍ଜନ ନ କରିବି କାହିଁକି? ଏହିଭଳି ଚିନ୍ତାକରି ଆଜି ଅନେକ ପ୍ରତିଭାଶାଳୀ ବ୍ୟକ୍ତି ଶିକ୍ଷାକ୍ଷେତ୍ରକୁ ଆସୁନାହାନ୍ତି।

ବୋଧହୁଏ ୧୯୯୮ ମସିହାର କଥା। ଦିଲ୍ଲୀରେ ଜାତୀୟ ୟୁନେସ୍କୋ କମିଶନଦ୍ୱାରା ଆୟୋଜିତ ଏକ ସଭାରେ "ଶିକ୍ଷା ଓ ମାନବଜାତିର ଭବିଷ୍ୟତ" ଉପରେ ଏକ ବକ୍ତୃତା ଦେଇ ବିଶିଷ୍ଟ ଲେଖକ ମନୋଜ ଦାସ ଫେରୁଥାନ୍ତି। ଜଣେ ସର୍ବୋଦୟ କର୍ମୀ ବୟୋବୃଦ୍ଧ ସହ ତାଙ୍କର ସାକ୍ଷାତ୍ ହେଲା। କଥାପ୍ରସଙ୍ଗରେ ସେହି ବୃଦ୍ଧ ମନୋଜ ଦାସଙ୍କୁ କହିଥିଲେ ଘରୋଇ ଟିଉସନ୍‌ର ପ୍ରଭାବ ସମ୍ପର୍କରେ। ଘଟଣାଟି ଥିଲା ନିଜ ହାକିମ ନାତିଙ୍କ ଜୀବନକୁ ନେଇ। ଦିନେ ଜଣେ ଭଦ୍ରଲୋକ ଏକ ଆବେଦନ ପତ୍ର ଧରି ହାକିମଙ୍କ ପାଖରେ ପହଞ୍ଚିଲେ। ହାକିମ ତାକୁ ଟିକେ ଚାହିଁଦେଇ ପୂର୍ବରୁ ଆସିଥିବା ଦୁଇଜଣ ଭଦ୍ରବ୍ୟକ୍ତିଙ୍କ ସହ କଥାବାର୍ତ୍ତାରେ ବ୍ୟାପୃତ ରହିଲେ। ଆଗନ୍ତୁକ ଧୈର୍ଯ୍ୟହରା ହୋଇ ହାକିମଙ୍କୁ କହିଲେ, "ଆପଣ ବୋଧହୁଏ ମୋତେ ଚିହ୍ନିପାରୁ ନାହାନ୍ତି?" ହାକିମ କହିଲେ, "ଚିହ୍ନିଲି। ମାତ୍ର ସେମାନେ ପୂର୍ବରୁ ମୋ ସମୟ ନେଇ ଆସିଥିବାରୁ ତାଙ୍କ କାମ ଆଗେ ସାରିଲି। ଏବେ ଆପଣ କୁହନ୍ତୁ।" ଆଗନ୍ତୁକ ନିଜ ପରିଚୟ ଦେଇ କହିଲେ, "ଆପଣ ମୋର ଛାତ୍ର ଥିଲେ। ଏଣୁ ମୋର ଏହି ଆବେଦନଟିକୁ ଆପଣ ସମାଧାନ କରିଦେବେ ବୋଲି ଆଶା କରି ଆପଣଙ୍କ ପାଖକୁ ଆସିଛି।" ହାକିମ ଆବେଦନଟିକୁ ପଢ଼ିଲେ ଓ କହିଲେ, "ଆପଣଙ୍କ ଅନୁରୋଧ ନିୟମ ଅନୁମୋଦିତ ନୁହେଁ। ଏଣୁ କିଛି ସାହାଯ୍ୟ କରିହେବ ନାହିଁ।" ସେହି ଆଗନ୍ତୁକ ଶିକ୍ଷକ କହିଲେ, "ନିୟମ ଊର୍ଦ୍ଧ୍ୱରେ ମାନବିକତା ତ ଅଛି। ସେହି ଦୃଷ୍ଟିରୁ ଛାତ୍ର ହିସାବରେ ଶିକ୍ଷକର ସମସ୍ୟା ପ୍ରତି ଧ୍ୟାନ ଦେବେ ବୋଲି ମୋର ଆଶା।" ତା'ପରେ ହାକିମ ଯାହା କହିଲେ ତାହା ହିଁ ପ୍ରଣିଧାନ ଯୋଗ୍ୟ।

ହାକିମ କହିଲେ, "ମହାଶୟ! ଆପଣ ଥିଲେ ସରକାରୀ ଶିକ୍ଷକ। ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ କରିବା ପାଇଁ ସରକାର ଆପଣଙ୍କୁ ନିୟମିତ ଦରମା ଦେଉଥିଲେ। ସରକାର ଯେଉଁ ଦରମା ଦେଉଥିଲେ ତାହା ଥିଲା ଜନସାଧାରଣଙ୍କଠାରୁ ସଂଗୃହୀତ ବିଭିନ୍ନ ଟିକସ। ମାତ୍ର ଆପଣ ବିଦ୍ୟାଳୟରେ ଆନ୍ତରିକ ଭାବରେ ଶିକ୍ଷାଦାନ ନ କରି ଘରୋଇ ଟିଉସନ୍ କରୁଥିଲେ। ମୋ ବାପାଙ୍କ ଆର୍ଥିକ ସମ୍ବଳଥିବାରୁ ସେ ଆପଣଙ୍କ ନିକଟକୁ ଟିଉସନ୍ ପାଇଁ ପଠାଇଥିଲେ। ମାତ୍ର ମୋର କେତେଜଣ ସହପାଠୀ ଗରିବ ପରିବାରର ହୋଇଥିବାରୁ ଆପଣଙ୍କୁ ଅର୍ଥ ଦେଇ ନ ପାରି ଟିଉସନ୍‌ରୁ ବଞ୍ଚିତ ହେଲେ ଓ ପରୀକ୍ଷାରେ ଭଲ କରିପାରିଲେ ନାହିଁ।" ଶିକ୍ଷକ ହସ୍ତକ୍ଷେପ କରି କହିଲେ, "ଦେଖ ବାବୁ, ଟିଉସନ୍ ହେଉ ପଛେ, ମୁଁ ତ ଆପଣଙ୍କୁ ଶିକ୍ଷାଦାନ କରିଥିଲି।" ହାକିମ କହିଲେ, "ମହାଶୟ! ଶିକ୍ଷାଦାନ ଏକ ପବିତ୍ର କର୍ମ। ଯିଏ ଦାନକରେ ସେ ପ୍ରତିଦାନରେ କିଛି ଆଶା ରଖେନାହିଁ। ଧରନ୍ତୁ ମୁଁ ବଜାରରେ ଜଣେ ବ୍ୟବସାୟୀଙ୍କ ପାଖରୁ ଦୁଇଟି କମ୍ବଳ କିଣିଲି। ସେହି କମ୍ବଳ ବିକ୍ରେତା ଯଦି ମୋ ପାଖକୁ କୌଣସି ଆବେଦନ ଧରି ଆସେ ମୁଁ କ'ଣ ତା' ପ୍ରତି ଦରଦୀ ହେବି? ଠିକ୍ ସେପରି ମୁଁ ଆପଣଙ୍କ ପାଖରୁ ପାଠ ସଉଦା କରୁଥିଲି। ଏଣୁ ଆପଣଙ୍କ ପ୍ରତି ଦରଦୀ ହେବାର କୌଣସି କାରଣ ନାହିଁ।" ଶିକ୍ଷକ ଏତକ ଶୁଣି ଚାଲିଗଲେ। ଏହି ଘଟଣାଟି ଘରୋଇ ଟିଉସନ୍‌ର ନକାରାତ୍ମକ ପ୍ରଭାବ ସମ୍ପର୍କରେ ସ୍ପଷ୍ଟ ଆଲୋକପାତ କରୁନାହିଁ କି? ଆଜି ଟିଉସନ୍ ପ୍ରଚଳନ କାରଣରୁ ବିଦ୍ୟା ଏକ ପଣ୍ୟଦ୍ରବ୍ୟ ହୋଇଥିବାରୁ ଛାତ୍ରୀଛାତ୍ରମାନଙ୍କ ଶିକ୍ଷକମାନଙ୍କ ପ୍ରତି ସମ୍ମାନ ଓ ଭକ୍ତି ରହୁନାହିଁ। ଗୁରୁ–ଶିଷ୍ୟ ସମ୍ପର୍କ ଆଉ ଅନାବିଳ ହୋଇ ରହିନାହିଁ। ଆଜି ଏହା କ୍ରେତା–ବିକ୍ରେତାର ସମ୍ପର୍କ। ଏଣୁ ସରକାର ସମାନ କାର୍ଯ୍ୟପାଇଁ ସମାନ ଦରମା ପ୍ରଚଳନ କରି, ଗ୍ରାଚୁଇଟି, ପେନ୍‌ସନ୍ ଆଦିର ବ୍ୟବସ୍ଥା କରି ଶିକ୍ଷକମାନଙ୍କ ଅଭାବ ଦୂରକଲେ ସେମାନେ ଆଉ ଟିଉସନ୍ କରି ପରିବାର ପ୍ରତିପୋଷଣ କରିବା ଚିନ୍ତା କରିବେ ନାହିଁ। ଚାକିରି ସର୍ତ୍ତାବଳୀ ପୂରଣ କଲାପରେ ଯଦି ସେମାନେ ପୁଣି ଅର୍ଥଲୋଭରେ ଟିଉସନ୍ କରନ୍ତି, ସେ କ୍ଷେତ୍ରରେ ତାହା ଦଣ୍ଡନୀୟ କର୍ମଭାବରେ ବିବେଚନା କଲେ କାହାରି ଆପତ୍ତି ରହିବ ନାହିଁ। ତେବେ ଶିକ୍ଷା ବ୍ୟବସ୍ଥା ସୁଧୁରିବ।

ଟିଟିଲାଗଡ଼
ମୋ: ୯୪୩୭୩୨୯୨୬୩

# ବିଧି-ବିଧାନରେ ବିଜ୍ଞାନ



ଉପେନ୍ଦ୍ର ବିଶ୍ୱାଳ

ନୋବେଲ ପୁରସ୍କାର ପ୍ରାପ୍ତ ବ୍ରିଟିଶ ଗଣିତଜ୍ଞ ଓ ଦାର୍ଶନିକ ବାର୍ଟାଣ୍ଡ ରସେଲଙ୍କ ଅନୁଯାୟୀ, "ହିନ୍ଦୁତ୍ୱ ସମ୍ବନ୍ଧେ ମୁଁ ଅଧ୍ୟୟନ କରିଛି ଏବଂ ହୃଦ୍‌ବୋଧ କରିଛି ଯେ ଏହା ସମଗ୍ର ମାନବ ଜାତି ପାଇଁ ଅତ୍ୟନ୍ତ କଲ୍ୟାଣକାରୀ।" ବିଶ୍ୱ ପ୍ରସିଦ୍ଧ ଲେଖକ ଓ ଚିନ୍ତାନାୟକ ହେଉଛନ୍ତି ହଷ୍ଟନ ସ୍ମିଥ। ତାଙ୍କର ୧୯୫୮ରେ ପ୍ରକାଶିତ THE WORLD'S RELIGIONS ପୁସ୍ତକଟି ୩୦ ଲକ୍ଷରୁ ଊର୍ଦ୍ଧ୍ୱ କପି ବିକ୍ରୟ ହୋଇ ବିଶ୍ୱ ରେକର୍ଡ କରିଛି। ତାଙ୍କ କଥାନୁଯାୟୀ, "ଆମେ ଯେଉଁ ବିଶ୍ୱାସରେ ବନ୍ଧା ତା'ଠାରୁ କାହିଁ କେତେ ଗୁଣ ଉଚ୍ଚରେ ଅଛି ହିନ୍ଦୁତ୍ୱର ଭାବଧାରା। ଆମେ ଯଦି ଖୋଲା ହୃଦୟର ସହିତ ତାକୁ ଆପଣାଇନେବୁ, ତେବେ ଆମର ଲାଭ ହିଁ ଲାଭ।" ରବର୍ଟ ମିଲିକାନ (୧୮୬୮ – ୧୯୫୩) ହେଉଛନ୍ତି ନୋବେଲ ପୁରସ୍କାର ପ୍ରାପ୍ତ ଜଣେ ଆମେରିକୀୟ ପଦାର୍ଥ ବିଜ୍ଞାନୀ। ଧାର୍ମିକ ବିଶ୍ୱାସ ବା ଆସ୍ଥାକୁ ନେଇ ତାଙ୍କର ଏକ ସୁଚିନ୍ତିତ ମତ ଏମିତି ଥିଲା– "ଦୃଢ଼ତାର ସହିତ ମୁଁ କହିପାରେ ଯେ ବିଶ୍ୱାସ ସବୁକୁ ଅସ୍ୱୀକାର ବା ଅଣଦେଖା କରିବା ଅର୍ଥ କୌଣସି ବୈଜ୍ଞାନିକ ଆଧାରକୁ ସ୍ଥାଣୁ କରିଦେବା। ମୋ ମତରେ ବିଶ୍ୱାସ ଓ ବିଜ୍ଞାନକୁ ନେଇ କୌଣସି ପ୍ରତିବାଦ ଉଠିବା ଉଚିତ ନୁହେଁ। କାରଣ ଯେଉଁଠି ବିଶ୍ୱାସ ବା ବିଧି ବିଧାନ ରହିଛି, ସେଇଠି ଛପିକି ରହିଛି ବିଜ୍ଞାନ। ଏଣୁ ସେଇ ବିଧି, ବିଧାନ, ବିଶ୍ୱାସ ଭିତରେ ଥିବା ରହସ୍ୟକୁ ଖୋଜି ବାହାର କରିବା ବିଜ୍ଞାନର ଲକ୍ଷ୍ୟ ହେବା ଉଚିତ। ଯାହା ଫଳରେ ବିଜ୍ଞାନର ଆଦର ବଢ଼ିବା ସହିତ ମାନବ ସମାଜର ବହୁବିଧ କଲ୍ୟାଣ ହୋଇପାରିବ।"

ସମୁତ୍କର୍ଷ ଭାରତବର୍ଷ ଯାହାକି ଧାର୍ମିକ ବିଶ୍ୱାସର ଶକ୍ତ ଭିତ୍ତିଭୂମି ଉପରେ ଦଣ୍ଡାୟମାନ, ତାହାର ଚାଲି–ଚଳଣି, ରୀତି–ନୀତି, ପ୍ରଥା–ପରମ୍ପରା ଆଦିରେ ନିହିତ ଥାଏ ବିଜ୍ଞାନର ଗୂଢ଼ ରହସ୍ୟ। ଆଶ୍ୱିନ ମାସ କୃଷ୍ଣ ପକ୍ଷରେ ପାଳିତ ପିତୃପକ୍ଷ ପରି ସାମାନ୍ୟ ପ୍ରଥା ଭିତରେ ଭରିରହିଛି ବିଜ୍ଞାନର ବାର୍ତ୍ତା। ଲୋକବିଶ୍ୱାସରେ କାଉ ପକ୍ଷୀକୁ ସାଧାରଣତଃ ଯମଲୋକର ପ୍ରତିନିଧି ଭାବେ ଗଣା ଯାଇଥାଏ। ପନ୍ଦର ଦିନର ଏହି ପିତୃପକ୍ଷ ପାଳନ ଅବସରରେ କାଉଙ୍କୁ ସନ୍ତୁଷ୍ଟ କଲେ ପିତୃଲୋକର ଆମ ପିତୃପୁରୁଷମାନେ ସନ୍ତୁଷ୍ଟ ହୋଇଥାନ୍ତି ବୋଲି ଧାରଣା ରହିଛି। ଏହି ଅବସରରେ ପିତୃପୁରୁଷଙ୍କୁ ସ୍ମରଣ ପୂର୍ବକ କାଉଙ୍କୁ ଭରପୂର ପୁଷ୍ଟିକର ଖାଦ୍ୟାନ୍ନ ପରିବେଷଣ କରାଯାଇଥାଏ। ବଡ଼ କଥା ହେଉଛି ଏହି ସମୟ ବିଶେଷକରି ଭାଦ୍ରବ–ଆଶ୍ୱିନ (ଅଗଷ୍ଟ – ସେପ୍ଟେମ୍ବର) ମାସ ହେଉଛି କାଉଙ୍କ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ହେଉଛି ତାଙ୍କର ଅଣ୍ଡା ଦେବା ଓ ଅଣ୍ଡାରୁ ଛୁଆ ଫୁଟିବାର ପ୍ରକୃଷ୍ଟ ସମୟ। ମା' କାଉଟି ଏହି ସମୟରେ ଆବଶ୍ୟକ କରିଥାଏ ଅଧିକ ପରିମାଣରେ ପୁଷ୍ଟିକର ଆହାର। ତତ୍‌ସହିତ ନବ ଜାତକଟି ବି ଲୋଡ଼ିଥାଏ ଆହାର। ଏସବୁକୁ ଦୃଷ୍ଟିରେ ରଖି ଏହି ସମୟରେ କାଉମାନଙ୍କୁ ଯେମିତି ପର୍ଯ୍ୟାପ୍ତ ଆହାର ସହଜେ ମିଳିପାରିବ, ସେଥିପାଇଁ ଆମର ଏପରି ଭବ୍ୟ ବିଧି ବ୍ୟବସ୍ଥା। ଏହାଦ୍ୱାରା କାଉବଂଶ ବିସ୍ତାର ଲାଭ କରିବାରେ ସହାୟକ ହୋଇଥାଏ। କାରଣ କାଉବଂଶ ବିସ୍ତାର ସହିତ ଜଡିତ



ଆମ ସ୍ୱାସ୍ଥ୍ୟ। ଏପରିକି ଆମ ଅସ୍ତିତ୍ୱ ମଧ୍ୟ। କାରଣ ଏହିମାନେ ହିଁ ବହୁ ମୂଲ୍ୟବାନ ବର ଓ ଅଶ୍ୱତ୍ଥ ଗଛ ସୃଷ୍ଟିର ଅସଲ ସୂତ୍ରଧର। ପର୍ଯ୍ୟାବରଣର ସୁରକ୍ଷା, ଅଭିବୃଦ୍ଧି ତଥା ଅମ୍ଳଜାନର ଆବଶ୍ୟକତା ଦୃଷ୍ଟିରୁ ଏହି ଦୁଇଟି ଚବିଶ ଘଣ୍ଟିଆ ଅମ୍ଳଜାନ ଉତ୍ପାଦକାରୀର ଯେ କେତେ ଆବଶ୍ୟକତା ରହିଛି, ଆଜିର ଦିନରେ ତାହା ବୁଝାଇ କହିବା ଅନାବଶ୍ୟକ। ଅନନ୍ୟ ଏହି ବୃକ୍ଷ ଦୁଇଟି ଆମର ଅଜସ୍ର ମଙ୍ଗଳର କାରଣ ଥିବାରୁ ଏବଂ କାକ ପକ୍ଷୀଟି ହିଁ ସେମାନଙ୍କ ସୃଷ୍ଟିର ଅସଲ ଆଧାର ଥିବାରୁ, କାକକୁଳଙ୍କ ସୁଖକର ବଂଶ ବିସ୍ତାରାର୍ଥେ, ପିତୃପକ୍ଷ ପରି ପବିତ୍ର ପ୍ରଥାଟିଏ ଖଞ୍ଜାଯାଇଅଛି ଆମ ବ୍ୟବସ୍ଥାରେ।

ବର ଓ ଅଶ୍ୱତ୍ଥ ଗଛର ଫଳ ଭିତରେ ଥିବା ସୂକ୍ଷ୍ମ ବୀଜଟି କାଉ ପେଟ ଭିତରେ ସମୁଚିତ ପ୍ରକ୍ରିୟାକରଣ ହୋଇ ଅଙ୍କୁରୋଦ୍‌ଗମ ପାଇଁ ସମର୍ଥ ହୋଇଥାଏ। କାଉର ମଳରେ ନିଃସୃତ ଏହି ବୀଜଟି ଅନୁକୂଳ ବାତାବରଣ ପାଇ ଚାରାଟିଏ ହୋଇ ଜନ୍ମ ନିଏ। କାଉ ବିନା ଏହି ଗଛ ଦୁଇଟିର ସୃଷ୍ଟି ସମ୍ଭବ ହୁଏନି। ଏଣୁ କାଉ ବଂଶ ନ ଥିଲେ ଏହି ଗଛ ଦୁଇଟି ବି କେବେଠୁ ଲୋପ ହୋଇ ସାରନ୍ତାଣି ମରିସସ୍‌ର 'କାଲଭେରିଆ' ଗଛ ପରି। ମରିସସ୍‌ର ଚାରିଆଡେ ଦିନେ ଛାଇଯାଇ ଶୋଭା ଓ ସବୁଜିମା ବର୍ଦ୍ଧନ କରୁଥିବା କାଲଭେରିଆର ବୃକ୍ଷଟି ଆଜି ଗୁମୁରି କାନ୍ଦୁଛି, ନିଜର ବିପନ୍ନ ଭବିଷ୍ୟତକୁ ନେଇ। ଏହି ଗଛର ଫଳ ଡୋଡୋ ପକ୍ଷୀର ଅତି ପ୍ରିୟ। ଫଳର ମଞ୍ଜି ଏତେ ଟାଣ ଯେ, ତାହା ସ୍ୱାଭାବିକ ଭାବରେ ଭୂମିରେ ପଡ଼ି ଅଙ୍କୁରୋଦ୍‌ଗମ ହୋଇପାରେନା। ଏହି ଫଳକୁ ଗିଳିପକାଏ ଡୋଡୋ। ତା' ପେଟ ଭିତରେ ଟାଣ ମଞ୍ଜିଟି ଠିକ୍ ଭାବେ ପ୍ରକ୍ରିୟାକରଣ ହୋଇ ମଳରେ ନିଃସୃତ ହୁଏ ନରମ ହୋଇ। ତା'ପରେ ବୀଜଟି ସକ୍ଷମ ହୁଏ ଚାରାଟିଏ ହେବାକୁ। ଅର୍ଥାତ୍ ଈଶ୍ୱରଙ୍କ ଅଭିନବ ସୃଷ୍ଟିରେ ଏହି ମାଂସାଳ ପକ୍ଷୀଟି ହିଁ କାଲଭେରିଆ ଗଛର ସୃଷ୍ଟି ତଥା ସମୃଦ୍ଧିର ଅସଲ କାରଣ। କିନ୍ତୁ ଦୁର୍ଭାଗ୍ୟ, ପକ୍ଷୀଟିର ନିରୀହପଣ ଓ କଅଁଳ ମାଂସ, ତା' ପାଇଁ କାଳ ସାଜିଲା। ପାଟି ଓ ପେଟ ପାଇଁ ମଣିଷ ଅତି ନୃଶଂସ ପାଲଟିଗଲା। ଅବିବେକି ହୋଇ ଅନ୍ଧ ଭାବେ ଶିକାର କରିଚାଲିଲା ବତକ ଜାତୀୟ ଏହି ବିରାଟ ପକ୍ଷୀକୁ। ପରିଣତିରେ ମରିସସ୍ ମାଟିରେ ଇତିହାସ ପାଲଟିଗଲା ଏହି ପ୍ରାଣୀଟି। ତା'ସହିତ ବି ଇତିହାସ ପାଲଟିବାକୁ ଯାଉଛି କାଲଭେରିଆ। ସୁଦୀର୍ଘ ଲମ୍ବା ଜୀବନ ଜିଇ ମରିସସ୍‌ର ଜଳବାୟୁକୁ ମାଟି ଅନୁକୂଳ କରୁଥିବା ଏହି ଗଛଟି ଆଜି ଲୁପ୍ତ ପ୍ରାୟ। କାଁ ଭାଁ କେଉଁଠି ଗୋଟେ ଅଧେ ଶ୍ରୀହୀନ କାଲଭେରିଆ ଅତି ବିକଳ ହୋଇ କାନ୍ଦି କାନ୍ଦି ଖୋଜି ବୁଲୁଛି ତା'ର ଅତି ପ୍ରିୟ ଡୋଡୋ ପକ୍ଷୀକୁ, ନିଜର ଅସ୍ତିତ୍ୱର ରକ୍ଷା ପାଇଁ। ଏଥିରୁ ହିଁ ଆମେ ଅନୁମାନ କରିପାରିବା, ଆମର ଦୂରଦ୍ରଷ୍ଟା ପୂର୍ବଜମାନେ କେମିତି ଅତି ବିଜ୍ଞତା ଓ ଦୂରଦର୍ଶିତାର ସହିତ ପିତୃପକ୍ଷ ପରି ଏକ ପୁଣ୍ୟକର୍ମ ପାଳନ କରିବାର ବିଧି ତିଆରି କରିଯାଇଛନ୍ତି। ଆଉ ପିଢ଼ି ପରେ ପିଢ଼ି ଆମେ ତାକୁ ପାଳିଆସୁଛୁ ଖୁବ୍ ଶ୍ରଦ୍ଧା ଓ ଆବେଗରେ। ଏହିପରି ଅନେକ ଅନେକ ଉତ୍କର୍ଷର ଉପଲବ୍ଧି ଉହ୍ୟ ଅଛି ଆମ ସନାତନୀ ବିଶ୍ୱାସ ଓ ବ୍ୟବସ୍ଥାରେ। ବିଜ୍ଞାନର ଭୂରି ଭୂରି ବାସ୍ନାରେ ବିମୋହିତ ଆମ ଧାର୍ମିକ ଧାରଣା ଓ ଭାବନା। ଏହାକୁ ଭୁଲିଯିବା ଅର୍ଥ ନିଜ ଅମଙ୍ଗଳକୁ ଆମନ୍ତ୍ରଣ କରିବା।

ଗୋଡିଶୂଳ, ସଜନାଗଡ଼, ବାଲେଶ୍ୱର
ମୋ:୯୪୩୭୪୩୬୦୭୩

## ଏଇ ଭାରତରେ

ସମୀକ୍ଷା ଚନ୍ଦ୍ରକର ଏମ୍‌ବିଏ ପାସ୍ ପରେ ଜଣେ ମହିଳା ଚାଷୀ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ସେ ପୁଣେର ଏକ କମ୍ପାନୀରେ ଚାକିରି କରିଥିଲେ। ତାହାକୁ ଛାଡ଼ି ଛତିଶଗଡ଼ର ରାୟପୁରର ଚାରୁମୁଦିଆ ଗାଁକୁ ଫେରି ଆସିଥିଲେ ୨୦୨୧ରେ । ପରେ ପନିପରିବା ଚାଷ କରି ସେଥିରୁ ଏବେ ୨୦୨୩–୨୪ ବର୍ଷରେ ୧.୫ କୋଟି ଟଙ୍କା ରୋଜଗାର କରିଛନ୍ତି। ଉତ୍ପାଦିତ ଟମାଟୋକୁ ସେ ରାୟପୁର, ପାଟନା, କୋଲକାତା, ନୂଆଦିଲ୍ଲୀ, ବେଙ୍ଗାଲୁରୁ ଆଦି ସହର ମଣ୍ଡିକୁ ପଠାଉଛନ୍ତି। ସମୀକ୍ଷା ୨୦ ଏକରରେ ଟମାଟୋ ଚାଷ କରିଛନ୍ତି। ଆଗକୁ ଅଧିକ ୧୫ ଏକର ଚାଷ କରିବାକୁ ଯୋଜନା କରିଛନ୍ତି। ଏବେ ଚାଷରେ ବାପା ଓ ଭାଇ ତାଙ୍କୁ ସାହାଯ୍ୟ କରୁଛନ୍ତି। ଚାଷ କାର୍ଯ୍ୟ ପାଇଁ ସେ ୧୨୦ ଲୋକଙ୍କୁ ନିଯୁକ୍ତ କରିଛନ୍ତି। ସମୀକ୍ଷା ପ୍ରଥମେ (୨୦ ଏକରରୁ) ଏକର ପିଛା ୫୦ ଟନ୍ ଟମାଟୋ ଉତ୍ପାଦନ କରୁଥିଲେ, କିନ୍ତୁ ବର୍ତ୍ତମାନ ୫୫ ଟନ୍ ଉତ୍ପାଦନ କରିବାକୁ ସକ୍ଷମ ହୋଇଛନ୍ତି। ସେ ଟମାଟୋ ବ୍ୟତୀତ ବାଇଗଣ, କାକୁଡ଼ି, ଲାଉ ଚାଷ ମଧ୍ୟ କରୁଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

**୨୬ ଅଗଷ୍ଟ ୧୯୭୬**

- ୬ ଜଣ ବିଧାନସଭା ସଦସ୍ୟ କଂଗ୍ରେସ ଦଳରେ ଯୋଗଦେବା ଫଳରେ ରାଜ୍ୟ ବିଧାନସଭାରେ କଂଗ୍ରେସ ଦଳର ସଭ୍ୟ ସଂଖ୍ୟା ୮୫କୁ ବୃଦ୍ଧି।
- ରୁଷ୍ ମହାକାଶଚାରୀ ବୋରିସ ଭଲିନଭ ଓ ଭିତାଲୀ ଝଲବୋଭ ରୁଷ ମହାକାଶ କେନ୍ଦ୍ର ସାଲ୍ୟୁଟ ଯୋଗେ ୪୮ ଦିନ ପରିକ୍ରମା ଶେଷ କରି ପୃଥିବୀ ପୃଷ୍ଠକୁ ଫେରିଆସିଛନ୍ତି।

## ଚିରନ୍ତନୀ

ପବନ କାହୁଁ ଆସି କାହିଁ ଯାଏ ନୋହେ ବୁଝି
ଚାଲିଛି ତଥା ଜନ
ବାଟ ବଣ ଆଖି ବୁଜି ।
ଚାଲିଛି କଥା ମୁହିଁ ସଙ୍ଗେ ତୋର ପ୍ରିୟତମା
ଦେହୀର ଦେହ ସମ
କରି ଭ୍ରମରେ ଉତ୍ତମା !

–(ମରଣ ପାଳି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 1 | 7 | | |
| | 8 | 4 | 5 | | | 2 | | |
| 3 | | | | | | 6 | | |
| 2 | | | | 3 | | | 7 | |
| | | | 7 | | 4 | | 9 | |
| | 7 | | | | 5 | 8 | | |
| | | | 1 | | 7 | | | |
| 4 | | 2 | | | | | | |
| | | | | | 6 | 5 | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 5 | 3 | 4 | 2 | 6 | 8 | 7 |
| 2 | 8 | 7 | 9 | 5 | 6 | 3 | 1 | 4 |
| 4 | 6 | 3 | 1 | 7 | 8 | 2 | 5 | 9 |
| 3 | 1 | 2 | 4 | 8 | 7 | 5 | 9 | 6 |
| 7 | 4 | 9 | 6 | 3 | 5 | 8 | 2 | 1 |
| 8 | 5 | 6 | 2 | 1 | 9 | 4 | 7 | 3 |
| 5 | 7 | 1 | 8 | 6 | 4 | 9 | 3 | 2 |
| 9 | 3 | 4 | 5 | 2 | 1 | 7 | 6 | 8 |
| 6 | 2 | 8 | 7 | 9 | 3 | 1 | 4 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନିରାଶ କଲା ନିଅଣ୍ଟିଆ ବର୍ଷା

ମହାଶୟ,

ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକର ୨୪ ଗୋଟି ପଞ୍ଚାୟତରେ ଆଗୁଆ ଭଲ ବର୍ଷା କାରଣରୁ ଚାଷବାସ ଭଲ ହେବ ବୋଲି ଚାଷୀ ଆକଳନ କରିଥିଲେ । ହେଲେ ଜୁଲାଇ ମାସର ନିଅଣ୍ଟିଆ ବର୍ଷା ସବୁ ଆକଳନ ଓଲଟପାଲଟ କରିଦେଇଛି । ଏଥର ସ୍ୱାଭାବିକ ମୌସୁମୀ ପ୍ରଚଳନ ଯୋଗୁ ଭଲ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା । କିନ୍ତୁ ଖରା ଓ ଗୁଳୁଗୁଳି ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି । ରାଜ୍ୟରେ ମୌସୁମୀ ସକ୍ରିୟ ଥିଲେ ହେଁ ଅଞ୍ଚଳରେ ବର୍ଷା ଆଶାନୁରୂପ ନୁହେଁ। ବିଭିନ୍ନ ପଞ୍ଚାୟତର ଉଚ୍ଚ ଅଞ୍ଚଳରେ ଥିବା ଜମିଗୁଡିକ ଟାଣ ଖରାରେ ଫାଟିବାକୁ ବସିଲାଣି । ସ୍ଥାନୀୟ ଶାସନ ଶ୍ରୀରାମଚନ୍ଦ୍ରପୁରର ଚାଷୀ ପାଖରେ ପାଣି ପାଇଁ ବିକଳ୍ପ ବ୍ୟବସ୍ଥା ନ ଥିବାରୁ ବର୍ଷା ଉପରେ ହିଁ ସବୁ ନିର୍ଭର କରୁଛି । ହେଲେ ଅନିୟମିତ ବର୍ଷା ଚାଷବାସ ସ୍ଥିତି ବିଗିଡ଼ି ଦେଇଛି ।

–ଦେବଭକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସମ୍ପ୍ରସାରଣ ପୂର୍ବରୁ କେନ୍ଦ୍ରୀୟ ଟିମ୍‌ର ସ୍ଥିତାବସ୍ଥା ଯାଞ୍ଚ

**କଳିଙ୍ଗନଗର,୨୫।୮(ଶୁଭାଶିଷ ରାଉତ):**

କଳିଙ୍ଗନଗର ଶିଳ୍ପାଞ୍ଚଳରେ ଟାଟା ପରିଚାଳିତ ନୀଳାଚଳ ଇସ୍ପାତ ନିଗମ କାରଖାନା ସମ୍ପ୍ରସାରଣ ପୂର୍ବରୁ ସ୍ଥିତାବସ୍ଥା ଯାଞ୍ଚ କରିଛି କେନ୍ଦ୍ରୀୟ ପ୍ରତିନିଧି ଦଳ। କେନ୍ଦ୍ର ଜଙ୍ଗଲ ଓ ପରିବେଶ ବିଭାଗର ଏକ ଦଳ ସୋମବାର କାରଖାନା ଗସ୍ତ କରି ସମ୍ପ୍ରସାରଣ ବୃଦ୍ଧି ପୂର୍ବରୁ ପ୍ରାକ୍ ରିପୋର୍ଟ ସଂଗ୍ରହ କରିଛନ୍ତି । ଅନ୍ୟପକ୍ଷେ ସ୍ଥାନୀୟ ଲୋକେ ସମ୍ପ୍ରସାରଣ ପୂର୍ବରୁ ସେମାନଙ୍କୁ ବିସ୍ଥାପନ କରିବାକୁ ଫେରାଦ ହୋଇଛନ୍ତି। କେନ୍ଦ୍ରୀୟ ଜଙ୍ଗଲ ଓ ପରିବେଶ ବିଭାଗର ୩ ଜଣିଆ ଟିମ୍ ସଦସ୍ୟ ଡକ୍ଟର ଡି. ସୋମେ ଓ ଡକ୍ଟର ଏସ୍.ରଙ୍ଗନାଥନଙ୍କ ସମେତ ଡକ୍ଟର ଏସ ପଶୁପୂଲେଟି ସୋମବାର କାରଖାନା ପରିଦର୍ଶନ କରିଥିଲେ । ଏହି ସୂଚନା ପାଇ କାରଖାନା ସଂଲଗ୍ନ ସାରଙ୍ଗପୁର, ବାରଗାଡିଆ, ନଡିଆଭଙ୍ଗା ଏବଂ ଓଲ୍ଲୋଳ ଗ୍ରାମର ଶତାଧିକ ମହିଳା,ପୁରୁଷ କାରଖାନା ମୁଖ୍ୟ ଫାଟକ ନିକଟରେ ଅପେକ୍ଷା କରି ରହିଥିଲେ। ପ୍ରତିନିଧି ଦଳ ସେମାନଙ୍କ ୨ ପ୍ରତିନିଧିଙ୍କୁ ଦେଖା କରିବାକୁ କାରଖାନା ଅତିଥି ଭବନକୁ ଡାକିଥିଲେ । ଲୋକଙ୍କ ପକ୍ଷରୁ ବାରଗାଡ଼ିଆ ପଞ୍ଚାୟତ ସମିତି ସଭ୍ୟ ମୃତ୍ୟୁଞ୍ଜୟ ଦେଓ ଓ ସାରଙ୍ଗପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଶରତ ସାହୁ ପ୍ରତିନିଧି ଦଳ ସହିତ ଆଲୋଚନା କରିବା ସହିତ କାରଖାନା ସମ୍ପ୍ରସାରଣ ପୂର୍ବରୁ ପ୍ରଥମେ ପ୍ରଭାବିତ ଗ୍ରାମବାସୀଙ୍କୁ ବିସ୍ଥାପନ କରିବାକୁ ଦାବି ରଖିଥିଲେ।

# କନିଷ୍ଠ କିକ୍‌ବକ୍ସିଂ ପ୍ରତିଯୋଗିତା ପାଇଁ ଯାଜପୁରର ୫ ପ୍ରତିଯୋଗୀ



ପ୍ରତିଯୋଗିତା ପାଇଁ ମନୋନୀତ ପ୍ରତିଯୋଗୀ।

**ଯାଜପୁରଟାଉନ,୨୫।୮(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି) :**

ଚେନାଇ, ତାମିଲନାଡୁରେ ସର୍ବଭାରତୀୟ କନିଷ୍ଠ କିକ୍‌ବକ୍ସିଂ ପ୍ରତିଯୋଗିତା ଆସନ୍ତା୨୭ରୁ ୩୧ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉକ୍ତ ପ୍ରତିଯୋଗିତାରେ ଯାଜପୁରର ୫ପ୍ରତିଯୋଗୀ ଓ ୨ଅଧିକାରୀ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ସେମାନେ ହେଲେ ମଧୁସ୍ମିତା ପୃଷ୍ଟି, ହିତେଶ କୁମାର ପାତ୍ର, ସାଇ ଅଦ୍ୟାଂଶୁ ମିଶ୍ର, କିଶାନ କୁମାର ସାହୁ ଓ ନିଶିକାନ୍ତ ସାହୁ । ପ୍ରଶିକ୍ଷକ ଭାବେ ରତେନ୍ଦ୍ର ବିଶ୍ୱାଳ ଓ ଓଡ଼ିଶା ଦଳର ପ୍ରବନ୍ଧକ ଭାବେ ଜିତେନ୍ଦ୍ର ମହାନ୍ତି ଚେନାଇ ଯାତ୍ରା କରୁଛନ୍ତି। ଯାଜପୁର ସ୍ପୋର୍ଟ୍ସ କିକ୍ ବକ୍ସିଂ ସଂଘ ଦ୍ୱାରା ଏହି ପ୍ରତିଯୋଗୀଙ୍କ ପାଇଁ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ଏହି ଦଳର ସଦସ୍ୟମାନଙ୍କୁ ଯାଜପୁର ସ୍ପୋର୍ଟ୍ସ କିକ୍‌ବକ୍ସିଂ ସଂଘର ସଭାପତି ବଟକୃଷ୍ଣ ମହାପାତ୍ର, ମିଡିଆ ପରାମର୍ଶଦାତା ତନ ମହାନ୍ତି, କ୍ରୀଡା ଅଧିକାରୀ ଫକୀର ମୋହନ ଦୁଡୁ, ୱାକୋ ଓଡିଶା ସଭାପତି କାର୍ତ୍ତିକ ଡାକୁଆ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ବିନା ଅନୁମତିରେ ମେଲୋଡି, ଭସାଣି କଲେ କାର୍ଯ୍ୟାନୁଷ୍ଠାନ

**ସିଂହପୁର,୨୫।୮(ଅନଙ୍ଗ ଉଦୟ ବେଉରିଆ):**

ଏଥର ଗଣେଶ ପୂଜାରେ ଅମାନିଆଙ୍କ ଉପରେ କଟକଣା ଲଗାଇଛି ବିଞ୍ଝାରପୁର ପୋଲିସ । ବିନା ଅନୁମତିରେ ଗଣେଶ ମେଢ଼ ଭସାଣି, ମେଲୋଡି କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଡିଜେ ଉପରେ ମଧ୍ୟ କଟକଣା ଜାରି କରିଛି ପୋଲିସ । ୬୦ଡେସିବିଲ ଉପରେ ଶବ୍ଦ ବ୍ୟବହାର କଲେ କାର୍ଯ୍ୟାନୁଷ୍ଠାନ ହେବ । ବିଞ୍ଝାରପୁର ଥାନା ଅଧିକାରୀ ରଞ୍ଜନ କୁମାର ମଲିକଙ୍କ ଅଧ୍ୟକ୍ଷତାରେ ସୋମବାର ସନ୍ଧ୍ୟାରେ ଏନେଇ ଏକ ବୈଠକ ବିଞ୍ଝାରପୁର ଥାନା ପରିସରରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଗଣେଶ ପୂଜା କମିଟି ସଦସ୍ୟମାନେ ଯୋଗଦେଇଥିଲେ। ଚଳିତ ବର୍ଷ ବିଞ୍ଝାରପୁର ଥାନା ଅଧୀନରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ମେଢ଼ ହେଉଥିବା ବେଳେ ଏକାଧିକ କମିଟି ବିନା ଅନୁମତିରେ ମେଲୋଡି, ଭସାଣୀ ଶୋଭଯାତ୍ରା ଆୟୋଜନ କରୁଛନ୍ତି। ଏଭଳି ଘଟଣା ନଜରକୁ ଆସିଲେ କଡା କାର୍ଯ୍ୟାନୁଷ୍ଠାନ ହେବ । ମଦ୍ୟପମାନଙ୍କ ଉପରେ ପୋଲିସ କଡା ନଜର ରଖିବ ବୋଲି ଥାନା ଅଧିକାରୀ ମଲିକ କହିଛନ୍ତି ।

# ପରିବର୍ତ୍ତିତ ପାଣିପାଗ ସ୍ଥିତିରେ ଚାଷୀଙ୍କ କ୍ଷୟକ୍ଷତି ଆକଳନ

**ରସୁଲପୁର,୨୫।୮(ରଞ୍ଜିତ ରାଉତ):**

## ଯୁବ ଭାରତ କୃଷକ ସଙ୍ଗଠନ ପକ୍ଷରୁ କୃଷି ବିଚାର ଶିବିର

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ବାବା ଚନ୍ଦନେଶ୍ୱର ମନ୍ଦିର ସଭାଗୃହରେ ରବିବାର ଯୁବ ଭାରତ କୃଷକ ସଙ୍ଗଠନ ପକ୍ଷରୁ କୃଷି ବିଚାର ଶିବିର ଅନୁଷ୍ଠିତ ହୋଇଯାଇଛି । ରସୁଲପୁର ବ୍ଲକ କମିଟିର ସଭାପତି ବଟକୃଷ୍ଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ବ୍ଲକ ଅଞ୍ଚଳରେ ପରିବର୍ତ୍ତିତ ପାଣିପାଗ ସ୍ଥିତରେ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହୋଇଥିବା ଶତାଧିକ ଚାଷୀମାନଙ୍କ କ୍ଷୟକ୍ଷତି ଆକଳନ କରାଯାଇ ରିପୋର୍ଟ ଉପସ୍ଥାପନ କରାଯାଇଥିଲା । ଉକ୍ତ ରିପୋର୍ଟକୁ ତର୍ଜମା କରାଯିବା ପରେ ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ସଙ୍ଗଠନ ପକ୍ଷରୁ ରାଜ୍ୟ ସରକାରଙ୍କ ସମ୍ମୁଖରେ ଦାବି ଉପସ୍ଥାପନ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି । ସଙ୍ଗଠନ ପକ୍ଷରୁ ବର୍ଷକରେ ଖରିଫ ଓ ରବି ଭଳି ଦୁଇ କୃଷି ଋତୁରେ ଚାଷୀମାନଙ୍କ ଦ୍ୱାରା ଉତ୍ପାଦିତ କୃଷିଜାତ ଦ୍ରବ୍ୟ ଓ ବଜାରୀକରଣ ସମସ୍ୟା, ପ୍ରାକୃତିକ ବିପର୍ଯ୍ୟୟ, ଅଦିନିଆ ଓ ଅନିୟମିତ ଝଡବର୍ଷା, ଅଜଣାରୋଗ, ବିଭିନ୍ନ ପ୍ରଜାତିର ଜୀବାଣୁ ଓ କୀଟାଣୁ ଦ୍ୱାରା ପ୍ରଭାବିତ ହେଉଥିବା କୃଷି କ୍ଷେତ ଓ ତା'ଦ୍ୱାରା ଚାଷୀମାନଙ୍କ ହେଉଥିବା କ୍ଷୟକ୍ଷତି ଆକଳନ କରାଯାଇଥାଏ । ମାତ୍ର ସରକାରୀ ଭାବେ ଆକଳନ ହେଉଥିବା କ୍ଷୟକ୍ଷତିରେ କେବଳ ଜମି ମାଲିକମାନେ ଲାଭବାନ ହୋଇଥାଆନ୍ତି। ପ୍ରକୃତ ଭାଗଚାଷୀଟି କ୍ଷୟକ୍ଷତି ସହାୟତା ଓ ସରକାରୀ ଯୋଜନାରୁ ବଞ୍ଚିତ ହୋଇଥାଏ। ସଙ୍ଗଠନ ପକ୍ଷରୁ ପ୍ରସ୍ତୁତ ହୋଇଥିବା କ୍ଷତିଗ୍ରସ୍ତ ତାଲିକା ଆଧାରରେ ସରକାରୀ ଭାବେ ତଦନ୍ତ କରାଯାଇ ରିପୋର୍ଟ ପ୍ରଦାନ କରାଯାଉ। ଉକ୍ତ ଚାଷୀମାନଙ୍କୁ ସରକାର ତୁରନ୍ତ କ୍ଷୟକ୍ଷତି ପ୍ରଦାନ କରନ୍ତୁ ବୋଲି ମୁଖ୍ୟ ଅତିଥି ଭାବେ ଶିବିରରେ ଯୋଗଦେଇଥିବା ରାଜ୍ୟ ସଙ୍ଗଠନର ସଭାପତି ପ୍ରଭାକର ନାୟକ ଦାବି କରିଛନ୍ତି। ଉକ୍ତ ଶିବିରରେ ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡା ଜିଲା ସଭାପତି କିଶୋର ଚନ୍ଦ୍ର ମିଶ୍ର, ଯାଜପୁର ଜିଲା ସଭାପତି ରାଜ କିଶୋର ସାମଲ, କମିଟିର ଉପଦେଷ୍ଟା ନକୁଳ ଚରଣ ରାଉତ ପ୍ରମୁଖ ଯୋଗଦେଇ ବ୍ଲକ ଅଞ୍ଚଳରୁ ପାଣିପାଗର ପରିବର୍ତ୍ତିତ ସ୍ଥିତିରେ ୪୦୦ରୁ ଊର୍ଦ୍ଧ୍ୱ ଚାଷୀ ପ୍ରଭାବିତ ହୋଇଥିବା ନେଇ ସୂଚନା ଦେଇଥିଲେ । ବ୍ଲକ କମିଟିର ଗଣମାଧ୍ୟମ ସଂଯୋଜକ ଅଭୟ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।



ବୈଠକରେ ଯୋଗଦେଇଥିବା କୃଷି ବିଚାର ମଞ୍ଚର କର୍ମକର୍ତ୍ତା।

# ଯାଜପୁରରୋଡ଼-ଧାମରା ରେଳପଥ ଦାବିରେ ପରିବହନ ମନ୍ତ୍ରୀଙ୍କୁ ସ୍ମାରକପତ୍ର

**ପାଣିକୋଇଲି,୨୫।୮(ବିକାଶ କୁମାର ମଲିକ):**

ରାଜ୍ୟ ପରିବହନ ମନ୍ତ୍ରୀଙ୍କ ଦପ୍ତରରୁ ଯାଜପୁର ରୋଡ଼–ଧାମରା ରେଳପଥ ଦାବି ନେଇ ଏକ ସ୍ମାରକପତ୍ର ପ୍ରେରଣ ପାଇଁ ବାର୍ତ୍ତା ଆସିବା ପରେ ସୋମବାର ସଂଗ୍ରାମ ସମିତି ପକ୍ଷରୁ ସ୍ମାରକପତ୍ର ପ୍ରେରଣ କରାଯାଇଛି। ଏହି ସ୍ମାରକ ପତ୍ରରେ ନେଟୱାର୍କ ପ୍ଲାନିଂ ଗ୍ରୁପ ସୃଷ୍ଟି କରିଥିବା ପ୍ରତିବନ୍ଧକ ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ରାଜ୍ୟ ସରକାର ଏହି ପ୍ରକଳ୍ପ ମଞ୍ଜୁରୀ ପାଇଁ ଯେଉଁ ପଦକ୍ଷେପ ଗ୍ରହଣ କରିପାରିବେ ସେହି ଦାବି ଉପସ୍ଥାପନ କରାଯାଇଛି ବୋଲି ଯାଜପୁର ରୋଡ଼ – ଧାମରା ରେଳପଥ ସଂଗ୍ରାମ ସମିତିର ଆବାହକ ସନ୍ତୋଷ ଦାସ ଜଣାଇଛନ୍ତି ।

ପ୍ରସ୍ତାବିତ ପ୍ରକଳ୍ପର ଡିପିଆରର ରେଲୱେ ବୋର୍ଡ଼ର ମଞ୍ଜୁରୀ ଲାଭ କରିବା ପରେ ପରବର୍ତ୍ତୀ ପଦକ୍ଷେପ ପାଇଁ ରେଲୱେ ବୋର୍ଡ଼ ନିର୍ଦ୍ଦେଶାଳୟର ପ୍ରକଳ୍ପ ମୂଲ୍ୟାୟନ କମିଟି ଏହାକୁ ଅନ୍ତଃ–ମନ୍ତ୍ରଣାଳୟସ୍ତରୀୟ ନେଟୱାର୍କ ପ୍ଲାନିଂ ଗ୍ରୁପ୍ ପାଖକୁ ପ୍ରେରଣ କରିଥିଲା। ନେଟୱାର୍କ ପ୍ଲାନିଂ ଗ୍ରୁପ ପ୍ରକଳ୍ପ ମଞ୍ଜୁରୀ ପ୍ରକ୍ରିୟାରେ ଯେଉଁ ଅନ୍ତରାୟ ସୃଷ୍ଟି କରିଛି, ସେ ସମ୍ପର୍କରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଗଲେ ବି କୌଣସି ପ୍ରତିକାରମୂଳକ ପଦକ୍ଷେପ ନିଆ ନ ଯିବା ଉଦ୍‌ବେଗଜନକ ବୋଲି ଯାଜପୁର ରୋଡ଼ – ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି। ଗତ ୧୬ ତାରିଖରେ ଅନୁଷ୍ଠିତ ସଂଗ୍ରାମ ସମିତିର ବୈଠକରେ ଯେଉଁ କାର୍ଯ୍ୟକ୍ରମ ନିଆଯାଇଥିଲା, ତା'ର ପ୍ରଥମ ପର୍ଯ୍ୟାୟରେ ପଞ୍ଚାୟତସ୍ତରରେ ସାଧାରଣରେ ପ୍ରସ୍ତାବ ଗ୍ରହଣ କରି ରେଳମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରାଯିବ ଏବଂ ସେପ୍ଟେମ୍ବର ମାସର ପ୍ରଥମାର୍ଦ୍ଧରୁ ସର୍ବତ୍ର ଗଣଜାଗରଣ ନିମନ୍ତେ ସାଧାରଣ ସଭା ଆରମ୍ଭ କରାଯିବ ବୋଲି ସଂଗ୍ରାମ ସମିତି ପକ୍ଷରୁ ଘୋଷଣା କରାଯାଇଛି।

# ଦଶରଥପୁରରେ ବନ୍ୟା




ଦଶରଥପୁର ବ୍ଲକ୍ ଅନ୍ତର୍ଗତ ଅହିୟାସ ପଞ୍ଚାୟତର ଏକ ମାର୍କେଟ କମ୍ପ୍ଲେସରେ ବନ୍ୟାଜଳ।




ଅହିୟାସ ଗାଁ ରାସ୍ତା ବନ୍ୟାଜଳରେ ବୁଡ଼ିରହିଛି।



ବନ୍ୟାପାଣି ଘେରରେ କୟାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ।



ପ୍ରଶାସନିକ ଅଧିକାରୀମାନେ ବନ୍ୟାଞ୍ଚଳର ସ୍ଥିତି ଅନୁଧ୍ୟାନ କରୁଛନ୍ତି।



ବନ୍ୟାବିପନ୍ନଙ୍କ ପାଇଁ ରନ୍ଧା ଖାଦ୍ୟ ପ୍ରସ୍ତୁତି ଚାଲିଛି।


**कार्यालय झुमरीतिलैया नगर परिषद**

**अति अल्पकालीन ई–निविदा आमंत्रण सूचना**

ई–निविदा सूचना सं0– J.M.C/04/2025-26 Date – 25-08-2025

| क्र0 सं0 | मद् का नाम | कार्य का नाम | प्राक्कलित राशि (in Rupees) | अग्रधन की राशि (in Rupees) | निविदा शुल्क (in Rupees) | कार्य समाप्ति की अवधि |
|---|---|---|---|---|---|---|
| 1. | 15वें वित्त | CONSTRUCTION OF DEVELOPMENT OF VENDING ZONES/SHOPS WITH BASIC INFRASTRUCTURE AND PUBLIC AMENITIES FOR STREET VENDOR NEAR GANDHI SCHOOL. | 1,71,14,457 | 3,42,300 | 10,000 | 12 Month |

1. Only E-Tender will be accepted
2. नगर विकास एवं आवास विभाग अन्तर्गत समुचित श्रेणी में निबंधित संवेदक निविदा में भाग ले सकते है।
3. वेबसाईट में निविदा प्रकाशन की तिथि : 01.09.2025 (पूर्वाहन 10.00 बजे से)।
4. ई–निविदा प्राप्ति की अंतिम तिथि एवं समय : 09.09.2025 अपराहन 5.00 बजे।
5. निविदा खोलने की तिथि : 11.09.2025 अपराहन 3.00 बजे।
6. हेल्पलाईन नम्बर : 7903772765, 9572100949, 8505948858
7. E-Procurement में Tender Fee एवं EMD की राशि ऑनलाईन सूचना प्रोद्योगिकी एवं ई–गवर्नेस विभाग, झारखण्ड, राँची का आदेश ज्ञापांक – 120, दिनांक– 03.10.2023 एवं नगर विकास एवं आवास विभाग, झारखण्ड, राँची का पत्रांक 05/विविध (e-tender)–12/2023/न0वि0–4847 (अनु0), दिनांक– 11.10.2023 के तहत ली जायगी।
8. निविदा शूल्क एवं अग्रधन की राशि केवल Online Mode द्वारा स्वीकार्य होगी।

विशेष जानकारी विभागीय वेबसाईट http://jharkhandtenders.gov.in पर देखी जा सकती है।

प्रशासक
झुमरी तिलैया, नगर परिषद

PR 360399 Urban Development(25-26)#D

**GOVT. OF ODISHA** No.O-640

**OFFICE OF THE SUPERINTENDING ENGINEER**
**RURAL WORKS DIVISION, ANANDAPUR**

E-Mail:- eerw_anandapur@yahoo.co.in

**NOTICE INVITING TENDER**

**NATIONAL COMPETITIVE BIDDING THROUGH e-PROCUREMENT NOTICE**
**On line-04 /EE/RW/AND/2025-26**

**Construction of Academic Building (1st Floor) of Patitapaban Degree College, Sainkul**

No. 5180// Date : 21.08.2025 //

**Executive Engineer, Rural Works Division, Anandapur** on behalf of **Government of Odisha invites PERCENTAGE (%) RATE tender for Building work through** e-Procurement as per annexure in **Double Cover system**. The bid should be submitted on-line in the website www.tendersorissa.gov.in by eligible class of contractors having legal competency & expertise, registered with the state Government & contractors of equivalent grades /class registered with central Govt./ MES/ Railways for execution of the works for drawal of agreement in percentage P1 contract forms of Government of Odisha. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrollment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender in : O/o the S.E., R.W. Division, Anandapur | |
|---|---|---|---|---|---|---|
| | | From | To | | Technical Bid | Financial Bid |
| | | | | | Double Cover | |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division, Anandapur | NCB-Online 04/EE/RW/AND/2025-26 | Dt.29.08.25 at 10.00 A.M. | Dt.06.09.25 up to 5.30 P.M. | Dt.06.09.25 up to 5.30 P.M. | Dt.08.09.25 at 11.30 A.M. | Will be intimated later |

Sd./- Executive Engineer
R.W. Division, Anandapur

OIPR-25055/11/0024/2526

**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha

**QUOTATION CALL NOTICE**

Sealed quotations in prescribed format are invited for Printing Works, Supply of High Tea, Supply of Biryani Packets, Working Lunch & Snacks, Supply of Electrical Items, Supply of Furniture Items, and Supply of Tent House Items for 12th Annual Convocation at NLUO, Cuttack. Last date & time of receipt is **03.09.2025** at **11.00 A.M.** For details please visit website: **www.nluo.ac.in".**

Sd/- Registrar

**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, GANJAM, BERHAMPUR**

Phone : 0680-2404096, E-Mail : eerwgmt@yahoo.co.in

No.O-613 Government of Odisha e-Procurement Notice

**Bid Identification No. Online Tender/05/SERWD-II/2025-26**
**Memo No.6194/RWD-IIGB, Date : 18.08.2025**

| | | | |
|---|---|---|---|
| 1 | Name of the Work | : | Building Works |
| 2 | Estimated Cost | : | Rs.2.11 lakhs to Rs.5.05 lakhs |
| 3 | Period of Completion | : | 1 (One) Month as per Annexure |
| 4 | Date & Time of availability of Bid documents in the Portal | : | 01.09.2025 at 10.00 A.M. to 12.09.2025 up to 4.00 P.M. |
| 5 | Last Date/Time for receipt of Bids in the Portal | : | 12.09.2025 up to 4.00 P.M. |
| 6 | Name and address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal **tendersodisha.gov.in/nicgep/app**

Sd./- Executive Engineer
R.W. Division-II, Ganjam
Berhampur

OIPR-25073/11/0025/2526

**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)**
**NIRMAN SOUDHA, BHUBANESWAR**

E-mail : seec.bbsr2010@gmail.com

**Bid Identification No.S.E.E.C (R&B) 11/2025-26**
**No. 3169 / Date : 19.08.2025**

**No.B-428** : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.01.09.2025 at 05.00 P.M. to dt.15.09.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.16.09.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B) Odisha,
BBSR

OIPR-34006/11/0045/2526

**ଗଞ୍ଜେଇ ଜବତ, ଜଣେ ଗିରଫ**

ପଟ୍ଟାମୁଣ୍ଡାଇ, (କଳ୍ପତରୁ ନାୟକ) : ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ପଞ୍ଚାୟତ ବାଲିପାଟଣା ଗ୍ରାମର ନିରଞ୍ଜନ ବାଇଙ୍କଠାରୁ ସୋମବାର ପଟ୍ଟାମୁଣ୍ଡାଇ ଅବକାରୀ ପୋଲିସ ୧ କିଲୋ ୮୦୦ଗ୍ରାମ ଗଞ୍ଜେଇ ଜବତ କରିଛି। ଚୋରା ଗଞ୍ଜେଇ କାରବାର ଅଭିଯୋଗରେ ନିରଞ୍ଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ରାସ୍ତାରେ ପାଣି: ଯାତାୟାତରେ ବାଧା

ପଟ୍ଟାମୁଣ୍ଡାଇ, ୨୫।୮ (କଳ୍ପତରୁ ନାୟକ)



କଲେଜ ରୋଡ ରାସ୍ତାରେ ପାଣି ଜମି ରହି ଦୂଷିତ ପରିବେଶ ସୃଷ୍ଟି ହୋଇଛି।

କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଦୈନିକ ବର୍ଷା ଯୋଗୁ ସହରରେ ପାଣି, କାଦୁଅ ଭରି ରହିଛି। ଜଳ ନିଷ୍କାସନ ପଥ ଜବରଦଖଲ ହୋଇଥିବାରୁ ଡ୍ରେନ୍ ପୋତି ହୋଇ ଦୂଷିତ ମଇଳା ପାଣି ରାସ୍ତାରେ ବହି ଚାଲୁଛି। ରାସ୍ତାରେ ବର୍ଷା ପାଣି ଜମି ରହିବାରୁ ଗାଡ଼ି ମୋଟର ଚାଲି ଗର୍ତ୍ତ ସୃଷ୍ଟି ହେଉଛି। ତେବେ ସବୁଠାରୁ ଚିନ୍ତାର ବିଷୟ ହୋଇଛି ସହର ସବୁଠାରୁ ବ୍ୟସ୍ତବହୁଳ ଓ ଗୁରୁତ୍ୱପୂର୍ଣ୍ଣ ପଟ୍ଟାମୁଣ୍ଡାଇ କଲେଜ ରୋଡ଼ରେ ଏକାଧିକ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇ ଯାତାୟାତରେ ବାଧା ହୋଇଛି। ହେଲେ ଏଠାରେ ବର୍ଷା ପାଣି ଠିଆ ହୋଇ ରହିଥିଲେ ବି ପୌର କର୍ତ୍ତୃପକ୍ଷ କେହି ବି ସେଥିପ୍ରତି ଧ୍ୟାନ ଦେଉନାହାନ୍ତି। ଫଳରେ ସହରକୁ ଆସୁଥିବା ବହୁ ଲୋକ ହନ୍ତସନ୍ତ ହେଉଛନ୍ତି। ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ବୁଦ୍ଧିଜୀବୀ ପ୍ରେମାନନ୍ଦ ପଣ୍ଡା, ଅକ୍ଷୟ ସାହୁ, ପ୍ରବୀର ନାୟକ କହିଛନ୍ତି, ପଟ୍ଟାମୁଣ୍ଡାଇ ସହର ମେଡିକାଲ ଛକଠାରୁ

## ପୋଖରିଆପଡା କେନାଲ ପୁନରୁଦ୍ଧାର ଜରୁରୀ

ବକ୍ତାରପୁର ପର୍ଯ୍ୟନ୍ତ ଯାଇଥିବା ଏହି ରାସ୍ତା ସବୁ ଦୃଷ୍ଟିକୋଣରୁ ଗୁରୁତ୍ୱ ବହନ କରୁଛି। ଏହି ରାସ୍ତାରେ ଦେଇ ପର୍ଯ୍ୟଟକ ଭିତରକନିକା ଯାତାୟତ କରୁଥିବା ବେଳେ ପାର୍ଶ୍ୱରେ ପଟ୍ଟାମୁଣ୍ଡାଇ କଲେଜ, ଏମ୍ଏନ୍ ହାଇସ୍କୁଲ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ରହିଛି। ରାଜନଗର ନିର୍ବାଚନମଣ୍ଡଳୀର ରାଜନଗର ବ୍ଲକର ୨୯ ପଞ୍ଚାୟତ, ପଟ୍ଟାମୁଣ୍ଡାଇ ବ୍ଲକର ୧୯ ପଞ୍ଚାୟତ, ପୌର ପରିଷଦର ୬ଟି ୱାର୍ଡର ଲକ୍ଷାଧିକ ଲୋକ ଓ ବହୁ ସ୍କୁଲ, କଲେଜ ଛାତ୍ରଛାତ୍ରୀ ଯାତାୟାତ ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ମାତ୍ର ଏବେ ଏହି ରାସ୍ତା ଖାଲଖମାରେ ଭର୍ତ୍ତି ହୋଇ ଯାତାୟତରେ ବାଧା ଉପୁଜୁଛି। ଅତୀତରେ ଡାକବଙ୍ଗଳା ଛକଠାରୁ ରାସ୍ତା ଡାହାଣ ପାର୍ଶ୍ୱରେ ଥିବା ପୋଖରିଆପଡ଼ା କେନାଲ ବର୍ଷା ଦିନେ ସବୁ ପାଣି ଟାଣି ନେଉଥିଲା। ଏହି କେନାଲ ଜବରଦଖଲ ହୋଇ ପୋତି ହୋଇପଡିବା ଫଳରେ ବର୍ଷା ଜଳ ନିଷ୍କାସନ ହୋଇପାରୁନାହିଁ। ମେଡିକାଲ ଛକଠାରୁ ବକ୍ତାରପୁର ପର୍ଯ୍ୟନ୍ତ ଡ୍ରେଲେ ରାସ୍ତା ନିର୍ମାଣ ବେଳେ ବର୍ଷାଜଳ ନିଷ୍କାସନ ପାଇଁ ରାସ୍ତା ପାର୍ଶ୍ୱରେ ଡ୍ରେନ ନିର୍ମାଣ ପ୍ରସ୍ତାବ ଥିଲେ ମଧ୍ୟ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ନିର୍ମାଣ କରି ନ ଥିଲେ। ଫଳରେ ରାସ୍ତା ନିର୍ମାଣ ପରେ ଆଉ କୌଣସି ପଦକ୍ଷେପ ନିଆ ଗଲାନାହିଁ। ବର୍ତ୍ତମାନ ଅସରାଏ ବର୍ଷା ହେଲେ କଲେଜ ରୋଡ଼ ସମ୍ପୂର୍ଣ୍ଣ ଜଳାର୍ଣ୍ଣବ ହୋଇ ପଡୁଛି। ସବୁ ସର୍ବଦା ପାଣି ଜମି ରହି ଏହି ବ୍ୟସ୍ତବହୁଳ ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ଏକାଧିକ ଗାତ ସୃଷ୍ଟି ହୋଇଛି। ଯାହାଫଳରେ ଯାତାୟାତ କ୍ଷେତ୍ରରେ ବାଧା ସୃଷ୍ଟି ହେବା ସହିତ ଅନେକ ସମୟରେ ଟ୍ରାଫିକ୍ ଜାମ ହୋଇ ଦୁର୍ଘଟଣା ଘଟୁଛି। ଏଭଳି ଅବସ୍ଥାରେ ସ୍ଥିତି ସଙ୍ଗୀନ ହୋଇ ପଡ଼ିଥିବାବେଳେ ବୁଲା ଗାଇ ଗୋରୁ ରାସ୍ତାରେ ଶୋଇ ରହି ପରିସ୍ଥିତିକୁ ଅଧିକ ଜଟିଳ କରିବାରେ ଲାଗିଛନ୍ତି। ପଟ୍ଟାମୁଣ୍ଡାଇ କଲେଜ ରୋଡ଼ରୁ ସ୍ଥାୟୀ ଭାବେ ଜଳ ନିଷ୍କାସନ ପାଇଁ ପୋଖରିଆପଡା କେନାଲ ପୁନରୁଦ୍ଧାର ଏକମାତ୍ର ବିକଳ୍ପ ଓ ଅନ୍ୟଥା ଯୁକ୍ତିଯୁକ୍ତ ଉପାୟରେ ରାସ୍ତା ପାର୍ଶ୍ୱରେ ଡ୍ରେନ ନିର୍ମାଣ କରାଗଲେ ସମସ୍ୟା ଦୂର ହୋଇପାରିବ। ଏ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଜନ ଅସନ୍ତୋଷ ଉଗ୍ର ରୂପ ଧାରଣ କରିବା ପୂର୍ବରୁ ପଟ୍ଟାମୁଣ୍ଡାଇ ପ୍ରଶାସନ ଜଳ ନିଷ୍କାସନ ସହ ରାସ୍ତା ମରାମତି ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଏସ୍‌ଡିଓ କୃପାସିନ୍ଧୁ ଧଳଙ୍କୁ ପଚାରିବାରେ ପାଣି ଜମିବା ଯୋଗୁ ରାସ୍ତାରେ ଗର୍ତ୍ତ ସୃଷ୍ଟି ହେଉଛି। ଦୁର୍ଗାପୂଜା ପୂର୍ବରୁ ସେ କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି।

# ଜୋନ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ରାଜକନିକା, ୨୫।୮ (ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକ ଗିରିଆ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ୨ ଦିନ ଧରି ୪ଟି ଜୋନକୁ ନେଇ ଚାଲିଥିବା ଜୋନସ୍ତରୀୟ କ୍ରୀଡା ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି କ୍ରୀଡାରେ ମୁଖ୍ୟ ଅତିଥି ଭାବେ ବ୍ଲକ କ୍ରୀଡାର ସ୍ଥାୟୀ ସଭାପତି ତଥା ବିଇଓ ରତିକାନ୍ତ ସେନାପତି, ସମ୍ମାନିତ ଅତିଥି ଭାବେ ଉପସଭାପତି ତଥା ସିଆରସିସି କୈଳାସ ଚନ୍ଦ୍ର ସାହୁ, ନୋଡାଲ ପ୍ରଧାନ ଶିକ୍ଷକ ଧର୍ମ ଜ୍ୟୋତି ରାଉତ, ସିଆରସିସି ଖଗେଶ୍ୱର ପିହାରୀ, ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ସାମଲ, ହୃଦୟ କୁମାର ରାଉତ, ଅରବିନ୍ଦ ନାୟକ, ମନୋରମା ରାଉଳ ପ୍ରମୁଖ ଯୋଗଦେଇ କ୍ରୀଡାକୁ ଉତ୍ସାହିତ କରିଥିଲେ। ବ୍ଲକର ୪୦ରୁ ଉର୍ଦ୍ଧ୍ୱ ବିଦ୍ୟାଳୟର ୫୦୦ ରୁ ଅଧିକ ଛାତ୍ରୀଛାତ୍ର ପ୍ରତିଯୋଗୀ ଫୁଟ୍‌ବଲ, କ୍ରିକେଟ, ବ୍ୟାଡ଼ମିଣ୍ଟନ, ଖୋଖୋ, ଯୋଗ, କବାଡି ଆଦି କ୍ରୀଡାରେ ଅଂଶଗ୍ରହଣ କରିଥିଲେ। ଜୋନ କ୍ରୀଡା ସମ୍ପାଦକ ଅରୁଣ କୁମାର ଧଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକ ଭାବେ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଗୋଲକ ବିହାରୀ ମଲ୍ଲିକ, ଅରୁଣ କୁମାର ବାରିକ, ବିଜୟ କୁମାର ବେହୁରା ପ୍ରମୁଖ ଯୋଗଦେଇଥିଲେ। ଗିରିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ବାରିକଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦାଦନ ଦୁଃଖ: ୨ଗୋଡ଼ ହରାଇଥିବା ଯୁବକଙ୍କୁ ସହାୟତା



ଦୁର୍ଘଟଣାରେ ୨ ଗୋଡ଼ ହରାଇଥିବା ଅରୁଣଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

ରାଜନଗର, ୨୫।୮ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ୍‌ରେ ଦାଦନ ଦୁଃଖ ବଢ଼ିବାରେ ଲାଗିଛି। ବାଙ୍ଗାଲୋରରେ ଦାଦନ ଖଟୁଥିବା ଯୁବକ ଲୋକାଲ ଟ୍ରେନ୍‌ରୁ ଖସି ପଡି ଗୁରୁତର ଆହତ ହେବା ଓ ଡାକ୍ତରଖାନାରେ ତାଙ୍କ ଦୁଇ ଗୋଡ କଟା ହେବା ଭଳି ଦୁଃଖଦ ଘଟଣା ଘଟିଛି। ରାଜନଗର ବ୍ଲକ ଭିତରଗଡ ପଞ୍ଚାୟତ ବିଷ୍ଣୁପଡା ଗ୍ରାମର ଅଙ୍କୁର ଚରଣ ଚଣ୍ଡଙ୍କ ପୁଅ ଅରୁଣ (୩୦) ୨ ବର୍ଷ ତଳେ ବାଙ୍ଗାଲୋରକୁ ଦାଦନ ଖଟିବାକୁ ଯାଇଥିଲେ। ସପ୍ତାହ ତଳେ ଅରୁଣ କମ୍ପାନୀରୁ କାମ ସାରି ରହୁଥିବା ଭଡାଘରକୁ ଫେରିବାକୁ ଲୋକାଲ ଟ୍ରେନ୍‌ରେ ଚଢ଼ିବା ବେଳେ ପଡିଯାଇଥିଲେ। ଟ୍ରେନ ତାଙ୍କର ଗୋଡ଼ ଉପରେ ଚଢିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାକୁ ନିଆଯାଇଥିଲା। ଅରୁଣଙ୍କ ଜୀବନ ବଞ୍ଚାଇବା ପାଇଁ ତାଙ୍କର ଦୁଇ ଗୋଡକୁ ଆଣ୍ଠୁ ପାଖରୁ କାଟିବାକୁ ପଡିଥିଲା। ଅରୁଣଙ୍କ ପରିବାର ଅତ୍ୟନ୍ତ ଗରିବ। ସେ ଦାଦନ ଖଟିଲେ ପରିବାର ଚଳେ। ଘରେ ତାଙ୍କର ମାଆବାପା ଓ ସ୍ତ୍ରୀ ଅଛନ୍ତି। ତାଙ୍କର ଚିକିତ୍ସା ପାଇଁ ବହୁ ଅର୍ଥ ଆବଶ୍ୟକ ବୋଲି ଡାକ୍ତର କହୁଛନ୍ତି। କିନ୍ତୁ ଅରୁଣଙ୍କ ପରିବାର ଗରିବ ଦିନମଜୁରିଆ ହୋଇଥିବାରୁ ଏତେ ଅର୍ଥ ଯୋଗାଡ଼ କରିବା ସମ୍ଭବ ନୁହେଁ। ଏହା ଜଣାପଡିବା ପରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ତାଙ୍କୁ ସହାୟତା ପ୍ରଦାନ କରାଯାଇଛି। ଜୟ ଜଗନ୍ନାଥ ଫାଉଣ୍ଡେଶନ ରାଜନଗର କେନ୍ଦ୍ରାପଡ଼ା ପରିବାରର ସଦସ୍ୟମାନେ ବାଙ୍ଗାଲୋର ଥିବା ଇଏସ୍‌ଆଇ ହସ୍ପିଟାଲରେ ଅରୁଣ ଚଣ୍ଡ ଚିକିତ୍ସିତ ହେଉଥିବାରୁ ତାଙ୍କ ପାଖରେ ପହଞ୍ଚି ୨୦ ହାଜର ଟଙ୍କା ସହାୟତା ରାଶି ଯୋଗାଇ ଦେଇଛନ୍ତି। ସେହିପରି ମା' ଶାରଳା ଚାରିଟେବୁଲ ଟ୍ରଷ୍ଟ (କେନ୍ଦ୍ରାପଡ଼ା) ମୁଖ୍ୟ ପ୍ରତିଷ୍ଠାତା ମହେଶ୍ୱର ସାହୁ, ଯାଦବ ପାତ୍ରଙ୍କ ସମେତ ବୀରକିଶୋର ରାଉତ ହସ୍ପିଟାଲରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିବା ସହ ତାଙ୍କର ଚିକିତ୍ସା ପାଇଁ ରକ୍ତଦାନ କରିଛନ୍ତି। ସରକାର ଓ ବ୍ୟକ୍ତିବିଶେଷ, ସଙ୍ଗଠନ ଅରୁଣଙ୍କ ଚିକିତ୍ସା ପାଇଁ ସହାୟତା ପ୍ରଦାନ କରିବାକୁ ପରିବାର ଲୋକେ ଆକୁଳ ନିବେଦନ କରିଛନ୍ତି।

# ପଟ୍ଟାମୁଣ୍ଡାଇ ପୌର ପରିଷଦ ସଚେତନ ଶୋଭାଯାତ୍ରା

ପଟ୍ଟାମୁଣ୍ଡାଇ, ୨୫।୮ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ବର୍ଜ୍ୟବସ୍ତୁ ସୁପରିଚାଳନା, ପାଇଖାନା ଟାଙ୍କି ସଫା ରଖି ସ୍ୱଚ୍ଛ ଓ ନିର୍ମଳ ପରିବେଶ ସୃଷ୍ଟି ଉପରେ ସଚେତନତା ସୃଷ୍ଟି କରିବାକୁ ଏକ ସଚେତନତା ଶୋଭାଯାତ୍ରା ସୋମବାର ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରାକୁ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ଓ ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାଶ ଉଦ୍‌ଘାଟନ କରିଥିଲେ। ଶୋଭାଯାତ୍ରା ପଟ୍ଟାମୁଣ୍ଡାଇ ସହର ସମେତ ବିଭିନ୍ନ ଅଞ୍ଚଳ ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲା। ଏହାକୁ ସ୍ୱଚ୍ଛ ସାଥୀ ସୁପର ଭାଇଜର ପୁଷ୍ପାଞ୍ଜଳି ପାତ୍ର, ପୌର ପରିଷଦ ସାନିଟାରୀ ଇନ୍ସପେକ୍ଟର ପ୍ରଫୁଲ୍ଲ ଦାଶ, ସରୋଜ ପଣ୍ଡା, ତପସ୍ୱିନୀ ଦାଶ, ଗଙ୍ଗାଧର ନାୟକ, ଗଣେଶ ଦାଶ, ମନୋରଞ୍ଜନ ଦାଶ ଓ ହୃଷୀକେଶ ନାଥ ପରିଚାଳନା କରିଥିଲେ।

# ମାର୍ଶାଘାଇ ମିଳିତ ଜନଶୁଣାଣି ଶିବିର: ୭୮ ଅଭିଯୋଗ



ପ୍ରଶାସନିକ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ମାର୍ଶାଘାଇ, ୨୫।୮ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ୍ ସମ୍ମିଳନୀ କକ୍ଷଠାରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ ଶୁଣାଣିରେ ମୋଟ ୭୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୧୨ଟି ସାମୁହିକ ହୋଇଥିବା ବେଳେ ୬୬ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ୪ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଛି। ଅଭିଯୋଗ ଶୁଣାଣିରେ ୪ଟି ଅଭିଯୋଗ ତୁରନ୍ତ ସମାଧାନ କରାଯାଇଥିଲା। ସାମୂହିକ ଅଭିଯୋଗ ମଧ୍ୟରେ ମହାକାଳପଡ଼ା ବ୍ଲକ ଓରତଠାରେ ଥିବା ଆୟୁର୍ବେଦିକ ମେଡିକାଲକୁ ରାସ୍ତା ନିର୍ମାଣ, ଜମ୍ବୁ କେନାଲର ପୁନରୁଦ୍ଧାର, ମାର୍ଶାଘାଇ କ୍ରସିଂଠାରୁ ତୁଳଦୀପୁର ପର୍ଯ୍ୟନ୍ତ ରାସ୍ତାରେ ଷ୍ଟ୍ରିଟ୍‌ଲାଇଟ ଅଚଳ, ଡୁମୁକା–ଦଶିପୁର ଗ୍ରାମକୁ ଆମ ବସ୍ ସେବା ଯୋଗାଇବା, ଗୋଜବାୟାଣୀ ଛକଠାରେ ଜାତୀୟ ରାଜପଥରେ ଭୂତଳ ରାସ୍ତା ନିର୍ମାଣ, ସିଳିପୁର ଓ ରଘୁନାଥପୁର ଗ୍ରାମରେ ଜଳସେଚନ ସମସ୍ୟା ଆଦି ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ରାଶନ କାର୍ଡରେ ନାମ ଯୋଡିବା, ଆବାସ ଯୋଜନାରେ ଗୃହ, ଭତ୍ତା, ଚିକିତ୍ସା ଖର୍ଚ୍ଚ, ବିଜୁଳି ସମସ୍ୟା ଆଦି ରହିଥିଲା। କୁଦାନଗରୀ ଥାନାରେ କାର୍ଯ୍ୟରତ ଥିବା କନଷ୍ଟେବଳ ଅଜୟ କୁମାର ସାହୁ ତାଙ୍କୁ ଅଶ୍ଳୀଳ ଇଙ୍ଗିତ ଦେବା, ଧମକ ଚମକ ଦେବା ତଣ୍ଟିଚିପି ମାରିଦେବା ଧମକ ଦେବା ନେଇ ଜୈନିକା ମହିଳା ଶିବିରରେ ଉପସ୍ଥିତ ଥିବା ଅତିରିକ୍ତ ଏସ୍‌ପିଙ୍କୁ ଅଭିଯୋଗ କରିଥିଲେ। ଜିଲାପାଳ ରଘୁରାମ ଆର୍. ଆୟାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା, ଅତିରିକ୍ତ ଏସ୍‌ପି ସୁଧାକର ସାହୁ, ଉପଜିଲାପାଳ ଅରୁଣ ନାୟକ, ଡେପୁଟି କଲେକ୍ଟର ତୃପ୍ତି ମହାନ୍ତି, ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ବିଡିଓ ପଞ୍ଚାନନ ମଲ୍ଲିକ, ତହସିଲଦାର ଶ୍ରୀକାନ୍ତ ପରିଜା ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ, ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ମନୋଜ ପଟ୍ଟନାୟକ, ଟାଟା ପାୱାରର ମ୍ୟାନେଜର ବସନ୍ତ ଦାସ, ପୁନ୍ଦଲୋ ଜଳ ସମ୍ପଦ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଗଦାଧର ବାରିକ, କନିଷ୍ଠ ଯନ୍ତ୍ରୀ କୃପାସିନ୍ଧୁ ପ୍ରଧାନ, ଜିଲା ଜରୁରୀ କାଳୀନ ଅଧିକାରୀ ଅମିୟ କେତନ ସ୍ୱାଇଁ, ବ୍ଲକ ସିଡିପିଓ ଶୈଳବାଳା ଚାଷୀ ଉପସ୍ଥିତ ଥିଲେ।

# ଉପମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଡେରାବିଶ ୨୫।୮ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅନ୍ତର୍ଗତ ହରିଅଙ୍କ ଉପମଣ୍ଡଳସ୍ତରୀୟ କ୍ରୀଡା ପ୍ରତିଯୋଗିତା ମୁଣ୍ଡାଳୋ ପଞ୍ଚାୟତ ବାଳିକା ଉଚ୍ଚବିଦ୍ୟାଳୟ ନିକଟସ୍ଥ ଅର୍ତ୍ତାମୂଳ ମିନି ଷ୍ଟାଡିୟମ୍‌ରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ହରିଅଙ୍କ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଗିରିଜା ପଡିହାରୀ କ୍ରୀଡା ପତାକାକୁ ଉତ୍ତୋଳନ କରି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହିତ କ୍ରୀଡାର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ପ୍ରତିଯୋଗିତାରେ ଦକ୍ଷିଣ ଉପମଣ୍ଡଳ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଦକ୍ଷିଣ ଉପମଣ୍ଡଳ ସମ୍ପାଦକ ତଥା କ୍ରୀଡ଼ା ଶିକ୍ଷକ ରାଜକିଶୋର ବେହେରା, ବସନ୍ତ କୁମାର ପଲଟା, ପଙ୍କଜିନୀ ଲେଙ୍କା, ବିଶ୍ୱଜିତ ଦାସ, ଅଭିରାମ ବାରିକ, ଉମାକାନ୍ତ ସ୍ୱାଇଁ, ହିମାଂଶୁ ଭୂଷଣ ଦାସ, ପ୍ରିୟବ୍ରତ ରଥ ଓ ପ୍ରଶାନ୍ତ କୁମାର ଦାସ ପ୍ରତିଯୋଗିତା ପରିଚାଳନା କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦିଲୀପ କୁମାର ନାୟକ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଶାନ୍ତ କୁମାର ଶତପଥୀ ନିମନ୍ତ୍ରିତ ଅତିଥି ଓ ନିରୀକ୍ଷକ ଭାବେ ପୂର୍ବତନ କ୍ରୀଡା ଶିକ୍ଷକ ବାନାମ୍ବର ଜେନା, ମହେଶ୍ୱର ମଣ୍ଡଳ, ନିରଞ୍ଜନ ଦାସ ଓ ଭାଗ୍ୟଧର ମହାରଣା ଯୋଗଦାନ କରି କ୍ରୀଡାବିତମାନଙ୍କୁ ଉତ୍ସାହିତ କରିଥିଲେ। ଦକ୍ଷିଣ ଉପମଣ୍ଡଳ ସମ୍ପାଦକ ନାରାୟଣ କାଣ୍ଡି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ରାଜକିଶୋର ବେହେରା ଧନ୍ୟବାଦ ଦେଇଥିଲେ।

# ଅଙ୍ଗନୱାଡି କର୍ମୀଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର

ରାଜନଗର, ୨୫।୮ (ଭାସ୍କର ରାଉତରାୟ)

ରାଜନଗର ପ୍ରକଳ୍ପ ସ୍ତରୀୟ ଅଙ୍ଗନୱାଡି କର୍ମୀମାନଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ସୋମବାରଠାରୁ ଆରମ୍ଭ ହୋଇଛି। ରାଜନଗର ବ୍ଲକ୍‌ର କେସି ମଣ୍ଡପ ଓ ବ୍ଲକ୍ ମିଶନ ଶକ୍ତି କାର୍ଯ୍ୟାଳୟରେ ଏହି ତାଲିମ ଶିବିର ଚାଲିଛି। ସୋମବାରଠାରୁ ଆରମ୍ଭ ହୋଇଥିବା ଏହି ତାଲିମ ଶିବିର ୩୦ ତାରିଖ ଯାଏ ଚାଲିବ। ବିଡିଓ ଅନିରୁଦ୍ଧ ବେହେରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସିଡିପିଓ ଦୀପାଳି ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ତାଲିମ ଶିବିରରେ ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସୁଶାନ୍ତ କୁମାର ବାରିକ, ସୁପରଭାଇଜର ଜ୍ୟୋତିସ୍ମିତା ଖଟୁଆ, ସମୀକ୍ଷା ଦାସ, ରଜନୀ ରାଉଳ, ମିନତି ମିଶ୍ର, ସନ୍ଧ୍ୟାରାଣୀ ବେହେରା ପ୍ରମୁଖ ପୋଷଣ କାର୍ଯ୍ୟକ୍ରମ ସହିତ କିପରି ପଢ଼ା କାର୍ଯ୍ୟକ୍ରମ ଜାରି ରହିବ, ଏଥିରେ ଅଙ୍ଗନୱାଡି କର୍ମୀମାନଙ୍କର କି ଭୂମିକା ରହିବ ସେ ବିଷୟରେ ବିସ୍ତୃତ ଭାବେ ତାଲିମ ଦିଆଯାଉଛି। ରାଜନଗର ବ୍ଲକ୍‌ର ୨୮୦ ଜଣ ଅଙ୍ଗନୱାଡି କର୍ମୀ ତାଲିମ ନେଉଛନ୍ତି। ପୋଷଣ ସଂଯୋଜକ ଶଶଧର ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଡେରାବିଶ ସାଂସ୍କୃତିକ ସଙ୍ଗଠନର ନୂତନ କର୍ମକର୍ତ୍ତା ଚୟନ

ଡେରାବିଶ, ୨୫।୮ (ବେବର୍ତ୍ତା ଅଜୟ ଦାସ)



ବୈଠକରେ ଯୋଗ ଦେଇଥିବା ସଙ୍ଗଠନର ସଦସ୍ୟମାନେ।

## ଡ. ଭକ୍ତକବି ଦାସ ସଭାପତି, ସରୋଜ ଦାଶ ସମ୍ପାଦକ

କେନ୍ଦ୍ରାପଡ଼ା ଜିଲାର ଏକ ଅଗ୍ରଣୀ ସାଂସ୍କୃତି ଓ ସାମାଜିକ ଅନୁଷ୍ଠାନ ଭାବେ ପରିଗଣିତ ଥିବା ଏବଂ ଗତ ୧୩ ବର୍ଷ ହେଲା ସଫଳତାର ସହ ଡେରାବିଶ ମହୋତ୍ସବ ଆୟୋଜନ କରି ଆସୁଥିବା ଡେରାବିଶ ସାଂସ୍କୃତିକ ସଙ୍ଗଠନର ରବିବାର ଏକ ସ୍ୱତନ୍ତ୍ର ବୈଠକ ବସି ଏହାର ନୂତନ କର୍ମକର୍ତ୍ତା ଚୟନ ହୋଇଛନ୍ତି। ଏହି ଉପଲକ୍ଷେ ସଙ୍ଗଠନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବୈଠକରେ କାମଚଳା କମିଟି ସଭାପତି ଥିବା ଡା. ଭକ୍ତକବି ଦାସ ଅଧ୍ୟକ୍ଷତା କରିଥିଲେ। ଏଥିରେ ସଙ୍ଗଠନର ସମସ୍ତ ସଦସ୍ୟ ଉପସ୍ଥିତ ରହି ବିଭିନ୍ନ ଆଲୋଚନା କରିବା ସହ ନୂତନ କର୍ମକର୍ତ୍ତା ଚୟନ କରିଥିଲେ। ରାଜ୍ୟ ସରକାରଙ୍କ ଇଡ୍‌କୋ ବିଭାଗର ପୂର୍ବତନ ମୁଖ୍ୟ ଯନ୍ତ୍ରୀ ତଥା ଅତିରିକ୍ତ ଶାସନ ସଚିବ ଦାୟିତ୍ୱ ନିର୍ବାହ କରୁଥିବା ଡ. ଭକ୍ତକବି ଦାସ ପୁଣି ସଙ୍ଗଠନର ସଭାପତି ଭାବେ ସର୍ବସମ୍ମତିକ୍ରମେ ଚୟନ ହୋଇଥିବା ବେଳେ ସମ୍ପାଦକ ଭାବେ ନୂତନ କରି ସାମାଜିକ କର୍ମୀ ସରୋଜ କୁମାର ଦାଶ ଚୟନ ହୋଇଥିଲେ। ସେହିପରି ସଙ୍ଗଠନର ନୂତନ ଉପ ସଭାପତି ଭାବେ ସାମାଜିକ କର୍ମୀ ନିଗମ ସାହୁ ଚୟନ ହୋଇଥିବା ବେଳେ ସହ ସମ୍ପାଦକ ଭାବେ ଆଇନଜୀବୀ ଶାନ୍ତିସ୍ୱରୁପ ଭୂୟାଁ ଓ କୋଷାଧ୍ୟକ୍ଷ ଭାବେ ରାମଚନ୍ଦ୍ର ରାଉତ ସର୍ବସମ୍ମତିକ୍ରମେ ଚୟନ ହୋଇଥିଲେ। ଏଥିସହ ଏହି କମିଟିରେ ଉପଦେଷ୍ଟା ଭାବେ ନୂତନ କରି ବରିଷ୍ଠ ସଦସ୍ୟ ପୂର୍ବତନ ସରପଞ୍ଚ ମହେନ୍ଦ୍ର କୁମାର ସିଂହ, ଅଧ୍ୟାପକ ଗୁରୁଚରଣ ସେଠୀ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ, ସଦସ୍ୟ ତଥା ସମିତିସଭ୍ୟ ନିରଞ୍ଜନ କର, ସାମାଜିକ କର୍ମୀ ଗୌରାଙ୍ଗ ସାହୁ, ନୀଳମଣି ବେହେରା, କରୁଣାକର କର ଓ ବିପିନ ବିହାରୀ ସାହୁ ଚୟନ ହୋଇଛନ୍ତି। ଏହି ସ୍ୱତନ୍ତ୍ର ବୈଠକରେ ସଙ୍ଗଠନର ସମସ୍ତ ସଦସ୍ୟାସଦସ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ସଚ୍ଚିଦାନନ୍ଦ ରଥ ଓ ଅଧ୍ୟାପକ ପ୍ରଭାକର ସାମଲ, ଶିକ୍ଷାବିତ୍ ପ୍ରମୋଦ କୁମାର ବେହେରା ଓ ମଦନମୋହନ ମହାନ୍ତିଙ୍କ ସମେତ ସମସ୍ତ ସଦସ୍ୟାସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବୈଠକ ଶେଷରେ ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି ଧନ୍ୟବାଦ ଦେଇଥିଲେ।

**कार्यालय झुमरीतिलैया नगर परिषद**

**अति अल्पकालीन ई–निविदा आमंत्रण सूचना**

ई–निविदा सूचना सं0– J.M.C/04/2025-26 Date – 25-08-2025

| क्रं0 सं0 | मद का नाम | कार्य का नाम | प्राक्कलित राशि (in Rupees) | अग्रधन की राशि (in Rupees) | निविदा शुल्क (in Rupees) | कार्य समाप्ति की अवधि |
|---|---|---|---|---|---|---|
| 1. | 15वें वित्त | CONSTRUCTION OF DEVELOPMENT OF VENDING ZONES/SHOPS WITH BASIC INFRASTRUCTURE AND PUBLIC AMENITIES FOR STREET VENDOR NEAR GANDHI SCHOOL. | 1,71,14,457 | 3,42,300 | 10,000 | 12 Month |

1. Only E-Tender will be accepted
2. नगर विकास एवं आवास विभाग अन्तर्गत समुचित श्रेणी में निबंधित संवेदक निविदा में भाग ले सकते है।
3. वेबसाईट में निविदा प्रकाशन की तिथि : 01.09.2025 (पूर्वाहन 10.00 बजे से)।
4. ई–निविदा प्राप्ति की अंतिम तिथि एवं समय : 09.09.2025 अपराहन 5.00 बजे।
5. निविदा खोलने की तिथि : 11.09.2025 अपराहन 3.00 बजे।
6. हेल्पलाईन नम्बर : 7903772765, 9572100949, 8505948858
7. E-Procurement में Tender Fee एवं EMD की राशि ऑनलाईन सूचना प्रोद्योगिकी एवं ई–गवर्नेंस विभाग, झारखण्ड, राँची का आदेश ज्ञापांक – 120, दिनांक– 03.10.2023 एवं नगर विकास एवं आवास विभाग, झारखण्ड, राँची का पत्रांक 05/विविध (e-tender)–12/2023/न0वि0–4847 (अनु0), दिनांक– 11.10.2023 के तहत ली जायगी।
8. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।

विशेष जानकारी विभागीय वेबसाईट http://jharkhandtenders.gov.in पर देखी जा सकती है।

प्रशासक
झुमरी तिलैया, नगर परिषद

PR 360399 Urban Development(25-26)#D

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, ANANDAPUR**
No.O-640
E-Mail:- eerw_anandapur@yahoo.co.in

**NOTICE INVITING TENDER**

**NATIONAL COMPETITIVE BIDDING THROUGH e-PROCUREMENT NOTICE**
**On line-04 /EE/RW/AND/2025-26**

**Construction of Academic Building (1st Floor) of Patitapaban Degree College, Sainkul**

No. 5180// Date : 21.08.2025 //

**Executive Engineer, Rural Works Division, Anandapur** on behalf of **Government of Odisha invites PERCENTAGE (%) RATE tender for Building work through** e-Procurement as per annexure in **Double Cover system**. The bid should be submitted on-line in the website www.tendersorissa.gov.in by eligible class of contractors having legal competency & expertise, registered with the state Government & contractors of equivalent grades /class registered with central Govt./ MES/ Railways for execution of the works for drawal of agreement in percentage P1 contract forms of Government of Odisha. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrollment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender in : O/o the S.E., R.W. Division, Anandapur (Double Cover) | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division, Anandapur | NCB-Online 04/EE/RW/AND/2025-26 | Dt.29.08.25 at 10.00 A.M. | Dt.06.09.25 up to 5.30 P.M. | Dt.06.09.25 up to 5.30 P.M. | Dt.08.09.25 at 11.30 A.M. | Will be intimated later |

Sd./- Executive Engineer
R.W. Division, Anandapur

OIPR-25055/11/0024/2526

**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha

**QUOTATION CALL NOTICE**

Sealed quotations in prescribed format are invited for Printing Works, Supply of High Tea, Supply of Biryani Packets, Working Lunch & Snacks, Supply of Electrical Items, Supply of Furniture Items, and Supply of Tent House Items for 12th Annual Convocation at NLUO, Cuttack. Last date & time of receipt is **03.09.2025** at **11.00 A.M.** For details please visit website: **www.nluo.ac.in".**

Sd/- Registrar

**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, GANJAM, BERHAMPUR**
Phone : 0680-2404096, E-Mail : eerwgmt@yahoo.co.in
No.O-613 Government of Odisha e-Procurement Notice
**Bid Identification No. Online Tender/05/SERWD-II/2025-26**
**Memo No.6194/RWD-IIGB, Date : 18.08.2025**

| | | | |
|---|---|---|---|
| 1 | Name of the Work | : | Building Works |
| 2 | Estimated Cost | : | Rs.2.11 lakhs to Rs.5.05 lakhs |
| 3 | Period of Completion | : | 1 (One) Month as per Annexure |
| 4 | Date & Time of availability of Bid documents in the Portal | : | 01.09.2025 at 10.00 A.M. to 12.09.2025 up to 4.00 P.M. |
| 5 | Last Date/Time for receipt of Bids in the Portal | : | 12.09.2025 up to 4.00 P.M. |
| 6 | Name and address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal **tendersodisha.gov.in/nicgep/app**

Sd./- Executive Engineer
R.W. Division-II, Ganjam
Berhampur

OIPR-25073/11/0025/2526

**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)**
**NIRMAN SOUDHA, BHUBANESWAR**
E-mail : seec.bbsr2010@gmail.com
**Bid Identification No.S.E.E.C (R&B) 11/2025-26**
**No. 3169 / Date : 19.08.2025**

**No.B-428** : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.01.09.2025 at 05.00 P.M. to dt.15.09.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.16.09.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B) Odisha, BBSR

OIPR-34006/11/0045/2526

# ଚିକିତ୍ସା ଅବହେଳାରୁ ମହିଳାଙ୍କ ମୃତ୍ୟୁ ଅଭିଯୋଗ

- ମା'ର ବେଦନା ନେଇ ଝିଅର ନିବେଦନକୁ ଶୁଣିଲେନି ସ୍ୱାସ୍ଥ୍ୟ କର୍ମଚାରୀ
- ଗୁରୁତର ଦର୍ଶାଇ ରେଫର କରିବାରେ ବି କଲେ ଅଣଦେଖା
- ଡାକ୍ତର ପରୀକ୍ଷଣ ନ କରିବାରୁ ମୃତଦେହ ୩ ଘଣ୍ଟା ଶଯ୍ୟାରେ ପଡ଼ି ରହିଲା


ମେଡ଼ିସିନ୍ ୱାର୍ଡ ଶଯ୍ୟାରେ ପ୍ରଭାତୀଙ୍କ ମୃତଦେହ ପଡ଼ିରହିଛି।

ନୟାଗଡ଼,୨୫।୮ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ୧୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ ଭିତରେ ଥିବା ମହିଳା ମେଡିସିନି ୱାର୍ଡରେ ଚିକିତ୍ସା ଅବହେଳାରୁ ଓଡଗାଁ ଥାନା ସାକେରୀ ପାଣିବନ୍ଧ ଗାଁର ପ୍ରଭାତି ନାୟକ(୫୪) ନାମ୍ନୀ ମହିଳା ଛଟପଟ ହୋଇ ପ୍ରାଣ ହରାଇଥିବା ପରି ସଙ୍ଗୀନ ଅଭିଯୋଗ ହୋଇଛି। ମା'ର ବେଦନା ବଢ଼ିବା ପରେ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ଝିଅର ନିବେଦନକୁ ସ୍ୱାସ୍ଥ୍ୟ କର୍ମଚାରୀ ମଧ ଅଣଦେଖା କରିଥିଲେ। ଏପରିକି ମହିଳାଙ୍କ ଅବସ୍ଥା ଗୁରୁତର ହେଉଥିବାବେଳେ ସ୍ୱାସ୍ଥ୍ୟ କର୍ମଚାରୀ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ନ ଦେଇ ସବୁକିଛି ଠିକଠାକ ହୋଇଯିବ କହି ଏଡାଇ ଯାଇଥିଲେ। ମହିଳାଙ୍କ ମୃତ୍ୟୁ ପରେ ବି ଡାକ୍ତର ମୃତ ଘୋଷଣା ନ କରିବାରୁ ମୃତଦେହ ପ୍ରାୟ ୩ ଘଣ୍ଟା ଧରି ମେଡିସିନ୍ ୱାର୍ଡ ଶଯ୍ୟାରେ ପଡି ରହିଥିଲା। ଗଣମାଧମ ପ୍ରତିନିଧିଙ୍କ ଫୋନ ପାଇ ଡାକ୍ତର ବାଧ ହୋଇ ଆସି ମୃତ ଘୋଷଣା କରିବା ପରେ ମୃତଦେହ ସ୍ଥାନାନ୍ତର ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ଛଟପଟ ହୋଇ ପ୍ରାଣ ହରାଇବା ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ଏଭଳି ଅଣଦେଖା କରିଥିବା ଡାକ୍ତର ଓ କର୍ମଚାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

ମୃତକଙ୍କ ଝିଅ ଅନନ୍ୟା ନାୟକଙ୍କ ଅଭିଯୋଗ ଅନୁସାରେ, ମା' ପ୍ରଭାତିଙ୍କ ଡାଇବେଟିସ୍, ବଡ ପ୍ଲେସର ଥିଲା। ପେଟରେ ଗ୍ୟାସ ହୋଇ ବାନ୍ତି ହେବାରୁ ରବିବାର ଅପରାହ୍ନରେ ମା' ପ୍ରଭାତିଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅନନ୍ୟା ଆଣିଥିଲେ। ପ୍ରଥମେ ଆଉଟ୍‌ଡୋରରେ ଚିକିତ୍ସା କରାଯାଇଥିଲା। ପରେ ମହିଳା ମେଡିସିନ ୱାର୍ଡ ପ୍ରଭାତିଙ୍କୁ ସ୍ଥାନାନ୍ତର କରାଯାଇଥିଲା। ତେବେ ରାତିରେ ବାନ୍ତି ବଢ଼ିଥିଲା। ପୁଣି ଶରୀରକୁ କଷ୍ଟ ହେଉଥିଲା। ଅକ୍ସିଜେନ ହ୍ରାସ ପାଇବାରେ ଲାଗିଲା। ମା'ର ଅବସ୍ଥା ଗୁରୁତର ହେବା ଦେଖି ଝିଅ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟସେବା ପାଇଁ ନିବେଦନ କରିଥିଲେ। ହେଲେ ରାତିରେ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସହଯୋଗ ମିଳି ନ ଥିଲା। ରାତିତମାମ କଷ୍ଟ ପାଇ ସକାଳୁ ପ୍ରଭାତି ପ୍ରାଣ ହରାଇଥିଲେ। ମୃତ୍ୟୁ ପରେ ବି ଅଣଦେଖା ହୋଇଥିବା ଅଭିଯୋଗ ହୋଇଛି। ଅନନ୍ୟା କହିଛନ୍ତି, ମା' ଆଗରେ କଷ୍ଟ ସହି ପ୍ରାଣ ହରାଇଲା। ସେ ସମୟର ବେଦନା କଥା ଚିନ୍ତା କଲେ ମୋ ଦେହ ଶିତେଇ ଉଠୁଛି। ମୋତେ ସ୍ୱାସ୍ଥ୍ୟ କମଚାରୀ ସହଯୋଗ କଲେ ନାହିଁ। କହିଲେ ମା'ର କିଛି ହୋଇନି। ସେ ଭଲ ହୋଇଯିବ। ତୋ ମା' କ'ଣ ଖାଲି କଷ୍ଟ ପାଉଛି। କଷ୍ଟ ପାଇ ଲୋକ ମେଡିକାଲକୁ ଆସନ୍ତି। ଅପେକ୍ଷା କର। ଆମେ କିଛି କରି ପାରିବୁ ନାହିଁ। ଏଭଳି ଚିକିତ୍ସା ଜିଲା ମୁଖ୍ୟ ଚିକିତ୍ସାଳୟରେ ମିଳିଲେ ଭଲ ଲୋକ ବି ମରିଯିବ, ଏଥିରେ ସନ୍ଦେହ ନାହିଁ। କେହି ନ ଥିବାର ସେ କେବଳ ମୌଖିକ ଅଭିଯୋଗ କରିଥିଲେ। ଏଭଳିଆ ସ୍ୱାସ୍ଥ୍ୟସେବା ବିରୋଧରେ ପ୍ରତିବାଦ କରି ଆନ୍ଦୋଳନ କରିବା ଉଚିତ। ମା'ଙ୍କ ମୃତ୍ୟୁ ପରେ ବି ଅସହଯୋଗ ମିଳିଛି। ସିଡିଏମ୍‌ଓ ଓ ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି କହିଛନ୍ତି। ମା' ଶଯ୍ୟା ପାଖ ଲୋକଙ୍କୁ ପଚାରିଲେ ସେମାନେ ରବିବାର ରାତିରେ ମା' ପାଉଥିବା କଷ୍ଟ ଓ କିପରି ଛଟପଟ ହୋଇ ମୃତ୍ୟୁ ହେଲା ସେନେଇ ସୂଚନା ଦେବେ ବୋଲି ସେ କହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ସୁଶାନ୍ତ ବେହେରାଙ୍କୁ ପଚାରିବାରେ ଚିକିତ୍ସାରେ ଅବହେଳା ହୋଇଛି ନାଁ କ'ଣ ତଦନ୍ତ କରାଯିବ। ତେବେ ଡାକ୍ତର ରୋଗୀ ଦେଖିଥିବା କୁହାଯାଉଛି। ଘଟଣାର ଅନୁଧ୍ୟାନ କରାଯାଉଛି ବୋଲି ସେ କହିଛନ୍ତି।

# ନିଲମ୍ବିତ ହେଲେ ଏଏସ୍‌ଆଇ

## ଥାନାରେ ମଦ ପିଇବା ମହଙ୍ଗା ପଡ଼ିଲା

ନୟାଗଡ଼,୨୫।୮ (ଲୋକନାଥ ମିଶ୍ର)

ନୟାଗଡ଼ ପୋଲିସ ଜିଲାର ଇଟାମାଟି ଥାନା ଏଏସ୍‌ଆଇ ଦଣ୍ଡପାଣି ଦାଶ ନିଲମ୍ବିତ ହୋଇଛନ୍ତି। ନୟାଗଡ ଏସ୍‌ପି ଏସ୍. ସୁଶ୍ରୀ ଏଏସ୍‌ଆଇ ଦଣ୍ଡପାଣି ଦାଶଙ୍କୁ ନିଲମ୍ବନ କରିଛନ୍ତି। ଗତ ୨୩ ତାରିଖରେ କାର୍ଯ୍ୟରତ ଏଏସ୍‌ଆଇ ଥାନା ପରିସରରେ ମଦ୍ୟପାନ କରିଥିଲେ। ଏ ନେଇ ଅଭିଯୋଗ ପରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ତଦନ୍ତ କରାଯାଇଥିଲା। ସିସିଟିଭିରେ ଯାଞ୍ଚ ପରେ ମଦ୍ୟପାନର ପ୍ରମାଣ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ନିଲମ୍ବନ ପରେ ସେ ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡାଙ୍କ କାର୍ଯ୍ୟାଳୟରେ କାମ କରିବାକୁ ନିର୍ଦ୍ଦେଶ ରହିଛି। ଏ ସଂକ୍ରାନ୍ତରେ ଇଟାମାଟି ଥାନା ଆଇଆଇସି ପ୍ରିୟବ୍ରତ ରାଉତଙ୍କ ପଚାରିବାରୁ ମଦ୍ୟପାନ କରିବା ଜଣାପଡିବା ପରେ ନିଜେ ଅଭିଯୋଗ କରିଥିଲି । ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ହୋଇଛି ବୋଲି କହିଛନ୍ତି। ମିଳିଥିବା ସୂଚନା ଅନୁସାରେ, ଏଏସ୍‌ଆଇ ଅଧିକାଂଶ ସମୟ ମଦ୍ୟପାନ କରି ଥାନାରେ ନ ରହି ଥାନା ଅଞ୍ଚଳରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ଧମକଚମକ ଦେଇ ଟଙ୍କା ରୋଜଗାର କରୁଥିଲେ ବୋଲି ଆଲୋଚନା ଚାଲିଥିଲା। ସେହିପରି ୨୩ ତାରିଖ ରାତିରେ ଥାନା ପରିସରରେ ଜଣେ ଆଇନଜୀବୀ ଓ ଜଣେ ଛାତ୍ର କଂଗ୍ରେସ ନେତାଙ୍କ ସହ ମଦ୍ୟପାନକରି ପାର୍ଟିତୁଣ୍ଡ କରୁଥିବା ମଧ ଚର୍ଚ୍ଚା ହେଉଛି।

# ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର

ଦଶପଲ୍ଲା,୨୫।୮ ( ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ଅନୁପସ୍ଥିତି ଯୋଗୁ ଉପଜିଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ, ପୋଲିସ ଏସ୍‌ଡିପିଓ, ସିଡିଏମଓ, ସିଡିପିଓ, ବିଇଓ ସମେତ ବିଭିନ୍ନ ବିଭାଗର ସରକାରୀ କର୍ମଚାରୀମାନେ ଯୋଗଦାନ କରିଥିଲେ। ଶିବିରରେ ୧୨୯ ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ବ୍ୟକ୍ତିଗତ ୧୦୬ ଟି, ଗ୍ରାମ ସମସ୍ୟା ୧୭ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ଅନୁଦାନ ପାଇଁ ୬ ଟି ଅଭିଯୋଗ ଆସିଥିଲା। ଶିବିରରେ ତୁରନ୍ତ ୪୩ଟି ସମସ୍ୟାର ସମାଧାନ କରାଯାଇଥିଲା। ଅବଶିଷ୍ଟ ଅଭିଯୋଗଗୁଡ଼ିକୁ ସମ୍ପୃକ୍ତ ବିଭାଗକୁ ପଠାଇ ଦିଆଯାଇଥିବା ଦଶପଲ୍ଲା ବିଡିଓଙ୍କଠାରୁ ଜଣା ଯାଇଛି। ତେବେ ଗୋଟିଏ ଗୋଟିଏ ଅଭିଯୋଗ ନେଇ କିଛି ଲୋକ ବାରମ୍ବାର ଆସୁଥିବା ଦେଖା ଯାଉଛି।

# ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି


କଣ୍ଟିଲୋ ମହାବିଦ୍ୟାଳୟ।



ମହିଳା ମହାବିଦ୍ୟାଳୟ ଖଣ୍ଡପଡ଼ା।

ଖଣ୍ଡପଡ଼ା,୨୫।୮ (ଅଜୟ କୁମାର ମହାରଣା)

ରାଜ୍ୟରେ ଥିବା ସମସ୍ତ ଅନୁଦାନପ୍ରାପ୍ତ ଓ ଅଣଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକରେ ୨୦୦୮ରୁ ୨୦୧୮ ମସିହା ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ନିଜର ଅନୁଦାନ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ଏଣୁ ଏହାର ପ୍ରତିବାଦରେ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଓ ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟର ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀମାନେ ଗତ ୧୬ ତାରିଖଠାରୁ ଶାନ୍ତିପୂର୍ଣ୍ଣ ଭାବେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ରାଜ୍ୟ ସଂଘର ନିଷ୍ପତ୍ତିକ୍ରମେ ପରିଚାଳନା କମିଟି ସଦସ୍ୟମାନଙ୍କ ଦ୍ୱାରା ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀମାନେ ବାରମ୍ବାର ସରକାରଙ୍କ ନିକଟରେ ଅନୁଦାନ ପାଇବାକୁ ଦାବି କରି ଆସୁଥିଲେ ମଧ ସେମାନଙ୍କ ଦୁଃଖ ଶୁଣିଲେ ନାହିଁ। ଫଳରେ ବାଧ ହୋଇ ଏଭଳି ଚରମ ନିଷ୍ପତ୍ତି ନେଇଛନ୍ତି ବୋଲି ରାଜ୍ୟ ସଂଘ କର୍ମକର୍ତ୍ତାଙ୍କଠାରୁ ଜଣାଯାଇଛି। ଅପରପକ୍ଷରେ ଏହାକୁ ସମର୍ଥନକରି କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ୨୦୦୮ ରୁ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ୮ରୁ ଊର୍ଦ୍ଧ୍ୱ ଓ ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟର ୯ଜଣ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ ଶାନ୍ତିପୂର୍ଣ୍ଣ ଭାବେ ମହାବିଦ୍ୟାଳୟ ଫାଟକ ନିକଟରେ ସେମାନଙ୍କ ବିଭିନ୍ନ ଦାବି ନେଇ ନାରା ଦେବାସହ କାର୍ଯ୍ୟରେ ଯୋଗ ଦେଇ ନ ଥିବା ଜଣାଯାଇଛି। ବର୍ତ୍ତମାନର ସରକାର ସେମାନଙ୍କୁ ଅନୁଦାନ ରାଶି ଦେବାକୁ ଘୋଷଣା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ କରିବେ ବୋଲି ଆନ୍ଦୋଳନରତ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀମାନେ କହିଛନ୍ତି। ନଚେତ ଅନିର୍ଦ୍ଦିଷ୍ଟକାଳ ପାଇଁ ଏହି ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନରତ ଅଧ୍ୟାପକ ମାନଗୋବିନ୍ଦ ରାଉତ ସୂଚନା ଦେଇଛନ୍ତି। ଆନ୍ଦୋଳନ ଫଳରେ ଛାତ୍ରୀଛାତ୍ରମାନଙ୍କ ପାଠପଢ଼ା ଓ କାର୍ଯ୍ୟାଳୟର କାର୍ଯ୍ୟରେ ବାଧାସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି। ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ତୁରନ୍ତ ସେମାନଙ୍କ ଦୀର୍ଘଦିନର ଦାବି ପୂରଣ କରି ଛାତ୍ରୀଛାତ୍ରମାନଙ୍କ ଶିକ୍ଷାଦାନ ପ୍ରତି ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି।

# ଗାଁ କମିଟି ସଭାପତି ଜେଲ ଗଲେ

## ଲିଙ୍ଗରାଜପ୍ରସାଦର ଗୋଷ୍ଠୀ ସଂଘର୍ଷ ଘଟଣା

ଓଡ଼ଗାଁ, ୨୫।୮ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଥାନା କୁରାଳ ପଞ୍ଚାୟତ ଲିଙ୍ଗରାଜପ୍ରସାଦ ଗାଁରେ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟଣାରେ ପୋଲିସ ସୋମବାର ଗ୍ରାମ ସଭାପତିଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଗ୍ରାମ ସଭାପତି ହେଲେ ପ୍ରଫୁଲ୍ଲ ମହାନ୍ତି। ତାଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁସାରେ ଦୀର୍ଘଦିନ ହେଲା ଗ୍ରାମ ବିବାଦ ରହିଥିବା ବେଳେ ଏ ନେଇ ସରପଞ୍ଚଙ୍କ ସହିତ ଭଦ୍ରଲୋକ ରବିବାର ଆଲୋଚନା କରୁଥିଲେ। ଏଥିରେ ଗୋଟିଏ ଗୋଷ୍ଠୀର ୧୦ ଜଣ ଲୋକ ଆଲୋଚନାରେ ଅସନ୍ତୁଷ୍ଟ ହୋଇ ଗଣ୍ଡଗୋଳ ଆରମ୍ଭ କରିଥିଲେ। ଗୋଟିଏ ଗୋଷ୍ଠୀର ୫ଜଣ ଆହତ ହୋଇଥିବାବେଳେ ସେମାନେ ଆକ୍ରମଣ କରିଥିବା ଗୋଷ୍ଠୀର ୧୨ ଜଣଙ୍କ ନାମରେ ଥାନାରେ ମାମଲା ରୁଜୁ କରିଥିଲେ। ଏପରି କି ସେମାନଙ୍କ ଗାଁ ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ ମହାନ୍ତି ହତ୍ୟା ଧମକ ଦେବା ଅଭିଯୋଗକ୍ରମେ ପୋଲିସ ଗିରଫ କରିଥିଲେ। ଏ ନେଇ ପୋଲିସ ନଂ. ୨୬୧/୨୫, ୨୬୨/୨୫ରେ ମାମଲା ରୁଜୁ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ସୂଚନା ଥାଉକି ଗୋଟିଏ ପକ୍ଷର ଅଭିଯୋଗକାରୀ ପଞ୍ଚାନନ ସିଂ ଦୀର୍ଘଦିନ ଧରି ଗାଁରୁ ବାସନ୍ଦ ରହିଛନ୍ତି।


ପ୍ରଫୁଲ୍ଲ ମହାନ୍ତି

# ବିଭିନ୍ନ ଦାବି ନେଇ ପ୍ରାଣୀ ଚିକିତ୍ସାଧିକାରୀଙ୍କ କଳାବ୍ୟାଜ୍ ପରିଧାନ

ଖଣ୍ଡପଡ଼ା ୨୫।୮ ( ଅଜୟ କୁମାର ମହାରଣା)



ରାଜ୍ୟ ସଂଘର ନିଷ୍ପତ୍ତିକ୍ରମେ ବିଭିନ୍ନ ଦାବି ନେଇ ପ୍ରାଣୀ ଚିକିତ୍ସକମାନେ ସୋମବାରଠାରୁ କଳା ବ୍ୟାଜ୍ ପରିଧାନ କରି ପ୍ରତିବାଦ ଆରମ୍ଭ କରିଛନ୍ତି। ଖଣ୍ଡପଡ଼ା ପ୍ରାଣୀ ଚିକିତ୍ସାଳୟରେ କାର୍ଯ୍ୟରତ ଚିକିତ୍ସାଧିକାରୀ ଓ ସହ ଚିକିତ୍ସାଧିକାରୀ କଳାବ୍ୟାଜ୍ ପରିଧାନକରି କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଥିଲା। ତେବେ ବିଭିନ୍ନ ଦାବି ମଧ୍ୟରେ ଅନ୍ୟ ଡାକ୍ତରଙ୍କ ପରି ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ସମସ୍ତ ସୁବିଧା ପ୍ରଦାନ ସହ ଠିକ୍ ସମୟରେ ପଦୋନ୍ନତି ପ୍ରଦାନ କରିବା, ପ୍ରାଣୀପାଳକଙ୍କ ସେବା ପାଇଁ ନିରାପଦ ଓ ସମନ୍ୱିତ ପରିବେଶ ସୃଷ୍ଟି କରିବା, ମହିଳା ଡାକ୍ତରଙ୍କୁ ସୁରକ୍ଷା ଯୋଗାଇଦେବା, ପ୍ରାଣୀ ଚିକିତ୍ସାଳୟଗୁଡ଼ିକୁ ପର୍ଯ୍ୟାପ୍ତ ପରିମାଣର ଔଷଧ ଓ ଆନୁଷଙ୍ଗିକ ସାମଗ୍ରୀ ପ୍ରଦାନ, ପ୍ରାଣୀ ଚିକିତ୍ସା ନିମନ୍ତେ ନିରାପତ୍ତା ପରିବେଶ ଯୋଗାଇ ଦେବା ଆଦି ଦାବି କରାଯାଇଛି। ଏ ନେଇ ପ୍ରାଣୀ ଚିକିତ୍ସାଧିକାରୀମାନେ ଆନ୍ଦୋଳନକୁ ଓହ୍ଲାଇଥିବାବେଳେ ଆସନ୍ତା ୧୫ ଦିନ ମଧ୍ୟରେ ଦାବିଗୁଡ଼ିକ ପୂରଣ ଦିଗରେ ରାଜ୍ୟ ସରକାର ଦୃଷ୍ଟି ନ ଦେଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସେମାନେ ଜଣାଇଛନ୍ତି।

# ଇଟାମାଟିକୁ ଏନ୍‌ଏସି ମାନ୍ୟତା ଦାବି

ନୟାଗଡ଼,୨୫।୮ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲାର ବ୍ୟବସାୟିକ ପେଣ୍ଠସ୍ଥଳୀ ଇଟାମାଟିକୁ ଏନ୍‌ଏସି କରିବାକୁ ଦାବି ତ୍ୱରାନ୍ୱିତ ହେଉଛି। ନୟାଗଡ଼ ବ୍ଲକର ଇଟାମାଟି ହେଉଛି ଏକ ବଡ଼ ପଞ୍ଚାୟତ। ଏହାର ଜନସଂଖ୍ୟା ପାଖାପାଖି ୨୦ ହଜାର ହେବ। ଏହା ବ୍ୟବସାୟିକ ପେଣ୍ଠସ୍ଥଳୀ ହୋଇଥିବାରୁ ଏଠାରେ ପ୍ରତ୍ୟହ ଭିଡ଼ ହୁଏ। ପୁଣି ଏଠାରେ ଆଶୁକବି ଉତ୍କଳଘଣ୍ଟ ଯଦୁମଣିଙ୍କ ଘର। ୪ ଟି ବ୍ୟାଙ୍କ ଶାଖା, ୨ଟି ମହାବିଦ୍ୟାଳୟ , ୪ଟି ଉଚ୍ଚ ବିଦ୍ୟାଳୟ, ୬ଟି ପ୍ରାଥମିକ ବିଦ୍ୟାଳୟ ଦ୍ୱାରା ପରିପୁଷ୍ଟ ଏହି ପଞ୍ଚାୟତ। ୨ଟି ଡାକ୍ତରଖାନା ଓ ଗୋଟିଏ ଥାନା ଏଠାରେ ଅଛି। ଗମନାଗମନ ଦୃଷ୍ଟିରୁ ୫୭ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ପଞ୍ଚାୟତର ଗାଁଗୁଡ଼ିକ ରହିଛି। ଏନ୍‌ଏସି ହେବା ପାଇଁ ସମସ୍ତ ଭିତ୍ତିଭୂମି ରହିଥିଲେ ହେଁ ଇଟାମାଟି ପଞ୍ଚାୟତକୁ ଅଣଦେଖା କରଯାଉଛି। ଏଭଳିସ୍ଥଳେ ଯଦୁମଣି ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଇଟାମାଟିକୁ ଏନ୍‌ଏସି କରିବା ପାଇଁ ଦାବି କରାଯାଇଛି। ସରକାର ଏହି ଦାବିକୁ ଅଣଦେଖା କଲେ ଜନ ଆନ୍ଦୋଳନକୁ ଏଡାଇ ଦିଆଯାଇ ନ ପାରେ ବୋଲି ଯଦୁମଣି ବରିଷ୍ଠ ନାଗରିକ ମଞ୍ଚର ସଭାପତି ସାୱରମଲ୍ ଅଗ୍ରୱାଲ ଓ ସମ୍ପାଦକ ରଙ୍ଗନାଥ ବେହେରା ଜଣାଇଛନ୍ତି।

# ଗୁରୁ ସାକ୍ଷାତ ପରବ୍ରହ୍ମ କାର୍ଯ୍ୟକ୍ରମ ଚୂଡ଼ାନ୍ତ ବୈଠକ

ଭାପୁର,୨୫।୮ (ପ୍ରଭାତ ବରାଡ)


ବୈଠକରେ ଉପସ୍ଥିତ ଅତିଥିମାନେ।

ନୟାଗଡ଼ ଜିଲା ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ସେପ୍ଟେମ୍ବର ୫ରେ ଗୁରୁପୂଜନ ଦିବସ ପାଳନ ପାଇଁ ଫତେଗଡ ଥାନା ଅଧୀନ ବନମାଳୀପୁର ସୋମନାଥ କଲ୍ୟାଣ ମଣ୍ଡପ ପରିସରରେ ସୋମବାର ମୋ ମାଟି ଭାପୁର ଅନୁଷ୍ଠାନ ପକ୍ଷରୁ ଗୁରୁ ସାକ୍ଷାତ ପରବ୍ରହ୍ମ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁରୁ ପୂଜନ କମିଟିର ସଭାପତି ଶିକ୍ଷାବିତ୍ ରବୀନ୍ଦ୍ର ନାଥ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୋ ମାଟି ଭାପୁର କମିଟିର ସଭାପତି ତଥା ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଶିକ୍ଷାବିତ୍ ବୈକୁଣ୍ଠ ଦାସ, ସୂର୍ଯ୍ୟ ନାରାୟଣ ପ୍ରଧାନ, ଅଖିଳ ପଣ୍ଡା, ବିଜୟ କୁମାର ତ୍ରିପାଠୀ, ଲକ୍ଷ୍ମୀଧର ସାଥୁଆ, ସନ୍ତୋଷ କୁମାର ତ୍ରିପାଠୀ, କୃଷ୍ଣଚନ୍ଦ୍ର ସାହୁ, ସୁନୀଲ ପ୍ରଧାନ, ନାରାୟଣ ଆଚାର୍ଯ୍ୟ, ସର୍ବେଶ୍ୱର ମହାରଣା, ମହେନ୍ଦ୍ର କୁମାର ପଣ୍ଡା, ମନୋରଞ୍ଜନ ବେହେରା, ଗଙ୍ଗାଧର ପରିଡ଼ା, ଗୋପାଳ କୃଷ୍ଣ ପଣ୍ଡା, ପ୍ରମୋଦ କୁମାର ସାହୁ, ଝରିଆ ବେହେରା, ବାଳଗୋପାଳ ଷଡ଼ଙ୍ଗୀଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ରହିଥିଲେ। ଭାପୁର ବ୍ଲକରେ ମୋ ମାଟି ପକ୍ଷରୁ ୩ ବର୍ଷ ହେଲା ନିଆରା ଢଙ୍ଗରେ ସମସ୍ତ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ନେଇ ଗୁରୁ ପୂଜନ ଦିବସ ପାଳନ କରାଯାଉଛି। ବୈଠକରେ ନିଷ୍ପତ୍ତି ଅନୁଯାୟୀ ଚଳିତବର୍ଷ ଭାପୁର ଓ ଖଣ୍ଡପଡା ବ୍ଲକର ସମସ୍ତ ଶିକ୍ଷାନୁଷ୍ଠାନର କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକ, ଅଧ୍ୟାପିକା ଅଧ୍ୟାପକ ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ନେଇ ଉପଢୌକନ ଦେଇ ପାଦ ଧୋଇ ସମ୍ମାନିତ କରି ୪ର୍ଥ ବାର୍ଷିକ ଗୁରୁପୂଜନ ଦିବସ ପାଳନ କରାଯିବ। ପ୍ରାୟ କାର୍ଯ୍ୟରତ ଓ ଅବସରପ୍ରାପ୍ତ ସାଢ଼େ ୩ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ଉତ୍ସବ ଆୟୋଜନ କରାଯିବ। ଏହି ଗୁରୁ ପୂଜନ ଦିବସ ବନମାଳୀପୁର ସୋମନାଥ ପଞ୍ଚୁ ଦୋଳ ପଡ଼ିଆରେ ଆୟୋଜନ କରାଯିବ। ଶେଷର ଶିକ୍ଷାବିତ୍ ବୈକୁଣ୍ଠନାଥ ଦାସ ଧନ୍ୟବାଦ ଦେଇଥିଲେ।


## कार्यालय झुमरीतिलैया नगर परिषद

### अति अल्पकालीन ई-निविदा आमंत्रण सूचना

ई–निविदा सूचना सं0– J.M.C/04/2025-26 Date – 25-08-2025

| क्र0 सं0 | मद् का नाम | कार्य का नाम | प्राक्कलित राशि (in Rupees) | अग्रधन की राशि (in Rupees) | निविदा शुल्क (in Rupees) | कार्य समाप्ति की अवधि |
|---|---|---|---|---|---|---|
| 1. | 15वें वित्त | CONSTRUCTION OF DEVELOPMENT OF VENDING ZONES/SHOPS WITH BASIC INFRASTRUCTURE AND PUBLIC AMENITIES FOR STREET VENDOR NEAR GANDHI SCHOOL. | 1,71,14,457 | 3,42,300 | 10,000 | 12 Month |

1. Only E-Tender will be accepted
2. नगर विकास एवं आवास विभाग अन्तर्गत समुचित श्रेणी में निबंधित संवेदक निविदा में भाग ले सकते है।
3. वेबसाईट में निविदा प्रकाशन की तिथि : 01.09.2025 (पूर्वाहन 10.00 बजे से)।
4. ई–निविदा प्राप्ति की अंतिम तिथि एवं समय : 09.09.2025 अपराहन 5.00 बजे।
5. निविदा खोलने की तिथि : 11.09.2025 अपराहन 3.00 बजे।
6. हेल्पलाईन नम्बर : 7903772765, 9572100949, 8505948858
7. E-Procurement में Tender Fee एवं EMD की राशि ऑनलाईन सूचना प्रोद्योगिकी एवं ई–गवर्नेंस विभाग, झारखण्ड, राँची का आदेश ज्ञापांक – 120, दिनांक– 03.10.2023 एवं नगर विकास एवं आवास विभाग, झारखण्ड, राँची का पत्रांक 05/विविध (e-tender)–12/2023/न0वि0–4847 (अनु0), दिनांक– 11.10.2023 के तहत ली जायगी।
8. निविदा शूल्क एवं अग्रधन की राशि केवल Online Mode द्वारा स्वीकार्य होगी।

विशेष जानकारी विभागीय वेबसाईट http://jharkhandtenders.gov.in पर देखी जा सकती है।

प्रशासक
झुमरी तिलैया, नगर परिषद

PR 360399 Urban Development(25-26)#D



No.O-640

## GOVT. OF ODISHA
## OFFICE OF THE SUPERINTENDING ENGINEER
## RURAL WORKS DIVISION, ANANDAPUR

E-Mail:- eerw_anandapur@yahoo.co.in

### NOTICE INVITING TENDER

**NATIONAL COMPETITIVE BIDDING THROUGH e-PROCUREMENT NOTICE**
**On line-04 /EE/RW/AND/2025-26**

**Construction of Academic Building (1st Floor) of Patitapaban Degree College, Sainkul**

No. 5180// Date : 21.08.2025 //

**Executive Engineer, Rural Works Division, Anandapur** on behalf of **Government of Odisha invites PERCENTAGE (%) RATE tender for Building work through** e-Procurement as per annexure in **Double Cover system**. The bid should be submitted on-line in the website www.tendersorissa.gov.in by eligible class of contractors having legal competency & expertise, registered with the state Government & contractors of equivalent grades /class registered with central Govt./ MES/ Railways for execution of the works for drawal of agreement in percentage P1 contract forms of Government of Odisha. The bidders should have necessary Portal Enrollment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrollment, but shall have to subsequently undergo registration with the appropriate authority of the State Government before award of the work.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender in : O/o the S.E., R.W. Division, Anandapur (Double Cover) | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division, Anandapur | NCB-Online 04/EE/RW/ AND/2025-26 | Dt.29.08.25 at 10.00 A.M. | Dt.06.09.25 up to 5.30 P.M. | Dt.06.09.25 up to 5.30 P.M. | Dt.08.09.25 at 11.30 A.M. | Will be intimated later |

Sd./- Executive Engineer
R.W. Division, Anandapur

OIPR-25055/11/0024/2526



## NATIONAL LAW UNIVERSITY ODISHA, CUTTACK
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha

### QUOTATION CALL NOTICE

Sealed quotations in prescribed format are invited for Printing Works, Supply of High Tea, Supply of Biryani Packets, Working Lunch & Snacks, Supply of Electrical Items, Supply of Furniture Items, and Supply of Tent House Items for 12th Annual Convocation at NLUO, Cuttack. Last date & time of receipt is **03.09.2025** at **11.00 A.M.** For details please visit website: **www.nluo.ac.in".**

Sd/- Registrar



## OFFICE OF THE SUPERINTENDING ENGINEER
## RURAL WORKS DIVISION-II, GANJAM, BERHAMPUR

Phone : 0680-2404096, E-Mail : eerwgmt@yahoo.co.in

No.O-613 **Government of Odisha e-Procurement Notice**

**Bid Identification No. Online Tender/05/SERWD-II/2025-26**
**Memo No.6194/RWD-IIGB, Date : 18.08.2025**

| | | | |
|---|---|---|---|
| 1 | Name of the Work | : | Building Works |
| 2 | Estimated Cost | : | Rs.2.11 lakhs to Rs.5.05 lakhs |
| 3 | Period of Completion | : | 1 (One) Month as per Annexure |
| 4 | Date & Time of availability of Bid documents in the Portal | : | 01.09.2025 at 10.00 A.M. to 12.09.2025 up to 4.00 P.M. |
| 5 | Last Date/Time for receipt of Bids in the Portal | : | 12.09.2025 up to 4.00 P.M. |
| 6 | Name and address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal **tendersodisha.gov.in/nicgep/app**

Sd./- Executive Engineer
R.W. Division-II, Ganjam
Berhampur

OIPR-25073/11/0025/2526



## OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR

E-mail : seec.bbsr2010@gmail.com

**Bid Identification No.S.E.E.C (R&B) 11/2025-26**
**No. 3169 / Date : 19.08.2025**

**No.B-428** : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.01.09.2025 at 05.00 P.M. to dt.15.09.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.16.09.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B) Odisha,
BBSR

OIPR-34006/11/0045/2526

# ପୋଲିସ ଏସ୍‌ଆଇଙ୍କୁ ଗିରଫ କଲା ଭିଜିଲାନ୍ସ

## ସ୍କ୍ରାପ୍ ବ୍ୟବସାୟୀଙ୍କଠାରୁ ନେଉଥିଲେ ଲାଞ୍ଚ

ବରଗଡ଼, ୨୫।୮ (ପ୍ରେମାନନ୍ଦ ଖମାରୀ)

ଲାଞ୍ଚ ନେବା ଅଭିଯୋଗରେ ବରଗଡ଼ ଜିଲା ବିଜେପୁର ଥାନାରେ କାର୍ଯ୍ୟରତ ପୋଲିସ ଏସ୍‌ଆଇ ଜଗା ବରିହାଙ୍କୁ ଭିଜିଲାନ୍ସ ସୋମବାର ଗିରଫ କରିଛି। ସେ ବିଜେପୁରର ସ୍କ୍ରାପ୍ ବ୍ୟବସାୟୀ ମୁକେଶ ସାହୁଙ୍କ ଠାରୁ ୭ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ମାଡ଼ି ବସିଥିଲା। ତାଙ୍କ ପାଖରୁ ଲାଞ୍ଚ କାରବାରରେ ବ୍ୟବହୃତ ରାସାୟନିକ ପ୍ରଲେପ ଦିଆ ୭ହଜାର ଟଙ୍କା ଜବତ ହୋଇଛି। ଏ ନେଇ ସମ୍ବଲପୁର ଭିଜିଲାନ୍ସ ଏକ ମାମଲା (ନଂ-୧୬/୨୫) ରୁଜୁ କରାଯିବା ସହ ବରିହାଙ୍କୁ ସ୍ଥାନୀୟ ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଛି।


ପୋଲିସ ଏସ୍‌ଆଇ ଜଗା ବରିହା।

ସୂଚନାନୁଯାୟୀ, ଏସ୍‌ଆଇ ବରିହା ସ୍କ୍ରାପ୍ ବ୍ୟବସାୟୀ ମୁକେଶଙ୍କ ବ୍ୟବସାୟରେ ପୋଲିସ କେବେ କୌଣସି ମାମଲା କରିବ ନାହିଁ କହି ତାଙ୍କଠାରୁ ମାସକୁ ୧୦ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ମାତ୍ର ମୁକେଶ ଏତେ ଟଙ୍କା ଦେବାରେ ନିଜ ଅସହାୟତା ପ୍ରକାଶ କରି ୭ହଜାର ଟଙ୍କା ପ୍ରଦାନ କରିଥିଲେ। କିନ୍ତୁ ଏସ୍‌ଆଇ ବରିହା ୭ହଜାର ଟଙ୍କା ଫେରାଇଦେଇ ମୁକେଶଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଧମକ ଦେଇଥିଲେ। ଏହାପରେ ଅନନ୍ୟୋପାୟ ହୋଇ ରବିବାର ମୁକେଶ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତିକରି ଭିଜିଲାନ୍ସ ପୋଲିସ ଏସ୍‌ଆଇଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲା। ଯୋଜନା ଅନୁଯାୟୀ, ସ୍କ୍ରାପ୍ ବ୍ୟବସାୟୀ ପୋଲିସ ଏସ୍‌ଆଇ ବରିହାଙ୍କୁ ୭ହଜାର ଟଙ୍କା ଦେଉଥିବାବେଳେ ଭିଜିଲାନ୍ସ ଟିମ୍ ଅତର୍କିତ ଚଢାଉ କରି ତାଙ୍କୁ ଧରିଥିଲା। ସେହିପରି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଆଶଙ୍କାରେ ଭିଜିଲାନ୍ସ ଏସ୍‌ଆଇ ବରିହାଙ୍କ ବିଜେପୁରର ଭୋଇପଡ଼ା, ବିଜପୁରର କାର୍ଯ୍ୟାଳୟ ଏବଂ ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ରତାଖଣ୍ଡି ବାସଭବନରେ ଚଢ଼ାଉ କରିଛି।

# ସମ୍ପର୍କୀୟ ମାମୁଙ୍କୁ ଆଜୀବନ କାରାଦଣ୍ଡ

ବ୍ରହ୍ମପୁର, ୨୫।୮ (ସୁବାସ ଚନ୍ଦ୍ର ପାଢ଼ୀ)

## ୪ ମାସରେ ଶିଶୁକନ୍ୟା ବଳାତ୍କାର, ହତ୍ୟା ମାମଲାର ରାୟ

ଗଞ୍ଜାମ ଜିଲା ପାଟପୁର ଥାନା ଅଞ୍ଚଳର ଏକ ଶିଶୁକନ୍ୟା ବଳାତ୍କାର ଓ ହତ୍ୟା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ୪ ମାସ ମଧ୍ୟରେ ଏହି ସମ୍ବେଦନଶୀଳ ମାମଲାର ବିଚାର ହୋଇ ଅଭିଯୁକ୍ତ ସମ୍ପର୍କୀୟ ମାମୁଙ୍କୁ ଦଣ୍ଡାଦେଶ ହୋଇଛି। ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ପ୍ରଣତୀ ପଟ୍ଟନାୟକ ଅଭିଯୁକ୍ତ କାଳିଆ ନାହାକ ଓରଫ ଷଣ୍ଢ କାଳିଆ(୨୭)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ମୃତ ଶିଶୁକନ୍ୟାଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୃତ ଶିଶୁକନ୍ୟାଙ୍କ ମା' ନିଜ ପ୍ରତିକ୍ରିୟାରେ କହିଛନ୍ତି, ନ୍ୟାୟାଳୟ ଉପରେ ଭରସା ରହିଛି। ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ ହୋଇଥିଲେ ଝିଅର ଆତ୍ମାକୁ ଶାନ୍ତି ମିଳିପାରିଥାନ୍ତା ବୋଲି କହିଛନ୍ତି।

ସାନଖେମୁଣ୍ଡି ବ୍ଲକ ମହାନଳା ଗ୍ରାମର ଜଣେ ମହିଳା ଗତ ଏପ୍ରିଲ ମାସରେ ତାଙ୍କ ୫ବର୍ଷର ଝିଅକୁ ଧରି ଖଲିଙ୍ଗି ଗ୍ରାମ ବାପଘରକୁ ଯାତ୍ରା ଦେଖିବାକୁ ଯାଇଥିଲେ। ୨୫ ତାରିଖ ସନ୍ଧ୍ୟାରେ ଝିଅ ଘର ଆଗରେ ଖେଳୁଥିବା ବେଳେ ହଠାତ୍ ନିଖୋଜ ହୋଇଯାଇଥିଲେ। ଯାତ୍ରା କମିଟି ପକ୍ଷରୁ ମାଇକ୍‌ରେ ଏ ନେଇ ସୂଚନା ଦିଆଯାଇଥିଲା। ବହୁ ଖୋଜାଖୋଜି ପରେ ବି ପତ୍ତା ନ ମିଳିବାରୁ ପାଟପୁର ଥାନାକୁ ଖବର ଦିଆଯାଇଥିଲା। ପୋଲିସ ଟିମ୍ ଗାଁରେ ପହଞ୍ଚି ତଦନ୍ତ କରି ଫେରିଥିଲା। ପରିବାର ଲୋକେ ରାତିସାରା ଗ୍ରାମବାସୀଙ୍କ ସହାୟତାରେ ଖୋଜାଖୋଜି କରିଥିଲେ ମଧ୍ୟ ଝିଅକୁ ପାଇ ନ ଥିଲେ। ବିଳମ୍ବିତ ରାତିରେ କେତେଜଣ ଲୋକ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ନିକଟସ୍ଥ ନିର୍ମାଣାଧୀନ ଅଙ୍ଗନୱାଡ଼ି କେନ୍ଦ୍ର ଭିତରେ ଶିଶୁକନ୍ୟା ମୃତଦେହ ପଡିଥିବା ଦେଖି ଥାନାକୁ ଖବର ଦେଇଥିଲେ। ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଜଣାପଡ଼ିଥିଲା। ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ରଙ୍କ ନେତୃତ୍ୱରେ ଆସିକା ଏସ୍‌ଡିପିଓ ସନ୍ତୋଷ ଜେନା, ପାଟପୁର ଥାନା ଅଧିକାରୀ ଦୀପ୍ତିରଞ୍ଜନ ବେହେରା ଘଟଣାର ତଦନ୍ତ କରିଥିଲେ। ଏହି ଘଟଣାରେ ପୋଲିସ ଶିଶୁକନ୍ୟାଙ୍କ ସମ୍ପର୍କୀୟ ମାମୁ କାଳିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ବେଳେ ମୋଟ ୨୦ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମାମଲା ପରିଚାଳନା କରିଥିଲେ।

## ବଳାତ୍କାର ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

ଛେଣ୍ଡିପଦା, ୨୫।୮ (ଅଜିତ ଧଳ)

ଅନୁଗୋଳ ଜିଲା ବାଗଡ଼ିଆ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ବଳାତ୍କାର ମାମଲାର ବିଚାର କରି ଅନୁଗୋଳ ଅତିରିକ୍ତ ଜିଲା ଓ ଦୌରାଜଜ୍ ଫାଷ୍ଟଟ୍ରାକ୍ କୋର୍ଟ ଅଭିଯୁକ୍ତ ବଂଶୀ ନାଏକଙ୍କୁ ସୋମବାର ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାରୁ ପ୍ରକାଶ, ୧୬ ନଭେମ୍ବର ୨୦୧୮ରେ ସମ୍ପୃକ୍ତା ଯୁବତୀ ଗାଧୋଇବା ପାଇଁ ଯାଉଥିବାବେଳେ ଏକୁଟିଆ ପାଇ ବଂଶୀ ତାଙ୍କୁ ବଳାତ୍କାର କରିଥିଲେ। ଏଥିସହ ଘଟଣା ସମ୍ପର୍କରେ କାହାକୁ କହିଲେ ହତ୍ୟା କରିବାକୁ ଧମକ ଦେଇଥିଲେ। କିଛିଦିନ ପରେ ଯୁବତୀ ଗର୍ଭବତୀ ହେବାରୁ ଏ ନେଇ ୨୧ ମାର୍ଚ୍ଚ ୨୦୧୯ରେ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନଂ. ୧୧୨/୧୯ରେ ମାମଲା ରୁଜୁ ସହିତ ଥାନା ଅଧିକାରୀ ପ୍ରିୟବ୍ରତ ଦାଶ ଘଟଣାର ତଦନ୍ତ କରି ଅଭିଯୁକ୍ତ ବଂଶୀଙ୍କୁ ଗିରଫ କରିଥିଲେ। ଏହି ମାମଲାର ବିଚାର କରି ଅନୁଗୋଳ ଅତିରିକ୍ତ ଜିଲା ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ବିରଞ୍ଚି ନାରାୟଣ ମିଶ୍ର ଅଭିଯୁକ୍ତଙ୍କୁ ଦଣ୍ଡିତ କରିଥିଲେ। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସହକାରୀ ଓକିଲ ପ୍ରଦୀପ କୁମାର ଭୂତିଆ ପରିଚାଳନା କରିଥିଲେ।

# ମୃତ ବ୍ୟକ୍ତିଙ୍କୁ ଜୀବିତ ଦର୍ଶାଇ ଜମି ବିକ୍ରି, ୩ ଗିରଫ

ଗଞ୍ଜାମ, ୨୫।୮ (ବିଦ୍ୟାଧର ସାହୁ)

ଜଣେ ମୃତ ବ୍ୟକ୍ତିଙ୍କୁ ଜୀବିତ ଦର୍ଶାଇ ଜମି ବିକ୍ରି କରାଯାଇଥିବା ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ଜମି ଜାଲିଆତି ଓ ବିକ୍ରି ମାମଲାରେ ଗଞ୍ଜାମ ପୋଲିସ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଛତ୍ରପୁର କୁମାରବେଗପଲି ଅଞ୍ଚଳର ମନୋଜ ଗୌଡ଼ (୩୦), କାଳଯମୁନା ଗ୍ରାମର ଦିଲୀପ ମାଳି (୫୧) ଓ ବ୍ରହ୍ମପୁର ନିମଖଣ୍ଡି ବନ୍ଧସାହିର ଦଣ୍ଡପାଣି ବେହେରା (୭୮)। ସେମାନଙ୍କଠାରୁ ନକଲି ଆଧାର କାର୍ଡ ଓ ବ୍ୟାଙ୍କ ପାସ୍‌ବୁକ୍ ଜବତ କରାଯାଇଛି। ଗିରଫ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ନକଲି ମାଲିକ ଓ ଦୁଇଜଣ ଜମି ଦଲାଲ ରହିଥିବା ଏସ୍‌ଆଇ ଅନିରୁଦ୍ଧ ସ୍ୱାଇଁ କହିଛନ୍ତି।

ଏତଲାରୁ ପ୍ରକାଶ, ହଳଦିଆପଦର ବାସିନ୍ଦା ଦଣ୍ଡପାଣି ବେହେରାଙ୍କ ଗତ ୨୦୦୪ରେ ମୃତ୍ୟୁ ହୋଇଥିଲା। ଦଣ୍ଡପାଣିଙ୍କ ନାମରେ ମଲାଡ଼ ପଞ୍ଚାୟତରେ ଦୁଇ ଏକର ୬୪୨ ଡିସିମିଲ ଜମି ରହିଥିଲା। ତାଙ୍କ ପରିବାରର ପ୍ରାୟ ସଦସ୍ୟ ବାହାରେ ସ୍ଥାୟୀ ଭାବରେ ଥିବାରୁ ସେହି ଜମି ଉପରେ ଗୁରୁତ୍ୱ ଦେଉ ନ ଥିଲେ। ଏହି ସୁଯୋଗର ଫାଇଦା ଉଠାଇ କେତେଜଣ ବ୍ୟକ୍ତି ଦଲାଲ ସାଜି ଜାଲିଆତି କରି ଉକ୍ତ ଜମି ବିକ୍ରି କରି ଦେଇଥିଲେ। ଦୀର୍ଘଦିନ ପରେ ଦଣ୍ଡପାଣିଙ୍କ ପୁଅ ମାନସ ଏ ସମ୍ପର୍କରେ ଜାଣିବାକୁ ପାଇଥିଲେ। ସେ ଏନେଇ ଅଗଷ୍ଟ ୨୦ରେ ଗଞ୍ଜାମ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ନଂ. ୨୭୦/୨୦୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଆଇଆଇସି ଦାୟିତ୍ୱରେ ଥିବା ଶ୍ରଦ୍ଧାଞ୍ଜଳି ସୁବୁଦ୍ଧିଙ୍କ ନେତୃତ୍ୱରେ ଏହାର ଖୋଳତାଡ଼ ହୋଇଥିଲା। ରିପୋର୍ଟ ଅନୁସାରେ, ୨୦୨୪ରେ ଅଭିଯୁକ୍ତମାନେ ନକଲି ଆଧାର କାର୍ଡ ବ୍ୟବହାର କରି ୭୮ ବର୍ଷୀୟ ଦଣ୍ଡପାଣି ବେହେରାଙ୍କ ପରିଚୟ ଦେଇ ସ୍ଥାନୀୟ ବ୍ୟକ୍ତି ଡି. ବିକାଶଙ୍କୁ ଏହି ଜମି ବିକ୍ରି କରିଥିଲେ। ୨୦୨୪ ସେପ୍ଟେମ୍ବର ୧ରେ ଗଞ୍ଜାମ ସବ୍ ରେଜିଷ୍ଟ୍ରାର ଅଫିସରେ ଜମି ରେଜିଷ୍ଟ୍ରି ହୋଇଥିଲା। ଅଧିକ ଟଙ୍କା ଥିବା ଜମି କମ୍ ଟଙ୍କାରେ ମିଳୁଥିବାରୁ ବିକାଶ ଜମି କିଣିଥିଲେ। ଏହି ଘଟଣାରେ ୧୫ ଲକ୍ଷ ଟଙ୍କା କାରବାର ହୋଇଥିବା ବେଳେ ଏଥିରୁ ନକଲି ଦଣ୍ଡପାଣି ସାଜିଥିବା ବ୍ୟକ୍ତିଙ୍କୁ ୧.୫ ଲକ୍ଷ ପ୍ରଦାନ କରାଯାଇଥିଲା। ଅବଶିଷ୍ଟ ୧୩.୫ ଲକ୍ଷ ଟଙ୍କା ଦୁଇ ଦଲାଲ ମନୋଜ ଓ ଦିଲୀପ ବାଣ୍ଟି ନେଇଥିଲେ। ପଚରାଉଚରା ବେଳେ ଅଭିଯୁକ୍ତମାନେ ଜମି ଜାଲିଆତି କରି ବିକ୍ରି କରିଥିବା ସ୍ୱୀକାର କରିଛନ୍ତି।

## ହେଲ୍‌ପରଙ୍କୁ ମରଣାନ୍ତକ ଆକ୍ରମଣ, କଣ୍ଡକ୍ଟର ଗିରଫ

ଭୁବନେଶ୍ୱର, ୨୫।୮ (ସତ୍ୟଜିତ୍ ରାଉତ)

ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଜଣେ ହେଲ୍‌ପରଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ କଣ୍ଡକ୍ଟରଙ୍କୁ ଭରତପୁର ଥାନା ପୋଲିସ ସୋମବାର ଗିରଫ କରିଛି। ସେହେଲେ ପୁରୀ ଜିଲା ନିମାପଡ଼ାର କାହ୍ନା ଓରଫ ଖୋକା ଓରଫ ତ୍ରିନାଥ ଭୋଇ(୨୫)। କୋର୍ଟ ଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆକ୍ରମଣର ଶିକାର ହେଲ୍‌ପର ବୁବୁନା ଜେନା 'ଖାଟୋଇ ଆଣ୍ଡ ଖାଟୋଇ' ବସ୍‌ରେ ହେଲ୍‌ପର ଭାବେ କାମ କରୁଥିବାବେଳେ କାହ୍ନା ମଧ୍ୟ ଉକ୍ତ ବସ୍‌ରେ କଣ୍ଡକ୍ଟର ଅଛନ୍ତି। ରବିବାର ରାତି ପ୍ରାୟ ୯ଟା ବେଳେ କୌଣସି ଏକ କଥାକୁ ନେଇ ସେଠାରେ ବୁବୁନା ଓ କାହ୍ନାଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ବୁବୁନାଙ୍କୁ କାହ୍ନା ଏକ ଜଗ୍ ରଡ୍‌ରେ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକମାନେ ଘଟଣାସ୍ଥଳକୁ ଆସିବା ଦେଖି କାହ୍ନା ସେଠାରୁ ଖସି ପଳାଇ ଯାଇଥିଲେ। ବୁବୁନାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି କାହ୍ନାଙ୍କୁ ବରମୁଣ୍ଡାରୁ ଗିରଫ କରିଥିଲା।

# ଡକାୟତି ଯୋଜନା ବେଳେ ମାଡ଼ିବସିଲା ପୋଲିସ

ଭଦ୍ରକ, ୨୫।୮ (ସନାତନ ରାଉତ)

## ୬ ଗିରଫ, ୨ ବନ୍ଧୁକ ଜବତ

ଡକାୟତି ଯୋଜନା କରୁଥିବା ବେଳେ ରବିବାର ରାତିରେ ଏକ ଡକାୟତ ଗ୍ୟାଙ୍ଗକୁ ମାଡ଼ି ବସିଲା ଭଦ୍ରକ ଟାଉନ ପୋଲିସ। ସେମାନଙ୍କଠାରୁ ୨ଟି ବନ୍ଧୁକ ଓ ୩ ରାଉଣ୍ଡ ଗୁଳି ଜବତ ସହ ୬ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ବାଲେଶ୍ୱର ଜିଲା ସୋର ଥାନା ଅଧୀନ ସୋର ଅଞ୍ଚଳର ସୁକାନ୍ତ କୁମାର ସେଠୀ(୧୯), ରାଜୀବ କୁମାର ନାୟକ(୧୯), କୁଣ୍ଡାପଡ଼ାର ସଞ୍ଜୟ ଦଳେଇ(୧୯), ରାଇପୁରର ବିଶ୍ୱନାଥ ଦାସ(୨୦), ବେଲପୁରର ସେକ୍ ଆରିଫ(୨୩) ଓ ସେକ୍ ସମରାଜ(୨୦)।

ସୂଚନା ଅନୁଯାୟୀ, ଟାଉନ ପୋଲିସ ରାତି ପ୍ରାୟ ୧୦ଟା ବେଳେ ପାଟ୍ରୋଲିଂ କରୁଥିବା ବେଳେ ସହରର ବନ୍ତଛକସ୍ଥିତ ଜଗନ୍ନାଥପୁର ଏଟିଏମ୍ ନିକଟରେ ୬ ଯୁବକ ମାରଣାସ୍ତ୍ର ଧରି ଠିଆ ହୋଇଥିବା ଦେଖିବାକୁ ପାଇଥିଲା। ପୋଲିସ ସେମାନଙ୍କ ନିକଟକୁ ଯିବାରୁ ୩ ଯୁବକ ଗୋଟିଏ ବାଇକ୍‌ରେ ଚମ୍ପଟ ମାରିଥିଲେ। ପୋଲିସ ଅନ୍ୟ ୩ଜଣଙ୍କ ତଲାସି ନେବାରୁ ସେମାନଙ୍କଠାରୁ ଏକ ଖେଳଣା ବନ୍ଧୁକ ସହ ୩ ରାଉଣ୍ଡ ଗୁଳି ମିଳିଥିଲା। ଭୁଜାଲି, ଗ୍ୟାସ୍ କଟର ସହ ବିଭିନ୍ନ ମାରଣାସ୍ତ୍ର ସେମାନଙ୍କ ପାଖରୁ ବାହାରିଥିଲା। ପୋଲିସ ୩ଜଣଙ୍କୁ କାବୁ କରିବା ପରେ ଖସି ଯାଇଥିବା ଅନ୍ୟ ୩ଜଣଙ୍କୁ ପିଛା କରି ବରପଦା ନିକଟରୁ ଧରିଥିଲା। ସେମାନଙ୍କଠାରୁ ଆଉ ଏକ ବନ୍ଧୁକ ମିଳିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୪୯୫/୨୫) ରୁଜୁ କରାଯାଇ ଡାକ୍ତରୀ ପରୀକ୍ଷା ପରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ନାମରେ ସୋର ଥାନାରେ ବିଭିନ୍ନ ଆପରାଧିକ ମାମଲା ରହିଥିବା ଥାନାଧିକାରୀ ପ୍ରଭାଂଶୁ ମିଶ୍ର କହିଛନ୍ତି।

# Business

# ମହିଳା ନିଯୁକ୍ତି ହାର ଦ୍ୱିଗୁଣିତ, ବେକାରି ୩.୨%କୁ ହ୍ରାସ

ଭୁବନେଶ୍ୱର, ୨୫।୮ (ଅନୁରାଧା ମହାରଣା)



୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ଦେଶ କରିବା ପାଇଁ ସରକାର ସବୁ କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏପରିକି କର୍ମଶକ୍ତିରେ ୭୦% ମହିଳା ଅଂଶଗ୍ରହଣକୁ ସୁନିଶ୍ଚିତ କରିବାର ଲକ୍ଷ୍ୟ ରଖାଯାଇଛି । ପିଏଲ୍‌ଏଫ୍‌ଏସ୍ ତଥ୍ୟ ଅନୁଯାୟୀ ଦେଶରେ ମହିଳା କର୍ମନିଯୁକ୍ତି ହାରରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ମହିଳା ନିଯୁକ୍ତି ହାର ୨୦୧୭-୧୮ରେ ୨୨%ରୁ ୨୦୨୩-୨୪ରେ ୪୦.୩%କୁ ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ ବେକାରି ହାର ୫.୬ ପ୍ରତିଶତରୁ ୩.୨ ପ୍ରତିଶତକୁ ହ୍ରାସ ପାଇଛି । ଗ୍ରାମୀଣ ଭାରତରେ ମହିଳା ନିଯୁକ୍ତିରେ ୯୬% ବୃଦ୍ଧି ଘଟିଥିବାବେଳେ ସହରାଞ୍ଚଳରେ ୪୩% ବୃଦ୍ଧି ଘଟିଛି। ଏକ ଆକଳନ ଅନୁସାରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ମହିଳାମାନଙ୍କ ନିଯୁକ୍ତି କ୍ଷମତା ମଧ୍ୟ ୨୦୧୩ରେ ୪୨% ଥିବାବେଳେ ତାହା ୨୦୨୪ରେ ୪୭.୫୩%କୁ ବୃଦ୍ଧି ପାଇବ । ସ୍ନାତକୋତ୍ତର ଏବଂ ତଦୂର୍ଦ୍ଧ୍ୱ ଡିଗ୍ରୀ ହାସଲ କରିଥିବା ମହିଳାଙ୍କ ମଧ୍ୟରେ ନିଯୁକ୍ତି ହାର ୨୦୧୭-୧୮ରେ ୩୪.୫%ରୁ ୨୦୨୩-୨୪ରେ ୪୦ ପ୍ରତିଶତକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଇଣ୍ଡିଆ ସ୍କିଲ୍ସ ରିପୋର୍ଟ ୨୦୨୫ ଅନୁଯାୟୀ, ୨୦୨୫ରେ ପ୍ରାୟ ୫୫% ଭାରତୀୟ ସ୍ନାତକ ବିଶ୍ୱ ସ୍ତରରେ ନିଯୁକ୍ତି ଯୋଗ୍ୟ ହେବେ ବୋଲି ଆଶା କରାଯାଉଛି। ଏହା ୨୦୨୪ରେ ୫୧.୨% ଥିଲା। ଇପିଏଫଓ ପେରୋଲ ତଥ୍ୟ ଅନୁସାରେ, ସଂଗଠିତ କ୍ଷେତ୍ରରେ ମହିଳାଙ୍କ ଯୋଗଦାନ ବଢ଼ିଛି। ଗତ ୭ ବର୍ଷରେ ୧.୫୬ କୋଟି ମହିଳା ଆନୁଷ୍ଠାନିକ କର୍ମଶକ୍ତିରେ ଯୋଗ ଦେଇଛନ୍ତି। ଏହି ସମୟରେ ଅଗଷ୍ଟ ସୁଦ୍ଧା ଇ-ଶ୍ରମ ପୋର୍ଟାଲରେ ୧୬.୬୯ କୋଟିରୁ ଅଧିକ ଅସଂଗଠିତ ମହିଳା ଶ୍ରମିକଙ୍କ ପଞ୍ଜୀକରଣ ରେକର୍ଡ କରାଯାଇଛି, ଅନ୍ୟପଟେ ଜାତୀୟ ସ୍ତରରେ ୧୫ଟି ମନ୍ତ୍ରଣାଳୟର ୭୦ଟି କେନ୍ଦ୍ରୀୟ ଯୋଜନା ଏବଂ ୪୦୦ରୁ ଅଧିକ ରାଜ୍ୟସ୍ତରୀୟ ଯୋଜନା ମହିଳା ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରାଯାଉଛି। ପିଏଲଏଫଏସ ତଥ୍ୟ ଦର୍ଶାଉଛି ଯେ ମହିଳା ଆତ୍ମନିଯୁକ୍ତି ୩୦% ବୃଦ୍ଧି ପାଇଛି। ୨୦୧୭-୧୮ ରେ ୫୧.୯%ରୁ, ୨୦୨୩-୨୪ରେ ଏହା ୬୭.୪%କୁ ବୃଦ୍ଧି ପାଇବାର ଆକଳନ କରାଯାଇଛି।

## ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ, ୨୫।୮

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିପାରିଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସ ୩୨୯ (୩୨୯.୦୬) ପଏଣ୍ଟ ବୃଦ୍ଧି ଘଟି ୮୧,୬୩୬ (୮୧,୬୩୫.୯୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୯୮ (୯୭.୬୫) ପଏଣ୍ଟ ବଢ଼ି ୨୪,୯୬୮ (୨୪,୯୬୭.୭୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## ବେଦାନ୍ତର ମାଗଣା ଚକ୍ଷୁ ପରୀକ୍ଷା ଶିବିର




ଭୁବନେଶ୍ୱର, ୨୫।୮

ବେଦାନ୍ତ ଆଲୁମିନିୟମର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଏଲ୍‌ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ସହଭାଗିତାରେ କମ୍ପାନୀ ରାୟଗଡ଼ାର କାଶୀପୁର ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି)ରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିରର ଆୟୋଜନ କରିଥିଲା। କମ୍ପାନୀର ଏହି ପଦକ୍ଷେପ କାଶୀପୁର ବ୍ଲକ ଏବଂ ନିକଟସ୍ଥ ଗ୍ରାମଗୁଡ଼ିକର ୧୬୫ରୁ ଅଧିକ ବାସିନ୍ଦାଙ୍କୁ ଉପକୃତ କରିଥିଲା, ଯାହା ଗୋଷ୍ଠୀ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ବୃଦ୍ଧି ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ଦର୍ଶାଇଥିଲା। ଏହି ପରିପ୍ରେକ୍ଷୀରେ କାଶୀପୁରର ଭାରପ୍ରାପ୍ତ ଇନ୍ସପେକ୍ଟର ଦେବବ୍ରତ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଶୀପୁରର ସିଏଚ୍‌ସି ମୁଖ୍ୟ ଡା. ନେତ୍ରାନନ୍ଦ ନାୟକଙ୍କ ସମେତ ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ ଏବଂ ସମ୍ପ୍ରଦାୟ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଏହି ଶିବିର ଜରିଆରେ ଆମେ ସ୍ଥାନୀୟ ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇଛୁ। ଏପରିକି ଆବଶ୍ୟକ ସ୍ୱାସ୍ଥ୍ୟ ସେବା ଉପଲବ୍ଧତା ନିଶ୍ଚିତ କରିବା ଆମର ସମ୍ପ୍ରଦାୟ ବିକାଶ ପ୍ରୟାସର ଏକ ମୂଳଦୁଆ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

## ହ୍ୱାଇଟଲ୍ୟାଣ୍ଡ ସହ ଜେଏସ୍‌ଏଲ୍‌ର ବୁଝାମଣା

ଭୁବନେଶ୍ୱର, ୨୫।୮

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ରିଅଲ୍‌ଇଷ୍ଟେଟ୍ ଡେଭଲପର୍ ହ୍ୱାଇଟଲ୍ୟାଣ୍ଡ କର୍ପୋରେଶନ୍ ଏବଂ ଜିନ୍ଦଲ୍ ଷ୍ଟେନଲେସ୍ ଲିମିଟେଡ (ଜେଏସ୍‌ଏଲ) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷ କରି ଗୁରୁଗ୍ରାମଠାରେ ଏକ ବ୍ରାଣ୍ଡେଡ୍ ଆବାସିକ ପ୍ରକଳ୍ପ 'ୱେଷ୍ଟିନ୍ ରେସିଡେନ୍ସ' ପାଇଁ ଆବଶ୍ୟକ ଷ୍ଟେନଲେସ୍ ଷ୍ଟିଲ୍ ରିବାର୍ ଯୋଗାଣ କରିବା ନେଇ ଉଭୟ ସଂସ୍ଥା (କମ୍ପାନୀ) ମଧ୍ୟରେ ଏହି ବ୍ୟବସାୟିକ ବୁଝାମଣା ହୋଇଛି। ସେହିଭଳି ପ୍ରଥମ କରି ଦେଶର ଏକ ବ୍ରାଣ୍ଡେଡ୍ ଆବାସିକ ପ୍ରକଳ୍ପରେ ଷ୍ଟେନଲେସ୍ ଷ୍ଟିଲ୍ ରିବାର୍ ବ୍ୟବହାର ହେଉଛି, ଏହା ସଂରଚନାତ୍ମକ ନବସୃଜନ ଏବଂ ଦୀର୍ଘକାଳୀନ ସ୍ଥାୟିତ୍ୱ ପାଇଁ ଭାରତୀୟ ଗୃହରେ ଷ୍ଟେନଲେସ୍ ଷ୍ଟିଲର ଉପଯୋଗିତାକୁ ଦର୍ଶାଉଛି। ଜିନ୍ଦଲ୍ ଷ୍ଟେନଲେସ୍ ଜିନ୍ଦଲ୍ ଇନଫିନିଟି ଭାବେ ପରିଚିତ ବ୍ରାଣ୍ଡ ୪୧୦ଏଲ୍ ଗ୍ରେଡ୍ ଷ୍ଟେନଲେସ୍ ଷ୍ଟିଲ୍ ରିବାର୍ ଯୋଗାଣ କରିଛି, ଏହା ପ୍ରକଳ୍ପର ସଂରଚନାତ୍ମକ ଢାଞ୍ଚାର ମୁଖ୍ୟ ଅଂଶ ବୋଲି କୁହାଯାଉଛି।

ଏହି ପଦକ୍ଷେପ ସାମଗ୍ରୀ ମାନଦଣ୍ଡରେ ଏକ ସମ୍ଭାବ୍ୟ ପରିବର୍ତ୍ତନକୁ ସୂଚିତ କରେ ଏବଂ ପାରମ୍ପରିକ ଭାବେ କାର୍ବନ ଷ୍ଟିଲର ବହୁଳ ଉପଯୋଗ ହେଉଥିବା ରିଅଲ୍ ଇଷ୍ଟେଟ୍ ପାଇଁ ଉଚ୍ଚ ମାନଦଣ୍ଡ ସ୍ଥାପନ କରୁଛି। ଉଚ୍ଚ ଭାର-ବହନ କ୍ଷମତା, ଗଠନାତ୍ମକ ସହନଶୀଳତା, କ୍ଷୟ ପ୍ରତିରୋଧ, ଭୂକମ୍ପ ପ୍ରତିରୋଧ ଏବଂ ଟେନଶାଇଲ ଷ୍ଟ୍ରେନ୍ଥ ପାଇଁ ୪୧୦ଏଲ୍ ଗ୍ରେଡ୍ ଷ୍ଟେନଲେସ୍ ଷ୍ଟିଲକୁ ଉପକୂଳ ଏବଂ ମେଟ୍ରୋ ପ୍ରକଳ୍ପ ସମେତ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିରେ ବ୍ୟବହାର କରାଯାଏ ।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନଲେସର ସିଇଓ ତଥା ସିଏଫଓ ତରୁଣ ଖୁଲବେ କହିଛନ୍ତି, ହ୍ୱାଇଟଲ୍ୟାଣ୍ଡ କର୍ପୋରେଶନ ସହ ଆମର ବୁଝାମଣା (ସହଭାଗିତା) କେବଳ ଘର ନିର୍ମାଣ ପାଇଁ ନୁହେଁ, ବରଂ ଏହା କିପରି ନିର୍ମିତ ହୁଏ, ସେ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ହ୍ୱାଇଟଲ୍ୟାଣ୍ଡ କର୍ପୋରେଶନର ପ୍ରତିଷ୍ଠାତା ନବଦୀପ ସରଦାନା କହିଛନ୍ତି, ଏହି ସହଭାଗିତା ଦୀର୍ଘକାଳୀନ ଜୀବନକୁ ସାକାର କରିବାରେ ଆମର ମହତ୍ତ୍ୱାକାଂକ୍ଷାକୁ ପ୍ରତିଫଳିତ କରିଛି।

## ଖଣି କ୍ଷେତ୍ରର ଉତ୍ପାଦନ କାର୍ଯ୍ୟକ୍ଷମତା ବୃଦ୍ଧିକୁ ଗୁରୁତ୍ୱାରୋପ

ଭୁବନେଶ୍ୱର, ୨୫।୮ (ଅଭୟ ଦାଶ)



ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ସୁଧାଂଶୁ ମୋହନ ସାମଲ ନିକଟରେ କେନ୍ଦୁଝର ଜିଲାସ୍ଥିତ ଗନ୍ଧମାର୍ଦ୍ଦନ ଓ ଦୈତାରି ଲୌହଖଣି ପରିଦର୍ଶନ ସହ ନିଗମର ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଭାବେ ସମୀକ୍ଷା କରିଛନ୍ତି। ଏହି ଅବସରରେ ସାମଲ ଖଣି କ୍ଷେତ୍ରର ଉତ୍ପାଦନ କାର୍ଯ୍ୟକ୍ଷମତା ବୃଦ୍ଧି, ସୁରକ୍ଷା ତଥା ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରି ବିଭାଗୀୟ ଅଧିକାରୀଙ୍କ ସହ ଖଣି ଅଞ୍ଚଳ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ଅବସରରେ ଓଏମ୍‌ସିର ନିର୍ଦ୍ଦେଶକ (ମାନବସମ୍ବଳ) ଆଲୋକ କୁମାର ପାଳ ଏବଂ ନିର୍ଦ୍ଦେଶକ (ଅର୍ଥ) ବନ ବିହାରୀ ପାଣିଙ୍କ ସମେତ ଖଣି ଅଞ୍ଚଳର ଅଧିକାରୀ ଓ ବରିଷ୍ଠ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ସାମଲ ଗନ୍ଧମାର୍ଦ୍ଦନ ଖଣି କ୍ଷେତ୍ର ପରିଦର୍ଶନ କରିବା ଅବସରରେ ଓର୍ ଷ୍ଟକୟାର୍ଡ, କମାଣ୍ଡ କଣ୍ଟ୍ରୋଲ ସେଣ୍ଟର ପରିଦର୍ଶନ କରିବା ସହିତ ଖଣି କ୍ଷେତ୍ରର ବାର୍ଷିକ ଲକ୍ଷ୍ୟ ଅନୁସାରେ ଉତ୍ପାଦନ କ୍ଷମତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ବିକ୍ରୟ ବୃଦ୍ଧି କରି ଶିଳ୍ପଗୁଡ଼ିକୁ ନିୟମିତ ଖଣିଜ ଯୋଗାଣ ସୁନିଶ୍ଚିତ ତଥା ସୁପରିଚାଳନା କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସାମଲ ଗନ୍ଧମାର୍ଦ୍ଦନ ସ୍ଥିତ କମାଣ୍ଡ କଣ୍ଟ୍ରୋଲ ସେଣ୍ଟରର ସମୀକ୍ଷା କରି ଏହାର ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ପରିଚାଳିତ ବିଭିନ୍ନ ପ୍ରକ୍ରିୟାକୁ ନିରୀକ୍ଷଣ କରିଥିଲେ। ଏଥିସହ ରିଅଲ-ଟାଇମ ମନିଟରିଂ, ଖଣି ଅଞ୍ଚଳର ସୁରକ୍ଷା ବ୍ୟବସ୍ଥାର ତଦାରଖ କରିବା ସହିତ ସମସ୍ତ ପ୍ରକାରର ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରସ୍ତୁତ ରହିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏପରିକି ଖଣି ଅଞ୍ଚଳରେ ପରିବେଶଗତ ମାନଦଣ୍ଡର କଠୋର ପାଳନ, ଅନଧିକୃତ ଏବଂ ଚୋରାଚାଲାଣ ରୋକିବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସାମଲ କର୍ମଚାରୀମାନଙ୍କ କଲ୍ୟାଣ ନିମନ୍ତେ ନିର୍ମିତ ବିଭିନ୍ନ ସୁବିଧାର ମଧ୍ୟ ମୂଲ୍ୟାଙ୍କନ କରିଥିଲେ। କର୍ମଚାରୀଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ଉନ୍ନତ ସୁବିଧା ପ୍ରତି ବିଶେଷ ପ୍ରାଥମିକତା ଦେବା ପାଇଁ ସାମଲ ନିର୍ଦ୍ଦେଶ ଦେଇଛନ୍ତି।

## ଏସ୍‌ବିଆଇର ଶୁଳ୍କମୁକ୍ତ ସ୍ୱାସ୍ଥ୍ୟ ପରୀକ୍ଷା

ଭୁବନେଶ୍ୱର, ୨୫।୮

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଏକ ମେଗା ସଚେତନତା ଶିବିର ନିକଟରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଏକ ଶୁଳ୍କ ମୁକ୍ତ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସର୍ଭାଇକାଲ କ୍ୟାନସର ସଚେତନତା ଶିବିର ଓ ଟିକାକରଣ କାର୍ଯ୍ୟକ୍ରମ ଜନ ଶିକ୍ଷଣ ସଂସ୍ଥାନ ବଡ଼ଗଡ଼ ବ୍ରିଟ୍ କଲୋନି ଭୁବନେଶ୍ୱରଠାରେ ଆୟୋଜନ କରାଯାଇଥିଲା। ଏପରିକି ଏହି କାର୍ଯ୍ୟକ୍ରମ ଏସ୍‌ବିଆଇର ପ୍ରମୁଖ ସମର୍ଥନ ଏବଂ ସିଆଇଆଇ ୟଙ୍ଗ୍ ଇଣ୍ଡିଆନ୍ସ ସହ ହୃଦାନନ୍ଦ ଶିକ୍ଷା ସଂସ୍ଥାନ ସହଭାଗିତାରେ ଆୟୋଜିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଏସବିଆଇର ଆଞ୍ଚଳିକ ପରିଚାଳକ ଭୁବନେଶ୍ୱର ନର୍ଥ ଅନିଲ କୁମାର ମିଶ୍ର, ସହାୟକ ମହାପ୍ରବନ୍ଧକ (ବାଣିଜ୍ୟ ସମ୍ପ୍ରସାରଣ ଓ ସାମାଜିକ ଦାୟିତ୍ୱ)ଭବାନୀ ଶଙ୍କର ମହାନ୍ତି, ମୁଖ୍ୟ ପରିଚାଳକ ଅଭିମନ୍ୟୁ ସାହୁଙ୍କ ସମେତ ଜନ ଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶିକା (ଡିରେକ୍ଟର) ନିବେଦିତା ନରୁଲା ଏବଂ ହୃଦାନନ୍ଦ ଶିକ୍ଷା ସଂସ୍ଥାନର ଡା.ପ୍ରଶମିତା ତେଜସ୍ୱିନୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିର ଜରିଆରେ ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ସହ ସର୍ଭାଇକାଲ କ୍ୟାନ୍‌ସରର ଆଧୁନିକ ସ୍କ୍ରିନିଙ୍ଗ କରାଯାଇଥିଲା। ବିଶେଷକରି ସାଇଟୋଲୋଜି, ଓମଲେକ୍ୟୁଲାର ପ୍ରୟୋଗ ସହିତ ୧୦୦ଜଣ ମହିଳାଙ୍କର ଟିକାକରଣ କରାଯାଇଥିଲା। ଏସବିଆଇର ସାମାଜିକ ଦାୟିତ୍ୱ ପ୍ରତିବଦ୍ଧତାରୁ ପ୍ରେରିତ ଏହି ପ୍ରୟାସ ଓଡ଼ିଶାରେ ସର୍ଭାଇକାଲ କ୍ୟାନସରର ଭାରକୁ କମାଇବାରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ପ୍ରଦାନ କରିବ। ସେହିଭଳି ଏସବିଆଇର ଦୃଢ଼ ସମର୍ଥନରେ ସମ୍ଭବ ହୋଇଥିବା ଏହି ପ୍ରୟାସର ମୂଳ ଉଦ୍ଦେଶ୍ୟ ଥିଲା ସର୍ଭାଇକାଲ କ୍ୟାନ୍‌ସର, ଯାହା ଟିକାକରଣ ଦ୍ୱାରା ପ୍ରତିରୋଧ, ସେଥିପାଇଁ ନାରୀମାନଙ୍କୁ ସଚେତନ କରାଇବା ସହିତ ପ୍ରାରମ୍ଭିକ ସନ୍ଧାନ, ନିୟମିତ ସ୍କ୍ରିନିଙ୍ଗ ଏବଂ ଟିକାକରଣକୁ ପ୍ରୋତ୍ସାହିତ କରିବା।

## ମୋଟର ସାଇକେଲ ଚୋରି ଅଭିଯୋଗ

ଚଣ୍ଡିଖୋଲ,(ପ୍ରଦୀପ୍ତ କୁମାର ପୃଷ୍ଟି)-ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଧୀନ ବାଲିଚନ୍ଦ୍ରପୁର ଗ୍ରାମର କାର୍ତ୍ତିକ ଚନ୍ଦ୍ର ସେଠୀଙ୍କ ଏକ ବାଇକ୍(ନଂ.ଓଡି ୦୪ ଡି ୭୩୦୩) ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି । ସେ ନିଜ ଘର ସମ୍ମୁଖରେ ଗାଡ଼ି ରଖିଥିଲେ । ଗତ ଶନିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ତାଙ୍କ ବାଇକ୍ ଚୋରି କରି ନେଇଥିବା ସେ ବାଲିଚନ୍ଦ୍ରପୁର ଥାନାରେ ରବିବାର ସକାଳେ ଅଭିଯୋଗ କରିଛନ୍ତି । ତାଙ୍କ ଅଭଯୋଗକୁ ଭିତ୍ତି କରି ବାଲିଚନ୍ଦ୍ରପୁର ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଆଗକୁ ପୂଜା ଆସୁଥିବାରୁ ବିଭିନ୍ନ ଅଞ୍ଚଳରେ ଚୋରି ବଢ଼ୁଛି । ଏଥିପାଇଁ ପୋଲିସ ରାତି ପାଟ୍ରୋଲିଂ କରିବାକୁ ଦାବି ହୋଇଛି ।

# ତନ୍ତୀଘାଇରେ ଜଳସ୍ତର ବୃଦ୍ଧି

- ଚାଷଜମିରେ ବନ୍ୟାଜଳ ଲହଡ଼ି ମାରୁଛି
- ଧାନ ଓ ପରିବା ଫସଲ ଉଜୁଡ଼ିବ
- ବରୀ ବ୍ଲକ୍‌ରେ ମଧ୍ୟମ ଧରଣର ବନ୍ୟା ଆଶଙ୍କା


ବରୀ ଅଞ୍ଚଳର ଚାଷ ଜମିରେ ବନ୍ୟାଜଳ ।

**ବରୀ,୨୫।୮(ମହେନ୍ଦ୍ର ସ୍ୱାଇଁ):**

ଯାଜପୁର ଜିଲା ଦଶରଥପୁର ବ୍ଲକ୍‌ରେ ବନ୍ୟା ପରିସ୍ଥିତି ଗୁରୁତର ହୋଇଥିବା ବେଳେ ବରୀ ବ୍ଲକ୍‌ରେ ବି ସେହି ସ୍ଥିତି ସୃଷ୍ଟି ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି । ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ରେଙ୍ଗାଲି ଡ୍ୟାମ୍‌ର ୨ଟି ଗେଟ୍ ଖୋଲାଯିବା ଫଳରେ ବରୀରେ ଦ୍ୱିତୀୟ ଥର ବନ୍ୟା ଜଳ ପ୍ରବେଶ କରିଥିଲା । ସୋମବାର ରେଙ୍ଗାଲି ଡ୍ୟାମ୍‌ର ତୃତୀୟ ଗେଟ ଖୋଲିଥିବାରୁ ବରୀରେ ମଧ୍ୟମ ଧରଣର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ସ୍ଥାନୀୟ ଲୋକମାନେ ଆଶଙ୍କା କରିଛନ୍ତି । ଏବେ ଏହି ବ୍ଲକର ଅଙ୍ଗାଲୋ, କଳାମାଟିଆ,ଅନ୍ୟାସୀପୁର, ବାଲିବିଲ, ଅଲିପୁର, ବରୀ, ଅରଙ୍ଗାବାଦ, ରମ୍ଭା ଉଦୟନାଥପୁର, ରତଲାଙ୍ଗ, ବୋଦୁଅ, ଭଅଁରା ଆଦି ପଞ୍ଚାୟତର ଚାଷ ଜମି ଜଳମଗ୍ନ ହୋଇଛି । ଧାନ ଫସଲ ବନ୍ୟାଜଳରେ ବୁଡି ରହିଥିବା ବେଳେ ପନିପରିବା ଚାଷର ବ୍ୟାପକ କ୍ଷତିଘଟିଛି । ବିଶେଷ କରି ବ୍ରାହ୍ମଣୀ ଓ ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ପାଇଲେ ବ୍ରାହ୍ମଣୀ ଓ ଖରସ୍ରୋତାର ଶାଖାନଦୀ ତନ୍ତୀଘାଇର ଜଳସ୍ତର ବୃଦ୍ଧି ପାଇ ବରୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ ।

ସୂଚନାଯୋଗ୍ୟ, ସୋମବାର ଅପରାହ୍ନ ୫ଟା ସୁଦ୍ଧା ବୈତରଣୀ ନଦୀରେ ଜଳସ୍ତର ହ୍ରାସ ପାଉଥିବା ବେଳେ ଆଖୁଆପଦାଠାରେ ବିପଦ ସଙ୍କେତ ୧୮.୩୩ ମିଟର ଥିବା ବେଳେ ୧୮.୨୮ ମିଟର ଉଚ୍ଚରେ ଜଳ ପ୍ରଭାବିତ ହେଉଛି । ଅପରପକ୍ଷେ ଲଘୁଚାପଜନିତ ପ୍ରବଳ ବର୍ଷା ଯୋଗୁ ରବିବାର ବ୍ରାହ୍ମଣୀ ନଦୀରେ ଜଳସ୍ତର ବୃଦ୍ଧି ପାଇଥିବା ବେଳେ ସୋମବାର ସ୍ଥିର ରହିଛି । ରେଙ୍ଗାଲି ଡ୍ୟାମ୍‌ରୁ ନିଷ୍କାସିତ ଜଳ ମୁଖ୍ୟତଃ ବରୀରେ ପହଞ୍ଚିବାକୁ ୩୦ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଲାଗିଥାଏ । ରବିବାର ରେଙ୍ଗାଲି ଡ୍ୟାମ୍‌ରୁ ଖୋଲାଯାଇଥିବା ଗେଟ୍‌ରୁ ନିଷ୍କାସିତ ଜଳ ସୋମବାର ମଧ୍ୟାହ୍ନରେ ଯାଜପୁର ଜେନାପୁରଠାରେ ପହଞ୍ଚିଛି । ତୃତୀୟ ଗେଟ୍‌ର ଜଳ ପହଞ୍ଚିବା ପରେ ଜଳସ୍ତର ୧-୨ ଫୁଟ ବୃଦ୍ଧି ପାଇବା ନେଇ ଆଶଙ୍କା କରାଯାଉଛି । ବ୍ରାହ୍ମଣୀ ନଦୀର ବିପଦ ସଙ୍କେତ ୬୭ଫୁଟ ଥିବା ବେଳେ ଜଳସ୍ତର ବଢ଼ିବ ବୋଲି ଆଶଙ୍କା କରାଯାଉଛି । ତେବେ ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ବରୀର ଲୋକମାନେ ବନ୍ୟାରେ ପ୍ରଭାବିତ ହୋଇ ନ ଥିବା ସୂଚନା ମିଳିଛି । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହୋଇଥିବାରୁ ଉପରମୁଣ୍ଡରେ ଅଧିକ ବର୍ଷା ହେଲେ ବନ୍ୟା ପରିସ୍ଥିତି ଗମ୍ଭୀର ହେବାର ସମ୍ଭାବନା ସୃଷ୍ଟି ହୋଇଛି ।

## କୋରେଇରେ ବନ୍ୟା ଆଶଙ୍କା ଟଳିଲା

ପାଣିକୋଇଲି,(ବିକାଶ କୁମାର ମଲିକ): ବୈତରଣୀ ନଦୀରେ ବନ୍ୟାଜଳ ସୋମବାର ବିପଦସଙ୍କେତ ତଳେ ପ୍ରବାହିତ ହେଉଛି । ଫଳରେ କୋରେଇ ବ୍ଲକ୍‌ରେ ବନ୍ୟା ଆଶଙ୍କା ଟଳି ଯାଇଛି । ଲଘୁଚାପଜନିତ ଲଗାଣ ବର୍ଷା ଓ ଆନନ୍ଦପୁର ଡ୍ୟାମ୍ ଫାଟକ ସମ୍ପୂର୍ଣ୍ଣ ଖୋଲା ଥିବାରୁ ବୈତରଣୀର ଜଳସ୍ତର ବୃଦ୍ଧି ପାଇଥିଲା । ଆଖୁଆପଦାରେ ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହୋଇଥିଲା । ଫଳରେ ନଦୀପଠାବାସୀ ବନ୍ୟା ଆଶଙ୍କାରେ ଥିଲେ । ସୋମବାର ଅପରାହ୍ନରେ ଜଳସ୍ତର କମିବା ପରେ ବନ୍ୟା ଆଶଙ୍କା ନାହିଁ । କେନ୍ଦୁଝର ଜିଲାରେ ବର୍ଷା କମି ଥିବାରୁ ବୈତରଣୀରେ ଜଳସ୍ତର ଆଉ ବୃଦ୍ଧି ହେବାର ସମ୍ଭାବନା ନାହିଁ ବୋଲି ଆଖୁଆପଦା ବ୍ୟାରେଜର କନିଷ୍ଠ ଯନ୍ତ୍ରୀ ଶୁଶାନ୍ତ କୁମାର ଦାସ କହିଛନ୍ତି ।

## ଜିଲା ଲେଖିକା ସଂସଦ ଆନୁକୂଲ୍ୟରେ 'ବର୍ଷା କବିତା ଆସର'

ଯାଜପୁରରୋଡ଼,୨୫।୮(ପବିତ୍ର ରଞ୍ଜନ ମହାନ୍ତି): ଯାଜପୁର ଜିଲା ଲେଖିକା ସଂସଦ ଆନୁକୂଲ୍ୟରେ ସଭାପତି ହିରଣ୍ମୟୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ଆଭାସୀ କାର୍ଯ୍ୟକ୍ରମ ମାଧ୍ୟମରେ 'ବର୍ଷା କବିତା ଆସର' ସୋମବାର ଅନୁଷ୍ଠିତ ହୋଇଯାଇଛି । ସମ୍ପାଦିକା ବ୍ରଜେଶ୍ୱରୀ ସିଂ ଆଗାମୀ ବାର୍ଷିକ ଉତ୍ସବ ସମ୍ପର୍କରେ ଆଲୋଚନା କରିଥିଲେ । ସଂସଦର ସୁପରିଚାଳନା ପାଇଁ ସଦସ୍ୟାମାନେ ପ୍ରସ୍ତାବ ଉପସ୍ଥାପନା କରିଥିଲେ । ଏହା ଉପରେ ବିସ୍ତୃତ ଆଲୋଚନା ହୋଇ ଆଗାମୀ ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି ସ୍ଥିର ହୋଇଥିଲା । ସଂସଦର ମୁଖପତ୍ର 'ପୂର୍ବରାଗ' ନିମନ୍ତେ ଲେଖା ସଂଗ୍ରହ ଆରମ୍ଭ କରାଯିବା ପାଇଁ ସ୍ଥିର ହୋଇଥିଲା । ଆଲୋଚନାର ପରବର୍ତ୍ତୀ ସମୟରେ ବର୍ଷା କବିତା ଆବୃତ୍ତି ଏକ ମନ ମୁଗ୍ଧକର ପରିବେଶ ସୃଷ୍ଟି କରିଥିଲା । କାର୍ଯ୍ୟକ୍ରମରେ ନିରୁପମା ସ୍ୱାଇଁ, ବିନୋଦିନୀ ଦାଶ, ଧରିତ୍ରୀ ଦାସ, ରାଜଶ୍ରୀ ପରିଡ଼ା, ମଞ୍ଜୁଲତା ନାୟକ, ଜଜ୍ଞନା ପଣ୍ଡା, ମଧୁସ୍ମିତା ନାୟକ, ସରୋଜିନୀ ପତି, ଜୟନ୍ତୀ ଜେନା, ବିଜୟଲକ୍ଷ୍ମୀ ମହାପାତ୍ର, ଗାୟତ୍ରୀ ନାୟକ, ପ୍ରତିଭା ପାତ୍ର, ଅଶାନ୍ତି ସାମଲ, ଅନୁପମା ରଣା, ସବିତା ମିଶ୍ର, ନୀଳିମା ମହାନ୍ତି, ଲିପିକା ବେହେରା, ଡ.ପ୍ରଜ୍ଞା ପ୍ରର୍ତ୍ତିକା ଦାଶ, ଲଙ୍ଗଲତା ପରିଡ଼ା ପ୍ରମୁଖ ଯୋଗଦେଇଥିଲେ ।

## ସଂକ୍ଷେପରେ

### ବଜ୍ରପାତରେ ଚାଷୀ ମୃତ
### ବିଲରେ କାମ କରୁଥିବା ବେଳେ ଜୀବନ ଗଲା

ଚଣ୍ଡୀଖୋଲ/ବଡ଼ଚଣା,୨୫।୮(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି)- ବିଲରେ କାମ କରୁଥିବା ସମୟରେ ବଜ୍ରପାତରେ ଜଣେ ଚାଷୀଙ୍କ ସୋମବାର ମୃତ୍ୟୁ ଘଟିଛି । ତେବେ ଏହି ଅଘଟଣରୁ ଚାଷୀଙ୍କ ପୁଅ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ସୂଚନା ଅନୁଯାୟୀ, ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବିଦ୍ୟାଧରପୁର ଗ୍ରାମର ଚାଷୀ କୈଳାସ ଚନ୍ଦ୍ର ନାୟକ (୭୨) ଓ ତାଙ୍କ ପୁଅ ପ୍ରଶାନ୍ତ କୁମାର ନାୟକ(୪୨) ନିଜ ବିଲରେ କାମ କରୁଥିଲେ । ସୋମବାର ଅପରାହ୍ନ ପ୍ରାୟ ୨ଟା ସମୟରେ ହଠାତ୍ ବଜ୍ରପାତ ହୋଇଥିଲା । ଏଥିରେ କୈଳାସ ବିଲ୍‌ରେ ଟଳି ପଡିଥିଲେ । ପୁଅ ପ୍ରଶାନ୍ତ ବଡପାଟିରେ ଲୋକମାନଙ୍କୁ ଡାକ ପକାଇଥିଲେ । ସ୍ଥାନୀୟ ଲୋକଙ୍କ ସହାୟତରେ କୈଳାସଙ୍କୁ ନିକଟସ୍ଥ ବଡ଼ଚଣା ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ସଂକ୍ରାନ୍ତରେ ପ୍ରଶାନ୍ତ ବଡଚଣା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏହି ଘଟଣା ବିଦ୍ୟାଧରପୁର ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି । ତେବେ ଏହି ଘଟଣାରେ ରାଧାଦେଇପୁର ଗ୍ରାମର ମଳୟ ମଲିକ ବି ଗୁରୁତର ହୋଇଛନ୍ତି । ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି ।

### ବାଜିରାଉତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷଙ୍କ ପରଲୋକ



ଯାଜପୁରରୋଡ଼, ୨୫।୮(ପବିତ୍ର ରଞ୍ଜନ ମହାନ୍ତି)-ବ୍ୟାସନଗର ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ତଥା ବାଜିରାଉତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରବିନାରାୟଣ ପଣ୍ଡାଙ୍କ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ସୋମବାର ପରଲୋକ ହୋଇଯାଇଛି । ସେ ଗତ ୨ ମାସ ହେବ ଚିକିତ୍ସାଧୀନ ଥିଲେ । ସେ ଜଣେ ଛାତ୍ରବତ୍ସଳ, ପରୋପକାରୀ, ମେଳାପି ଓ ଆଧ୍ୟାତ୍ମିକବାଦୀ ବ୍ୟକ୍ତି ଥିଲେ । ବ୍ୟାସନଗରର ବିଭିନ୍ନ ସଙ୍ଗଠନ ସହିତ ସେ ଜଡିତ ଥିଲେ । ତାଙ୍କ ବିୟୋଗରେ ନିତ୍ୟ ଯୋଗକାକ୍ଷ, ମହାବିଦ୍ୟାଳୟରେ ଶୋକସଭା ହୋଇଥିଲା । ତାଙ୍କ ମରଶରୀରକୁ ଧାବଳଗିରିସ୍ଥିତ ବାସଭବନକୁ ଅଣାଯାଇଥିଲା । ବରିଷ୍ଠ ଓକିଲ ସୁଧନୁ ଦାସ, ପୂର୍ବତନ ଅଧ୍ୟକ୍ଷ ସୌରଭମୟ ଦାସ, ଆଡଭୋକଟ ବିବେକାନନ୍ଦ ମହାନ୍ତି, ବିଜୟ କୁମାର ମହାନ୍ତି, ଅଧ୍ୟାପକ ବିବେକାନନ୍ଦ ଜେନା, ବିଭୀଷଣ ନାୟକ, ରାଜେଶ କୁମାର ପତି, ପୂର୍ବତନ ପ୍ରାଧ୍ୟାପକ ପୁନପୁନ ଦାସ, ଦିଲୀପ କୁମାର ଦଳେଇ, ପୂର୍ବତନ ଅଧ୍ୟକ୍ଷ ଶେକ୍ ଅବୁତାହିର ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଶେଷଦର୍ଶନ କରିଥିଲେ । ପରେ ତାଙ୍କ ମରଶରୀରକୁ ବ୍ୟାସନଗର ମହାବିଦ୍ୟାଳୟକୁ ନିଆଯାଇଥିଲା । ସେଠାରେ ଶତାଧିକ ଛାତ୍ରୀଛାତ୍ର ଓ ଅଧ୍ୟକ୍ଷ, ଅଧ୍ୟାପିକା,ଅଧ୍ୟାପକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପରେ ତାଙ୍କ ମରଶରୀରକୁ ଢେଙ୍କାନାଳ ଜିଲା ଯୋରନ୍ଦାସ୍ଥିତ ନିଜ ଜନ୍ମମାଟିକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।

## ଜିଲାପାଳଙ୍କ ଅଫିସ ଆଗରେ ଏଆଇୟୁଟିୟୁସିର ବିକ୍ଷୋଭ

**ଯାଜପୁରଟାଉନ,୨୫।୮ (ପ୍ରଫୁଲ୍ଲା ପ୍ରିୟଦର୍ଶନୀ ମହାନ୍ତି):**



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଏଆଇୟୁଟିୟୁସି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଏଆଇୟୁଟିୟୁସି ଡାକରାରେ ଆସନ୍ତା ସେପ୍ଟେମ୍ବର ୪ରେ ଦିଲ୍ଲୀସ୍ଥିତ ଜନ୍ତରମନ୍ତର ଠାରେ ଦେଶର ଶ୍ରମଜୀବୀ ଜନଗଣଙ୍କ ବିଭିନ୍ନ ନ୍ୟାୟ ସଙ୍ଗତ ଦାବିରେ ସର୍ବଭାରତୀୟ ଶ୍ରମିକ ବିକ୍ଷୋଭ ଅନୁଷ୍ଠିତ ହେବ । ଏହି ବିକ୍ଷୋଭକୁ ସଫଳ କରିବା ପାଇଁ ଦେଶବ୍ୟାପୀ ଅଭିଯାନରେ ଶ୍ରମିକମାନେ ସାମିଲ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ସୋମବାର ଏଆଇୟୁଟିୟୁସି ଯାଜପୁର ଜିଲା କମିଟି ପକ୍ଷରୁ ଯାଜପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହାପରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୨୫ଦଫା ଦାବି ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ଶ୍ରମିକ ବିରୋଧୀ ଶ୍ରମକୋଡ ବାତିଲ କରିବା, ଅଣସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା ବିଭିନ୍ନ ବର୍ଗର ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ସହାୟତା, ୨୮ ହଜାର ଟଙ୍କା ମଜୁରୀ, ରାଷ୍ଟ୍ରୀୟାତ ଉଦ୍ୟୋଗଗୁଡିକର ଘରୋଇକରଣ ବନ୍ଦ କରିବା, ସାରୁଆ ବିଲ ଓ କମର୍ଦ୍ଦା ଖଣିରେ ଖଣି ପ୍ରଭାବିତମାନଙ୍କୁ କାମ ଦେବା, ଆଶା, ଅଙ୍ଗନୱାଡ଼ି ଓ ପାଚିକାମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦେବା ଆଦି ଦାବି କରାଯାଇଛି । ଏହି ଅବସରରେ ଏକ ଶୋଭାଯାତ୍ରା ମେଡିକାଲ ଛକରୁ ବାହାରି ଜିଲାପାଳ ଅଫିସ ପର୍ଯ୍ୟନ୍ତ ଆସିଥିଲା । ଶ୍ରମିକ ନେତା ବୀରକିଶୋର ନାୟକଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭାରେ ସଙ୍ଗଠନର ଜିଲା ସମ୍ପାଦକ ସୁରେଶ ପ୍ରଧାନ, ରାଜ୍ୟ କମିଟି ସଭ୍ୟ ସୁରେନ୍ଦ୍ର ମଲିକ, ରାଜକିଶୋର ମହାନ୍ତ, ରାଧାବଲ୍ଲଭ ମଲିକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ସ୍କୁଟି ଚାଳକଙ୍କ ମୃତ୍ୟୁ ପରେ ବାଇକ୍ ଚାଳକ କୋର୍ଟ ଚାଲାଣ

ପାଣିକୋଇଲି,୨୫।୮(ବିକାଶ କୁମାର ମଲିକ): ପାଣିକୋଇଲି ଥାନା ଅର୍ନ୍ତଗତ ଷଠିପୁର ନିକଟରେ ଗତ ୧୬ ତାରିଖ ରାତିରେ ଘଟିଥିବା ଦୁର୍ଘଣାରେ ଆହତ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଯାଜପୁର ଥାନା ଅନ୍ତର୍ଗତ ତରତୋଟା ଗ୍ରାମର ପ୍ରଶାନ୍ତ ଦାଶ (୪୫) । ଶୁକ୍ରବାର ରାତିରେ ସେ ସ୍କୁଟି (ନଂ.ଓଡି୨୨ବି ୧୩୯୫)ରେ ଘରକୁ ଫେରୁଥିବା ବେଳେ ଏକ ବାଇକ (ନଂ.ଓଡି୦୫ସିଏ ୪୬୬୪) ତାଙ୍କୁ ଧକ୍କା ଦେଇଥିଲା । ପ୍ରଶାନ୍ତଙ୍କ ବଡଭାଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୭୩/୨୫) ରୁଜୁ କରିବା ସହିତ ବାଇକ୍ ଆରୋହୀ ବଡ଼ଚଣା ଥାନା ଅନ୍ତର୍ଗତ ବଡଘୁମୁରୀ ଗ୍ରାମର ଦୀପକ କୁମାର ମହାନ୍ତି (୩୫)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି ।

## ୨୫ ଅଭିଯୋଗର ତ୍ୱରିତ ସମାଧାନ

**କୋରେଇ ବ୍ଲକରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର**

**କୋରେଇ,୨୫।୮(ଚନ୍ଦ୍ରକାନ୍ତ ପତି):**

ଯାଜପୁର ଜିଲା କୋରେଇ ବ୍ଲକରେ ସୋମବାର ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ମୋଟ ୯୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ୫ ସାମୁହିକ, ୭୦ ବ୍ୟକ୍ତିଗତ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ସହାୟତା ପାଇଁ ୨୪ ଅଭିଯୋଗ ଆସିଥିଲା । ସେଥିମଧ୍ୟରୁ ମୁଖ୍ୟମନ୍ତ୍ରୀ ରିଲଫ ପାଣ୍ଠି ଆର୍ଥିକ ସହାୟତା ଓ ଅନ୍ୟାନ୍ୟ ମିଶାଇ ୨୫ ଅଭିଯୋଗର ତୁରନ୍ତ ସମାଧାନ ହୋଥିଲା । ସାମୁହିକ ଦାବି ମଧ୍ୟରେ କୋରେଇ ଭବନର ତୁରନ୍ତ କାର୍ଯ୍ୟ ଆରମ୍ଭ କରିବା, ପୂର୍ତ୍ତ ବିଭାଗର ଅନେକ ରାସ୍ତାକୁ ଗମନା ଗମନ ଉପଯୋଗୀ କରିବା ସହ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଯାଜପୁର ରୋଡ଼ କ୍ଷେତ୍ରୀୟ ହସ୍ପିଟାଲର ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଅନ୍ତର୍ଭୁକ୍ତ ଥିଲା । ଏହାର ସମାଧାନ ଖୁବ୍‌ଶୀଘ୍ର ହେବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ । ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକଙ୍କ ଅଧ୍ୟକ୍ଷତାରେ ଶିବିର ପରିଚାଳିତ ହୋଇଥିଲା । ଏଥିରେ ସିଡିଓ କମ୍ ଇଓ ଜିଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ ନନ୍ଦ, ଉପ ଜିଲାପାଳ ତାପସ ରଞ୍ଜନ ଦେହୁରୀ, ସିଡିଏମ୍‌ଓ ଡା. ବିଜୟ କୁମାର ମିଶ୍ର, ସହକାରୀ ଜିଲାପାଳ ନିବେଦିତା ପ୍ରଧାନ, କୋରେଇ ବିଡ଼ିଓ ଅବନୀକାନ୍ତ ସାହୁ, ବ୍ୟାସନଗର ତହସିଲଦାର ଦେବାଶିଷ ରାଉତ, ବିଇଓ ସୁଦର୍ଶନ ମଲିକ, କୋରେଇ ଆଇଆଇସି ରାକେଶ କୁମାର ତ୍ରିପାଠୀ ଓ ଡିପିଓ ସନ୍ତୋଷ କୁମାର ସାହୁଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ ।

## ବ୍ୟାଙ୍କ ସମ୍ମୁଖରେ ଗ୍ରାହକଙ୍କ ଧାରଣା

**ଜମାଖାତାରୁ ୨୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ ଅଭିଯୋଗ**



ବ୍ୟାଙ୍କ ସମ୍ମୁଖରେ ଗ୍ରାହକମାନେ ଧାରଣା ଦେଇଛନ୍ତି ।

**ଧର୍ମଶାଳା,୨୫।୮(ବଟକୃଷ୍ଣ ପରିଡା):**

ଧର୍ମଶାଳା ୟୁକୋ ବ୍ୟାଙ୍କ ଶାଖାର ଗ୍ରାହକଙ୍କ ଟଙ୍କା ହଡ଼ପ ଘଟଣାକୁ ନେଇ ବିବାଦ ସୃଷ୍ଟି ହୋଇଛି । ସୋମବାର ଗ୍ରାହକମାନେ ବ୍ୟାଙ୍କ ସମ୍ମୁଖରେ ଧାରଣ ଦେବା ସହିତ ତୁରନ୍ତ ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି । ସୂଚନା ଅନୁଯାୟୀ, ଏହି ବ୍ୟାଙ୍କ ଶାଖାର ଏକାଧିକ ଗ୍ରାହକଙ୍କ ଜମା ଖାତାରୁ ଚଞ୍ଚକତା ପୂର୍ବକ ପ୍ରାୟ ୨୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହଡ଼ପ ହୋଇଛି । ହଡ଼ପର ଶିକାର ହୋଇଥିବା ଗ୍ରାହକମାନେ ଏନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ଓ ଧର୍ମଶାଳା ଥାନାର ଦ୍ୱାରସ୍ଥ ହୋଇଥିଲେ । ତେବେ ନ୍ୟାୟ ଭିକ୍ଷା କରି ନିରାଶ ହେବା ପରେ ସୋମବାର ଗ୍ରାହକମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ । ଏପରିକି ନ୍ୟାୟ ନ ମିଳିଲେ ବ୍ୟାଙ୍କ ସମ୍ମୁଖରେ ଆତ୍ମହୁତି ଦେବା ଲାଗି ଚେତାବନୀ ଦେଇଥିଲେ । ଖବରପାଇ ବ୍ୟାଙ୍କର ଜୋନାଲ ହେଡ ସୁଦୀପ୍ତ ଡ଼ାକୁଆ ପହଞ୍ଚି ଗ୍ରାହକମାନଙ୍କୁ ବୁଝାଶୁଝା କରିଥିଲେ । ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରାଯିବା ନେଇ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଅନ୍ୟପକ୍ଷେ ହଡ଼ପ ଟଙ୍କାକୁ ବ୍ୟାଙ୍କ କର୍ତ୍ତୃପକ୍ଷ ଜମା ଖାତାକୁ ଫେରସ୍ତ ନ କଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯିବ ବୋଲି ଗ୍ରାହକମାନେ ଚେତାବନୀ ଦେଇଛନ୍ତି । ଏନେଇ ବ୍ୟାଙ୍କ ପରିଚାଳକ ଜୟଦେବ ତ୍ରିପାଠୀଙ୍କ ସହ ଯୋଗାଯୋଗ କରିବାରୁ ଟଙ୍କା ହଡ଼ପ୍ ନେଇ ଅଭିଯୋଗ ହୋଇଛି । ଏହି ଘଟଣାର ତଦନ୍ତ କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି ।

## ଶିକ୍ଷକ ଓ କର୍ମଚାରୀ ପଦବୀ ପୂରଣ ଦାବି ତେଜିଲା

**ବିଞ୍ଝାରପୁର/ସିଂହପୁର,୨୫।୮ (ରାମକୃଷ୍ଣ ଦାସ/ଅନଙ୍ଗଉଦୟ ବେଉରିଆ):**



ସ୍କୁଲ ସମ୍ମୁଖରେ ପୁରାତନ ଛାତ୍ର ଓ ଜନପ୍ରତିନିଧିମାନେ ଧାରଣା ଦେଇଛନ୍ତି ।

ବିଞ୍ଝାରପୁର ବ୍ଲକ ପ୍ରୀତିପୁରସ୍ଥିତ ପୁରାତନ ଶିକ୍ଷାନୁଷ୍ଠାନ ବିନୋଦ ବିହାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ସୋମବାର ପୁରାତନ ଛାତ୍ରମାନେ ଗଣଧାରଣା ଦେଇଥିଲେ । ଦୀର୍ଘଦିନ ଧରି ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ ହେଉନାହିଁ । ବାରମ୍ବାର ଅଭିଯୋଗ ପରେ ବି ଜିଲା ଶିକ୍ଷାଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହାନ୍ତି । ଏପରି କି ଯେଉଁ ଶିକ୍ଷକ ଓ କିରାଣୀ ରହିଥିଲେ ସେମାନଙ୍କୁ ମଧ ରାତି ଅଧିଆ ବଦଳି କରାଯାଇଛି । ୪ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ସ୍କୁଲରେ ପାଠ ପଢୁଥିବା ବେଳେ ମାତ୍ର ୪ ଜଣ ଶିକ୍ଷକ ଅଛନ୍ତି । ଏଥିପାଇଁ ପାଠ ପଢାରେ ଅନେକ ସମସ୍ୟା ସୃଷ୍ଟି ହେଉଛି ବୋଲି ଅଭିଯୋଗ କରିଛନ୍ତି ଧାରଣାକାରୀ । ଜିଲା ଶିକ୍ଷା ଅଧିକାରୀଙ୍କ ଏହି ବିଦ୍ୟାଳୟ ପ୍ରତି ବୈମାତୃକ ଭାବ ରହିଥିବା ଅନୁଭବ କରି ସୋମବାର ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି ବୋଲି କହିଛନ୍ତି । ଏହି ଗଣଧାରଣାରେ ବିଦ୍ୟାଳୟର ପୁରାତନ ଛାତ୍ରମାନଙ୍କ ସହ ବିଞ୍ଝାରପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ଅଳକୁଣ୍ଡ ପଞ୍ଚାୟତର ସରପଞ୍ଚ ସୁଶାନ୍ତ ଦାସ,ପ୍ରୀତିପୁର ସରପଞ୍ଚ ପ୍ରୀତିକୃଷ୍ଣା ଜେନାଙ୍କ ସମେତ ଅଳଗୁଣ୍ଡ, ପ୍ରୀତିପୁର, ବିତନା ଓ ଆଖପାଖ ଅଞ୍ଚଳର ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ଏହି ଖବରପାଇ ଧାରଣାସ୍ଥଳକୁ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ବଳରାମ ପତି ଓ ପରେ ବ୍ଲକ ଶିକ୍ଷାଧିକାରୀ ସୁବାସ ବିଶ୍ୱାଳ ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରିଥିଲେ । ହେଲେ ଆନ୍ଦୋଳକାରୀମାନେ ସେମାନଙ୍କୁ ଅଟକ ରଖିଥିଲେ । ଏହି ଖବରପାଇ ଜିଲା ଶିକ୍ଷାଧିକାରୀ ମହେଶର ସାହୁ ପହଞ୍ଚି ଧାରଣାକାରୀଙ୍କ ଦାବି ମୁତାବକ ଖୁବଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଲା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲ ।

## ଜାରକାକୁ ଏନ୍ଏସି ଘୋଷଣା ଦାବିରେ କଂଗ୍ରେସର ଗଣଧାରଣା

**ଧର୍ମଶାଳା,୨୫।୮(ବଟକୃଷ୍ଣ ପରିଡ଼ା):**



ଜାରକାକୁ ଏନଏସି ଘୋଷଣା ଦାବି ନେଇ କଂଗ୍ରେସ ନେତା ଓ କର୍ମୀଙ୍କ ଧାରଣା ।

ଜାରକାକୁ ଏନ୍ଏସି ଘୋଷଣା ଦାବିରେ ସୋମବାର ଧର୍ମଶାଳା କଂଗ୍ରେସ କମିଟି ପକ୍ଷରୁ ୧୬ନଂ. ଜାତୀୟ ରାଜପଥର ଫ୍ଲାଏ ଓଭର ବ୍ରିଜ୍ ତଳେ ଗଣଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ତଥା କଂଗ୍ରେସ ନେତା କିଶାନ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇ ରାଜ୍ୟ ସରକାର ତୁରନ୍ତ ଜାରକାକୁ ଏନ୍ଏସି ଘୋଷଣା କରିବାକୁ ଦାବି କରିଥିଲେ । ବ୍ଲକ୍ ସଂଯୋଜକ ପ୍ରଫୁଲ୍ଲ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ କଂଗ୍ରେସ ନେତା ବସନ୍ତ କୁମାର ପରିଡ଼ା, ପୂର୍ଣ୍ଣଚନ୍ଦ୍ର ତରାଇ, ନରୋତ୍ତମ ନାୟକ, ନକୁଳ ଜେନା, ବାବୁଲି ମଲିକ, ଯୁବନେତା ସଂଜୟ ରାଉତ, ଦୀପକ ବଳ, ଅମରେନ୍ଦ୍ର ସାମଲ , ମିହିର ଖୁଣ୍ଟିଆ, ଉଗ୍ରସେନ ମହାନ୍ତି, ପ୍ରଭାତ ରାଉତ, ସାଗର ପାଲ, ବିଶ୍ୱରଞ୍ଜନ ଜେନା ପ୍ରମୋଦ ମହାନ୍ତି , ନୀଳମଣି ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ ।

ସୂଚନାଯୋଗ୍ୟ, ୧୯୮୯ରେ ବିଧାୟକ କାଙ୍ଗାଳି ଚରଣ ପଣ୍ଡାଙ୍କ ନେତୃତ୍ୱରେ ଜାରକାକୁ ଏନଏସି କରିବା ଦାବିରେ ତତ୍କାଳୀନ ଯୁବନେତା ବଟକୃଷ୍ଣ ପରିଡ଼ା, ଚୋରମୁହାଁ ପଞ୍ଚାୟତ ସମିତି ସମ୍ପାଦକ ଅନନ୍ତ ଚରଣ ସାହୁ ସରକାରଙ୍କୁ ସମସ୍ତ କାଗଜପତ୍ର ପ୍ରଦାନ କରିଥିଲେ । ପରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ହେଲେ ତାହା କାର୍ଯ୍ୟକାରୀ ହୋଇପାରି ନ ଥିଲା । ୧୯୯୮ରେ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଦ୍ୱିତୀୟ ଥର ପାଇଁ ଜାରକାକୁ ଏନ୍ଏସି ମାନ୍ୟତା ପ୍ରଦାନ ନେଇ ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲେ । ହେଲେ ତାହା ବି କାର୍ଯ୍ୟକାରୀ ହେଲାନାହିଁ । ୨୦୨୪ରେ ବିଜେଡି ସରକାର ଜାରକାକୁ ଏନ୍ଏସି ଘୋଷଣା କରାଯିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ହେଲେ ଭାଜପା ସରକାର ୧୨ ଏନଏସି ପାଇଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ହେଲେ ସେଥିରୁ ପୂର୍ବ ସରକାର ଘୋଷଣା କରିଥିବା ଏନଏସି ବିଜ୍ଞପ୍ତି ତାଲିକାରୁ ୯ଟି ଏନ୍ଏସିକୁ ବାଦ ଦିଆଯାଇଛି ।


केनरा बैंक Canara Bank | ସିଣ୍ଡିକେଟ Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତାଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ଋଣଗ୍ରହୀତା / ବନ୍ଧକଦାତାଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଜଗତସିଂହପୁର ଶାଖା** ଋଣଗ୍ରହୀତା/ବନ୍ଧକଦାତା: **ଶ୍ରୀ ସୁଶୀଲ୍ କୁମାର ଦାଶ**, ପିତା: ରବିନ୍ଦ୍ର କୁମାର ଦାଶ, ଠିକଣା: ସା-ଜହନପୁର, ପୋ.: ମଣ୍ଡାସାହି, ଗ୍ରାମ- ଜହନପୁର, ଜିଲ୍ଲା: ଜଗତସିଂହପୁର, ଓଡିଶା-୭୫୪୧୧୪। | (କ)ଟ.୧୪,୮୬,୦୦୦/- / (ଖ) ୨୪.୦୮.୨୦୨୫ / (ଗ) ୨୫.୦୮.୨୦୨୫ | ୨୫.୦୮.୨୦୨୫ ସୁଦ୍ଧା ଟ.୧୪,୪୮,୮୪୨.୨୦ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀ ସୁଶୀଲ୍ କୁମାର ଦାଶ** ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୧୭୩୨, ଖାତା ନଂ.୬୯, ମୌଜା: ଛତ୍ର, ଗ୍ରାମ: ଜହନପୁର, ଏରିଆ: ୦.୦୪ ଡିସିମିଲି, କିସମ: ଘରବାରୀ, ଉପ ଜିଲ୍ଲା: ଜଗତସିଂହପୁର ଏବଂ ଜିଲ୍ଲା: ଜଗତସିଂହପୁର ରେ ରେଜିଷ୍ଟ୍ରିଭୁକ୍ତ, ଚାରିପାର୍ଶ୍ୱରେ: ଉତ୍ତର- ସରକାରୀ ରାସ୍ତା, ଦକ୍ଷିଣ- ନିତ୍ୟାନନ୍ଦ ମହାନ୍ତି, ପୂର୍ବ- ରାଧା ଚରଣ ମହାନ୍ତି, ପଶ୍ଚିମ- ଗୋପିନାଥ ମହାନ୍ତି । |

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିନ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

ତାରିଖ: ୨୫.୦୮.୨୦୨୫, ସ୍ଥାନ: କଟକ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

# ଶକ୍ତି ସଦନରୁ ନିଖୋଜ ନାବାଳିକାଙ୍କ ପତ୍ତା ମିଳୁନି

ଜଗତ୍‌ସିଂହପୁର, ୨୫।୮
(ପ୍ରମୋଦ କୁମାର ନାୟକ)

## ୨ ମାସ ପରେ ବି ପୋଲିସ ହାତ ଖାଲି

- ଜଗତ୍‌ସିଂହପୁରରେ ସୁରକ୍ଷିତ କୁହାଯାଉଥିବା ସ୍ଥାନ ଏବେ ଅସୁରକ୍ଷିତ
- ଜିଲାପାଳ ଓ ଏସ୍‌ପିଙ୍କ ନିକଟରେ ଅଭିଯୋଗ କଲେ ନାବାଳିକାଙ୍କ ପିତା
- ପାଚେରି ଚାରିପଟେ ସିସିଟିଭି ନ ଥିବାରୁ ଅଡୁଆ

ଭାରତ ସରକାରଙ୍କ ମିଶନ ଶକ୍ତି କାର୍ଯ୍ୟକ୍ରମ ଅନ୍ତର୍ଗତ ରିଲିଫ ଓ ପୁନର୍ବାସ ଅନ୍ତର୍ଗତ ଜଟିଳ ସମସ୍ୟା ତଥା ଦୁଃଖଦାୟକ ପରିସ୍ଥିତିରେ ଥିବା ମହିଳାଙ୍କୁ ସୁରକ୍ଷିତ ପରିବେଶ ମଧ୍ୟରେ ରହିବା, ଖାଇବା, ପୋଷାକ, ପ୍ରାଥମିକ ଚିକିତ୍ସା, କାଉନସେଲିଂ, ଧନ୍ଦାମୂଳକ ତାଲିମ ଓ ସାମାଜିକ ସୁରକ୍ଷା ଆଦି ସୁବିଧା ଯୋଗାଇ ଦେବା ପାଇଁ ଶକ୍ତି ସଦନ କାର୍ଯ୍ୟକ୍ଷମ ହେଉଛି। ଏହି ମୁତାବକ ଜଗତ୍‌ସିଂହପୁରରେ ଏକ ଶକ୍ତି ସଦନ ରହିଛି। ସେଠାରେ କେବଳ ମହିଳା ନୁହନ୍ତି ନାବାଳିକା ମଧ୍ୟ ରହିବା ପାଇଁ ବ୍ୟବସ୍ଥା କରାଯାଇଛି। ଦୁଃଖର କଥା ହେଲା ଏହି ଶକ୍ତି ସଦନ ସୁରକ୍ଷିତ ପରିବର୍ତ୍ତେ ଅସୁରକ୍ଷିତ ହୋଇ ପଡ଼ିଥିବା ଗୁରୁତର ଅଭିଯୋଗ ହେଉଛି। କାରଣ ରଘୁନାଥପୁର ଥାନା ଅଞ୍ଚଳର ଜଣେ ନାବାଳିକା ଏହି ସଦନରୁ ଗତ ଜୁନ ମାସରୁ ଊର୍ଦ୍ଧ୍ୱ ହେବ କୁଆଡେ ନିଖୋଜ ହୋଇ ଯାଇଛନ୍ତି। ମାତ୍ର ଏପର୍ଯ୍ୟନ୍ତ ତାଙ୍କ ପତ୍ତା ମିଳିନାହିଁ। ଅନ୍ୟପଟେ ନାବାଳିକାଙ୍କ ବାପା ଧୋକା ଦିଆଯାଇଥିବା ନେଇ ଅଭିଯୋଗ କରିଛନ୍ତି। ଏନେଇ ସେ ଜିଲାପାଳ ଓ ଏସ୍‌ପିଙ୍କୁ ଲିଖିତ ଅଭିଯୋଗ ମାଧ୍ୟମରେ ନିଜର ଅସହାୟତା ପ୍ରକାଶ କରିଛନ୍ତି।

ସେ ଦର୍ଶାଇଛନ୍ତି, ତାଙ୍କ ଝିଅକୁ ଅପହରଣ କରି ଅନ୍ୟତ୍ର ରଖା ଯାଇଥିଲା। ଏ ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହାପରେ ୨୦୨୫ ମେ' ୩୧ରେ ଝିଅଙ୍କୁ ପୋଲିସ ଉଦ୍ଧାର କରି ସଖୀ କେନ୍ଦ୍ରରେ ନେଇ ରଖିଥିଲା। ଝିଅ ସହ କଥା ହେବା ପାଇଁ ସେ ଜୁଲାଇ ୧୧ରେ ଜଗତ୍‌ସିଂହପୁର ଯାଇଥିବା ବେଳେ ଯାହା ଶୁଣିଲେ ତାହା ତାଙ୍କୁ ଚିନ୍ତାରେ ପକାଇ ଦେଇଥିଲା। କାରଣ ତାଙ୍କ ଝିଅ ଉକ୍ତ କେନ୍ଦ୍ରରେ ନ ଥିଲା। ଏ ସମ୍ପର୍କରେ ସେ ଜିଲା ଶିଶୁ ସୁରକ୍ଷା ସମିତି (ସିଡବ୍ଲ୍ୟୁସି) ଅଧ୍ୟକ୍ଷାଙ୍କୁ ପଚାରିବାରୁ ୨୦୨୫ ଜୁନ୍ ୨୧ରେ ସମ୍ପୃକ୍ତା ନାବାଳିକା ଛାତ ଡେଇଁ କୁଆଡେ ପଳାଇ ଯାଇଥିବା ଜାଣିବାକୁ ପାଇଥିଲେ। କିନ୍ତୁ ଝିଅ ନିଖୋଜ ହେବାର ୨୦ ଦିନ ହୋଇ ଯାଇଥିଲେ ସୁଦ୍ଧା ତାଙ୍କୁ କାହିଁକି କେହି ଜଣାଇଲେ ନାହିଁ ବୋଲି ପଚାରିବାରୁ ଯନ୍ତ୍ରଣାଦାୟକ ଉତ୍ତର ମିଳିଥିଲା। ପୋଲିସ ନାବାଳିକାଙ୍କୁ ଛାଡ଼ିଥିଲା। ଏ ସମ୍ପର୍କରେ ପୋଲିସକୁ ଜଣାଯାଇଛି। ପୋଲିସ ଆପଣଙ୍କୁ ଜଣାଇବ ବୋଲି କୁହାଯାଇଥିଲା। ମାତ୍ର ପୋଲିସ କିଛି ସନ୍ତୋଷଜନକ ଉତ୍ତର ଦେଉନାହିଁ। ଏ ସମ୍ପର୍କରେ ଶକ୍ତି ସଦନ କର୍ତ୍ତୃପକ୍ଷ କୁହନ୍ତି, ଝିଅ ଛାତ ନୁହେଁ ବରଂ ପାଚେରି ଡେଇଁ କୁଆଡେ ପଳାଇଛନ୍ତି। ତେବେ ଏ ପରିସ୍ଥିତିରେ କିଏ ସତ କହୁଛନ୍ତି ସେନେଇ ଚିନ୍ତା ବଢୁଛି। ସତ କ'ଣ ଜାଣିବା ପାଇଁ ସିସିଟିଭି ଫୁଟେଜ ମାଗିବାରୁ ଦିଆଯାଇନାହିଁ। ଏଭଳିସ୍ଥିତିରେ ଝିଅ କିପରି ଓ କେଉଁଠି ଅଛନ୍ତି ସେନେଇ ସେମାନେ ଚିନ୍ତାରେ ଅଛନ୍ତି। ଯଦି ଶକ୍ତି ସଦନ ସୁରକ୍ଷିତ ସ୍ଥାନ ନୁହେଁ ତେବେ ସେଠାରେ କାହିଁକି ତାଙ୍କ ଝିଅକୁ ରଖାଯାଇଥିଲା ବୋଲି ଅଭିଯୋଗକାରୀ ଅଙ୍ଗୁଳି ଉଠାଇଛନ୍ତି। ତାଙ୍କ ଝିଅକୁ ଅପହରଣ କରାଯାଇଥିବା ଦର୍ଶାଇ ନାବାଳିକାଙ୍କ ବାପା ଜିଲାପାଳ ଓ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରି ତୁରନ୍ତ ଉଦ୍ଧାର ପାଇଁ ନିବେଦନ କରିଛନ୍ତି।

ଏ ପ୍ରସଙ୍ଗରେ ଶକ୍ତି ସଦନ ପରିଚାଳନା ଦାୟିତ୍ୱରେ ଥିବା ରାଧାକୃଷ୍ଣ କ୍ଲବ ନିର୍ଦ୍ଦେଶକ ପୂର୍ଣ୍ଣେନ୍ଦ୍ର ମଲ୍ଲଙ୍କୁ ପଚାରିବାରୁ, ନାବାଳିକା ମେ' ମାସର ଶେଷ ଭାଗରେ ମାତ୍ର ୧୦ ଦିନ ପାଇଁ ସଖୀ କେନ୍ଦ୍ରରେ ରହିଥିଲେ। ଏହା ପରେ ସିଡବ୍ଲ୍ୟୁସି ନିର୍ଦ୍ଦେଶକ୍ରମେ ଏହି ପରିସର ଶକ୍ତିସଦନରେ ରଖାଯାଇଥିଲା। ୨୦୨୫ ଜୁନ୍ ୨୦ରେ ଏହି ଅଭାବନୀୟ ଘଟଣା ଘଟିଥିଲା। ଅନ୍ୟ ଦିନ ପରି ରାତି ୮ଟାରେ ଖିଆପିଆ କରିବା ପାଇଁ ଓାଚମ୍ୟାନ ଡାକିଥିଲେ। ସମସ୍ତେ ବିଲଡିଂ ବାହାରେ ଥିବା ନଳକୂପ ନିକଟକୁ ଧୁଆଧୋଇ ହୋଇ ଭିତରକୁ ଫେରିଥିଲେ। କିନ୍ତୁ ନାବାଳିକା ହଠାତ୍ କବାଟ ବାହାର ପଟୁ ବନ୍ଦ କରି ସେଠାରୁ ଖସି ଯାଇଥିଲେ। ଯେହେତୁ ନଳକୂପ ନିକଟରେ ଧୁଆଧୋଇ ପାଇଁ ବାଲ୍‌ଟି, ଡେକ୍‌ଚି ଆଦି ଥିଲା ଏହା ସାହାଯ୍ୟରେ ନାବାଳିକା ଶକ୍ତି ସଦନ ପାଚେରି ଡେଇଁ କୁଆଡେ ପଳାଇଥିବା ସନ୍ଦେହ କରାଯାଉଛି। ତା'ପରେ ଚାରିଆଡେ ବହୁ ଖୋଜାଖୋଜି କରି ନିରାଶ ହେବାରୁ ରାତି ପ୍ରାୟ ୧୦ଟାରେ ସଦନ ସୁପରିଣ୍ଟେଣ୍ଡେଣ୍ଟ କାଦମ୍ବିନୀ ନନ୍ଦ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିଥିଲେ। ଯେହେତୁ ଏହି ପରିସରରେ ୪ଟି ସିସିଟିଭି କ୍ୟାମେରା ଲଗାଯାଇଥିଲା ଏହାର ଫୁଟେଜ ପୋଲିସକୁ ଦିଆଯାଇଥିବା ମଲ୍ଲ କହିଛନ୍ତି। ସିଡବ୍ଲ୍ୟୁସି ଅଧ୍ୟକ୍ଷା ସକୁନ୍ତଳା ଚୌଧୁରୀ ଥାନାରେ ଅଭିଯୋଗ ହୋଇଥିବାରୁ ପୋଲିସ ତଦନ୍ତ କରୁଥିବ ବୋଲି କହି ପ୍ରସଙ୍ଗକୁ ଏଡାଇ ଯାଇଛନ୍ତି। ଜଗତ୍‌ସିଂହପୁର ଆଇଆଇସି ସରୋଜକାନ୍ତ ସାମଲ କହିଛନ୍ତି ନାବାଳିକାଙ୍କୁ ଉଦ୍ଧାର ପାଇଁ ଚେଷ୍ଟା ଚାଲିଛି। ସୂଚନାଯୋଗ୍ୟ ଯେ, ଶକ୍ତି ସଦନ ଅଫାଗରେ ସ୍ୱାଧାର ଗୃହ ଭାବେ କାର୍ଯ୍ୟ କରୁଥିଲା। ସେତେବେଳେ ଜଗତ୍‌ସିଂହପୁର ସ୍ୱାଧାର ଗୃହରୁ ଏକାଧିକ ଯୁବତୀ ନିଖୋଜ ହୋଇଥିବା ଅଭିଯୋଗ ହୋଇଥିଲା।

# ନଦୀରୁ ନିଖୋଜ ମହିଳାଙ୍କ ମୃତଦେହ ଜବତ

ପାରାଦୀପ/କୁଜଙ୍ଗ, ୨୫।୮
(ଶରତ ରାଉତ/ମନୋଜ ପ୍ରଧାନ)


ଗୀତାଞ୍ଜଳି ଦାସ

ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଝିମାଣୀ ରଉତସାହିର ଜଣେ ମହିଳା ୪ ଦିନ ହେବ ନିଖୋଜ ଥିଲେ। ସୋମବାର ଝିମାଣୀ ନିକଟସ୍ଥ ହଳଦୀପାଣି ନଦୀରୁ ତାଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତା ହେଲେ କୁଜଙ୍ଗ ବ୍ଲକ ବଗଦିଆ ପଞ୍ଚାୟତ ଅନ୍ତର୍ଗତ ଝିମାଣୀ ରଉତସାହିର କୁନା ଦାସଙ୍କ ସ୍ତ୍ରୀ ଗୀତାଞ୍ଜଳି ଓରଫ ମାନୁ(୩୫)। ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କ ପତ୍ତା ନ ମିଳିବାରୁ ରବିବାର ଥାନାରେ ଅଭିଯୋଗ କରାଯାଇଥିଲା। ଏଥିସହ କୁଜଙ୍ଗ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଅଗ୍ନିଶମ କର୍ମଚାରୀ ନଦୀ ନିକଟରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ସୋମବାର ରାତିରେ ଗୀତାଞ୍ଜଳିଙ୍କ ମୃତଦେହ ନଦୀରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପାଣିରୁ କାଢ଼ିଥିଲେ। ଏଥିସହ ପୋଲିସକୁ ଖବର ଦେଇଥିଲେ। ଏହାପରେ ପୋଲିସ କର୍ମଚାରୀ ପହଞ୍ଚି ମୃତଦେହ ଜବତକରି କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୧୧/୨୫)ରୁଜୁ ହୋଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଅପରପକ୍ଷେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଋଣଚାପ ଯୋଗୁ ଗୀତାଞ୍ଜଳି ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି।

# ଡ.ଚିତ୍ରୋପ୍ରଜ୍ଞାଙ୍କୁ ଶ୍ରେଷ୍ଠ ଅଧ୍ୟାପିକା ସମ୍ମାନ

ତିର୍ତ୍ତୋଲ, ୨୫।୮ (ଗୌରାଙ୍ଗ ଚରଣ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ କନିମୂଳ ପଞ୍ଚାୟତ ଅନ୍ତର୍ଗତ ମତଗଜପୁର ଗ୍ରାମର ଡ.ଚିତ୍ରୋପ୍ରଜ୍ଞା ଦେବଦର୍ଶିନୀ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ୬୪ତମ ପ୍ରତିଷ୍ଠା ଦିବସରେ ବିଶ୍ୱ ବିଦ୍ୟାଳୟର ଶ୍ରେଷ୍ଠ ଅଧ୍ୟାପିକା ସମ୍ମାନ ଲାଭ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ବର୍ଣ୍ଣାଢ୍ୟ ସଭାରେ ଓଡ଼ିଶାର ମହାମହିମ ରାଜ୍ୟପାଳ ଡ.ହରିବାବୁ କମ୍ଭମ୍‌ପାଟି ତାଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରିଛନ୍ତି। ଏହି ପ୍ରତିଷ୍ଠା ଉତ୍ସବରେ ବିଶ୍ୱବିଦ୍ୟାଳୟର ଉପକୁଳାଧିପତି ତଥା ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବିଧାୟକ ବାବୁ ସିଂ, ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଲଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗୀୟ ମୁଖ୍ୟ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଡ.ଚିତ୍ରୋପ୍ରଜ୍ଞା ଜଣେ ମେଧାବୀ ଛାତ୍ରୀ ଭାବେ ସ୍ନାତକ, ସ୍ନାତକୋତ୍ତର ଓ ପିଏଚଡିରେ ଚାରୋଟି ସ୍ୱର୍ଣ୍ଣ ପଦକର ମଧ୍ୟ ଅଧିକାରୀ ହୋଇଛନ୍ତି। ତାଙ୍କର ଏହି ସମ୍ମାନଜନକ କୃତି ପାଇଁ ତିର୍ତ୍ତୋଲ ଅଞ୍ଚଳ ସମେତ ସମଗ୍ର ଜଗତ୍‌ସିଂହପୁର ଜିଲାର ଜନସାଧାରଣ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆଡଭୋକେଟ ବୀରନାରାୟଣ ପାତ୍ର, ପାର୍ଥ ସାରଥି ସାହୁ, ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ ବେହେରା, କଂଗ୍ରେସ ଯୁବ ନେତା ଇଂ. ଦେବଦ୍ୟୁତି ପୃଷ୍ଟି, ଆଡଭୋକେଟ ଅମରଜ୍ୟୋତି ସାହୁ, ଅମରେନ୍ଦ୍ର ସାହୁ, ବିଭୁପ୍ରସାଦ ପୃଷ୍ଟି, ତିର୍ତ୍ତୋଲ ଆଦିକବି କଲେଜର ପୂର୍ବତନ ସଭାପତି ବିମଳ ମହାପାତ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।


ଡ.ଚିତ୍ରୋପ୍ରଜ୍ଞା ଦେବଦର୍ଶିନୀ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ସମ୍ମାନିତ କରୁଛନ୍ତି।

# ବାସ୍ତୁବିତ୍‌ଙ୍କୁ ଅନ୍ତର୍ଜାତୀୟ ସ୍ୱର୍ଣ୍ଣ ପଦକ

ଜଗତ୍‌ସିଂହପୁର, ୨୫।୮
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅନ୍ତର୍ଗତ ସୋମପୁର ଗ୍ରାମର ଦୀପ୍ତିରଞ୍ଜନ ଦାସଙ୍କୁ ଅଙ୍କ-ଜ୍ୟୋତିଷ (ନ୍ୟୁମେରୋଲୋଜୀ) କ୍ଷେତ୍ରରେ ଉଲ୍ଲେଖନୀୟତା ପାଇଁ ଅନ୍ତର୍ଜାତୀୟ ସ୍ତରରେ ସ୍ୱର୍ଣ୍ଣପଦକ ମିଳିଛି। ବାରାଣସୀସ୍ଥିତ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚ୍‌ୟୁ) ଓ କାଶୀ ସଂସ୍ଥାନ ପକ୍ଷରୁ ଇନ୍‌ଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସ କେ. ଏନ୍. ଉଡୁପା ଅଡିଟୋରିୟମରେ ଅନୁଷ୍ଠିତ ଉତ୍ସବରେ ତାଙ୍କୁ ସମ୍ମାନିତ କରାଯାଇଛି। ଉତ୍ସବରେ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ଡ. ଏସ୍. ଏନ୍. ଶଙ୍ଖୱାର, ଡିନ ଡ. ପ୍ରଫେସର ପି. କେ. ଗୋସ୍ୱାମୀ, ସଂଯୋଜକ ପ୍ରଫେସର ଡ. ସି. ଏସ୍. ପାଣ୍ଡେ, ଆଇଏମ୍‌ଏସ (ଇନ୍‌ଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସ)ର ଆୟୋଜକ ଅଧ୍ୟକ୍ଷ ଓ ବିଭାଗ ନିର୍ଦ୍ଦେଶକ ପ୍ରମୁଖ ଦାସଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ କମିଟି ନିର୍ଦ୍ଦେଶକ ଅନିଲ କୁମାର ସିଂହ ଓ ଆଇଏମ୍‌ଏସ ବିଭାଗ ଦ୍ରବ୍ୟଗୁଣ ଆୟୁର୍ବେଦ ଫାକଲ୍ଟି ନିର୍ଦ୍ଦେଶକ ପ୍ରଫେସର ଡ. ଜସ୍‌ମିତ ସିଂହ, କାର୍ଯ୍ୟକ୍ରମ ସଂଯୋଜନା ନିର୍ଦ୍ଦେଶକ ଡ. ଅଞ୍ଜନ ଓ ସାରା ବିଶ୍ୱରୁ ଆସିଥିବା ଅନେକ ପ୍ରତିନିଧି ଯୋଗଦେଇଥିଲେ। ଏହି ସମ୍ମାନ ପାଇଁ ଦାସ ଆୟୋଜକ ସଂସ୍ଥା ଓ କର୍ତ୍ତୃପକ୍ଷଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି।



ଦୀପ୍ତିରଞ୍ଜନ ଦାସଙ୍କୁ ଅତିଥିମାନେ ସ୍ୱର୍ଣ୍ଣ ପଦକ ଦେଇ ସମ୍ମାନିତ କରୁଛନ୍ତି।

# ବ୍ଲକ ଶିକ୍ଷାଧିକାରୀଙ୍କୁ ପାଚିକା ସଂଘର ଦାବିପତ୍ର



୭ ଦଫା ଦାବିରେ ବ୍ଲକ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ଦେବାକୁ ଆସିଥିବା ପାଚିକାମାନେ।

ନାଉଗାଁ, ୨୫।୮ (ସୁଧା ବେହୁରା)

ନାଉଗାଁ ବ୍ଲକ ପାଚିକା ସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ୭ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ବ୍ଲକ ଶିକ୍ଷାଧିକାରୀ ଉମେଶ ରାଉତଙ୍କୁ ପ୍ରଦାନ କରାଯାଇଛି। ଦାବିଗୁଡିକ ମଧ୍ୟରେ ସରକାରୀ ନିୟମାନୁଯାୟୀ ପାଚିକା ନିଯୁକ୍ତି କରାଯାଉ। ନୂତନ ପାଚିକା, ସହାୟିକା ନିଯୁକ୍ତି ସମୟରେ ପୂର୍ବରୁ କାର୍ଯ୍ୟ କରୁଥିବା କିମ୍ବା ବିଦ୍ୟାଳୟ ମିଶ୍ରଣ ହେତୁ ବାଦ୍ ପଡ଼ିଥିବା ପାଚିକାଙ୍କୁ ଅଗ୍ରାଧିକାର ପ୍ରଦାନ କରାଯାଉ। ନିୟମିତ ପାରିଶ୍ରମିକ ପ୍ରଦାନ ସହ ଅଧିକ କାର୍ଯ୍ୟ ପାଇଁ ଅଧିକ ପାରିଶ୍ରମିକ, ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ମାନ୍ୟତା ଓ ପୋଷାକ ଆଦି ପ୍ରଦାନ କରିବା ପାଇଁ ଦାବି କରାଯାଇଛି। ଅନ୍ନପୂର୍ଣ୍ଣା ବିଶ୍ୱାଳ, ସୁଷମା ବେହେରା ଓପ୍ରତିମା ମହାନ୍ତି ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଥିଲେ। ଏ ସମ୍ପର୍କରେ ଶିକ୍ଷାଧିକାରୀ ରାଉତ କହିଛନ୍ତି, ପାଚିକାଙ୍କ ସମସ୍ୟା ବିଷୟରେ ଆଲୋଚନା କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

# ବୋଟକୁ ମତ୍ସ୍ୟଜୀବୀ ଯିବାବେଳେ ଗୋଡ଼ ଖସି ନଦୀରେ ବୁଡ଼ି ମୃତ୍ୟୁ

ମହାକାଳପଡ଼ା, ୨୫।୮ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ଖରିନାସି ଜେଟିରୁ ସୋମବାର ରାତିରେ ଏକ ମାଛ ଧରା ବୋଟକୁ ଯିବାବେଳେ ଅସାବଧାନତା ମତ୍ସ୍ୟଜୀବୀଙ୍କ ଗଳିଆ ନଦୀରେ ଖସି ପଡ଼ିଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇଛି। ସେ ହେଲେ ପଶ୍ଚିମବଙ୍ଗ ଅଞ୍ଚଳର ଗଣେଶ ପାହାଡ଼ିଆ (୫୫)।

ଖରିନାସିର ଦିବାକର ମଣ୍ଡଳଙ୍କ ମାଛ ଧରା ବୋଟରେ ଗଣେଶ ମାଛ ଧରିବା ପାଇଁ ନିୟୋଜିତ ଥିଲେ। ବୋଟକୁ ଯାଉଥିବାବେଳେ ଗୋଡ଼ ଖସି ନଦୀରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ମତ୍ସ୍ୟଜୀବୀ ନଦୀରୁ ଉଦ୍ଧାର କରି ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ହେଲେ ଏକ ଘଣ୍ଟା ଆମ୍ବୁଲାନ୍ସକୁ ଅପେକ୍ଷା କରିବାକୁ ପଡ଼ିଥିଲା। ବିଳମ୍ବ ଯୋଗୁ ଏକ ଅଟୋରେ ଗଣେଶଙ୍କୁ ପ୍ରଥମେ ରାମନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଗଣେଶଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ମୃତ ଶ୍ରମିକଙ୍କ ପରିବାର ଲୋକ ପଶ୍ଚିମବଙ୍ଗରୁ ଆସୁଥିବା ସୂଚନା ମିଳିଛି। ଏ ସଂକ୍ରାନ୍ତରେ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ସୌମେନ୍ଦ୍ର କୁମାର ବିଶ୍ୱାଳଙ୍କୁ ପଚାରିବାରେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଖବର ମିଳିଛି। ତଦନ୍ତ ପରେ ଯାହା କିଛଇ ଜଣାପଡ଼ିବ। ଏ ନେଇ ଏକ ଅପମୃତ୍ୟୁ ମାମଲା (୧୩/୨୫) ରୁଜୁ ହୋଇଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ ସେ କହିଛନ୍ତି।

# ଭେରାଇଟି ଷ୍ଟୋରରୁ ଚୋରି

ପାରାଦୀପ, ୨୫।୮ (ଶରତ ରାଉତ)

ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ଇଫକୋ ଛକରେ ଥିବା ଏକ ଭେରାଇଟ ଷ୍ଟୋରରୁ ରବିବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଷ୍ଟୋର ମାଲିକ ଅଜୁ ସ୍ୱାଇଁ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ସେହି ଅଞ୍ଚଳରେ ରହୁଥିବା ୪ ଜଣ ଯୁବକ ତାଲା ଭାଙ୍ଗି ପ୍ରାୟ ୨୦ ହଜାର ଟଙ୍କା ଚୋରି କରି ନେଇଛନ୍ତି। ଏଥିସହିତ ସିସିଟିଭି ଭିଡିଓ ଯାଞ୍ଚ ପାଇଁ ଦେଇଛନ୍ତି। ଉକ୍ତ ଭିଡିଓ ଆଧାରରେ ପୋଲିସ ସୋମବାର ସନ୍ଧ୍ୟାରେ ୪ ଜଣ ଅଭିଯୁକ୍ତଙ୍କୁ ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଛି। ରିପୋର୍ଟ ଲେଖା ହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ସୂଚନାଯୋଗ୍ୟ, ସେହି ଦୋକାନ ପାଖରେ ଥିବା ଏକ ମୋବାଇଲ ଦୋକାନରେ ଜୁଲାଇରେ ଅଗ୍ନିକାଣ୍ଡ ଘଟି ତାହା ପୋଡି ଯାଇଥିଲା। ସେତେବେଳେ ମଧ୍ୟ ଚୋରି ସନ୍ଦେହ କରାଯାଇଥିଲା। ଏବେ ଅଟକ ଥିବା ଅଭିଯୁକ୍ତମାନେ ସେତେବେଳେ ମୋବାଇଲ ଦୋକାନରୁ ଚୋରି କରିବା ପରେ ନିଆଁ ଲଗେଇ ପୋଡି ଦେଇଥିଲେ ବୋଲି ମୋବାଇଲ ଦୋକାନୀ ବିଦେଶୀ ମାଝୀ କହିଛନ୍ତି। ଉପରୋକ୍ତ ଦୁଇ ଘଟଣାକୁ ପୋଲିସ ତଦନ୍ତ ପରିସରଭୁକ୍ତ କରିଥିବା ଜଣାପଡ଼ିଛି।

# ନୂତନ ଏସ୍‌ପି ଅଙ୍କିତ କୁମାର ବର୍ମାଙ୍କ କାର୍ଯ୍ୟରେ ଯୋଗଦାନ

ଜଗତ୍‌ସିଂହପୁର, ୨୫।୮ (ପ୍ରମୋଦ କୁମାର ନାୟକ)



ଜଗତ୍‌ସିଂହପୁର ଏସ୍‌ପି ଭାବେ ୨୦୨୧ ବ୍ୟାଚ୍ ଆଇପିଏସ୍ ଅଙ୍କିତ୍ କୁମାର ବର୍ମା କାର୍ଯ୍ୟରେ ଯୋଗଦେଇଛନ୍ତି। ସେ ସୋମବାର ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତାଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ବର୍ମା ପୂର୍ବରୁ ଭୁବନେଶ୍ୱର ଅତିରିକ୍ତ ଡେପୁଟି କମିଶନର ଭାବେ କାର୍ଯ୍ୟ କରୁଥିଲେ।

# ଧୂନଚନ୍ଦ୍ର ହେଲେ ଜିକେଏସ୍ ସମ୍ପାଦକ

ପାରାଦୀପ, ୨୫।୮ (ଶରତ ରାଉତ)

ପାରାଦୀପ ବନ୍ଦର ଗୋପବନ୍ଧୁ କ୍ରୀଡ଼ା ସଂସଦ (ଜିକେଏସ୍)ର ସମ୍ପାଦକ ଭାବେ ସୋମବାର ଧୂନଚନ୍ଦ୍ର ତରାଇଙ୍କୁ ଚୟନ କରାଯାଇଛି। ପୂର୍ବରୁ ଏହି ପଦବୀରେ ବନ୍ଦର ସମ୍ପଦ ବିଭାଗର ରଶ୍ମିରଞ୍ଜନ ବେଉରା ଥିଲେ। ଧୂନଚନ୍ଦ୍ର ୱାର୍ଲଡ ମାଷ୍ଟର ଆଥ୍‌ଲେଟ ଭାବେ ୨ଥର ପ୍ରତିନିଧିତ୍ୱ କରିଥିଲେ। ସେ ଜଣେ ଭଲ ଫୁଟ୍‌ବଲ ଓ କବାଡ଼ି ଖେଳାଳି ଭାବେ ମଧ୍ୟ ପରିଚିତ। ଗୋପବନ୍ଧୁ ଷ୍ଟାଡିୟମରେ ତାଙ୍କର ଦୀର୍ଘ ଅଭିଜ୍ଞତା ରହିଛି। ତାଙ୍କୁ ଏହି ଦାୟିତ୍ୱ ମିଳିବା ପରେ ପୂର୍ବତନ ସମ୍ପାଦକ ରବି ଦାସ, କୋଚ୍ ସଞ୍ଜୟ କୁମାର ଦାସଙ୍କ ସମେତ ଅନ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି।

# ଜମିପଟ୍ଟା ପ୍ରଦାନ ଦାବିରେ ତହସିଲଦାରଙ୍କୁ ସ୍ମାରକପତ୍ର

ନାଉଗାଁ, ୨୫।୮ (ସୁଧା ବେହୁରା)

ଭୂମିହୀନ ସ୍ୱାର୍ଥ ସୁରକ୍ଷା ସଂଗ୍ରାମ କମିଟି ପକ୍ଷରୁ ଭୂମିହୀନମାନଙ୍କୁ ଜମିପଟ୍ଟା ପ୍ରଦାନ ଦାବିରେ ଏକ ସ୍ମାରକପତ୍ର ନାଉଗାଁ ତହସିଲଦାର ଅକ୍ଷୟ କୁମାର ବଡୁଙ୍କୁ ସୋମବାର ପ୍ରଦାନ କରାଯାଇଛି। ଉକ୍ତ ବ୍ଲକର ବିଭିନ୍ନ ଗ୍ରାମରୁ ୩୦ରୁ ଊର୍ଦ୍ଧ୍ୱ ଭୂମିହୀନ ଜମିପଟ୍ଟା ପାଇଁ ଦୀର୍ଘଦିନ ହେବ ଆବେଦନ କରିଥିଲେ। ମାତ୍ର ସେମାନଙ୍କୁ ଏଯାବତ୍ ପଟ୍ଟା ପ୍ରଦାନ କରାଯାଇନାହିଁ। ତେଣୁ ଯଥାଶୀଘ୍ର ଆବେଦନକାରୀଙ୍କୁ ପଟ୍ଟା ପ୍ରଦାନ କରିବା ପାଇଁ କମିଟିର ସଭାପତି ସୁବାସ ସ୍ୱାଇଁ, ମକର ମୁଦୁଲି, ମନୋଜ କାଣ୍ଡି, ଛବୀନ୍ଦ୍ର ଭୋଇ, ଗୋବିନ୍ଦ ବାଘ ପ୍ରମୁଖ ତହସିଲଦାରଙ୍କ ନିକଟରେ ଦାବି କରିଛନ୍ତି। ଖୁବ୍‌ଶୀଘ୍ର ଭୂମିହୀନଙ୍କୁ ପଟ୍ଟା ପ୍ରଦାନ କରାଯିବ ବୋଲି ତହସିଲଦାର ବଡୁ କମିଟିର ସଦସ୍ୟମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# କେନାଲବନ୍ଧ ରାସ୍ତା ଶୋଚନୀୟ: ଲୋକେ ହନ୍ତସନ୍ତ

ରଘୁନାଥପୁର, ୨୫।୮ (ରାଜେନ୍ଦ୍ର ନାରାୟଣ ସିଂହ)

## ଧରାଧରପୁର ପଞ୍ଚାୟତ

ରଘୁନାଥପୁର ବ୍ଲକ ଧରାଧରପୁର ପଞ୍ଚାୟତ ଅନ୍ତର୍ଗତ ବଡ଼ବାଗ ଗ୍ରାମରୁ ୮ନଂ. କେନାଲବନ୍ଧ ରାସ୍ତା ଅବସ୍ଥା ଶୋଚନୀୟ ହୋଇଯାଇଛି। ପ୍ରଶାସନର ଆନ୍ତରିକତା ଅଭାବରୁ ଏପରି ପରିସ୍ଥିତି ଉପୁଜିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏବେ ଲଗାଣ ବର୍ଷା ଯୋଗୁ ରାସ୍ତାଟି କାଦୁଅରେ ପରିପୂର୍ଣ୍ଣ ହୋଇଯାଇଛି। ଏନେଇ ଜନସାଧାରଣ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହି ପଡ଼ାଗ୍ରାମକୁ ଏକ ନିତିଦିନିଆ ରାସ୍ତା ପାଇଁ ସ୍ଥାନୀୟ ସରପଞ୍ଚ ନଳିନୀପ୍ରଭା ମୁଦୁଲିଙ୍କ ସମେତ ଗ୍ରାମବାସୀ ବ୍ଲକ ପ୍ରଶାସନ, ତହସିଲ, ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ଏହି ପଡ଼ାଗ୍ରାମକୁ ଏକ ନିତିଦିନିଆ ରାସ୍ତା ନାହିଁ। ଏହି ଗ୍ରାମରେ ହାରାହାରି ୮୦ ପରିବାର ବସବାସ କରନ୍ତି। ଜରୁରିକାଳୀନ ପରିସ୍ଥିତିରେ ଏହି ଗ୍ରାମକୁ ଯାତାୟାତ ପାଇଁ ୪ କିମି ବାଟ ବୁଲି ଯିବାକୁ ପଡ଼ିଥାଏ। ତେଣୁ ଏହି ଗ୍ରାମର ଛାତ୍ରୀଛାତ୍ର ଓ ଲୋକେ ୮ନଂ. କେନାଲ ବନ୍ଧ ମୁଖ୍ୟରାସ୍ତାକୁ ବାହାରିବା ପାଇଁ ଏକ ବିଲରାସ୍ତା ଉପରେ ଦୀର୍ଘ ୪ ଦଶନ୍ଧି ଧରି ନିର୍ଭର କରିଆସୁଛନ୍ତି। ଏହି ରାସ୍ତାଟି କେତେଜଣ ଲୋକଙ୍କ ବ୍ୟକ୍ତିଗତ ଜମି ଉପରେ ସେମାନଙ୍କ ସହମତିରେ ନିର୍ମାଣ କରାଯାଇଛି। ତେବେ ଜିଲା ପ୍ରଶାସନ ପକ୍ଷରୁ ଏହି ରାସ୍ତାର ଜମିଗୁଡ଼ିକୁ ଅଧିଗ୍ରହଣ କରାଯାଇ ଏକ ନିତିଦିନିଆ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏହାଦ୍ୱାରା ଗ୍ରାମରେ ବସବାସ କରୁଥିବା ୭୦୦ ଲୋକ ଉପକୃତ ହୋଇପାରିବେ ବୋଲି ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ବିଡିଓ ବିରଞ୍ଚି ନାରାୟଣ ବେହେରା କୁହନ୍ତି, ଯେଉଁମାନଙ୍କ ଜମି ଦେଇ ରାସ୍ତାଟି ଯାଇଛି ସେମାନେ ସରକାରୀ ଭାବେ ବ୍ଲକ ପ୍ରଶାସନକୁ ଉକ୍ତ ଜମି ରେଜିଷ୍ଟ୍ରି କରନ୍ତୁ। ପରେ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ଅନୁଦାନ ଯୋଗାଇ ଦିଆଯିବ ବୋଲି ବିଡିଓ ବେହେରା ପ୍ରକାଶ କରିଛନ୍ତି।


କାଦୁଅରେ ପରିପୂର୍ଣ୍ଣ ରାସ୍ତା।

କେନରା ବୈଂକ Canara Bank
ସିଣ୍ଡିକେଟ Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତାଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ଋଣଗ୍ରହୀତା / ବନ୍ଧକଦାତାଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଜଗତସିଂହପୁର ଶାଖା** ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସୁଶୀଲ୍ କୁମାର ଦାଶ, ପିତା: ରବିନ୍ଦ୍ର କୁମାର ଦାଶ, ଠିକଣା: ସା-ଜହନପୁର, ପୋ.: ମଣ୍ଡାସାହି, ଗ୍ରାମ- ଜହନପୁର, ଜିଲ୍ଲା: ଜଗତସିଂହପୁର, ଓଡିଶା-୭୫୪୧୧୪। | (କ)ଟ.୧୪,୮୬,୦୦୦/- / (ଖ) ୨୪.୦୮.୨୦୨୫ / (ଗ) ୨୫.୦୮.୨୦୨୫ | ୨୫.୦୮.୨୦୨୫ ସୁଦ୍ଧା ଟ.୧୪,୪୮,୮୪୨.୨୦ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀ ସୁଶୀଲ୍ କୁମାର ଦାଶ** ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୧୭୩୨, ଖାତା ନଂ.୬୯, ମୌଜା: ଛତ୍ର, ଗ୍ରାମ: ଜହନପୁର, ଏରିଆ: ଏ୦.୦୪ ଡିସିମିଲି, କିସମ: ଘରବାରୀ, ଉପ ଜିଲ୍ଲା: ଜଗତସିଂହପୁର ଏବଂ ଜିଲ୍ଲା: ଜଗତସିଂହପୁର ରେ ରେଜିଷ୍ଟ୍ରିଭୁକ୍ତ, ଚାରିପାର୍ଶ୍ୱରେ: ଉତ୍ତର- ସରକାରୀ ରାସ୍ତା, ଦକ୍ଷିଣ- ନିତ୍ୟାନନ୍ଦ ମହାନ୍ତି, ପୂର୍ବ- ରାଧା ଚରଣ ମହାନ୍ତି, ପଶ୍ଚିମ- ଗୋପିନାଥ ମହାନ୍ତି । |

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିନ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

ତାରିଖ: ୨୫.୦୮.୨୦୨୫, ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

# ବାଘୁଆ ଛକ ଅଙ୍ଗନୱାଡି କର୍ମୀ ନିଯୁକ୍ତିକୁ ବିରୋଧ

ଓଡ଼ଗାଁ, ୨୫।୮ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ରୋହିବାଙ୍କ ପଞ୍ଚାୟତ ବାଘୁଆଛକ ଅଙ୍ଗନୱାଡି କେନ୍ଦ୍ରରେ କିଛିଦିନ ତଳେ କର୍ମୀଙ୍କ ନିଯୁକ୍ତି ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଯାଇଛି। ବାଘୁଆଛକ ଅଙ୍ଗନୱାଡି କେନ୍ଦ୍ରରେ ସାକେରି ପଞ୍ଚାୟତର ଜଣେ ମହିଳାଙ୍କୁ କର୍ମୀ ଭାବ ନିଯୁକ୍ତିକୁ ବିରୋଧ କରି ଗ୍ରାମବାସୀଙ୍କ ପକ୍ଷରୁ ସୋମବାର ଓଡ଼ଗାଁ ବିଡିଓ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ, ଓଡ଼ଗାଁଙ୍କ ସହିତ ଜିଲାପାଳଙ୍କଠାରେ ଅଭିଯୋଗ କରିଥିବା ସେମାନେ କହିଛନ୍ତି।

ସୂଚନାଯୋଗ୍ୟ, ୮ ବର୍ଷ ପୂର୍ବେ ବାଘୁଆ ଛକରେ ଥିବା ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଥିଲା। ସେହି ସମୟରେ ନିଯୁକ୍ତି ପାଇଥିବା ଅଙ୍ଗନୱାଡି କର୍ମୀ ଇସ୍ତଫା ଦେବା ପରେ ପୁଣି ବିଜ୍ଞାପନ ମାଧ୍ୟମରେ ଦ୍ୱିତୀୟ ନିଯୁକ୍ତି କରାଗଲା। ସ୍ୱାସ୍ଥ୍ୟଗତ କାରଣରୁ ୪୫ ଦିନ ପରେ ସେ ଇସ୍ତଫା ଦେଇଥିଲେ। ପରବର୍ତ୍ତୀ ସମୟରେ କୌଣସି ନୋଟିଫିକେସନ ନ କରି ପୂର୍ବେ ସାକେରି କେନ୍ଦ୍ରରେ ସହାୟିକା ଭାବେ ନିଯୁକ୍ତି ପାଇଥିବା ମହିଳାଙ୍କୁ ବାଘୁଆ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ଏହାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏ ସମ୍ପର୍କରେ ପଚାରିବାରେ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିଭାଗଙ୍କ ଦ୍ୱାରା ପ୍ରକାଶ ପାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ଆମେ ଅଙ୍ଗନୱାଡି କର୍ମୀଙ୍କୁ ନିଯୁକ୍ତି ଦେଇଛୁ ବୋଲି ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ଓଡ଼ଗାଁ ଲହଡିମାଳା ପ୍ରଧାନ କହିଛନ୍ତି।


ବିଡିଓଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।


ସୋମବାର ରଣପୁର ସିକୋ ଖଦୀପଦାରଠାରେ ରାସ୍ତାରେ ହାତୀ ବୁଲୁଥିବାରୁ ଭୟରେ ଯାତାୟାତ ବନ୍ଦ ରହିଛି। (ଫଟୋ: ସୁକାନ୍ତ କିଶୋର ଡାକୁଆ)

## ସଂକ୍ଷେପରେ

### ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ପାରଳାଖେମୁଣ୍ଡି, ୨୫।୮ (ଗିରିଧାରୀ ପରିଚ୍ଛା): ଗଜପତି ଜିଲା ଅତିରିକ୍ତ ଜିଲା ଦୌରାଜଜ୍ ବିଭୂ ପ୍ରସାଦ ପଣ୍ଡା ସୋମବାର ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରିଛନ୍ତି। ଅଭିଯୁକ୍ତ ସନ୍ତୋଷ ଶବରଙ୍କୁ ସେ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୧ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୮ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆର. ଉଦୟଗିରି ଥାନା ଅଞ୍ଚଳରେ ୨୦୨୩ରେ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିଲା। ଏ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହାର ତଦନ୍ତ କରି ଅଭିଯୁକ୍ତ ସନ୍ତୋଷଙ୍କୁ ମାମଲା ନଂ.୭୬/୨୩ ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଏସଆଇ ଦୁଷ୍ମନ୍ତ କୁମାର ଅମାନ୍ତ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ସାକ୍ଷୀମାନଙ୍କ ବୟାନକୁ ଆଧାର କରି ପ୍ରମାଣ ମିଳିଥିବାରୁ ଜଜ୍ ଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଆର. ଜନରଧନ ରାଓ ମକଦ୍ଦମା ପରିଚାଳନା କରିଥିଲେ।

### ଶେଷ ପର୍ଯ୍ୟାୟରେ ପଞ୍ଚମା ସିଦ୍ଧ ବିନାୟକ ପୀଠ ପ୍ରସ୍ତୁତି

ଗୋପାଳପୁର, ୨୫।୮ (ନବୀନ ରାଜ ଆଚାରୀ)

ବୁଧବାର ଗଣେଶ ଚତୁର୍ଥି ରହିଥିବା ବେଳେ ଗଞ୍ଜାମ ଜିଲା ପଞ୍ଚମା ସ୍ଥିତ ପ୍ରସିଦ୍ଧ ସିଦ୍ଧ ବିନାୟକ ପୀଠରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏନେଇ ପରିଚାଳନା କମିଟି ପକ୍ଷରୁ ଖବରଦାଦା ସମ୍ମିଳନୀରେ ସୂଚନା ଦିଆଯାଇଛି। ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ଭକ୍ତ ଆସିଥାନ୍ତି। ରଙ୍ଗବେରଙ୍ଗ ଆଲୋକ ମାଳାରେ ମନ୍ଦିର ସଜ୍ଜିତ କରାଯାଇଛି। ରଣ୍ଝା ଛକ ଠାରୁ ପଞ୍ଚମା ପର୍ଯ୍ୟନ୍ତ ଆଲୋକୀ କରଣ ବ୍ୟବସ୍ଥା କରାଯିବା ସହ ବିଭିନ୍ନ ସ୍ଥାନରେ ସାଂସ୍କୃତିକ ନାଟକ, ପୌରାଣିକ ନାଟକ ପରିବେଷଣ କରାଯିବା। ଭକ୍ତଙ୍କ ସମାଗମ ଦେଖି ଚଳିତ ବର୍ଷ ରଣ୍ଝା ଠାରୁ ପଞ୍ଚମା ପର୍ଯ୍ୟନ୍ତ ଦୁଇକିଲୋମିଟର ରାସ୍ତାକୁ ଆଲୋକିକରଣ କରାଯାଇଛି। ଶୃଙ୍ଖଳିତ ଦର୍ଶନ ନିମନ୍ତେ ପୋଲିସ ପକ୍ଷରୁ ଡିଏସପି ଇନ୍ସପେକ୍ଟର, ପୋଲିସ ଅଫିସରଙ୍କ ସମେତ ପୋଲିସ ଫୋର୍ସ ମୁତୟନ ରହିବେ।

### ଏନ୍‌ଏସି ପକ୍ଷରୁ ବିଭିନ୍ନ ହୋଟେଲରେ ଚଢ଼ାଉ

ଆସିକା, ୨୫।୮ (ସୁରେନ୍ଦ୍ର ନାଥ ସାହୁ)

ଆସିକା ଏନଏସି ପକ୍ଷରୁ ସୋମବାର ଆସିକା ସହରର ବିଭିନ୍ନ ହୋଟେଲ ଉପରେ ଚଢାଉ କରାଯାଇ ୨୨ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏନଏସି ନିର୍ବାହୀ ଅଧିକାରୀ ରାଜେଶ ମହାପାତ୍ରଙ୍କ ନେତୃତ୍ୱରେ ଖାଦ୍ୟ ନିରାପତ୍ତା ଅଧିକାରୀ ଶୁଭରଞ୍ଜନ ମୁଦୁଲି, ପରିମଳ ଅଧିକାରୀ ଅଜିତ ପଟ୍ଟନାୟକଙ୍କ ସମେତ ଆସିକା ପୋଲିସ ଓ ଏନଏସି କର୍ମଚାରୀ ଚଢାଉରେ ସାମିଲ ଥିଲେ । ଆସିକା ବସଷ୍ଟାଣ୍ଡସ୍ଥିତ ୪ଟି ହୋଟେଲରେ ଚଢାଉ କରାଯାଇ ଖାଦ୍ୟର ମାନ ଯାଞ୍ଚ କରାଯାଇଥିଲା । ବାସି ଖାଦ୍ୟ, ରଙ୍ଗମିଶା ଖାଦ୍ୟ ପଦାର୍ଥ, ଖାଦ୍ୟ ପ୍ରସ୍ତୁତିରେ ଉଦ୍ଦିଷ୍ଟ ଗ୍ୟାସ ହାଣ୍ଡିର ବ୍ୟବହାର କରାଯାଉ ନ ଥିବା, ଚାଇନା ଲୁଣ ବ୍ୟବହାର କରାଯାଉଥିବା, ନିଷିଦ୍ଧ ହୋଇଥିବା ପଲିଥିନ ବ୍ୟବହାର କରିବା ଚଢାଉ ବେଳେ ଅଧିକାରୀମାନଙ୍କ ଦୃଷ୍ଟିକୁ ଆସିଥିଲା।

# ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟାଙ୍କ ନୟାଗଡ଼ ଗସ୍ତ


ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟା ଚନ୍ଦନା ଦାଶ ଶିଶୁ ଅନୁଷ୍ଠାନ ପିଲା ଏବଂ କର୍ମଚାରୀଙ୍କ ସହ କଥା ହେଉଛନ୍ତି।

ନୟାଗଡ଼, ୨୫।୮ (ଲୋକନାଥ ମିଶ୍ର)

ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟା ଚନ୍ଦନା ଦାଶ ସୋମବାର ନୟାଗଡ଼ ଜିଲା ଗସ୍ତରେ ଆସି ନୟାଗଡ ଗୋଡ଼ିଆଳି ଅଙ୍ଗନୱାଡି କେନ୍ଦ୍ର, ଉତ୍କଳ ବାଳାଶ୍ରମ, ଶକ୍ତି ସଦନ, ନୟାଗଡ଼ ସଦର ଶିଶୁ ବତ୍ସଳ ଥାନା ଏବଂ ଜନ ମିଲଟନ ଜିତେନ୍ଦ୍ର ଫାଉଣ୍ଡେସନ ପରିଦର୍ଶନ କରିଥିଲେ। ଶିଶୁ ଅନୁଷ୍ଠାନରେ ଥିବା ପିଲା ଓ କର୍ମଚାରୀଙ୍କ ସହ କଥା ହୋଇଥିଲେ। ଶିଶୁମାନେ କିପରି ସୁରକ୍ଷିତ ହେବେ ଓ ସେମାନଙ୍କ ଶୈଶବ କିପରି ସୁଖରେ କଟିବ ସେନେଇ ଜିଲାସ୍ତରୀୟ ଅଧିକାରୀମାନଙ୍କ ସହ କଥା ହୋଇଥିଲେ। ଶିଶୁ ବତ୍ସଳ ଥାନାରେ ଥାନା ଅଧିକାରୀ ଓ ଶିଶୁ ଡେସ୍କରେ ଥିବା ଅଧିକାରିଣୀଙ୍କ ସହ କଥା ହୋଇଥିଲେ।

# ଭାଜପା ନେତାଙ୍କ ପୁଅଙ୍କୁ ଆକ୍ରମଣ କରି ଅପହରଣ ଉଦ୍ୟମ

## ୩ ଗିରଫ, ଖଣ୍ଡା, ଲୁହାରଡ, କାର ଓ ବାଇକ୍ ଜବତ୍

ପୁରୁଷୋତ୍ତମପୁର, ୨୫।୮ (ସିମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ପୁରୁଣା ପୋଷ୍ଟଅଫିସ ସାହିରେ ରବିବାର ରାତିରେ ବରିଷ୍ଠ ଭାଜପା ନେତା ପୃଥ୍ୱୀରାଜ ମହାପାତ୍ରଙ୍କ ପୁଅ ଶୁଭଅର୍ପିତ ମହାପାତ୍ରଙ୍କୁ ଆକ୍ରମଣକରି ଅପହରଣ କରିନେବାକୁ ଉଦ୍ୟମ ହୋଇଥିଲା। ଏନେଇ ଅଭିଯୋଗ ପରେ ପୋଲିସ ସୋମବାର ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଦିଗପହଣ୍ଡି ଥାନା ଅନ୍ତର୍ଗତ ଅନନ୍ତାଇ ଗ୍ରାମର କିରଣ ସାହୁ (୨୫), ପୁରୁଷୋତ୍ତମପୁର ଥାନା ଗାଙ୍ଗଦହଣୀର ନିଲୁ ସାମସଲ (୨୨) ଓ ବ୍ରହ୍ମପୁର ସଦରଥାନା ଅନ୍ତର୍ଗତ ନାରାୟଣପୁର ଗ୍ରାମର ନାରାୟଣ ଗୌଡ (୨୪)। ଏମାନଙ୍କଠାରୁ ଖଣ୍ଡା, ଲୁହାରଡ ଓ ଏକ ୱାଗନର କାର (ନଂ. ଓଡି ୦୨ ସିପି ୯୮୧୭), ପଲସର ବାଇକ୍ (ନଂ. ଓଡି୦୭ଏଆର-୪୬୬୬)କୁ ପୋଲିସ ଜବତ କରିଛି। ନଂ. ୬୬୯/୨୫ରେ ମାମଲା ରୁଜୁ ହୋଇଛି। ପ୍ରେମଜନିତ କାରଣରୁ ଏଭଳି ଘଟିଥିବା ତଦନ୍ତକାରୀ ପୋଲିସ ଅଧିକାରୀ ଶୁଶାନ୍ତ ମିଶ୍ର କହିଛନ୍ତି।

ଖବରରୁ ପ୍ରକାଶ, ଶୁଭଅର୍ପିତ ବ୍ରହ୍ମପୁରରେ ପଢୁଥିବା ବେଳେ ତାଙ୍କର ଜଣେ ବାନ୍ଧବୀ ଥିଲେ। ସେ ତାଙ୍କ ସହ କଥାବାର୍ତ୍ତା ହେଉଥିଲେ। ସମ୍ପୃକ୍ତ ଯୁବତୀ ଜଣକ ନାରାୟଣ ଗୌଡଙ୍କ ସମ୍ପର୍କୀୟ ହୋଇଥିବାରୁ ଏହାକୁ ସେ ବିରୋଧ କରି ଝିଅକୁ ଫୋନ କରି କଥାବାର୍ତ୍ତା ନ ହେବାକୁ ଶୁଭଅର୍ପିତଙ୍କୁ ବାରଣ କରିଥିଲେ। ଏହାକୁ ନେଇ ଉଭୟପକ୍ଷଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଫଳରେ ନାରାୟଣ ଉତ୍ତ୍ୟକ୍ତ ହୋଇ ଶୁଭଅର୍ପିତଙ୍କୁ ହତ୍ୟାକରିବା ଉଦ୍ଦେଶ୍ୟରେ ରବିବାର ରାତିରେ ୫/୬ ଜଣ ବ୍ୟକ୍ତିଙ୍କୁ ନେଇ ପୁରୁଷୋତ୍ତମପୁରସ୍ଥିତ ଶୁଭଅର୍ପିତଙ୍କ ଘର ପାଖକୁ ଆସି ଫୋନକରି ତାଙ୍କୁ ବାହାରକୁ ଡାକିଥିଲେ। ସେ ବାହାରକୁ ଆସିବାକ୍ଷଣି ତାଙ୍କୁ ଅତର୍କିତ ମାରଣାସ୍ତ୍ରରେ ଆକ୍ରମଣକରି ଘୋଷାଡି ନେଇ କାରରେ ଅପହରଣ କରି ନେବାକୁ ଉଦ୍ୟମ କଲାବେଳେ ସେ ଚିତ୍କାର କରିଥିଲେ। ଏହି ସମୟରେ ସାହିଲୋକେ ଦୌଡି ଆସି ଶୁଭଅର୍ପିତଙ୍କୁ ଉଦ୍ଧାର କରି ଦୁଇଜଣଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ଏହାର ତଦନ୍ତ କରି ଅନ୍ୟଜଣେ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଥିଲା। ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ବିଭିନ୍ନ ସ୍ଥାନରେ ଚଢାଉ ଚାଲିଥିବା ତଦନ୍ତକାରୀ ଅଧିକାରୀ ମିଶ୍ର କହିଛନ୍ତି।



### ପ୍ରୋବେସନାରୀ ଓଏଏସ ଅଧିକାରୀଙ୍କ ଦ୍ୱିତୀୟ ଦିବସ କ୍ଷେତ୍ର ପ୍ରଦର୍ଶନ

# ଚାଷ ଜମି, ମିଶନ ଶକ୍ତି ମହିଳାଙ୍କ ପ୍ରକଳ୍ପ ବୁଲି ଦେଖିଲେ

ଶେରଗଡ଼ ୨୫।୮ (ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ରେ ରବିବାରଠାରୁ ଗୋପବନ୍ଧୁ ଏକାଡେମୀରେ ତାଲିମରେ ଥିବା ପ୍ରୋବେସନାରୀ ଓଏଏସ୍ ଅଧିକାରୀମାନେ ପଞ୍ଚାୟତରେ କ୍ଷେତ୍ର ପରିଦର୍ଶନ କରୁଛନ୍ତି। ଗୋବିନ୍ଦପୁର ପଞ୍ଚାୟତରେ ୫ ଜଣ, ପିତ୍ତଳ ପଞ୍ଚାୟତରେ ଥିବା ୫ଜଣ ଥିଲେ। ଗୋବିନ୍ଦପୁରରେ ଥିବା ୫ଜଣ ପ୍ରୋବେସନାରୀ ଓଏଏସ୍ ଅଧିକାରୀ ସୋମବାର ସକାଳୁ ଦ୍ୱିତୀୟ ଦିବସରେ ଗୋବିନ୍ଦପୁରରେ କିଛି ଚାଷ ଜମି ବୁଲି ଦେଖିଲେ। ପରେ ସମନ୍ୱିତ ଚାଷରେ ଛତୁ ଚାଷ, ଜିଆ ଫୁଲ ଚାଷ, ମାଛ ପୋଖରୀ ବୁଲି ଦେଖିବା ପରେ କୃଷ୍ଣଛାଇ ପଞ୍ଚାୟତରେ ଅଭିଯୋଗ ଶୁଣାଣିରେ ସାମିଲ ହୋଇ ଅଭିଯୋଗ ଶୁଣାଣିର ଶୈଳୀ ଦେଖିଥିଲେ। ସେହିପରି ପିତ୍ତଳଠାରେ ମଧ୍ୟ ୫ଜଣ ପ୍ରୋବେସନାରୀ ଓଏଏସ୍ ଅଧିକାରୀମାନେ ଚାଷ ଜମି ବୁଲି ଦେଖିବା ସହ ଜଳସେଚନ ଉପଯୋଗୀ ଜମି ବୁଲି ଦେଖିଥିଲେ। ଗ୍ରାମର ପରିବେଶ, ଗ୍ରାମର ସ୍ଥିତି ଅବସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ପରେ ସେମାନେ ମଧ୍ୟ ଅଭିଯୋଗ ଶୁଣାଣିରେ ଯୋଗ ଦେଇଥିଲେ। ଅପରାହ୍ନରେ ମିଶନ ଶକ୍ତି ମହିଳା ଓ ସ୍ୱୟଂ ସହାୟକ ଗୋଷ୍ଠୀ କରିଥିବା ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ଏହି ପ୍ରକଳ୍ପ ମଧ୍ୟରେ ଛତୁ ଚାଷ, ହାଣ୍ଡି ମାଠିଆ ମାଟିର ପ୍ରକଳ୍ପ, ଅଙ୍ଗନବାଡ଼ି କେନ୍ଦ୍ରରେ ପ୍ରଦାନ କରାଯାଉଥିବା ଖାଦ୍ୟ ସମ୍ପର୍କରେ ଅବଗତ ହୋଇଥିଲେ। ଏଥି ସହିତ ବୁଣାକାର ଓ ସ୍ୱୟଂ ସହାୟକ ଗୋଷ୍ଠୀ କର୍ମକର୍ତ୍ତାଙ୍କ ମିଶନ ଶକ୍ତି ଉପରେ ଆଲୋଚନା କରିଥିଲେ। ସେମାନଙ୍କ ଗସ୍ତ ସମୟରେ ବ୍ଲକ ଅଧକ୍ଷ, ବିଡ଼ିଓ ସେମାନଙ୍କୁ ସମ୍ୟକ ଧାରଣା ଦେଇଥିଲେ। ଅଧିକାରୀମାନଙ୍କୁ ଦୁଇ ପଞ୍ଚାୟତରେ ଭବ୍ୟସ୍ୱାଗତ କରାଯାଇଥିଲା।

### ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅବ୍ୟକ୍ତ ସ୍ମୃତି ଦିବସ ପାଳିତ

ଆସିକା ୨୫।୮ (ସୁରେନ୍ଦ୍ର ନାଥ ସାହୁ)

ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଆସିକା ବସଷ୍ଟାଣ୍ଡସ୍ଥିତ ସେବା କେନ୍ଦ୍ର ଶାନ୍ତିଶକ୍ତି ଭବନରେ ସୋମବାର ବିଶ୍ୱ ବିଦ୍ୟାଳୟର ତତ୍କାଳିନ ମୁଖ୍ୟ ପ୍ରଶାସିକା ଦାଦି ପ୍ରକାଶମଣିଙ୍କ ୧୮ତମ ଅବ୍ୟକ୍ତ ସ୍ମୃତି ଦିବସ ପାଳିତ ହୋଇଥିଲା । ଏଥିରେ ଆସିକା ଡାକ ବିଭାଗୀୟ ଅଧୀକ୍ଷକ ଲେଫ୍ଟନାଣ୍ଟ କର୍ଣ୍ଣେଲ ଦିଲ୍ଲୀପ ବେହେରା, ଆସିକା ବିଜ୍ଞାନ ମହାବିଦ୍ୟାଳୟ ଅଧକ୍ଷ ଡ. ସନ୍ତୋଷ ଚୌଧୁରୀ, ମେକମାଇକେଲ ସଂସ୍କୃତ ମହାବିଦ୍ୟାଳୟ ଅଧକ୍ଷ ଅଶ୍ୱିନୀ ଦାଶ, ଅଧାପକ ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ, ଅଧାପିକା ସ୍ମିତାରାଣୀ ପଣ୍ଡା, ଅଧାପିକା ନନ୍ଦିତା ଦାଶ, ସଂସ୍କୃତ ପଣ୍ଡିତ ଦୁର୍ଗା ପ୍ରସାଦ ପଣ୍ଡା, ଡାକ ବିଭାଗୀୟ ସହକାରୀ ଅଧୀକ୍ଷକ ପରମାନନ୍ଦ କଣ୍ଟ, ବରିଷ୍ଠ ଆଇନଜୀବୀ ସୁଧାଂଶୁ ପଣ୍ଡା ଅତିଥି ରୂପେ ଯୋଗଦେଇ ସହଜ ରାଜଯୋଗ ମାନସିକ ଅବସାଦ ଦୂର ସହ କର୍ମରେ କୁଶଳତା, ପରିବାର ଓ ସମାଜରେ ପାରସ୍ପରିକ ସମ୍ପର୍କର ବିକାଶ ଲାଗି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରକାଶ କରିଥିଲେ। ସଂଚାଳିକା ପ୍ରଭାତି ଦାଦି ମଧ୍ୟ ପ୍ରକାଶମଣିଙ୍କ ସ୍ମୃତିଚାରଣ କରିଥିଲେ ।

### ଆନ୍ତଃ ଜିଲା ଜ୍ଞାନବିଜ୍ଞାନ ମେଳା

## ଗଞ୍ଜାମ ଶିଶୁମନ୍ଦିର ଛାତ୍ରୀଙ୍କ କୃତିତ୍ୱ

ଗଞ୍ଜାମ, ୨୫।୮ (ବିଦ୍ୟାଧର ସାହୁ)

ଫୁଲବାଣୀଠାରେ ଅନୁଷ୍ଠିତ ଆନ୍ତଃ ଜିଲା ଜ୍ଞାନବିଜ୍ଞାନ ମେଳାରେ ଗଞ୍ଜାମ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଅଷ୍ଟମ ଶ୍ରେଣୀର ଛାତ୍ରୀ ଆନନ୍ଦିନୀ ପଣ୍ଡା (ଲୁସି ) ତୃତୀୟ ସ୍ଥାନ ପାଇ କୃତିତ୍ୱ ଅର୍ଜନ କରିଛନ୍ତି। ମ୍ୟାଥମେଟିକାଲ ନୋଟ୍‌ଶନ ଉପରେ ଆଧାରିତ ପ୍ରଦର୍ଶନୀରେ ସେ ଗାଣିତିକ ଅଙ୍କ, ଚିହ୍ନ ଓ ସୂତ୍ର ସମ୍ପର୍କରେ ସୁନ୍ଦର ଉପସ୍ଥାପନା କରିଥିଲେ। ଏହି ସଫଳତା ବିଦ୍ୟାଳୟ ସହିତ ସମଗ୍ର ଅଞ୍ଚଳ ପାଇଁ ଗର୍ବର ବିଷୟ ହୋଇଛି। ଆନନ୍ଦିନୀ ଦୁର୍ଗାଦେବୀ ସାହିର ମହେନ୍ଦ୍ର ପଣ୍ଡା ଓ ସସ୍ମିତା ପଣ୍ଡାଙ୍କ କନିଷ୍ଠ କନ୍ୟା। ପିଲାଦିନୁ ପାଠପଢାରେ ରୁଚି ରଖୁଥିବା ଆନନ୍ଦିନୀ ପୂର୍ବରୁ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଛନ୍ତି। ଅନୁଷ୍ଠାନରେ କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, କ୍ରୀଡ଼ା ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ଖଣ୍ଡପଡ଼ା, ୨୫।୮ (ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ୍ ବଳଭଦ୍ରପ୍ରସାଦ ପଞ୍ଚାୟତ ଅଧୀନ ରବୀନ୍ଦ୍ର କୁମାର ଉଚ୍ଚ ବିଦ୍ୟାଳୟ, ଦୁଃଖାପଲ୍ଲୀରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ କୁଳମଣି ପରିଡା ଓ କ୍ରୀଡା ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ଜୁଲାଇ ୩୧ରେ ଅବସର ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ସୋମବାର ବିଦ୍ୟାଳୟ ପରିସରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଧର୍ମେନ୍ଦ୍ର ନାଥ ମିଶ୍ର, ପ୍ରସନ୍ନ କୁମାର ସେଣ, ଶରତ ଚନ୍ଦ୍ର ସାହୁ, ସଞ୍ଜୟ କୁମାର ଲେଙ୍କା, ପଡୋଶୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ ମଞ୍ଚାସୀନ ଥିଲେ। ସହକାରୀ ଶିକ୍ଷକ ପ୍ରମୋଦ କୁମାର ପରିଡା ଏବଂ ପ୍ରଭାତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅତିଥିମାନଙ୍କ ପକ୍ଷରୁ ବିଦାୟୀ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।


ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# କାର୍ଯ୍ୟରେ ଆସୁନି ବସ୍‌ଷ୍ଟାଣ୍ଡ ଶୌଚାଳୟ

ଖଣ୍ଡପଡ଼ା, ୨୫।୮ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ପୁରୁଣା ବସ୍‌ଷ୍ଟାଣ୍ଡ ପରିସରରେ ନୂତନକରି ନିର୍ମାଣ ଶେଷ ହୋଇଥିବା ଗୋଷ୍ଠୀ ଶୌଚାଳୟ ଓ ସ୍ନାନାଗାରଟିରେ ସଦାସର୍ବଦା ତାଲା ଝୁଲୁଛି। ଫଳରେ ସର୍ବସାଧାରଣଙ୍କ ସେବାରେ ଗୋଷ୍ଠୀ ଶୌଚାଳୟଟି ଆସୁ ନ ଥିବାରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦୈନିକ ଉକ୍ତ ସ୍ଥାନରୁ ଯାତ୍ରିବାହୀ ବସ୍ ଯୋଗେ ଜନସାଧାରଣ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଥିବା ବେଳେ ବିଶେଷକରି ମହିଳା ଯାତ୍ରୀମାନେ ସମୟ, ଅସମୟରେ ପରିସ୍ରା ଯିବା ନିମନ୍ତେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଉକ୍ତ ଶୌଚାଳୟ ଓ ସ୍ନାନାଗାରଟିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଦିଗରେ ଖଣ୍ଡପଡ଼ା ଏନ୍‌ଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ସେହିପରି ଖଣ୍ଡପଡ଼ା ସହରର ପୁରାତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଶୌଚାଳୟ, ସ୍ନାନାଗାର ସମେତ ୫ ନଂ. ୱାର୍ଡ ଅଧୀନ ନିଳାଚଳ ସାହିରେ ନୂତନ କରି ନିର୍ମାଣ ହୋଇଥିବା ଗୋଷ୍ଠୀ ଶୌଚାଳୟଟିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଦିଗରେ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ସହରବାସୀ ଦାବି କରିଛନ୍ତି।



ପୁରୁଣା ବସ୍‌ଷ୍ଟାଣ୍ଡ ପରିସରରେ ଥିବା ଗୋଷ୍ଠୀ ଶୌଚାଳୟ।


Canara Bank ସିଣ୍ଡିକେଟ Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତାଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ଋଣଗ୍ରହୀତା / ବନ୍ଧକଦାତାଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଜଗତସିଂହପୁର ଶାଖା** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସୁଶୀଲ୍ କୁମାର ଦାଶ**, ପିତା: ରବିନ୍ଦ୍ର କୁମାର ଦାଶ, ଠିକଣା: ସା-ଜହନପୁର, ପୋ.: ମଣ୍ଡାସାହି, ଗ୍ରାମ- ଜହନପୁର, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା-୭୫୪୧୧୪। | (କ)ଟ.୧୪,୮୬,୦୦୦/- / (ଖ) ୨୪.୦୮.୨୦୨୫ / (ଗ) ୨୫.୦୮.୨୦୨୫ | ୨୫.୦୮.୨୦୨୫ ସୁଦ୍ଧା ଟ.୧୪,୪୮,୮୪୨.୨୦ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀ ସୁଶୀଲ୍ କୁମାର ଦାଶ** ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୧୭୩୨, ଖାତା ନଂ.୬୯, ମୌଜା: ଛତ୍ର, ଗ୍ରାମ: ଜହନପୁର, ଏରିଆ: ୦.୦୪ ଡିସିମିଲି, କିସମ: ଘରବାରୀ, ଉପ ଜିଲ୍ଲା: ଜଗତସିଂହପୁର ଏବଂ ଜିଲ୍ଲା: ଜଗତସିଂହପୁର ରେ ରେଜିଷ୍ଟ୍ରିଭୁକ୍ତ, ଚାରିପାର୍ଶ୍ୱରେ: ଉତ୍ତର- ସରକାରୀ ରାସ୍ତା, ଦକ୍ଷିଣ- ନିତ୍ୟାନନ୍ଦ ମହାନ୍ତି, ପୂର୍ବ- ରାଧା ଚରଣ ମହାନ୍ତି, ପଶ୍ଚିମ- ଗୋପିନାଥ ମହାନ୍ତି । |

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

ତାରିଖ: ୨୫.୦୮.୨୦୨୫, ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବନ୍ୟା: ଦଶରଥପୁରର ୧୪ ପଞ୍ଚାୟତ ପ୍ରଭାବିତ

■ ପ୍ରଶାସନ ପକ୍ଷରୁ ରିଲିଫ, ଉଦ୍ଧାର କାର୍ଯ୍ୟ ଜାରି

■ ଦଶରଥପୁର ବ୍ଲକରେ ୧୩, ଯାଜପୁରରେ ୧ ରିଲିଫ ସେଣ୍ଟର

ଯାଜପୁର,୨୫।୮(ହର୍ଷବର୍ଦ୍ଧନ ବେହେରା):


ଦଶରଥପୁର ଅହିୟାସ ଗ୍ରାମ ବନ୍ୟାଜଳ ଘେରରେ ମା' ସହିତ ରହିଯାଇଥିବା ଏକ ୨୧ଦିନର ଶିଶୁକୁ ଉଦ୍ଧାର କରି ଓଡ୍ରାଫ ଟିମ୍‌ର ଜଣେ ସଦସ୍ୟ ତାଙ୍କ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରୁଛନ୍ତି।

ଲଗାଣ ବର୍ଷା ଯୋଗୁ ବୈତରଣୀ ନଦୀରେ ବନ୍ୟାଜଳ ବୃଦ୍ଧି ପାଇ ଏହାର ଶାଖା କାଣୀ ନଦୀର ବଙ୍ଗାଳାବାଡି ନଦୀବନ୍ଧରେ ଏକ ବଡ଼ ଘାଇ ହୋଇ ବନ୍ୟା ସୃଷ୍ଟି ହୋଇଛି। ଏଥିରେ ଦଶରଥପୁର ବ୍ଲକ ଅନ୍ତର୍ଗତ ୧୪ ପଞ୍ଚାୟତର ୧୮,୪୩୩ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। କସପା, ମଲ୍ଲିକାପୁର, ତରପଦା, ଶୁଶୁଆ, ଦୁଦୁରାଅଣ୍ଟା, ନିଜାମପୁର, ଦତ୍ତପୁର, କୟାଁ, କମରଡିହ, ଖାନନଗର, ଛଟିଣା, ମଙ୍ଗଳପୁର, ଯୟନ୍ତରା, କଟିକଟା ପଞ୍ଚାୟତ ଅଞ୍ଚଳ ବନ୍ୟାଜଳରେ ଉବୁଟୁବୁ ହେଉଛି। ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଜିଲାପାଳ ଅମ୍ବର କୁମାର କର ଓ ଅତିରିକ୍ତ ଜିଲାପାଳ ଶିବାନନ୍ଦ ସ୍ୱାଇଁ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ରିଲିଫ ଓ ଉଦ୍ଧାର କାର୍ଯ୍ୟ ତଦାରଖ କରୁଛନ୍ତି। ବନ୍ୟାବିପନ୍ନ ୬,୧୯୧ଜଣଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ଦଶରଥପୁର ବ୍ଲକର ୧୩ଟି ଓ ଯାଜପୁର ବ୍ଲକର ଗୋଟିଏ ରିଲିଫ ସେଣ୍ଟର ଖୋଲାଯାଇ ପ୍ରଭାବିତ ଲୋକଙ୍କୁ ଶୁଖିଲା ଓ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି। ସୋମବାର ପୂର୍ବାହ୍ନ ୧୦ଟା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ, ବନ୍ୟା ଅଞ୍ଚଳରେ ୧୫୦ କୁଇଣ୍ଟାଲ ଚୁଡ଼ା ଓ ୧୫ କୁଇଣ୍ଟାଲ ଗୁଡ଼ ବଣ୍ଟନ କରାଯାଇଛି। ଆମ୍ବୁଲାନ୍ସ ସହିତ ୨ ମେଡିକାଲ ଟିମ୍ ଓ ୯ ଭେଟେରୀନାରି ଟିମ୍ ନିୟୋଜିତ ହୋଇଛନ୍ତି। ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ୨ ଓଡ୍ରାଫ୍ ଓ ଗୋଟିଏ ଅଗ୍ନିଶମ ଦଳ ନିୟୋଜିତ ହୋଇଛନ୍ତି। ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ, ତହସିଲଦାର ରଶ୍ମିରଞ୍ଜନ ମଲ୍ଲିକ ପ୍ରଭାବିତ ଅଞ୍ଚଳରେ ଉପସ୍ଥିତ ରହି ରିଲିଫ ଓ ଉଦ୍ଧାର କାର୍ଯ୍ୟ ପରିଚାଳନା କରୁଛନ୍ତି। ଜିଲାର ବରିଷ୍ଠ ଅଧିକାରୀମାନଙ୍କୁ ବିଭିନ୍ନ ବ୍ଲକରେ ଉପସ୍ଥିତ ରହି ରିଲିଫ ଓ ଉଦ୍ଧାର କାର୍ଯ୍ୟ ତଦାରଖ କରୁଛନ୍ତି। ଅତିରିକ୍ତ ଜିଲାପାଳ ସ୍ୱାଇଁଙ୍କୁ ବିଞ୍ଝାରପୁର ଓ ଦଶରଥପୁର ବ୍ଲକ, ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକଙ୍କୁ ବଡ଼ଚଣା ଓ ଧର୍ମଶାଳା ବ୍ଲକ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦଙ୍କୁ ଦାନଗଦି, ସୁକିନ୍ଦା ବ୍ଲକ ଓ ବ୍ୟାସନଗର ମ୍ୟୁନିସିପାଲଟି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତିଙ୍କୁ କୋରେଇ ଓ ରସୁଲପୁର ବ୍ଲକ ଏବଂ ଉପଜିଲାପାଳ ତାପସ ରଞ୍ଜନ ଦେହୁରୀଙ୍କୁ ବରୀ, ଯାଜପୁର ବ୍ଲକ ଓ ଯାଜପୁର ମ୍ୟୁନିସିପାଲିଟି ଦାୟିତ୍ୱରେ ରଖାଯାଇଛି। ଜିଲା ଜରୁରିକାଳୀନ ଅଧିକାରୀ ଅଶୋକ କୁମାର ବେହେରା ଜିଲା କଣ୍ଟ୍ରୋଲ ରୁମ୍ ପରିଚାଳନା କରୁଛନ୍ତି।


## ପିଏଚ୍.ଡି. ଲାଭ



ଡ. ନମିତା କର୍ଣ୍ଣ ଦେଶର ଅଗ୍ରଣୀ ଶିକ୍ଷା ସଂସ୍ଥା ତଥା ଡିମ୍‌ଡ ବିଶ୍ୱବିଦ୍ୟାଳୟ Institute of Chemical Technology, Mumbaiରୁ Polumer Engineering and Technology ବିଷୟରେ ପିଏଚ୍.ଡି. ଲାଭ କରିଛନ୍ତି। ଏହି ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଶଶାଙ୍କ, ଟି, ମାସକେଟଙ୍କ ତତ୍ତ୍ୱାବଧାନରେ ସେ ଗବେଷଣା କରୁଥିଲେ। ତାଙ୍କ ଗବେଷଣାର ବିଷୟ "Development and Modification of Polymeric resin by Silane" ସବୁ ମହଲରେ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ନମିତା ବରଗଡ଼ ଅତାବିରା ବ୍ଲକ୍‌ର ମୂଳ ନିବାସୀ ତଥା ପଶ୍ଚିମ ଓଡ଼ିଶା ଅଗ୍ରଣୀ ଶିକ୍ଷାନୁଷ୍ଠାନ ମାହେଶ୍ୱରୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନର ପ୍ରତିଷ୍ଠାତା ଅଧ୍ୟକ୍ଷ ଶ୍ରୀ ଫକୀର କର୍ଣ୍ଣ ଓ ସଂପାଦିକା ସନ୍ତୋଷିନୀ କର୍ଣ୍ଣଙ୍କ ସୁପୁତ୍ରୀ ଅଟନ୍ତି। ଡ. ନମିତା କର୍ଣ୍ଣ ବର୍ତ୍ତମାନ ମୁମ୍ବାଇର Institution of Chemical Technologyରେ Asst. Professor ଭାବରେ କାର୍ଯ୍ୟରତ ଅଛନ୍ତି। ତାଙ୍କର ଏହି ସଫଳତାର ଶ୍ରେୟ ନିଜର ଅଭିଭାବକ, Institution of Chemical Technology, Mumbaiର ସମସ୍ତ ଶିକ୍ଷକ, କର୍ମଚାରୀ, ନିଜର ବନ୍ଧୁମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଧ-୧୭୫୨



ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646



# Classified Everyday
0674-2580101, 9692975378


## ୨୮ରେ ସରୋଜିନୀ ସ୍ମୃତି ସମ୍ମାନ ଉତ୍ସବ

ରସୁଲପୁର,୨୫।୮(ରଞ୍ଜିତ ରାଉତ):

ସରୋଜିନୀ ସ୍ମୃତି ସଂସଦ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନୀଳକଣ୍ଠପୁର କଲ୍ୟାଣ ମଣ୍ଡପରେ ଆସନ୍ତା ୨୮ରେ ସରୋଜିନୀ ଦେବୀଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯିବ। ଏହି ଅବସରରେ ସରୋଜିନୀ ସ୍ମୃତି ସମ୍ମାନ ଉତ୍ସବ-୨୦୨୫ ଅନୁଷ୍ଠିତ ହେବ। ଏହି ଅବସରରେ ସାହିତ୍ୟିକ ଡ଼ ରାଜ କିଶୋର ପାଢୀଙ୍କୁ ସମ୍ମାନିତ କରାଯିବ। ପ୍ରତିଷ୍ଠାତା ସମ୍ପାଦକଙ୍କ ସ୍ୱରଚିତ ଗୀତ କବିତା 'ପ୍ରତିଗନ୍ଧା' ଲୋକାର୍ପଣ କରାଯିବା ବୋଲି ସଂସଦର ପ୍ରତିଷ୍ଠାତା ସମ୍ପାଦକ ଡ.ଚିତ୍ତରଞ୍ଜନ ଦାସ ସୂଚନା ଦେଇ କହିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବଳରାମ


@ ସୁଶୀଲ


@ ଅବିନାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



REAL ESTATE
SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ **8249976746, 7978660091.** D-1698

## AFFIDAVIT

By virtue of an affidavit sworn before the Executive Magistrate, Balangir, I Bidyulata Penthei, At- Mahulapal, Kamakhyanagar, Dhenkanal declare that I have changed my name from Bidyulata Behera to Bidyulata Penthei. Henceforth I shall be known as Bidyulata Penthei for all purposes.
D-1755

I, Ankita Narayan Mundra, W/o- Ayush Taparia, resident of 301 and 302 Aditi Chanda Royal Apartment, Jharapada, Bhubaneswar, Odisha 751006 declare by this affidavit No.- 15AA 130962 dtd.- 30.07.2025 that now onwards I shall be known as Ankita Taparia for all future purposes. D-1754


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ମୁଁ, ପିଙ୍କି ପ୍ରଧାନ, ସ୍ୱାମୀ- ବୁଦ୍ଧି ପ୍ରଧାନ, ଠିକଣା- ଗୌଡ଼ିଆଘାଇ, ପୋ.ଅ.- ରାହାଡ଼ମଲ୍ଲ, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ- ୭୫୨୦୦୨ ଜଣାଉଅଛିଯେ ମୌଜା- ଗୌଡ଼ିଆଘାଇ ଖାତା ନ୧୬ମ୍ବର ପ୍ଲଟ୍ ନ୩୩୮ମ୍ବର ଏରିଆ- ଏ୦.୨୪ଡେସିମିଲ ସମ୍ବନ୍ଧରୁ କ୍ରୟ ଏରିଆ- ଏ୦.୦୬ ଡେସିମିଲକୁ ରେଜିଷ୍ଟ୍ରି ବିକ୍ରୟକବଲା ନ-୧୧୪୮୨୦୦୩୯୮୧ମ୍ବର ଦ୍ୱାରା ତା-୨୨।୧୦।୨୦୨୦ରିଖରେ ପୁରୀ ସ.ରେ. ରେଜିଷ୍ଟ୍ରେସନ କରିଛି, କିନ୍ତୁ ଜଟି ପ୍ରଧାନଙ୍କ (ମୃତ) କୌଣସି ଉତ୍ତରାଧିକାର ପ୍ରମାଣପତ୍ର ନଥାଇ ତାଙ୍କ ଉତ୍ତରାଧିକାରୀମାନେ ବିନା ପ୍ରମାଣପତ୍ରରେ ତାଙ୍କ ସମ୍ପତ୍ତିକୁ ପୂର୍ବକ୍ରେତାଙ୍କ ବିକ୍ରେତାଙ୍କୁ ବିକ୍ରୟ କରିଛନ୍ତି ବୋଲି ଜାଣିବାରୁ ମୁଁ ଘୋଷଣା କରୁଅଛିକି, ଯଦି କୌଣସି ବ୍ୟକ୍ତି କିମ୍ବା କୌଣସି ସଂସ୍ଥାଙ୍କ ଉତ୍ତରାଧିକାରୀ ସମ୍ବନ୍ଧରେ ଅଭିଯୋଗ ଥାଏ ତେବେ ଘୋଷଣାର ୧୪ ଦିନ ଭିତରେ ସ୍ୱତନ୍ତ୍ର ଫାଇନାନ୍ସ କମ୍ପାନୀ ଅଫିସରେ ଆସି ଜଣାନ୍ତୁ। ୧୪ ଦିନପରେ କୌଣସି ଅଭିଯୋଗ ବିଚାରକୁ ନିଆଯିବ ନାହିଁ।

ଇତି
ପିଙ୍କି ପ୍ରଧାନ
ଧ-୧୭୫୭

By virtue of an affidavit I, Sandhya Satapathy, aged- 59 years, D/o- Late Sh Surendra Kumar Bhol and W/o- Tapan Kumar, declare that I have changed my name from Sandhyarani Bhol to Sandhya Satapathy. Now I am identified as Sandhya Satapathy in all official documents like PAN, Aadhaar, Bank A/c etc. That I have a Plot, No.- 8-3GH, D/785, Area- 1625sqft., Sector- 8, CDA, Cuttack. I am again declaring that Sandhyarani Bhol and Sandhya Satapathy are the same person. My Aadhaar No.- xxxx xxxx 2767 and PAN- ANQPB4447H are in the name of Sandhya Satapathy.
Sd./- Sandhya Satapathy
D-1753


**Email** ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


## LEGAL NOTICE

IN THE COURT OF ADDL. COMMISSIONER OF CONSOLIDATION AND SETTLEMENT, SAMBALPUR-II R.P. Case No.- 245/2024

Purastam Biswal and others
.... Petitioner
Vrs
Kshudhasagar Pradhan and another
....Opposite Parties

To, 1. Kshudhasagar Pradhan, 2. Sudhasagar Pradhan both are sons of Late Bhubaneswar Pradhan and R/o- Deogaon, P.O.- Rajpur, Tahasil/Dist.- Jharsuguda

Whereas, the aforesaid case has been filed by the petitioners against you wherein, the petitioners have prayed under the provision as contemplated u/s 15 (b) of Orissa Survey & Settlement Act, 1962 and rules framed there under. However, you have deliberately avoided receiving notice in the aforementioned case issued by the honourable Court.

You are hereby directed to appear in person or through your pleader duly instructed by you before the Honourable Court on 2nd day of September 2025 at 11:00A.M. failing which, the case will be determined in your absence.

Given under my hands and the seal of this Court on this 11th day of August 2025.

Land Schedule
Mouza- Deogaon, Tahasil- Jharsuguda, Dist.- Jharsuguda, M.S. Khata No.- 101, Plot No.- 927 Ac.3.050 dec.

Sd./- Additional Commissioner, Consolidation & Settlement, Sambalpur-II
D-1756

IN THE COURT OF HON'BLE CIVIL JUDGE (SR. DIVN.) AT PARALAKHEMUNDI
C.M.A. No.- 04/2024.
(Out of C.S. 29/2021)

Smt. Sandhya Rani Das & Another
....Petitioner
Versus.
Smt. Madhusmita Das & Another.
...Respondent.

PUBLICATION UNDER ORDER V RULE 20 of C.P.C.

To, 1. Smt. Madhusmita Das, W/o- Dr. Krushna Chandra Das, aged about 70 years, Hindu. Housewife, permanent resident of Palace Street, PO / PS: Paralakhemundi, Gajapati- District and 2. Dr. Krushna Chandra Das, W/o Late Madan Mohan Das, aged about 75 years, Hindu. Pensioner, permanent resident of Palace Street, PO/PS: Paralakhemundi, Gajapati District.

Whereas the plaintiff/ Petitioner has instituted the above proceeding against you for the reliefs claimed in the above petition. That in spite of the several steps taken by this Hon'ble Court in both ways such as through Court and Postal for your appearances. All the notices returned back without service. So, you are hereby noticed through this notice to appear in this Court in person or by an advocate duly instructed on 22nd day of Sep. 2025 at 10:30 AM to answer all material questions relating to the suit, failing which the suit/ application will be disposed off in your absence according to law.

Given under my hand and seal of this Court this the 21st day of August 2025.

Sd./- Civil Judge (Senior Division), Paralakhemundi, Gajapati Dist.
D-1750


# ଗଣେଶ ମୂର୍ତ୍ତିରେ ଶିଳ୍ପୀଙ୍କ ଶେଷ ସ୍ପର୍ଶ

ଯାଜପୁରଟାଉନ,୨୫।୮
(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):


ଗଣେଶଙ୍କ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି ଶିଳ୍ପୀ।

ଆଉ ମାତ୍ର ଗୋଟିଏ ଦିନ ପରେ ଅର୍ଥାତ୍ ଆସନ୍ତା ୨୭ ତାରିଖରେ ପୂଜା ପାଇବେ ପ୍ରଭୁ ଶ୍ରୀଗଣେଶ। ସେଥିପାଇଁ ଗାଁଠାରୁ ସହର ହୋଇଉଠିଛି ଚଳଚଞ୍ଚଳ। ସବୁଠି ଚାଲିଛି ପୂଜା ପାଇଁ ପ୍ରସ୍ତୁତି । ଯାଜପୁର ଦଶାଶ୍ୱମେଧ ଘାଟରେ ପଥରରେ ନିର୍ମିତ ଗଣେଶ ମୂର୍ତ୍ତି ସର୍ବପୁରାତନ । ସେ ବୁଢ଼ା ଗଣେଶ ନାମରେ ପରିଚିତ । ଗଣେଶ ଚତୁର୍ଥୀରେ ବୁଢ଼ା ଗଣେଶଙ୍କୁ ପୂଜା କରିବା ପାଇଁ ଯାଜପୁର ସହର ଏବଂ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନଙ୍କ ଭିଡ଼ ଜମିଥାଏ। ପ୍ରତିବର୍ଷ ପରି ଚଳିତ ବର୍ଷ ବି ଗଣେଶ ପୂଜା ପାଇଁ ସମସ୍ତଙ୍କ ମନରେ ଉତ୍ସାହ ଭରି ରହିଛି । ଯାଜପୁର ସହରରେ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ସ୍ଥାନରେ ଗଣେଶ ପୂଜା ହୋଇଥାଏ। ଏବେ ଶିଳ୍ପୀମାନେ ଗଣେଶଙ୍କ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେବାରେ ବ୍ୟସ୍ତ ଅଛନ୍ତି ।

ବଜାରରେ ମଧ୍ୟ ଗଣେଶ ମୂର୍ତ୍ତି ବିକ୍ରି ଆରମ୍ଭ ହେଲାଣି। ଏଥିସହିତ ପ୍ଲାଷ୍ଟିକ ହାର, ରଙ୍ଗୀନ କାଗଜରେ ତିଆରି ଝାଲେରୀ, ପତାକା ଓ ଭଳିକି ଭଳି ସାଜସଜ୍ଜା ସାମଗ୍ରୀ ବିଭିନ୍ନ ଦୋକାନରେ ବିକ୍ରି ଚାଲିଛି। ଗରାଖମାନେ ମଧ୍ୟ ଏବେ ଠାରୁ ସାଜସଜ୍ଜା ସାମଗ୍ରୀ ଓ ଗଣେଶ ମୂର୍ତ୍ତି କିଣିବା ଆରମ୍ଭ କରିଦେଲେଣି। ସେହିପରି ଯାଜପୁର ସହରର ବିଭିନ୍ନ ସ୍ଥାନରେ ଅସ୍ଥାୟୀ ମଣ୍ଡପ ନିର୍ମାଣ କରାଯାଇ ଗଣେଶ ପୂଜା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ମଣ୍ଡପରେ ଟେଣ୍ଟ ବନ୍ଧା ଯାଇ ରଙ୍ଗୀନ କପଡ଼ା ଲଗାଯାଉଛି । ଆଉ କେଉଁଠି ରଙ୍ଗୀନ ଆଲୋକମାଳା ଓ ଲାଇଟ ଗେଟ୍ ତିଆରି ହୋଇଛି।



## ମନେ ପଡ଼ନ୍ତି

ଏକାଦଶତମ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତାଃ ଡଃ ନିରୁପମା ପଟ୍ଟନାୟକ
ସ୍ୱାମୀ- ସ୍ୱର୍ଗତଃ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ
ପୋଖରୀପୁଟ, ଭୁବନେଶ୍ୱର
ଚାହୁଁ ଚାହୁଁ ଏଗାର ବର୍ଷ ବିତିଗଲା। ଆପଣଙ୍କ ଅନୁପସ୍ଥିତିରେ ପ୍ରତିଦିନ ଆମମାନଙ୍କ ଆଖିରୁ ଲୁହ ଶୁଖୁନି। ଆପଣଙ୍କ ପବିତ୍ର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଲୀନ ହେଉ, ଏତିକି ପ୍ରାର୍ଥନା ।
ଆପଣଙ୍କ ପରିବାର ଓ ବନ୍ଧୁବର୍ଗ ।
ଧ-୭୭୦୭୪

ଶ୍ରଦ୍ଧାଞ୍ଜଳି



ଦୁର୍ଗା ପ୍ରସାଦ ବହିଦାର
ଅବସରପ୍ରାପ୍ତ ପୋଲିସ ଅଫିସର
ଝାଡୁଆପଡା, ସମ୍ବଲପୁର
୧୯୧୦-୧୯୯୭
ବାଲିତୃତୀୟା
ଆଜି ଅଷ୍ଟବିଂଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଅଛୁ ।
ପରିବାରବର୍ଗ ଓ ବନ୍ଧୁସ୍ୱଜନ
ଧ-୭୭୮୪୯

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଛାୟାରାଣୀ ଦାଶ
ଏସ୍.ଜି- ୩୨ ଆଇଗିଣିଆ,ଖଣ୍ଡଗିରି,ଭୁବନେଶ୍ୱର
ଆବିର୍ଭାବ: ୧୫।୦୭।୧୯୫୫
ତିରୋଧାନ: ୧୫।୦୮।୨୦୨୫
ଆପଣ ଆମକୁ ଶୋକସାଗରେ ଭସାଇଦେଇ ସଂସାରରୁ ବିଦାୟ ନେଲେ। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆମ ପାଇଁ ପ୍ରେରଣାର ଉତ୍ସ ହୋଇରହିବ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-ଶୋକସନ୍ତପ୍ତ-
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀବୋହୂ, ଅଣନାତି, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ-୧୭୫୮

# ଦାଦି ପ୍ରକାଶମଣିଙ୍କ ସ୍ମୃତି ଦିବସରେ ରକ୍ତଦାନ ଶିବିର

**କେନ୍ଦ୍ରାପଡ଼ା, ୨୫।୮ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ସହରର ସୁନାଇଲୋସ୍ଥିତ ବ୍ରହ୍ମକୁମାରୀ ସେବାକେନ୍ଦ୍ରରେ ଦାଦି ପ୍ରକାଶମଣୀଙ୍କ ୧୮ତମ ସ୍ମୃତି ଦିବସ ସୋମବାର ପାଳନ ହୋଇଛି। ଏହି ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରରେ ୫୯ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବିଭିନ୍ନ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଏଥିରେ ରକ୍ତଦାନ କରିଥିଲେ। ବ୍ରହ୍ମକୁମାରୀ ସେବାକେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବ୍ରହ୍ମକୁମାରୀ ସ୍ନେହ, ଆଳି ସେବାକେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବ୍ରହ୍ମକୁମାରୀ ସଞ୍ଜୁ, ସୁଚିତ୍ରା, ସୁମିତ୍ରା, ପ୍ରଜ୍ଞା, ବିନି, କାଞ୍ଚନ, ବ୍ରହ୍ମକୁମାର ରବୀନ୍ଦ୍ର, ସଂଗ୍ରାମ, ସମୀର ପ୍ରମୁଖ ଏହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ପିଏଚ୍.ଡି. ଲାଭ



ଡ. ନମିତା କର୍ଣ୍ଣ ଦେଶର ଅଗ୍ରଣୀ ଶିକ୍ଷା ସଂସ୍ଥା ତଥା ଡିମ୍ଡ ବିଶ୍ୱବିଦ୍ୟାଳୟ Institute of Chemical Technology, Mumbaiରୁ Polumer Engineering and Technology ବିଷୟରେ ପିଏଚ୍.ଡି. ଲାଭ କରିଛନ୍ତି। ଏହି ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଶଶାଙ୍କ, ଟି, ମାସକେଟଙ୍କ ତତ୍ତ୍ୱାବଧାନରେ ସେ ଗବେଷଣା କରୁଥିଲେ। ତାଙ୍କ ଗବେଷଣାର ବିଷୟ "Development and Modification of Polymeric resin by Silane" ସବୁ ମହଲରେ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ନମିତା ବରଗଡ଼ ଅତାବିରା ବ୍ଲକ୍ର ମୂଳ ନିବାସୀ ତଥା ପଶ୍ଚିମ ଓଡ଼ିଶା ଅଗ୍ରଣୀ ଶିକ୍ଷାନୁଷ୍ଠାନ ମାହେଶ୍ୱରୀ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁସନର ପ୍ରତିଷ୍ଠାତା ଅଧ୍ୟକ୍ଷ ଶ୍ରୀ ଫକୀର କର୍ଣ୍ଣ ଓ ସଂପାଦିକା ସନ୍ତୋଷିନୀ କର୍ଣ୍ଣଙ୍କ ସୁପୁତ୍ରୀ ଅଟନ୍ତି। ଡ. ନମିତା କର୍ଣ୍ଣ ବର୍ତ୍ତମାନ ମୁମ୍ବାଇର Institution of Chemical Technologyରେ Asst. Professor ଭାବରେ କାର୍ଯ୍ୟରତ ଅଛନ୍ତି। ତାଙ୍କର ଏହି ସଫଳତାର ଶ୍ରେୟ ନିଜର ଅଭିଭାବକ, Institution of Chemical Technology, Mumbaiର ସମସ୍ତ ଶିକ୍ଷକ, କର୍ମଚାରୀ, ନିଜର ବନ୍ଧୁମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଧ-୧୭୫୨

ବିଶେଷଜ୍ଞ
ଅର୍ଶ
ଭଗନ୍ଦର
ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

# ଆଶଙ୍କାରେ ଡେରାବିଶର ବିରୂପା ନଦୀକୂଳିଆବାସୀ

**ଡେରାବିଶ ୨୫।୮ (ବେବର୍ତ୍ତା ଅଜୟ ଦାସ)**



ବିରୂପା ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଛି।

ରେଙ୍ଗାଲିର ୩ଟି ଗେଟ ଦେଇ ଗତ ଜୁନରେ ଛଡା ଯାଇଥିବା ପାଣି ପାଇଁ ବିରୂପା ନଦୀରେ ବନ୍ୟା ସୃଷ୍ଟି ହୋଇଥିଲା। ପୁନର୍ବାର ୩ ଦିନ ଧରି ଲାଗି ରହିଥିବା ଲଘୁଚାପଜନୀତ ବର୍ଷା ପାଇଁ ରେଙ୍ଗାଲି ଡ୍ୟାମରେ ୩ଟି ଗେଟ ସୋମବାର ୩ଟାରେ ଖୋଲାଯାଇଛି। ଏହି ଡ୍ୟାମରେ ୯୪ ପ୍ରତିଶତ ବର୍ଷାଜଳ ଜମି ରହିବା ଫଳରେ ଡ୍ୟାମ କର୍ତ୍ତୃପକ୍ଷ ୩ଟି ଗେଟ ଖୋଲିଛନ୍ତି। ଏହି ଗେଟ ଦେଇ ସେକେଣ୍ଡ ପ୍ରତି ୧ଲକ୍ଷ ୮୦ ହଜାର କ୍ୟୁସେକ ଜଳ ଛଡାଯାଇଛି। ପ୍ରତି ସେକେଣ୍ଡରେ ୫୨ ଶହ ଘନଫୁଟ ବନ୍ୟାଜଳ ନିଷ୍କାସିତ ହେଉଥିବା ନେଇ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗର ବନ୍ୟା ନିୟନ୍ତ୍ରଣ କକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ରବିବାର ରାତି ୮ଟାରେ ସମଲ ବ୍ୟାରେଜରେ ୯ଟି ଗେଟ ଦେଇ ଏକ ଲକ୍ଷ ୯୦ ହଜାର କ୍ୟୁସେକ ବନ୍ୟାଜଳ ନିଷ୍କାସିତ କରାଯାଇଛି। ନିଷ୍କାସିତ ହୋଇଥିବା ଏହି ବନ୍ୟାଜଳ ବ୍ରାହ୍ମଣୀର ଶାଖା ବିରୂପା ନଦୀରେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ପହଞ୍ଚିବା ନେଇ ଜିଲା ଜଳସମ୍ପଦ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ପାଖାପାଖି ୨ ମାସ ଅନ୍ତରରେ ବ୍ରାହ୍ମଣୀରେ ଦ୍ୱିତୀୟ ଥର ସମ୍ଭାବ୍ୟ ବନ୍ୟା ନେଇ ଡେରାବିଶ ବ୍ଲକର ବେଣୀପୁର, ମଙ୍ଗଳପୁର ଓ ଛୋଟି ପଞ୍ଚାୟତର ନଦୀକୂଳିଆ ଅଧିବାସୀ ଆତଙ୍କିତ ହୋଇ ପଡିଛନ୍ତି। ଗତ ବନ୍ୟାରେ ବ୍ୟାପକ ପନିପରିବା ଫସଲ ନଷ୍ଟ ହୋଇଥିବା ବେଳେ ଯଦି ପୁଣି ବନ୍ୟା ଆଶଙ୍କା ସୃଷ୍ଟି ହୁଏ ଚାଷୀଙ୍କ ମୁଣ୍ଡରେ ଚଡକ ପଡିବ। ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ ସୋମବାର ବନ୍ୟା ପ୍ରଭାବିତ ହେବାକୁ ଥିବା ନଦୀକୂଳିଆ ଅଞ୍ଚଳ ପରିଦର୍ଶନ କରିଥିବା ବେଳେ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟଙ୍କ ନେତୃତ୍ୱରେ ସହକାରୀ ଯନ୍ତ୍ରୀ ନବୀନ କୁମାର ପାଣିଗ୍ରାହୀ ଓ ସଞ୍ଜୟ କୁମାର ଶତପଥି ଗୋପାଳପୁରଠାରୁ ଇନ୍ଦୁପୁର ଯାଏ ନଦୀବନ୍ଧର ସ୍ଥିତି ପରଖିଛନ୍ତି। ସୂଚନାଯୋଗ୍ୟ, ବିରୂପା ନଦୀର ଗୋପାଳପୁରଠାରେ ୧୦.୦୫ ମିଟର ଓ ଇନ୍ଦୁପୁରଠାରେ ୮.୨୩ ମିଟର ବିପଦ ସଙ୍କେତ ରହିଛି। ସୋମବାର ସନ୍ଧ୍ୟା ସୁଦ୍ଧା ବିପଦ ସଙ୍କେତଠାରୁ ତଳେ ନଦୀ ଜଳ ପ୍ରବାହିତ ହେଉଛି। ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ବେଣୀପୁର ସରପଞ୍ଚ ମୋହନ ଚରଣ ସାହୁ ବନ୍ୟା ପ୍ରଭାଭିତ ହେବାକୁ ଥିବା ବେଣୀପୁର ୪ଟି ୱାର୍ଡ ଅଧିବାସୀଙ୍କୁ ଏ ନେଇ ସତର୍କ ସୂଚନା ଦେଇଛନ୍ତି।

## ରେଙ୍ଗାଲି ଡ୍ୟାମର ୩ ଗେଟ ଦେଇ ବନ୍ୟାଜଳ ପ୍ରବାହିତ

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବଳରାମ



@ ସୁଶୀଲ



@ ଅବିନାଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦୁର୍ଘଟଣାରେ ଯୁବକ ଗୁରୁତର: ଚିକିତ୍ସାରେ ଅର୍ଥ ସାଜିଛି ବାଧକ



ଆହତ ଯୁବକ ବିବେକ ବିଶ୍ୱାଳ।

**ରାଜକନିକା, ୨୫।୮ (ସଞ୍ଜୟ କୁମାର ଦାଶ)**

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଭାଗିଗଦା ପଞ୍ଚାୟତ ଅଚ୍ୟୁତପୁର ଗାଁର ଭରତ ବିଶ୍ୱାଳଙ୍କ ପୁଅ ବିବେକ (୨୦) ହାଇଦ୍ରାବାଦରେ ରହି ଇଞ୍ଜିନିୟରିଂ ପାଠ ପଢୁଥିଲେ। ଗତ ୧୯ ତାରିଖ ସନ୍ଧ୍ୟା ସାଢ଼େ ୭ଟାରେ ସେ ନିଜ ବସା ଘରକୁ ଫେରିବା ସମୟରେ ରାସ୍ତାରେ ଏକ ଗାଡି ପଛପଟୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ସେ ତଳେ ପଡ଼ିଯାଇଥିଲେ। ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ ହାଇଦ୍ରାବାଦର ସୁରାରାମସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ବ୍ରେନ୍ ହେମ୍ରେଜ ହୋଇଥିବା ଡାକ୍ତର ସୂଚନା ଦେଇଛନ୍ତି। ଚିକିତ୍ସା ପାଇଁ ବିପୁଳ ଅର୍ଥର ଆବଶ୍ୟକତା ଥିବା ପରିବାର ପକ୍ଷରୁ ସୂଚନା ମିଳିଛି। ତାଙ୍କ ପାରିବାରିର ଆର୍ଥିକ ସ୍ୱଚ୍ଛଳ ହୋଇ ନ ଥିବା କିରଣରୁ ପୁଅକୁ ବଞ୍ଚାଇବାକୁ ପରିବାର ପକ୍ଷରୁ ସରକାରୀ ବା କେହି ସହୃଦୟ ବ୍ୟକ୍ତି ସାହାଯ୍ୟ କରିବାକୁ ଆକୁଳ ନିବେଦନ କରିଛନ୍ତି। ଏହି ଖବର ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି।

# ପେଣ୍ଠରୁ ୮ ଫୁଟର କୁମ୍ଭୀର ଉଦ୍ଧାର



**ରାଜନଗର, ୨୫।୮ (ଭାସ୍କର ରାଉତରାୟ)**

ରାଜନଗର ବ୍ଲକ୍ ହତିନା ପଞ୍ଚାୟତ ଅନ୍ତର୍ଗତ ପେଣ୍ଠ ଗ୍ରାମର ରବୀନ୍ଦ୍ର ମହାନ୍ତିଙ୍କ ପୋଖରୀରୁ ସୋମବାର ୮ ଫୁଟ ୨ ଇଞ୍ଚର ଏକ ଅଣ୍ଡିରା କୁମ୍ଭୀର ଉଦ୍ଧାର କରାଯାଇଛି। କୁମ୍ଭୀରକୁ ପୋଖରୀରୁ ଉଦ୍ଧାର କରାଯାଇ ଭିତରକନିକା ଜାତୀୟ ଉଦ୍ୟାନର ଗୁପ୍ତି ନିକଟସ୍ଥ ହବାଳି କ୍ରିକ୍ରେ ଛଡା ଯାଇଛି। କୁମ୍ଭୀରଟି ନିକଟସ୍ଥ ନାଳରୁ ପୋଖରୀ ମଧ୍ୟକୁ ଚାଲି ଆସିଥିବା ଅନୁମାନ କରାଯାଉଛି। ଡିଏଫ୍ଓ ଭରଦରାଜ ଗାଓଁଙ୍କର ନିର୍ଦ୍ଦେଶକ୍ରମେ ଫରେଷ୍ଟର ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ତ୍ରିଦୀପ ପ୍ରଧାନ, ସବିତା ବେହେରା, ଚନ୍ଦନ ମଳିକ, ସଞ୍ଜୟ ସେଠୀ, ଦୋଳଗୋବିନ୍ଦ ନାୟକ, ଦୁର୍ଯ୍ୟୋଧନ ଦାସ, ରଞ୍ଜନ ସେଠୀ, କଳାକାର ବେହେରା ପ୍ରମୁଖ ବନ କର୍ମଚାରୀ ବହୁ ପରିଶ୍ରମକରି କୁମ୍ଭୀରକୁ ଉଦ୍ଧାର କରିଥିଲେ। ୪ ଦିନ ତଳେ କୁମ୍ଭୀର ତାଙ୍କ ଛେଳିକୁ ଖାଇ ଦେଇଥିବା ନେଇ ରବୀନ୍ଦ୍ର ବନ ବିଭାଗରେ ଅଭିଯୋଗ କରିଥିଲେ। ବନ କର୍ମଚାରୀମାନେ ପହଞ୍ଚି ପୋଖରୀରେ କୁମ୍ଭୀର ଭାସୁଥିବା ଦେଖିଥିଲେ। ଜାଲ ବିଛାଇ କୁମ୍ଭୀରକୁ ଧରିବାରେ ସଫଳ ହୋଇଛନ୍ତି।

Classified Everyday
0674-2580101, 9692975378



REAL ESTATE
SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 8249976746, 7978660091. D-1698

AFFIDAVIT

By virtue of an affidavit sworn before the Executive Magistrate, Balangir, I Bidyulata Penthei, At- Mahulapal, Kamakhyanagar, Dhenkanal declare that I have changed my name from Bidyulata Behera to Bidyulata Penthei. Henceforth I shall be known as Bidyulata Penthei for all purposes. D-1755

I, Ankita Narayan Mundra, W/o- Ayush Taparia, resident of 301 and 302 Aditi Chanda Royal Apartment, Jharapada, Bhubaneswar, Odisha 751006 declare by this affidavit No.- 15AA 130962 dtd.- 30.07.2025 that now onwards I shall be known as Ankita Taparia for all future purposes. D-1754

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଁ, ପିଙ୍କି ପ୍ରଧାନ, ସ୍ୱାମୀ- ବୁଦ୍ଧି ପ୍ରଧାନ, ଠିକଣା- ଗୌଡ଼ିଆଘାଇ, ପୋ.ଅ.- ରାହାଡ଼ମଲ୍ଲ, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ- ୭୫୨୦୦୨ ଜଣାଉଅଛିଯେ ମୌଜା- ଗୌଡ଼ିଆଘାଇ ଖାତା ନ୧୬ମ୍ବର ପ୍ଲଟ୍ ନ୩୩୮ମ୍ବର ଏରିଆ- ଏ୦.୨୪ଡେସିମିଲ ସମ୍ବନ୍ଧରୁ କ୍ରୟ ଏରିଆ- ଏ୦.୦୬ ଡେସିମିଲକୁ ରେଜିଷ୍ଟ୍ରି ବିକ୍ରୟକବଲା ନ-୧୧୪୮୨୦୦୩୯୮୧ମ୍ବର ଦ୍ୱାରା ତା-୨୨।୧୦।୨୦୨୦ରିଖରେ ପୁରୀ ସ.ରେ. ରେଜିଷ୍ଟ୍ରେସନ କରିଛି, କିନ୍ତୁ ଜଟି ପ୍ରଧାନଙ୍କ (ମୃତ) କୌଣସି ଉତ୍ତରାଧିକାର ପ୍ରମାଣପତ୍ର ନଥାଇ ତାଙ୍କ ଉତ୍ତରାଧିକାରୀମାନେ ବିନା ପ୍ରମାଣପତ୍ରରେ ତାଙ୍କ ସମ୍ପତ୍ତିକୁ ପୂର୍ବକ୍ରେତାଙ୍କ ବିକ୍ରେତାଙ୍କୁ ବିକ୍ରୟ କରିଛନ୍ତି ବୋଲି ଜାଣିବାରୁ ମୁଁ ଘୋଷଣା କରୁଅଛିକି, ଯଦି କୌଣସି ବ୍ୟକ୍ତି କିମ୍ବା କୌଣସି ସଂସ୍ଥାଙ୍କ ଉତ୍ତରାଧିକାରୀ ସମ୍ବନ୍ଧରେ ଅଭିଯୋଗ ଥାଏ ତେବେ ଘୋଷଣାର ୧୪ ଦିନ ଭିତରେ ସ୍ୱତନ୍ତ୍ର ଫାଇନାନ୍ସ କମ୍ପାନୀ ଅଫିସରେ ଆସି ଜଣାନ୍ତୁ। ୧୪ ଦିନପରେ କୌଣସି ଅଭିଯୋଗ ବିଚାରକୁ ନିଆଯିବ ନାହିଁ।

ଇତି
ପିଙ୍କି ପ୍ରଧାନ
ଧ-୧୭୫୭

By virtue of an affidavit I, Sandhya Satapathy, aged- 59 years, D/o- Late Sh Surendra Kumar Bhol and W/o- Tapan Kumar, declare that I have changed my name from Sandhyarani Bhol to Sandhya Satapathy. Now I am identified as Sandhya Satapathy in all official documents like PAN, Aadhaar, Bank A/c etc. That I have a Plot, No.- 8-3GH, D/785, Area- 1625sqft., Sector- 8, CDA, Cuttack. I am again declaring that Sandhyarani Bhol and Sandhya Satapathy are the same person. My Aadhaar No.- xxxx xxxx 2767 and PAN- ANQPB4447H are in the name of Sandhya Satapathy.
Sd./- Sandhya Satapathy
D-1753

**Email** ମାଧ୍ୟମରେ
କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

LEGAL NOTICE

IN THE COURT OF ADDL. COMMISSIONER OF CONSOLIDATION AND SETTLEMENT, SAMBALPUR-II R.P. Case No.- 245/2024

Purastam Biswal and others
.... Petitioner
Vrs
Kshudhasagar Pradhan and another
....Opposite Parties

To, 1. Kshudhasagar Pradhan, 2. Sudhasagar Pradhan both are sons of Late Bhubaneswar Pradhan and R/o- Deogaon, P.O.- Rajpur, Tahasil/Dist.- Jharsuguda

Whereas, the aforesaid case has been filed by the petitioners against you wherein, the petitioners have prayed under the provision as contemplated u/s 15 (b) of Orissa Survey & Settlement Act, 1962 and rules framed there under. However, you have deliberately avoided receiving notice in the aforementioned case issued by the honourable Court.

You are hereby directed to appear in person or through your pleader duly instructed by you before the Honourable Court on 2nd day of September 2025 at 11:00A.M. failing which, the case will be determined in your absence.

Given under my hands and the seal of this Court on this 11th day of August 2025.

Land Schedule
Mouza- Deogaon, Tahasil- Jharsuguda, Dist.- Jharsuguda, M.S. Khata No.- 101, Plot No.- 927 Ac.3.050 dec.

Sd./- Additional Commissioner, Consolidation & Settlement, Sambalpur-II
D-1756

IN THE COURT OF HON'BLE CIVIL JUDGE (SR. DIVN.) AT PARALAKHEMUNDI
C.M.A. No.- 04/2024.
(Out of C.S. 29/2021)

Smt. Sandhya Rani Das & Another
....Petitioner
Versus.
Smt. Madhusmita Das & Another.
...Respondent.

PUBLICATION UNDER ORDER V RULE 20 of C.P.C.

To, 1. Smt. Madhusmita Das, W/o- Dr. Krushna Chandra Das, aged about 70 years, Hindu. Housewife, permanent resident of Palace Street, PO / PS: Paralakhemundi, Gajapati- District and 2. Dr. Krushna Chandra Das, W/o Late Madan Mohan Das, aged about 75 years, Hindu. Pensioner, permanent resident of Palace Street, PO/PS: Paralakhemundi, Gajapati District.

Whereas the plaintiff/ Petitioner has instituted the above proceeding against you for the reliefs claimed in the above petition. That in spite of the several steps taken by this Hon'ble Court in both ways such as through Court and Postal for your appearances. All the notices returned back without service. So, you are hereby noticed through this notice to appear in this Court in person or by an advocate duly instructed on 22nd day of Sep. 2025 at 10:30 AM to answer all material questions relating to the suit, failing which the suit/ application will be disposed off in your absence according to law.

Given under my hand and seal of this Court this the 21st day of August 2025.

Sd./- Civil Judge (Senior Division), Paralakhemundi, Gajapati Dist.
D-1750

## ମନେ ପଡ଼ନ୍ତି

ଏକାଦଶତମ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା: ଡ: ନିରୁପମା ପଟ୍ଟନାୟକ
ସ୍ୱାମୀ- ସ୍ୱର୍ଗତ: ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ
ପୋଖରୀପୁଟ, ଭୁବନେଶ୍ୱର
ଚାହୁଁ ଚାହୁଁ ଏଗାର ବର୍ଷ ବିତିଗଲା। ଆପଣଙ୍କ ଅନୁପସ୍ଥିତିରେ ପ୍ରତିଦିନ ଆମମାନଙ୍କ ଆଖିରୁ ଲୁହ ଶୁଖୁନି। ଆପଣଙ୍କ ପବିତ୍ର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଲୀନ ହେଉ, ଏତିକି ପ୍ରାର୍ଥନା।
ଆପଣଙ୍କ ପରିବାର ଓ ବନ୍ଧୁବର୍ଗ।
ଧ-୭୬୦୭୪

ଶ୍ରଦ୍ଧାଞ୍ଜଳି



୰ଦୁର୍ଗା ପ୍ରସାଦ ବହିଦାର
ଅବସରପ୍ରାପ୍ତ ପୋଲିସ ଅଫିସର
ଝାଡୁଆପଡା, ସମ୍ବଲପୁର
୧୯୧୦-୧୯୯୭
ବାଲିତୃତୀୟା
ଆଜି ଅଷ୍ଟବିଂଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଅଛୁ।
ପରିବାରବର୍ଗ ଓ ବନ୍ଧୁସ୍ୱଜନ
ଧ-୭୬୮୪୯

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଛାୟାରାଣୀ ଦାଶ
ଏସ୍.ଜି- ୩୨ ଆଇଗିଣିଆ, ଖଣ୍ଡଗିରି, ଭୁବନେଶ୍ୱର
ଆବିର୍ଭାବ: ୧୫।୦୭।୧୯୫୫
ତିରୋଧାନ: ୧୫।୦୮।୨୦୨୫
ଆପଣ ଆମକୁ ଶୋକସାଗରେ ଭସାଇଦେଇ ସଂସାରରୁ ବିଦାୟ ନେଲେ। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆମ ପାଇଁ ପ୍ରେରଣାର ଉତ୍ସ ହୋଇରହିବ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-ଶୋକସନ୍ତପ୍ତ-
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀବୋହୂ, ଅଣନାତି, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୧୭୫୮

# ବଡ଼ସିଲିଙ୍ଗାବାସୀଙ୍କ ଦୁଃଖ ବସାଗଣ୍ଡ, ଶିଳଟି ନାଳ

ଗଣିଆ, ୨୫।୮ (ସନ୍ତୋଷ କୁମାର ପ୍ରଧାନ)

ଗଣିଆ ବ୍ଲକ୍ ବଡ଼ସିଲିଙ୍ଗା ପଞ୍ଚାୟତର ଦୁଇ ପ୍ରମୁଖ ପାହାଡି ଖରସ୍ରୋତା ନାଳ ବସାଗଣ୍ଡ ଓ ଶିଳଟି। ଏହି ୨ଟି ପାହାଡି ନାଳ ଅଞ୍ଚଳବାସୀଙ୍କ ଦୁଃଖ ପାଲଟିଛି। ବସାଗଣ୍ଡ ଓ ଶିଳଟି ନାଳ ଉପରେ ପୋଲ ନିର୍ମାଣ କରିବାକୁ ସରକାର ଅର୍ଥ ମଞ୍ଜୁର କରିଛନ୍ତି। ଟେଣ୍ଡର ମଧ ସରିଛି। ୨୦୨୪ ଫେବୃଆରୀରୁ ଟେଣ୍ଡର ଏଗ୍ରିମେଣ୍ଟ ହୋଇଥିଲେ ସୁଦ୍ଧା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମଞ୍ଜୁରୀ ମିଳିପାରି ନ ଥିବାରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ ବୋଲି ଜଣାପଡିଛି। ବସାଗଣ୍ଡ ନାଳରେ ପୋଲ ନିର୍ମାଣ ପାଇଁ ୫ କୋଟି ୬୫ଲକ୍ଷ ଓ ଶିଳଟି ନାଳରେ ପୋଲ ନିର୍ମାଣ ପାଇଁ ୪କୋଟି ୮୮ଲକ୍ଷ

- ଏଗ୍ରିମେଣ୍ଟକୁ ଦେଢ଼ବର୍ଷ ପୂରିଲା
- ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲାନି

ଟଙ୍କା ମଞ୍ଜୁର ହୋଇଥିବା ବିଭାଗୀୟ ଅଧିକାରୀଙ୍କଠାରୁ ସୂଚନା ମିଳିଛି। ଏ ନେଇ ଅଞ୍ଚଳବାସୀ ଜିଲାପାଳଙ୍କଠାରୁ ଆରମ୍ଭକରି ବନ ବିଭାଗ ଓ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଆସୁଥିଲେ ମଧ କୌଣସି ସୁଫଳ ମିଳିପାରିନାହିଁ ବୋଲି ସରପଞ୍ଚଙ୍କ ପ୍ରତିନିଧି ଦିଲୀପ ସାହୁ କହିଛନ୍ତି।

ବର୍ଷାଦିନେ ଏହି ଦୁଇ ନାଳ ଯୋଗୁ ପଞ୍ଚାୟତର ଦୁଇ ତୃତୀୟାଂଶ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଉଛି। ଅସରାଏ ବର୍ଷା ହେଲେ ଏହି ନାଳ ଅତିକ୍ରମ କରିବା ସମ୍ଭବ ହୁଏ ନାହିଁ। ଏହି ନାଳର ପାଣି ଅତି ପ୍ରଖର ହୋଇଥିବାରୁ ଯାତାୟାତ ବେଳେ ବିପଦ ସୃଷ୍ଟି ହେଉଛି ବୋଲି ସ୍ଥାନୀୟ ବାସିନ୍ଦା କହୁଛନ୍ତି। ନାଳରେ ଫେବୃଆରୀ, ମାର୍ଚ୍ଚ ମାସ ପର୍ଯ୍ୟନ୍ତ ପାଣି ପ୍ରବାହିତ ହେଉଥିବାରୁ ନାଳ ଶଯ୍ୟାରେ ପଡ଼ିଥିବା ପଥର ଶିଉଳି ଧରି ବିପଦ ସଙ୍କୁଳ ପରିସ୍ଥିତି ସୃଷ୍ଟି କରିଥାଏ। ଲୋକମାନେ ଯାତାୟାତ କଲାବେଳେ ଦୁର୍ଘଟଣାର ଶିକାର ହୁଅନ୍ତି। ସେହିପରି ଏହି ନାଳ ପଡୁଥିବା ରାସ୍ତା ଦେଇ ଲୋକମାନେ ଦୈନନ୍ଦିନ ବୌଦ୍ଧ ଜିଲା କୁଶଙ୍ଗ ଅଞ୍ଚଳକୁ ଯିବା ଆସିବା କରିଥାନ୍ତି। ତେବେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପାରୁ ନ ଥିବାରୁ ଜନ ଅସନ୍ତୋଷ ଧୀରେ ଧୀରେ ଦାନା ବାନ୍ଧିବାରେ ଲାଗିଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ସାହୁଙ୍କୁ ପଚାରିବାରେ ଫରେଷ୍ଟ କ୍ଲିୟରାଂଶ ମିଳିପାରିନାହିଁ ବୋଲି କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଏଗ୍ରିମେଣ୍ଟ ସରିଛି। ଫରେଷ୍ଟ କ୍ଲିୟରାଂଶ ମିଳିଲା ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।



ନାଳରେ ପାଣି ଯୋଗୁ ଲୋକେ ବାଇକ୍‌କୁ ପାର୍ କରୁଛନ୍ତି।


## ପିଏଚ୍.ଡି. ଲାଭ



ଡ. ନମିତା କର୍ଣ୍ଣ ଦେଶର ଅଗ୍ରଣୀ ଶିକ୍ଷା ସଂସ୍ଥା ତଥା ଡିମ୍ଡ ବିଶ୍ୱବିଦ୍ୟାଳୟ Institute of Chemical Technology, Mumbaiରୁ Polumer Engineering and Technology ବିଷୟରେ ପିଏଚ୍.ଡି. ଲାଭ କରିଛନ୍ତି। ଏହି ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଶଶାଙ୍କ, ଟି, ମାସକେଟଙ୍କ ତତ୍ତ୍ୱାବଧାନରେ ସେ ଗବେଷଣା କରୁଥିଲେ। ତାଙ୍କ ଗବେଷଣାର ବିଷୟ "Development and Modification of Polymeric resin by Silane" ସବୁ ମହଲରେ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ନମିତା ବରଗଡ଼ ଅତାବିରା ବ୍ଲକ୍‌ର ମୂଳ ନିବାସୀ ତଥା ପଶ୍ଚିମ ଓଡ଼ିଶା ଅଗ୍ରଣୀ ଶିକ୍ଷାନୁଷ୍ଠାନ ମାହେଶ୍ୱରୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନର ପ୍ରତିଷ୍ଠାତା ଅଧ୍ୟକ୍ଷ ଶ୍ରୀ ଫକୀର କର୍ଣ୍ଣ ଓ ସଂପାଦିକା ସନ୍ତୋଷିନୀ କର୍ଣ୍ଣଙ୍କ ସୁପୁତ୍ରୀ ଅଟନ୍ତି। ଡ. ନମିତା କର୍ଣ୍ଣ ବର୍ତ୍ତମାନ ମୁମ୍ବାଇର Institution of Chemical Technologyରେ Asst. Professor ଭାବରେ କାର୍ଯ୍ୟରତ ଅଛନ୍ତି। ତାଙ୍କର ଏହି ସଫଳତାର ଶ୍ରେୟ ନିଜର ଅଭିଭାବକ, Institution of Chemical Technology, Mumbaiର ସମସ୍ତ ଶିକ୍ଷକ, କର୍ମଚାରୀ, ନିଜର ବନ୍ଧୁମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଧ-୧୭୫୨

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଲକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646



## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ବଳରାମ



@ ସୁଶୀଲ



@ ଅବିନାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପଞ୍ଚାୟତବାସୀଙ୍କ ଅଭିଯୋଗ ଶୁଣାଣି

ବ୍ରହ୍ମପୁର, ୨୫।୮ (ସୁବାସ ଚନ୍ଦ୍ର ପାଢ଼ୀ)

କୁକୁଡାଖଣ୍ଡି ବ୍ଲକ ଲୋଚାପଡା ପଞ୍ଚାୟତରେ ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ଶୁଣାଣି କରାଯାଇଛି। ଏଥିରେ ବିଡ଼ିଓ ପଲ୍ଲବୀ ସ୍ୱାଇଁ, କୁକୁଡାଖଣ୍ଡି ତହସିଲଦାର ରାଜକିଶୋର ପଟ୍ଟନାୟକ, ସରପଞ୍ଚ ଏଲ. ମୋହନ ଦାସ, ସମିତି ସଦସ୍ୟ ଚଣ୍ଡିଚରଣ ସାହୁଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ପଞ୍ଚାୟତ ଅଧୀନରେ ଥିବା ବିଭିନ୍ନ ଗ୍ରାମରୁ ୧୫୦ରୁ ଅଧିକ ଜନସାଧାରଣ ନିଜ ସମସ୍ୟା ଅଧିକାରୀମାନଙ୍କୁ ଜଣାଇଥିଲେ। ଗ୍ରାମବାସୀ ସୋଲାର ସିଷ୍ଟମ ପ୍ରତିଷ୍ଠା, ନୂଆ ରାସ୍ତା ନିର୍ମାଣ, ସୁଭଦ୍ରା ଯୋଜନା ଓ ରାଶନ କାର୍ଡ ସହିତ ସମ୍ବନ୍ଧିତ ଅଭିଯୋଗ କରିଥିଲେ।

# ହାତୀ ଉପଦ୍ରବ, ଚାଷ ଚିନ୍ତାରେ ଚାଷୀ

ଶରଣକୁଳ, ୨୫।୮ (ଦୀପକ କର)

ନୟାଗଡ଼ ଜିଲା ପଞ୍ଚରିଡ଼ା ବନାଞ୍ଚଳରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଗୋଛା ସଂରକ୍ଷିତ ଜଙ୍ଗଲରେ ହାତୀ ପଲ ଏବେ ଚାଷୀଙ୍କ ନିଦ ହଜେଇ ଦେଇଛନ୍ତି। ଚାଷ କାମ ପୂର୍ବରୁ ହାତୀପଲ ଜମିରେ ପଶି ଧାନ ତଳି ଓ ବାଇଗଣ, ମକା, କଦଳୀ ଆଦି ଫସଲ ଦଳି ଚକଟି ନଷ୍ଟ କରି ଚାଲିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ରଣପୁରରୁ ହାତୀପଲ ପଞ୍ଚରିଡ଼ା ବନାଞ୍ଚଳକୁ ଆସି ସୋମବାର ଉପଦ୍ରବ ଆରମ୍ଭ କରିଛନ୍ତି। ଗୋଡ଼ିପଡ଼ା ଅଞ୍ଚଳରେ ଚାଷୀଙ୍କ କ୍ଷେତ ଉଜାଡ଼ିବା ସହ ଜମିରେ ଥିବା ତଳି ନଷ୍ଟ କରି ଚାଲିଛନ୍ତି। ଏହାସହ ଚାଷୀଙ୍କ ବାଇଗଣ, ମକା, କଦଳି ଆଦି ଉଜାଡ଼ି ଦେଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ୨୧ଜଣ ଚାଷୀ କ୍ଷତିପୂରଣ ପାଇଁ ବନାଞ୍ଚଳ କାର୍ଯ୍ୟାଳୟରେ ଆବେଦନ କରିଛନ୍ତି। ହାତୀପଲ ଗୋଛା ଜଙ୍ଗଲରେ ରହି ରାତି ହେଲେ ଫସଲ ଉଜାଡୁଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଗୋଟିଏ ଡେସିମାଲ ଜମିକୁ ୨୫୦ଶହ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଉଥିବା ଏସିଏଫ୍ ଚୂଡ଼ାରାଣୀ ମୁର୍ମୁ କହିଛନ୍ତି। ଚାଷୀଙ୍କ ଏକର ଏକର ଫସଲ ଉଜାଡ଼ିବା ଯୋଗୁ ସେମାନଙ୍କ ହାଡ଼ଭଙ୍ଗା ପରିଶ୍ରମ ବୃଥା ଗଲା ବୋଲି କହି ଚାଷୀ ଉଦବେଗ ପ୍ରକାଶ କରିଛନ୍ତି। ସେତିକି ନୁହେଁ, କିଛିଦିନ ଧରି ହାତୀ ଉପଦ୍ରବ ଚାଲିଥିଲେ ମଧ ବନ କର୍ମଚାରୀଙ୍କ ଦେଖା ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପଟେ ଅତୀତରେ ହାତୀ ୨ଜଣ ବନ କର୍ମଚାରୀ ଓ ଜଣେ ଗାଈ ଚରାଳିଙ୍କୁ ଆକ୍ରମଣ କରିଥିବାରୁ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି। ଏହି ଘଟଣାରେ ପଞ୍ଚରିଡ଼ା ଏସିଏଫ୍ ଚୂଡ଼ାରାଣୀ ମୁର୍ମୁଙ୍କୁ ହାତୀପଲଙ୍କ ଗତିବିଧି ଉପରେ ସତର୍କ ନଜର ରଖାଯାଇଛି ଏବଂ ହାତୀ ପଲ ଚାଷୀଙ୍କ ଫସଲ ଉଜାଡ଼ି ଦେଉଥିବାରୁ ଆମେ ସେମାନଙ୍କୁ କ୍ଷତିପୂରଣ ଦେବାକୁ ବ୍ୟବସ୍ଥା କରିବୁ ବୋଲି ସେ କହିଛନ୍ତି।




# Classified Everyday
0674-2580101, 9692975378



REAL ESTATE
SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 8249976746, 7978660091. D-1698

AFFIDAVIT

By virtue of an affidavit sworn before the Executive Magistrate, Balangir, I Bidyulata Penthei, At- Mahulapal, Kamakhyanagar, Dhenkanal declare that I have changed my name from Bidyulata Behera to Bidyulata Penthei. Henceforth I shall be known as Bidyulata Penthei for all purposes. D-1755

I, Ankita Narayan Mundra, W/o- Ayush Taparia, resident of 301 and 302 Aditi Chanda Royal Apartment, Jharapada, Bhubaneswar, Odisha 751006 declare by this affidavit No.- 15AA 130962 dtd.- 30.07.2025 that now onwards I shall be known as Ankita Taparia for all future purposes. D-1754

ମୁଁ, ପିଙ୍କି ପ୍ରଧାନ, ସ୍ୱାମୀ- ବୁଦ୍ଧି ପ୍ରଧାନ, ଠିକଣା- ଗୌଡ଼ିଆଘାଇ, ପୋ.ଅ.- ରାହାଡ଼ମଲ୍ଲ, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ- ୭୫୨୦୦୨ ଜଣାଉଅଛିଯେ ମୌଜା- ଗୌଡ଼ିଆଘାଇ ଖାତା ନ୧୬ମ୍ବର ପ୍ଲଟ୍ ନ୩୩୮ମ୍ବର ଏରିଆ- ଏ୦.୨୪ଡେସିମିଲ ସମ୍ବନ୍ଧରୁ କ୍ରୟ ଏରିଆ- ଏ୦.୦୬ ଡେସିମିଲକୁ ରେଜିଷ୍ଟ୍ରି ବିକ୍ରୟକବଲା ନ-୧୧୪୮୨୦୦୩୯୮୧ମ୍ବର ଦ୍ୱାରା ତା-୨୨।୧୦।୨୦୨୦ରିଖରେ ପୁରୀ ସ.ରେ. ରେଜିଷ୍ଟ୍ରେସନ କରିଛି, କିନ୍ତୁ ଜଟି ପ୍ରଧାନଙ୍କ (ମୃତ) କୌଣସି ଉତ୍ତରାଧିକାର ପ୍ରମାଣପତ୍ର ନଥାଇ ତାଙ୍କ ଉତ୍ତରାଧିକାରୀମାନେ ବିନା ପ୍ରମାଣପତ୍ରରେ ତାଙ୍କ ସମ୍ପତ୍ତିକୁ ପୂର୍ବକ୍ରେତାଙ୍କ ବିକ୍ରେତାଙ୍କୁ ବିକ୍ରୟ କରିଛନ୍ତି ବୋଲି ଜାଣିବାରୁ ମୁଁ ଘୋଷଣା କରୁଅଛିକି, ଯଦି କୌଣସି ବ୍ୟକ୍ତି କିମ୍ବା କୌଣସି ସଂସ୍ଥାଙ୍କ ଉତ୍ତରାଧିକାରୀ ସମ୍ବନ୍ଧରେ ଅଭିଯୋଗ ଥାଏ ତେବେ ଘୋଷଣାର ୧୪ ଦିନ ଭିତରେ ସ୍ୱତନ୍ତ୍ର ଫାଇନାନ୍ସ କମ୍ପାନୀ ଅଫିସରେ ଆସି ଜଣାନ୍ତୁ। ୧୪ ଦିନପରେ କୌଣସି ଅଭିଯୋଗ ବିଚାରକୁ ନିଆଯିବ ନାହିଁ।

ଇତି
ପିଙ୍କି ପ୍ରଧାନ
ଧ-୧୭୫୭

By virtue of an affidavit I, Sandhya Satapathy, aged- 59 years, D/o- Late Sh Surendra Kumar Bhol and W/o- Tapan Kumar, declare that I have changed my name from Sandhyarani Bhol to Sandhya Satapathy. Now I am identified as Sandhya Satapathy in all official documents like PAN, Aadhaar, Bank A/c etc. That I have a Plot, No.- 8-3GH, D/785, Area- 1625sqft., Sector- 8, CDA, Cuttack. I am again declaring that Sandhyarani Bhol and Sandhya Satapathy are the same person. My Aadhaar No.- xxxx xxxx 2767 and PAN- ANQPB4447H are in the name of Sandhya Satapathy.
Sd./- Sandhya Satapathy
D-1753

## LEGAL NOTICE

IN THE COURT OF ADDL. COMMISSIONER OF CONSOLIDATION AND SETTLEMENT, SAMBALPUR-II R.P. Case No.- 245/2024

Purastam Biswal and others .... Petitioner

Vrs

Kshudhasagar Pradhan and another ....Opposite Parties

To, 1. Kshudhasagar Pradhan, 2. Sudhasagar Pradhan both are sons of Late Bhubaneswar Pradhan and R/o- Deogaon, P.O.- Rajpur, Tahasil/Dist.- Jharsuguda

Whereas, the aforesaid case has been filed by the petitioners against you wherein, the petitioners have prayed under the provision as contemplated u/s 15 (b) of Orissa Survey & Settlement Act, 1962 and rules framed there under. However, you have deliberately avoided receiving notice in the aforementioned case issued by the honourable Court.

You are hereby directed to appear in person or through your pleader duly instructed by you before the Honourable Court on 2nd day of September 2025 at 11:00A.M. failing which, the case will be determined in your absence.

Given under my hands and the seal of this Court on this 11th day of August 2025.

Land Schedule
Mouza- Deogaon, Tahasil- Jharsuguda, Dist.- Jharsuguda, M.S. Khata No.- 101, Plot No.- 927 Ac.3.050 dec.

Sd./- Additional Commissioner, Consolidation & Settlement, Sambalpur-II
D-1756

IN THE COURT OF HON'BLE CIVIL JUDGE (SR. DIVN.) AT PARALAKHEMUNDI
C.M.A. No.- 04/2024.
(Out of C.S. 29/2021)

Smt. Sandhya Rani Das & Another ....Petitioner

Versus.

Smt. Madhusmita Das & Another. ...Respondent.

PUBLICATION UNDER ORDER V RULE 20 of C.P.C.

To, 1. Smt. Madhusmita Das, W/o- Dr. Krushna Chandra Das, aged about 70 years, Hindu. Housewife, permanent resident of Palace Street, PO / PS: Paralakhemundi, Gajapati- District and 2. Dr. Krushna Chandra Das, W/o Late Madan Mohan Das, aged about 75 years, Hindu. Pensioner, permanent resident of Palace Street, PO/PS: Paralakhemundi, Gajapati District.

Whereas the plaintiff/ Petitioner has instituted the above proceeding against you for the reliefs claimed in the above petition. That in spite of the several steps taken by this Hon'ble Court in both ways such as through Court and Postal for your appearances. All the notices returned back without service. So, you are hereby noticed through this notice to appear in this Court in person or by an advocate duly instructed on 22nd day of Sep. 2025 at 10:30 AM to answer all material questions relating to the suit, failing which the suit/ application will be disposed off in your absence according to law.

Given under my hand and seal of this Court this the 21st day of August 2025.

Sd./- Civil Judge (Senior Division), Paralakhemundi, Gajapati Dist.
D-1750

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com



# ମନେ ପଡ଼ନ୍ତି

ଏକାଦଶତମ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତାଃ ଡଃ ନିରୁପମା ପଟ୍ଟନାୟକ
ସ୍ୱାମୀ- ସ୍ୱର୍ଗତଃ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ
ପୋଖରୀପୁଟ, ଭୁବନେଶ୍ୱର
ଚାହୁଁ ଚାହୁଁ ଏଗାର ବର୍ଷ ବିତିଗଲା। ଆପଣଙ୍କ ଅନୁପସ୍ଥିତିରେ ପ୍ରତିଦିନ ଆମମାନଙ୍କ ଆଖିରୁ ଲୁହ ଶୁଖୁନି। ଆପଣଙ୍କ ପବିତ୍ର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଲୀନ ହେଉ, ଏତିକି ପ୍ରାର୍ଥନା।
ଆପଣଙ୍କ ପରିବାର ଓ ବନ୍ଧୁବର୍ଗ।
ଧ-୭୬୦୭୪

ଶ୍ରଦ୍ଧାଞ୍ଜଳି



୰ଦୁର୍ଗା ପ୍ରସାଦ ବହିଦାର
ଅବସରପ୍ରାପ୍ତ ପୋଲିସ ଅଫିସର
ଝାଡୁଆପଡା, ସମ୍ବଲପୁର
୧୯୧୦-୧୯୯୭
ବାଲିତୃତୀୟା
ଆଜି ଅଷ୍ଟବିଂଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଅଛୁ।
ପରିବାରବର୍ଗ ଓ ବନ୍ଧୁସ୍ୱଜନ
ଧ-୭୬୮୪୯

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଛାୟାରାଣୀ ଦାଶ
ଏସ୍.ଜି- ୩୨ ଆଇଗିଣିଆ, ଖଣ୍ଡଗିରି, ଭୁବନେଶ୍ୱର
ଆବିର୍ଭାବ: ୧୫।୦୭।୧୯୫୫
ତିରୋଧାନ: ୧୫।୦୮।୨୦୨୫
ଆପଣ ଆମକୁ ଶୋକସାଗରେ ଭସାଇଦେଇ ସଂସାରରୁ ବିଦାୟ ନେଲେ। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆମ ପାଇଁ ପ୍ରେରଣାର ଉତ୍ସ ହୋଇରହିବ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-ଶୋକସନ୍ତପ୍ତ-
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀବୋହୂ, ଅଣନାତି, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୧୭୫୮

ସୌନ୍ଦର୍ଯ୍ୟ

# ଉପକାରୀ ଚିନାବାଦାମ



**ବର୍ଷାଦିନେ ଗରମ ଗରମ ବାଦାମ ଭଜା ଖାଇବାକୁ କିଏ ବା ନ ଭଲ ପାଏ। ହେଲେ ଆପଣ ଜାଣନ୍ତିକି ପାଟିକୁ ସୁଆଦିଆ ଲାଗୁଥିବା ଏହି ଚିନାବାଦାମରେ ଭରି ରହିଛି ଅନେକ ପୋଷକ ତତ୍ତ୍ୱ, ଯାହାକୁ ଖାଇଲେ ଶରୀର ସୁସ୍ଥ ରହିବା ସହ ବ୍ୟବହାର କଲେ ସୌନ୍ଦର୍ଯ୍ୟ ମଧ୍ୟ ବୃଦ୍ଧିପାଇଥାଏ। ଜାଣନ୍ତୁ ଏହାକୁ କିପରି ବ୍ୟବହାରକରି ସୌନ୍ଦର୍ଯ୍ୟ ବୃଦ୍ଧି କରିପାରିବେ...**

❖ବାଦାମରେ ଭିଟାମିନ୍-ଇ ଥିବାରୁ ଏହାକୁ ଖାଇବା ଦ୍ୱାରା ଏହା ଚର୍ମକୁ ପୋଷଣ ଯୋଗାଇବା ସହ ନରମ ଏବଂ ଚିକ୍କଣ ରଖିଥାଏ । ଏହାର ତେଲ ଲଗାଇବା ଦ୍ୱାରା ସୂର୍ଯ୍ୟକିରଣ ଯୋଗୁ ହେଉଥିବା ଟ୍ୟାନିଂ ଭଳି ସମସ୍ୟା ଦୂରହୋଇଥାଏ। ଏହା ଚର୍ମକୁ ବ୍ରଣମୁକ୍ତ ରଖି କୋମଳତା ପ୍ରଦାନ କରିଥାଏ।

❖ଆଖି ତଳ କଳାଦାଗ, ଆଖି କୁଣ୍ଡେଇହେବା ଭଳି ସମସ୍ୟା ଦୂରକରିବା ଲାଗି ଚିନାବାଦାମ ବେଶ୍ ଉପଯୋଗୀ। ଏଥିରେ ଥିବା ଅଧିକ ପରିମାଣର ଓମେଗା ଫ୍ୟାଟି ଏସିଡ୍ ଓ ଖଣିଜ ଲବଣ ଦୃଷ୍ଟିଶକ୍ତି ବଢ଼ାଇଥାଏ । ଆଖିପତା ଉପରେ ଏହାର ତେଲ ଲଗାଇ ଧୀରେ ଧୀରେ ମସାଜ କରିବା ଦ୍ୱାରା ଆମକୁ ଦିନ ଯାକର ଚାପରୁ ମଧ୍ୟ ମୁକ୍ତିମିଳେ।

❖ଏଥିରେ ଆଣ୍ଟି-ଅକ୍ସିଡାଣ୍ଟ, ଭିଟାମିନ୍ ଏବଂ ମିନେରାଲ୍ସ ଥିବାରୁ ଏହାକୁ ପାଣି ଭିଜେଇ ପେଷ୍ଟ କରି ଲଗାଇବା ଦ୍ୱାରା ସ୍କିନ୍‌ର ଗ୍ଲୋ ବଢ଼ିଥାଏ। ଏହା ଏଜିଙ୍ଗ୍ ସାଇନ୍ସ ଯେପରିକି ରିଙ୍କଲ୍‌ମାର୍କ, ଏଜ୍ ସ୍ପଟ୍ ଆଦିକୁ ରୋକିଥାଏ। ବ୍ରଣ, ଦାଗ ଆଦିକୁ ମଧ୍ୟ କମ୍ କରିବାରେ ଏହା ବେଶ୍ ସାହାଯ୍ୟ କରିଥାଏ।


❖ମୁଣ୍ଡ ଏବଂ ଶରୀରର ବିଭିନ୍ନ ଅଂଶକୁ ମସାଜ୍ କରିବା ପାଇଁ ଚିନାବାଦାମ ତେଲକୁ ବ୍ୟବହାର କରାଯାଇଥାଏ। ଏହାଦ୍ୱାରା ଚର୍ମ ପୁଷ୍ଟିକର ତେଲ ଶୋଷଣ କରିପାରେ। ବିଶେଷକରି କେଶ ମୂଳରେ ଏହି ତେଲ ମସାଜ କରିବା ଦ୍ୱାରା ବ୍ଲଡ୍ ସାର୍କୁଲେଶନ୍ ଠିକ୍ ଭାବେ ହେବା ଦ୍ୱାରା କେଶ ଲମ୍ବା ଏବଂ ମଜଭୁତ ହୋଇଥାଏ। ଏହା କେଶ ପାଚିବା, ଝଡ଼ିବା, ଫାଟିବା ଆଦି ସମସ୍ୟାକୁ ମଧ୍ୟ ଦୂର କରିଥାଏ।



# ନିଜ ପାଇଁ ୩୦ ମିନିଟ୍



**ନାରୀଟିଏ ସବୁବେଳେ କର୍ମଜଞ୍ଜାଳରେ ବନ୍ଧା। ସେ କେତେବେଳେ ସମ୍ଭାଳେ ପରିବାରର ସମସ୍ତ ଦାୟିତ୍ୱ ତ ଆଉ କେତେବେଳେ ଘର ସହ ବି ତୁଲେଇବାକୁ ହୁଏ ଅଫିସ୍ କାମ। ଏମିତରେ ସେ ଅଜାଣତରେ ଅବହେଳା କରିବସେ ନିଜକୁ ଆଉ ହୋଇଯାଏ ରୋଗଣା। ହେଲେ ଏସବୁ କର୍ତ୍ତବ୍ୟ ସୁଚାରୁ ରୂପେ ତୁଲେଇବାକୁ ହେଲେ ସୁସ୍ଥ ରହିବା ଲାଗି ନିଜର ଯତ୍ନନେବା ଯେ ସେତିକି ଗୁରୁତ୍ୱପୂର୍ଣ୍ଣ ସେକଥା ସେ ଭୁଲିଯାଏ। ତେଣୁ ସବୁ କାମ ଭିତରେ ବି ନିଜ ପାଇଁ ପ୍ରତିଦିନ ଅତିକମ୍‌ରେ ୩୦ମିନିଟ୍ ବାହାର କଲେ ଫିଟ୍ ରହିବା ସହଜ ହେବ ସେଥିରେ ସନ୍ଦେହ ନାହିଁ...**







ବର୍ତ୍ତମାନ ଅଳ୍ପବୟସରୁ ଅଧିକାଂଶ ମହିଳାଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳୁଛି। ଏହାର ମୁଖ୍ୟ କାରଣ ହେଉଛି ବିଭିନ୍ନ କାର୍ଯ୍ୟବ୍ୟସ୍ତତା ଭିତରେ ନିଜର ଯତ୍ନ ନ ନେବା। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି, ଯଦିଓ ବର୍ତ୍ତମାନ ସମସ୍ତେ କାର୍ଯ୍ୟବ୍ୟସ୍ତ ହେଲେ ସେହି କାର୍ଯ୍ୟରେ ଶାରୀରିକ ପରିଶ୍ରମ ନଗଣ୍ୟ। ତେଣୁ ପ୍ରତ୍ୟେକ ମହିଳାଙ୍କୁ ଘର ହେଉ ଅବା ଅଫିସ୍ ସମସ୍ତ କାର୍ଯ୍ୟ ଠିକ୍ ଭାବେ ତୁଲାଇବା ଲାଗି ସର୍ବପ୍ରଥମେ ନିଜେ ସୁସ୍ଥ ରହିବା ଜରୁରୀ। ଆଉ ଏଥିପାଇଁ ପ୍ରତିଦିନ କିଛି ସମୟ ନିଜ ପାଇଁ ବାହାରକରି ଯୋଗ, ବ୍ୟାୟାମ ଆଦି କରିବା ନିହାତି ଆବଶ୍ୟକ...

**ଯୋଗ, ବ୍ୟାୟାମ:** ବର୍ତ୍ତମାନ ଅନେକଙ୍କଠାରେ ଉପୁଜୁଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ମୁଖ୍ୟ କାରଣ ହେଉଛି ମେଦବହୁଳତା ସାଙ୍ଗକୁ ଶାରୀରିକ ପରିଶ୍ରମର ଅଭାବ। ଏହା ଦୂରକରିବା ଲାଗି ପ୍ରତିଦିନ ସମସ୍ତ କାମ ବାଦ୍ ଅତି କମ୍‌ରେ ନିଜ ପାଇଁ ୩୦ ମିନିଟ୍ ବାହାରକରି ଯୋଗ, ବ୍ୟାୟାମ କରିବା ନିହାତି ଆବଶ୍ୟକ। କିପରି ଏବଂ କେଉଁସବୁ ଏକ୍ସରସାଇଜ୍ କରିବେ ବୋଲି ଯଦି ଭାବୁଛନ୍ତି ତେବେ ଆରମ୍ଭ ଦିନଗୁଡିକରେ କେତୋଟି ବେସିକ୍ ୱାର୍କଆଉଟ୍ ପ୍ରତି ଧ୍ୟାନ ଦିଅନ୍ତୁ। ଏଥିପାଇଁ ପ୍ରଥମେ ଅଳ୍ପ ସମୟ ୱର୍କଆଉଟ୍ ୱାର୍ମଅପ୍ କରନ୍ତୁ। ଫଳରେ ଧୀରେ ଧୀରେ ହୃତ୍‌ପିଣ୍ଡର ଗତି, ପଲ୍ସ ରେଟ୍, ଶରୀରର ତାପମାତ୍ର ବଢ଼ିବାଦ୍ୱାରା ଅନ୍ୟ ୱର୍କଆଉଟ୍ ପାଇଁ ପ୍ରସ୍ତୁତ ହୋଇପାରିବେ। ୱାର୍ମଅପ୍ ପାଇଁ ଜମ୍ପିଂ ଜ୍ୟାକ୍ ସବୁଠୁ ସହଜ। ସେହିପରି କିଛି ସମୟ ଷ୍ଟ୍ରେଚିଂ କରନ୍ତୁ ଫଳରେ ଏକ୍ସରସାଇଜ୍ କରିବା ବେଳେ ମାଂସପେଶୀରେ ଟାଣିହେବା ସମସ୍ୟା ରହିବ ନାହିଁ। ଏହାପରେ ନିଜ କମ୍ଫର୍ଟ ଏବଂ ଷ୍ଟ୍ରେନ୍ଥ ଅନୁଯାୟୀ ବିଭିନ୍ନ ଏକ୍ସରସାଇଜ୍ ଏବଂ ଯୋଗାସନ କରନ୍ତୁ। କିଛି ସମୟ ଛାତ ଉପରେ କିମ୍ବା ନିକଟସ୍ଥ ପାର୍କ, ରାସ୍ତାକଡ଼ ଅବା ଅନ୍ୟ କୌଣସି ଖୋଲା ସ୍ଥାନରେ ଚାଲନ୍ତୁ। ପ୍ରତିଦିନ କିଛି ସମୟ ରନିଂ କିମ୍ବା ସାଇକ୍ଲିଂ କରିବା ବି ଖୁବ୍ ଲାଭଦାୟକ ହୋଇପାରିବ।

## ମିଳିବ ଅନେକ ଉପକାରିତା

ନିୟମିତ କିଛି ସମୟ ନିଜ ପାଇଁ ବାହାରକରି ଏକ୍ସରସାଇଜ୍ କଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିହେବା ସହ ଆପଣ ସୁସ୍ଥ ରହିପାରିବେ। ଏହା ବ୍ଲଡ୍ ପ୍ରେସର ଏବଂ ବ୍ଲଡ୍ ସୁଗାର ସ୍ତରକୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରିଥାଏ। ମର୍ନିଂ କିମ୍ବା ଇଭିନିଂରେ ୱାକ୍ କରିବା ଦ୍ୱାରା ମହିଳାମାନଙ୍କଠାରେ ଇଷ୍ଟ୍ରୋଜେନ୍ ହର୍‌ମୋନ୍ କ୍ଷରଣ ଠିକ୍ ଭାବେ ହୋଇଥାଏ। ଏହାଦ୍ୱାରା ହୃତ୍‌ପିଣ୍ଡ ଏବଂ ମସ୍ତିଷ୍କକୁ ସୁସ୍ଥ ରଖିଥାଏ, ଫଳରେ ହୃଦ୍ ସମସ୍ୟା ଏବଂ ଷ୍ଟ୍ରୋକ୍ ସମସ୍ୟାଠୁ ଦୂରେଇ ରଖିଥାଏ। ମାଂସପେଶୀ ଏବଂ ହାଡ଼ ମଜଭୁତ ରଖେ। ମାସିକ ଋତୁସ୍ରାବ ଠିକ୍ ଭାବେ ହେବା ସହ ପ୍ରଜନନ କ୍ଷମତା ବୃଦ୍ଧି କରିବାରେ ସାହାଯ୍ୟ କରେ। ପ୍ରତିଦିନ କିଛି ସମୟ ଏକ୍ସରସାଇଜ୍ କଲେ ଡୋପାମାଇନ୍ ହର୍‌ମୋନ୍ କ୍ଷରଣ ହୋଇଥାଏ। ଏହି ହର୍‌ମୋନ୍‌କୁ ହାପି ହର୍‌ମୋନ ବୋଲି ମଧ୍ୟ କୁହାଯାଇଥାଏ, ଯାହା ଷ୍ଟ୍ରେସ୍, ଡିପ୍ରେଶନ୍ ଭଳି ସମସ୍ୟା ଦୂରକରି ମଣିଷକୁ ଖୁସି ରଖିବାରେ ସାହାଯ୍ୟ କରିଥାଏ। ତେଣୁ ପ୍ରତିଦିନ ମାତ୍ର ୩୦ ମିନିଟ୍ ନିଜ ପାଇଁ ଦେଲେ ଏହା ଉଭୟ ଶାରୀରିକ ଓ ମାନସିକ ସ୍ତରରେ ଏହା ଫିଟ୍ ରଖିବାରେ ସାହାଯ୍ୟ କରିଥାଏ।


### ଜାଣିରଖନ୍ତୁ

କେବଳ ଯୋଗ, ବ୍ୟାୟାମ, ୱାକିଂ ନୁହେଁ ଏହା ବ୍ୟତୀତ ଆଉ କେତେକ କଥା ପ୍ରତି ମଧ୍ୟ ବିଶେଷ ଧ୍ୟାନଦେବା ଜରୁରୀ, ସେ ବିଷୟରେ ଜାଣିରଖନ୍ତୁ...

➔କାର୍ଯ୍ୟବ୍ୟସ୍ତତା ଭିତରେ ସକାଳ ଜଳଖିଆ ନ ଖାଇବା ଅନେକ ମହିଳାଙ୍କଠାରେ ଏକ ବଦଭ୍ୟାସ। ଯେତେ କାମ ଥାଉ ନା କାହିଁକି ସକାଳ ଜଳଖିଆ ଖାଇବା ନିହାତି ଆବଶ୍ୟକ। ନଚେତ୍ ଦୀର୍ଘସମୟ ପେଟ ଖାଲି ରହି ଗ୍ୟାସ୍, ଏସିଡିଟି ଆଦି ସମସ୍ୟା ଦେଖାଦେଇଥାଏ। ଆମେରିକାନ୍ ମେଡିକାଲ ଆସୋସିଏଶନ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ବ୍ରେକ୍‌ଫାଷ୍ଟ ନ କରିବା ଦ୍ୱାରା ରକ୍ତଚାପ, ହୃଦ୍‌ରୋଗ ଏବଂ ହୃଦ୍‌ଘାତର ଆଶଙ୍କା ୨୭% ବୃଦ୍ଧି କରିଥାଏ। ସକାଳ ଜଳଖିଆ ଶରୀରକୁ ଶକ୍ତି ଯୋଗାଇଥାଏ, ଯଦ୍ଦ୍ୱାରା ସାରା ଦିନ ଆକ୍ଟିଭ୍, ଏନର୍ଜେଟିକ୍ ଏବଂ ଫ୍ରେଶ୍ ଲାଗିଥାଏ। କେବଳ ଜଳଖିଆ ମଧ୍ୟାହ୍ନ ଏବଂ ରାତ୍ରଭୋଜନ ମଧ୍ୟ ସମୟରେ ଖାଆନ୍ତୁ। ଫାଷ୍ଟ ଫୁଡ୍, ଜଙ୍କ୍ ଫୁଡ୍, ଅଏଲି ଫୁଡ୍ ଭଳି ଖାଦ୍ୟ ବଦଳରେ ସର୍ବଦା ପେଟ ପୂରା ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ଦିନକୁ ଅତି କମ୍‌ରେ ୩-୪ ଲିଟର ପାଣି ପିଅନ୍ତୁ।

➔ନିଜକୁ ସବୁବେଳେ ଟେନ୍‌ସନ ଫ୍ରି ରଖିବାକୁ ଚେଷ୍ଟା କରନ୍ତୁ। ମନକୁ ଭାରାକ୍ରାନ୍ତ କରୁଥିଲେ ଦୀର୍ଘଦିନ ଚାପି ନ ରଖି ନିଜ ସ୍ୱାମୀ, ପରିବାର ସଦସ୍ୟ କିମ୍ବା କୌଣସି ବିଶ୍ୱସ୍ତଙ୍କ ନିକଟରେ ପ୍ରକାଶ କରନ୍ତୁ, ମନ ହାଲୁକା ହୋଇଯିବ।

➔ ଘର କାମ ସାରି ବିଳମ୍ବରେ ଖାଇବା ଏବଂ ଶୋଇବା ଅଭ୍ୟାସ ହିଁ ଗ୍ୟାସ୍, ବଦହଜମି, ମେଦବହୁଳତା ଭଳି ସମସ୍ୟାର ମୁଖ୍ୟ କାରଣ। ତା'ଛଡ଼ା ରାତିରେ ଠିକ୍ ଭାବେ ନ ଶୋଇଲେ ବା ପର୍ଯ୍ୟାପ୍ତ ନିଦ ନ ହେଲେ ଥକ୍କା ଲାଗିବା ସହ ମାନସିକ ସ୍ତରରେ ମଧ୍ୟ ଏହାର ବିଶେଷ ପ୍ରଭାବ ପଡ଼ିଥାଏ। ତେଣୁ ରାତିରେ ଅତି କମ୍‌ରେ ୬ରୁ ୭ ଘଣ୍ଟା ଶୋଇବା ପାଇଁ ଚେଷ୍ଟା କରନ୍ତୁ।





ଇଏ ବି ଜଣେ ନାରୀ

# ପରିଚୟ ଦେଇଛି ଇକୋଫ୍ରେଣ୍ଡ୍‌ଲି ସାମଗ୍ରୀ

ଆମେ ସମସ୍ତେ ପୃଥିବୀ ମା'ର ସନ୍ତାନ। ସେ ଆମକୁ ସବୁକିଛି ଦେଇଛି। ତେଣୁ ତା'ର ପରିବେଶକୁ ସୁରକ୍ଷା କରିବାର ଦାୟିତ୍ୱ ବି ଆମ ସମସ୍ତଙ୍କର। ଏକଥାକୁ ଜଣେ ପ୍ରକୃତିପ୍ରେମୀ ଭାବେ କେବଳ ହୃଦଙ୍ଗମ କରିନାହାନ୍ତି ବରଂ ଇକୋଦର୍ଶିନୀ ନାମରେ ଏକ ସଂସ୍ଥା ଗଠନ କରି ବିଭିନ୍ନ ସଷ୍ଟେନେବଲ୍ ଏବଂ ଇକୋଫ୍ରେଣ୍ଡଲି ସାମଗ୍ରୀ ପ୍ରସ୍ତୁତକରି ସମାଜକୁ ଏକ ନୂଆ ବାର୍ତ୍ତା ଦେଇଛନ୍ତି ଭୁବନେଶ୍ୱରସ୍ଥିତ ପଟିଆରେ ରହୁଥିବା ପ୍ରିୟଦର୍ଶିନୀ ଦାସ। ମାଟି, ବାଉଁଶ, ଅଦରକାରୀ କାଠ, ଗୁଆ, ହାତବୁଣା ସୂତା କପଡ଼ା, କାଇଁଚ, ବିଭିନ୍ନ ପ୍ରକାର ମଞ୍ଜି ଏବଂ ପ୍ରାକୃତିକ ରଙ୍ଗ ବ୍ୟବହାରକରି ସେ ପ୍ରସ୍ତୁତ କରୁଛନ୍ତି ଅଳଙ୍କାର, ଗୃହସଜ୍ଜା ଉପକରଣ, ଉପହାର ସାମଗ୍ରୀ, ଅଫିସ ପାଇଁ ଷ୍ଟେଶନାରି ଇତ୍ୟାଦି। ନିଜ ରୁଚିକୁ ବାସ୍ତବର ରୂପ ଦେଇ ସେ ନିଜେ ସ୍ୱାବଲମ୍ବୀ ହେବା ସହ ଭୁବନେଶ୍ୱରର କିଛି ବସ୍ତି, କୋଣାର୍କ, ରାୟଗଡ଼ାର ଅନେକ ଝିଅ ଓ ମହିଳାମାନଙ୍କୁ ଏହି ପ୍ରଶିକ୍ଷଣ ଦେଇ ରୋଜଗାରକ୍ଷମ ହେବାରେ ସାହାଯ୍ୟ କରିପାରିଛନ୍ତି। ସେ କୁହନ୍ତି, ''ପିଲାବେଳୁ ବୋଉ(କଲ୍ୟାଣୀ ଦାସ)ଠାରୁ କୌଣସି ବ୍ୟବହାର୍ଯ୍ୟ ଜିନିଷକୁ ଫିଙ୍ଗିଦେବା ପୂର୍ବରୁ ତା'ର ସମ୍ପୂର୍ଣ୍ଣ ବ୍ୟବହାର କିପରି କରାଯାଇପାରିବ ତାହା ଶିଖିଛି। ସେବେଠାରୁ ପ୍ରାକୃତିକ ସଂସାଧନକୁ ନେଇ ସମ୍ପୂର୍ଣ୍ଣ ପ୍ରାକୃତିକ ପଦ୍ଧତିରେ କିପରି ନୂଆ ଖେଳନା, ଘରକରଣା, ଘରସଜ୍ଜା ଜିନିଷ ତିଆରିକରି ହେବ ସେଥିପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା। କାଳକ୍ରମେ ବିବାହ ପରେ ପରିବାରର ବ୍ୟସ୍ତତା କାରଣରୁ ଏସବୁ ପାଇଁ ସୁଯୋଗ ମିଳିପାରି ନ ଥିଲା। ହେଲେ କିଛି ବର୍ଷ ପରେ ପରିବେଶ ଅନୁକୂଳ ପ୍ରାକୃତିକ ପଦାର୍ଥକୁ ନେଇ କିପରି ଫ୍ୟାଶନର ରୂପ ଦିଆଯାଇପାରିବ ଏବଂ ଯୁଗାନୁକୂଳ, ପସନ୍ଦଯୋଗ୍ୟ ତଥା ସମସ୍ତଙ୍କୁ ସୁହାଇଲା ଭଳି ଅଳଙ୍କାର ପ୍ରସ୍ତୁତ କରାଯାଇପାରିବ ସେଥିପାଇଁ ଇକୋଦର୍ଶିନୀ ଗଠନକଲି। ସ୍ୱାମୀ(ବିନୟ ଭୂଷଣ ଜେନା)ଙ୍କ ସହଯୋଗ ମଧ୍ୟ ମତେ ଆହୁରି ପ୍ରେରଣା ଦେଲା। ଧୀରେ ଧୀରେ ଏହାର ପ୍ରଚାରପ୍ରସାର ହେବା ସହ ତୋଷାଳି ମେଳା, ଏକାମ୍ର ଉତ୍ସବ ଏବଂ ବିଭିନ୍ନ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଲି ଏବଂ ଅନେକ ସଂସ୍ଥା ପକ୍ଷରୁ ପୁରସ୍କୃତ ମଧ୍ୟ ହେଲି। ଏହି କାର୍ଯ୍ୟକୁ ଆହୁରି ଆଗକୁ ନେବା ପାଇଁ ମୁଁ ଅନେକ ଯୁବତୀ ଏବଂ ମହିଳାଙ୍କୁ ପ୍ରଶିକ୍ଷଣ ଯୋଗାଇଦେଉଛି।'' କିଛି ବର୍ଷ ହେବ ସେ ନିଜ ଆପାର୍ଟମେଣ୍ଟର ଅନ୍ୟ ମହିଳାମାନଙ୍କୁ ନେଇ ବିଭିନ୍ନ ପ୍ରକାର ପତ୍ର, ମଞ୍ଜି ଗୁଣ୍ଡ, ହଳଦୀ, ଚାଉଳ ଗୁଣ୍ଡ ଏବଂ ଔଷଧୀୟ ଫୁଲ ଫଳ ସଂଗ୍ରହକରି ସେଥିରୁ ରଙ୍ଗ ପ୍ରସ୍ତୁତକରି ହର୍ବାଲ ହୋଲି ଖେଳିବା ଆରମ୍ଭ କରିଛନ୍ତି। ସେହିପରି ରାଖୀ ପୂର୍ଣ୍ଣିମାରେ ପ୍ରାକୃତିକ ପଦାର୍ଥରୁ ସମ୍ପୂର୍ଣ୍ଣରୂପେ ପରିବେଶ ଅନୁକୂଳ ରାଖୀ ତିଆରି କରୁଛନ୍ତି; ଯାହାକି ଅନ୍ୟମାନଙ୍କ ପାଇଁ ଚର୍ଚ୍ଚାର ବିଷୟ ହୋଇଛି। ବିଶେଷକରି ଗଣେଶପୂଜାରେ ମାଟି ଏବଂ ବିଭିନ୍ନ ମଞ୍ଜି, ଡାଲି, ଶୁଖିଲା ଶସ୍ୟକୁ ନେଇ ଇକୋଫ୍ରେଣ୍ଡଲି ଗଣେଶ ମୂର୍ତ୍ତି ତିଆରି କରୁଛନ୍ତି। ତେବେ ଏହାଦ୍ୱାରା ରୋଜଗାର ହେଉଥିଲେ ବି ବ୍ୟବସାୟିକ ମନୋଭାବ ନ ରଖି ପରିବେଶ ସୁରକ୍ଷାକୁ ପ୍ରାଥମିକତା ଦେବା ମୋର ଲକ୍ଷ୍ୟ ବୋଲି ସେ କୁହନ୍ତି। ଆଉ ଏହି ଚିନ୍ତାଧାରାରେ ଅନ୍ୟମାନଙ୍କୁ ଯୋଡ଼ିବା ଉଦ୍ଦେଶ୍ୟରେ ବିଭିନ୍ନ ପ୍ରାକୃତିକ ସ୍ରୋତରୁ ଉପଲବ୍ଧ ସାମଗ୍ରୀକୁ ନେଇ ଆଧୁନିକ ଅଳଙ୍କାର ତିଆରି କରିବାର କୌଶଳ ପ୍ରଶିକ୍ଷଣ ଦେଉଛନ୍ତି। ନିଜର ଏହି ପ୍ରୟାସ ଦ୍ୱାରା ଅନେକଙ୍କୁ ଆଜି ରୋଜଗାରକ୍ଷମ କରାଇପାରିବା ସହ କୃତ୍ରିମ ସାମଗ୍ରୀରୁ ପ୍ରସ୍ତୁତ ପ୍ରଦୂଷଣକାରୀ ଅଳଙ୍କାର ଏବଂ ସାଜସଜ୍ଜା ସାମଗ୍ରୀଠାରୁ ଦୂରେଇବା ପାଇଁ ଲୋକମାନଙ୍କୁ ପ୍ରବର୍ତ୍ତାଇ ପାରୁଥିବାରୁ ବେଶ୍ ଖୁସି ଅନୁଭବ କରୁଛି ବୋଲି ପ୍ରକାଶ କରନ୍ତି ପ୍ରିୟଦର୍ଶିନୀ।

– ପୌର୍ଣ୍ଣମାସୀ






ଖାଦ୍ୟରୁଚି

# ଏଗ୍‌ଲେସ୍ କେକ୍

**ଆବଶ୍ୟକ ସାମଗ୍ରୀ:** ମଇଦା ୨୫୦ଗ୍ରାମ୍, ବେକିଂ ପାଉଡର ୨ ଛୋଟ ଚାମଚ, ଲୁଣ ନ ଥିବା ବଟର ୧୫୦ ଗ୍ରାମ୍, ଚିନି ପାଉଡର ୧୫୦ ଗ୍ରାମ୍, ଲେମନ୍ ଏସେନ୍ସ ୬-୭ ବୁନ୍ଦା, ଭ୍ୟାନିଲା ଏସେନ୍ସ ଅଧାଚାମଚ, କ୍ଷୀର ୧୦୦ମି.ଲି., ଟୁଟି ଫ୍ରୁଟି ୬ ଚାମଚ, ଚେରି ୧୦ଟି, କିସ୍‌ମିସ୍ ୪ ଚାମଚ ଏବଂ ଲୁଣ ସ୍ୱାଦନାନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ଏକ ପାତ୍ରରେ ମଇଦା, ବେକିଂ ପାଉଡର ଏବଂ ଲୁଣ ମିଶାଇ ଛଣି ସାହାଯ୍ୟରେ ଚଲାଇ ଦିଅନ୍ତୁ। ଅନ୍ୟ ଏକ ପାତ୍ରରେ ବଟର ଏବଂ ଚିନି ପାଉଡର ନେଇ ଭଲ ଭାବେ ମିଶାନ୍ତୁ। ମିଶିଯିବା ପରେ ଲେମନ ଏସେନ୍ସ ଏବଂ ଭ୍ୟାନିଲା ଏସେନ୍ସ ମିଶାନ୍ତୁ। ଏଥିରେ ପୂର୍ବରୁ ରଖିଥିବା ମଇଦା ମିଶ୍ରଣକୁ ଅଳ୍ପ ଅଳ୍ପ ପକାଇ ଗୋଳାନ୍ତୁ। ସେଥିରେ ଟୁଟିଫ୍ରୁଟି, କିସ୍‌ମିସ୍ ଏବଂ କଟା ଚେରି ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏକ କେକ୍ କଣ୍ଟେନର ନିଅନ୍ତୁ ଏବଂ ସେଥିରେ ଘିଅ କିମ୍ବା ବଟର ଲଗାଇ ଗ୍ରୀସ୍ କରନ୍ତୁ। ଏଥିରେ କେକ୍ ମିଶ୍ରଣକୁ ଢାଳି ଧୀରେ ଧୀରେ ବାଢ଼େଇ ଦିଅନ୍ତୁ ଯେପରି ମିଶ୍ରଣ ସବୁ ଆଡ଼େ ସମାନ ଭାବେ ରହିବ। ଚୁଲାରେ କଡ଼େଇ ଗରମ କରନ୍ତୁ। ଏହା ଭିତରେ ଏକ ଷ୍ଟାଣ୍ଡ ରଖନ୍ତୁ। ୧୦-୧୫ ମିନିଟ୍ କଡ଼େଇ ଗରମହେବା ପରେ ଭିତରେ ଥିବା ଷ୍ଟାଣ୍ଡ ଉପରେ କେକ୍ କଣ୍ଟେନରକୁ ରଖି କଡ଼େଇକୁ ଘୋଡ଼ାଇ ଦିଅନ୍ତୁ। ୩୦-୩୫ ମିନିଟ୍ ପରେ ଏକ ଛୁରି କିମ୍ବା ଟୁଥ୍ ପ୍ରିକ୍ ସାହାଯ୍ୟରେ କେକ୍‌କୁ ଫୁଟାଇ ଦେଖନ୍ତୁ। ଯଦି ସେଥିରେ ବ୍ୟାଟର ଅଠାଳିଆ ହୋଇ ଲାଗୁନାହିଁ ତେବେ କେକ୍ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯାଇଛି। ଚୁଲାକୁ ବନ୍ଦକରି କେକ୍ ଥଣ୍ଡା ହେବାକୁ ଛାଡ଼ିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ ଏଗ୍‌ଲେସ୍ କେକ୍। ଏହାକୁ ଛୋଟ ଛୋଟ ପିସ୍ କାଟି ନିଜେ ଖାଇବା ସହ ଅନ୍ୟମାନଙ୍କୁ ଖୁଆଇବାର ନିଅନ୍ତୁ।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨୬/୨୦୨୫ Bhubaneswar, Tuesday, August 26/ 2025

# ଜୋକୋଭିଚ୍, ସାବାଲେଙ୍କାଙ୍କ ବିଜୟ ଅଭିଯାନ

ନ୍ୟୁୟର୍କ,୨୫।୮

ମହିଳା ସିଙ୍ଗଲ୍ସରେ ୱାର୍ଲ୍ଡ ନଂ-୧ ଆରିନା ସାବାଲେଙ୍କା ଓ ୨୪ ଥରର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ନୋଭାକ ଜୋକୋଭିଚ୍ ବିଜୟ ସହ ଚଳିତ ଟେନିସ୍ ସିଜନର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନରେ ଅଭିଯାନ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ଚାମ୍ପିୟନ ଡାନିଲ ମେଡ୍‌ଭେଡେଭ ପରାଜୟ ସହ ବିଦାୟ ନେଇଛନ୍ତି।

## ୟୁଏସ୍ ଓପନ

ସୋମବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ମ୍ୟାଚ୍‌ରେ ୱାର୍ଲ୍ଡ ନଂ-୭ ଜୋକୋଭିଚ୍ ୬-୧, ୭-୬(୭/୩), ୬-୨ ସେଟ୍‌ରେ ଲର୍ନର ଟିଏନଙ୍କୁ ହରାଇଛନ୍ତି। ୩୦ତମ ସିଡ୍ ବ୍ରାଣ୍ଡନ ନାକାଶିମା ୬-୨, ୬-୭(୫/୭), ୨-୬, ୬-୨, ୭-୬(୧୦-୭) ସେଟ୍‌ରେ ଜେସ୍ପର ଡି ଜଙ୍ଗଙ୍କୁ ଓ ଜୋର୍ଡାନ ଥମ୍ପସନ ୬-୨, ୬-୪, ୧-୬, ୬-୩ ସେଟ୍‌ରେ କୋରେଣ୍ଟିନ ମୌଟେଟ୍‌ଙ୍କୁ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ ୨୦୨୧ ସଂସ୍କରଣ ଚାମ୍ପିୟନ ମେଡଭେଡେଭ ୩-୬, ୫-୭, ୭-୬(୭/୫), ୬-୦, ୪-୬ ସେଟ୍‌ରେ ବେଞ୍ଜାମିନ ବୋଞ୍ଜିଙ୍କଠାରୁ ପରାସ୍ତ ହୋଇଛନ୍ତି। ମହିଳା ସିଙ୍ଗଲ୍ସରେ ସାବାଲେଙ୍କା ୭-୫, ୬-୧ ସେଟ୍‌ରେ ରେବେକା ମାସାରୋଭାଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତାଙ୍କ ଭଳି ଜେସିକା ପେଗୁଲା ୬-୦, ୬-୪ ସେଟ୍‌ରେ ମେୟର ଶେରିଫଙ୍କୁ, ସପ୍ତମ ସିଡ୍ ଜସ୍ମିନ ପାଓଲିନି ୬-୨, ୭-୬ (୭/୪) ସେଟ୍‌ରେ ଡେଷ୍ଟାନ ଆଇଭାଙ୍କୁ ଓ ବେଲିନ୍ଦା ବେନକିକ୍ ୬-୩, ୬-୩ ସେଟ୍‌ରେ ଝାଙ୍ଗ ଶୁଆଇଙ୍କୁ ହରାଇଛନ୍ତି। ସେହିଭଳି ଜାନାଇସ୍ ଜେନ ୬-୪, ୪-୬, ୬-୪ ସେଟ୍‌ରେ ଭେରୋନିକା କୁଦେମେଟୋଭାଙ୍କୁ ପରାସ୍ତ କରିଛନ୍ତି। ଗତ ୨୨ ବର୍ଷରେ ଇଣ୍ଡୋନେସିଆର ପ୍ରଥମ ଖେଳାଳି ଜାନାଇସ ଭାବେ କୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ସିଙ୍ଗଲ୍ସ ବର୍ଗରେ ବିଜୟ ହାସଲ କରିଛନ୍ତି।


ମ୍ୟାଚ୍ ଜିତିବା ପରେ ଆରିନା ସାବାଲେଙ୍କା।

# ୩ ରେକର୍ଡ ସହ ପ୍ରୀତିସ୍ମିତାଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର (ତପନ ସ୍ୱାଇଁ)/ଢେଙ୍କାନାଳ (ରତନ ନାୟାର) ୨୫।୮

ଅହମଦାବାଦଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ (ୟୁଥ୍, ଜୁନିୟର ଓ ସିନିୟର) ଚାମ୍ପିୟନଶିପ୍‌ରେ ସୋମବାର ଚମକପ୍ରଦ ପ୍ରଦର୍ଶନ କରି ରାଜ୍ୟ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଓଡ଼ିଶାର ପ୍ରୀତିସ୍ମିତା ଭୋଇ। କେବଳ ସେତିକି ନୁହେଁ, ସେ ୩ଟି ରାଜ୍ୟଗୋଷ୍ଠୀ ରେକର୍ଡ ସହ ଏହି ସଫଳତା ପାଇ ନିଜ କ୍ୟାରିୟରକୁ ଋଦ୍ଧିମନ୍ତ କରିଛନ୍ତି। ୟୁଥ୍ ବାଳିକା ୪୪ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ପ୍ରୀତିସ୍ମିତା ସ୍ନାଚ୍‌ରେ ୬୩, କ୍ଲିନ୍ ଆଣ୍ଡ ଜର୍କରେ ୮୭ ଏହିପରି ମୋଟ ୧୫୦ କେଜି ଉତ୍ତୋଳନ କରି ୩ ରେକର୍ଡର ଅଧିକାରୀ ହୋଇଛନ୍ତି। ପ୍ରୀତିସ୍ମିତା ସମ୍ପ୍ରତି କୋଚ୍ ଗୋପାଳ କୃଷ୍ଣ ଦାସଙ୍କ ତତ୍ତ୍ୱାବଧାନରେ ଢେଙ୍କାନାଳସ୍ଥିତ ହାଇପରଫର୍ମାନ୍ସ ସେଣ୍ଟର (ସବ୍ ସେଣ୍ଟର)ରେ କୋଚିଂ ନେଉଛନ୍ତି। ପ୍ରତିଯୋଗିତା ପୂର୍ବରୁ ସେ ଉତ୍ତର ପ୍ରଦେଶ ମୋଦିନଗରରେ ଅନୁଷ୍ଠିତ କୋର୍ କ୍ୟାମ୍ପରେ ଅଭ୍ୟାସ କରିଥିଲେ। ପ୍ରକାଶଯୋଗ୍ୟ ଯେ ଏହି ସମ୍ମାନଜନକ ପ୍ରତିଯୋଗିତାରେ ପ୍ରୀତିସ୍ମିତାଙ୍କ ସମେତ ଓଡ଼ିଶାର ୬ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଅନ୍ୟ ୫ ଭାରୋତ୍ତୋଳନକାରୀ ହେଲେ ଟିଙ୍କି ମୋହିନୀ ମଲିକ (ୟୁଥ୍-୬୩ କେଜି), ମୀନା ସାନ୍ତା (ଜୁନିୟର ୫୮ କେଜି), ବିଦ୍ୟୁସ୍ମିତା ଭୋଇ (ଜୁନିୟର ୬୩ କେଜି), ହୃଦାନନ୍ଦ ଦାସ (ଜୁନିୟର ପୁରୁଷ ୮୮ କେଜି) ଓ ସ୍ନେହା ସୋରେନ (ସିନିୟର ମହିଳା ୫୩ କେଜି)। ଏହି ସମସ୍ତ ଖେଳାଳି ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହାଇପର୍‌ଫର୍ମାନ୍ସ ସେଣ୍ଟରରେ ଟ୍ରେନିଂ ନେଉଛନ୍ତି। ଏହି ସଫଳତା ପାଇଁ ପ୍ରୀତିସ୍ମିତାଙ୍କୁ ରାଜ୍ୟ ଭାରୋତ୍ତୋଳନ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।

## ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ



ସ୍ୱର୍ଣ୍ଣ ପଦକ ସହ ପ୍ରୀତିସ୍ମିତା ଭୋଇ।


ଏସିଆ କପ୍ ଖେଳିବାକୁ ସୋମବାର ବିହାରର ରାଜଗିରିରେ ପହଞ୍ଚିବା ପରେ ଭାରତୀୟ ହକି ଦଳର ତାରକା ଡିଫେଣ୍ଡର ଓଡ଼ିଶାର ଅମିତ ରୋହିଦାସଙ୍କୁ ସ୍ୱାଗତ କରାଯାଉଛି।

# ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଲାଗି କୁଜୁରଙ୍କୁ ଯୋଗ୍ୟତା

**ଭୁବନେଶ୍ୱର,୨୫।୮ (ଅନାଦି କର):** ଓଡ଼ିଶା ଏଚ୍‌ପିସି (ହାଇପରଫର୍ମାନ୍ସ ସେଣ୍ଟର)ର ଅନିମେଶ କୁଜୁର ପ୍ରଥମ ଭାରତୀୟ ପୁରୁଷ ସ୍ପ୍ରିଣ୍ଟର ଭାବେ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ସ ଲାଗି ଯୋଗ୍ୟତା ହାସଲ କରି ଇତିହାସ ରଚିଛନ୍ତି। ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ସ ଆସନ୍ତା ସେପ୍ଟେମ୍ବର ୧୩ରୁ ୨୧ ତାରିଖ ପର୍ଯ୍ୟନ୍ତ ଜାପାନର ଟୋକିଓରେ ହେବ। ଚେନ୍ନାଇର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ୬୪ତମ ଜାତୀୟ ଆନ୍ତଃ-ରାଜ୍ୟ ପ୍ରତିଯୋଗିତାରେ ସେ ୨୦୦ ମିଟର ଦୌଡ଼ରେ ନିଜ ରେକର୍ଡ ଭଙ୍ଗ କରି ଏହି ସଫଳତା ପାଇଛନ୍ତି। ସେ ଏହି ଦୌଡ଼କୁ ସେ ୨୦.୬୩ ସେକେଣ୍ଡରେ ଶେଷ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଭଳି ପ୍ରଦର୍ଶନ ଯୋଗୁ ସେ ର୍‍ୟାଙ୍କିଙ୍ଗ୍ସ ଜରିଆରେ ଯୋଗ୍ୟତା ହାସଲ କରିଛନ୍ତି।

# ମୀରାବାଈ ଜିତିଲେ ସ୍ୱର୍ଣ୍ଣ ପଦକ


ମୀରାବାଈ ଚାନୁ

ଅହମଦାବାଦ, ୨୫।୮ (ପି.ଟି.)

ଭାରତର ଷ୍ଟାର ଭାରୋତ୍ତୋଳିକା ମୀରାବାଈ ଚାନୁ ରେକର୍ଡଭଙ୍ଗକାରୀ ପ୍ରଦର୍ଶନ ସହ ଏଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍‌ରେ ସୋମବାର ଏକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହା ତାଙ୍କଠାରୁ ଆଶା ମଧ୍ୟ କରାଯାଉଥିଲା। ଟୋକିଓ ଅଲିମ୍ପିକ୍ସ ରୌପ୍ୟ ପଦକ ବିଜେତା ଏଠାରେ ୧୯୩ କେଜି (୮୪କେଜି+୧୦୯କେଜି) ଓଜନ ଉଠାଇ ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍‌ରେ ସ୍ନାଚ୍, କ୍ଲିନ୍ ଆଣ୍ଡ୍ ଜର୍କ ଏବଂ ଟୋଟାଲରେ ନୂଆ ରେକର୍ଡ କରିବା ସହ ମହିଳା ୪୮କେଜି ଶ୍ରେଣୀରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ୩୧ ବର୍ଷୀୟା ଏହି ଭାରୋତ୍ତୋଳିକା ଏକ ବର୍ଷ ଧରି ଆଘାତ ଜନିତ ସମସ୍ୟାରେ ଥିଲେ। ଏହି ସମୟରେ ଅନ୍ତର୍ଜାତୀୟ ସ୍ତରରେ ତାଙ୍କର ଉତ୍‌ଥାନ ଓ ପତନ ଦେଖିବାକୁ ମିଳିଥିଲା। ୬ଟିରୁ ସେ ମାତ୍ର ତିନୋଟିରେ ସଫଳତା ଅର୍ଜନ କରିଥିଲେ। ମାଲେସିଆର ଇରିନେ ହେନ୍‌ରୀ ୧୬୧କେଜି (୭୩ କେଜି+୮୮ କେଜି) ଉତ୍ତୋଳନ କରି ରୌପ୍ୟ ଜିତିଥିବାବେଳେ ୱେଲ୍ସର ନିକୋଲ୍ ରବର୍ଟ୍ସ ୧୫୦କେଜି (୭୦କେଜି+୮୦କେଜି) ବ୍ରୋଞ୍ଜ ପଦକ ପାଇଛନ୍ତି। ଏହି ଇଭେଣ୍ଟ ଜରିଆରେ ଚାନୁ ୪୮କେଜି ଶ୍ରେଣୀରେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ଶ୍ରେଣୀରେ ସେ ତାଙ୍କ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ଏବଂ ଦୁଇ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ହାସଲ କରିଛନ୍ତି, କିନ୍ତୁ ୨୦୧୮ପରଠାରୁ ସେ ଏଥିରେ ଭାଗ ନେଇ ନାହାନ୍ତି। ଜୁନିୟର କାଟେଗୋରୀରେ ସୌମ୍ୟା ଡାଲ୍‌ଭି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି।

## ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍

# ନୀରୁଙ୍କୁ ସ୍ୱର୍ଣ୍ଣ: ଆସୀମା, ଭୋନିଶଙ୍କୁ ରୌପ୍ୟ

**ଶିମ୍‌କେଣ୍ଟ, ୨୫।୮ (ପି.ଟି):** ଭାରତର ଜାତୀୟ ଚାମ୍ପିୟନ ନୀରୁ ଧଣ୍ଡା ଏଠାରେ ଚାଲିଥିବା ଏସିଆନ ଶୁଟିଂ ଚାମ୍ପିୟନଶିପ୍ ମହିଳା ଟ୍ରାପ୍ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିବା ବେଳେ ଆସୀମା ଆହ୍ଲାୱତ ଭୋନିଶ ମେଣ୍ଡିରାଟା ରୌପ୍ୟ ପଦକ ହାସଲ କରିବାରେ ସମର୍ଥ ହୋଇଛନ୍ତି। ନୀରୁ ଫାଇନାଲରେ ୪୩ ଶଟ୍ ସହ କାତାରର ବାସିଲ ରେ' (୩୭) ଓ ଆସୀମା (୨୯)ଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପୁରୁଷ ଟ୍ରାପ୍‌ରେ ଭୋନିଶ ୪୫ ଶଟ୍ ସହ ରୌପ୍ୟ ପଦକ ପାଇଥିବାବେଳେ ଚାଇନିଜ ଶୁଟର ୟିଙ୍ଗ୍‌ଝି (୪୭) ଓ ପେଙ୍ଗ୍‌ୟୁ ଚେନ୍ (୩୫) ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ସୋମବାର ଏହା ପୂର୍ବରୁ ଡବଲ ଅଲିମ୍ପିକ ପଦକ ବିଜେତା ମନୁ ଭାକର ମହିଳା ୨୫ ମିଟର ପିସ୍ତଲ ପ୍ରତିଯୋଗିତାରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ତେବେ ପରେ ଏହି ମହାଦେଶୀୟ ଇଭେଣ୍ଟର ଜୁନିୟର ମହିଳା ବିଭାଗରେ ଭାରତ ଜବରଦସ୍ତ ପ୍ରଦର୍ଶନ କରିଛି। ନୀରୁ, ଆସୀମା ଓ ପ୍ରୀତି ରଜାକ୍ ୩୧୯ ସ୍କୋର ସହ ଚାଇନା ଓ କୁଏଟ୍ ଆଗରେ ମହିଳା ଟ୍ରାପ୍ ଇଭେଣ୍ଟରେ ଟିମ୍ ସ୍ୱର୍ଣ୍ଣ ଜିତିଛନ୍ତି। ସୂଚନାଯୋଗ୍ୟ, ନୀରୁ ଗତ ଜୁଲାଇରେ ଇଟାଲୀର ଲୋନାଟୋଠାରେ ଅନୁଷ୍ଠିତ ଶଟ୍‌ଗନ୍ ବିଶ୍ୱକପ୍‌ରେ ପ୍ରଥମ ଥର ଏକ ଆଇଏସ୍ଏସ୍ଏଫ୍ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିଲେ।

# ମୃତ କ୍ରିକେଟରଙ୍କ ସ୍ତ୍ରୀଙ୍କୁ ବିସିସିଆଇଠାରୁ ୧ ଲକ୍ଷ ମିଳିବ

**ବେଙ୍ଗାଲୁରୁ,୨୫।୮(ପି.ଟି.):** ବିସିସିଆଇର ମଞ୍ଜୁରୀ ପାଇବା ପରେ ଭାରତୀୟ କ୍ରିକେଟର ମହାସଂଘ (ଆଇସିଏ) ମୃତ କ୍ରିକେଟରଙ୍କ ପତ୍ନୀଙ୍କୁ ଏକକାଳୀନ ୧ ଲକ୍ଷ ଟଙ୍କା ପ୍ରଦାନ କରିବାର ବ୍ୟବସ୍ଥା ଲାଗୁ କରିବାକୁ ଯାଉଛି। କ୍ରିକେଟରଙ୍କ ମୃତ୍ୟୁ ବେଳେ ତାଙ୍କ ଅବଦାନର ସମ୍ମାନରେ ଏବଂ ଆର୍ଥିକ ସହାୟତା ପ୍ରଦାନ କରିବା ଏହି ଯୋଜନାର ଲକ୍ଷ୍ୟ। ଏହାର ଫାଇଦା କେବଳ ମୃତ ଆଇସିଏ ସଦସ୍ୟଙ୍କ ସ୍ତ୍ରୀଙ୍କୁ ମିଳିବ। କ୍ରିକେଟରଙ୍କ କ୍ୟାରିୟର ଶେଷ ହେବା ପରେ ଦରକାର ସମୟରେ ତାଙ୍କ ପରିବାରକୁ ସମର୍ଥନ କରିବା ପ୍ରତି ଆଇସିଏର ପ୍ରତିବଦ୍ଧତାକୁ ଏହି ଯୋଜନା ଦର୍ଶାଉଛି। ପ୍ରାରମ୍ଭିକ ଭାବେ ୫୦ ହିତାଧିକାରୀଙ୍କୁ ଏହାର ଲାଭ ମିଳିବ।

# ଡିଏଭି ପୋଖରୀପୁଟ, ଓଡିଏମ୍ ଗ୍ଲୋବାଲ ସେମିରେ

ଭୁବନେଶ୍ୱର, ୨୫।୮ (ତପନ ସ୍ୱାଇଁ)

ୟୁନିଟ-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ୩୪ତମ ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟର ୨ଟି କ୍ୱାର୍ଟର ଫାଇନାଲ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ବିଜୟୀ ହୋଇ ଡିଏଭି ପୋଖରୀପୁଟ ଓ ଓଡିଏମ୍ ଗ୍ଲୋବାଲ ସେମିଫାଇନାଲରେ ପ୍ରବେଶ କରିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ପ୍ରଥମ କ୍ୱାର୍ଟର ଫାଇନାଲରେ ଡିଏଭି ପୋଖରୀପୁଟ ପେନାଲ୍‌ଟି ଶୁଟ୍‌ଆଉଟ ୟୁନିଟ-୧ ଜିଏଚ୍‌ଏସ୍‌କୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ବରାବର ରହିଥିଲା। ପ୍ରଭାବୀ ପ୍ରଦର୍ଶନ ପାଇଁ ବିଜୟୀ ଦଳର ଅପରମିତ ପ୍ରଧାନଙ୍କୁ ଅତିଥି ଗୌରୀ ପ୍ରହରାଜ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଓଡିଏମ ଗ୍ଲୋବାଲ ୩-୦ ଗୋଲରେ ସାଇ ଇଣ୍ଟରନ୍ୟାଶନାଲକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ସରିଜଲ କିସ୍କୁ ଏକାକୀ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ସରିଜଲଙ୍କୁ ଅତିଥି ମଧୁସୂଦନ ରେଡ୍ଡୀ ଶ୍ରେଷ୍ଠ ଖେଳାଳି ପୁରସ୍କାର ଦେଇଥିଲେ। ମଙ୍ଗଳବାର ଅନ୍ୟ ୨ଟି କ୍ୱାର୍ଟର ଫାଇନାଲରେ କିସ୍ ସହିତ ବିଜେଇଏମ୍ ସ୍କୁଲ ଏବଂ ମଦର୍ସ ସହ ବିକାଶ ରେସିଡେନ୍ସିଆଲ ସ୍କୁଲର ମୁକାବିଲା ହେବ।

## ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ

# ରେସ୍‌ଲର ନେହା ୨ବର୍ଷ ସସ୍‌ପେଣ୍ଡ

**ନୂଆଦିଲ୍ଲୀ, ୨୫।୮ (ପି.ଟି.):** ଅଧିକ ଓଜନ ପାଇଁ ରେସଲର ନେହା ସାଙ୍ଗୱାନ ନିକଟରେ ୨୦ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍‌ରୁ ଅଯୋଗ୍ୟ ଘୋଷିତ ହୋଇଥିଲେ। ଏବେ ଓଜନଗତ ପରିଚାଳନା ସମସ୍ୟା ପାଇଁ ଖେଳର ଜାତୀୟ ମହାସଂଘ ତାଙ୍କୁ ସୋମବାର ସିନିୟର ବିଶ୍ୱ ଚାମ୍ପିୟନଶିପ୍‌ରୁ ବାଦ୍ ଦେବା ସହ ଦୁଇ ବର୍ଷ ପାଇଁ ସସ୍‌ପେଣ୍ଡ କରିଛି। ନେହାଙ୍କ ଘର ହେଉଛି ହରିୟାଣାର ଚରକ୍ଷି ଦାଦ୍ରିରେ। ଗତ ସପ୍ତାହରେ ସେ ବୁଲ୍‌ଗେରିଆର ସାମୋକୋଭଠାରେ ମହିଳା ୫୯କେଜି ଶ୍ରେଣୀରେ ଭାଗ ନେଇଥାନ୍ତେ। ମାତ୍ର ତାଙ୍କ ଓଜନ ଅନୁମତି ସୀମାଠାରୁ ୬୦୦ ଗ୍ରାମ୍ ଅଧିକ ରହିଥିଲା। ଆୟୋଜକଗଣ ତାଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ। ଇଭେଣ୍ଟରେ ଭାରତର ମହିଳା ଦଳ ୭ପଦକ ସହ ଜାପାନ ପଛରେ ଦ୍ୱିତୀୟ ସ୍ଥାନ ସହ ରନରଅପ୍ ହୋଇଛି। ନେହା ନିଃସନ୍ଦେହରେ ଥିଲେ ଜଣେ ଦୃଢ଼ ପଦକ ଦାବିଦାର। ସେ ସ୍ୱର୍ଣ୍ଣ ପାଇଥିଲେ ଭାରତ ନିଶ୍ଚିତ ରୂପେ ଟିମ୍ ଚାମ୍ପିୟନଶିପ୍ ଜିତିପାରିଥାନ୍ତା।

# ନୂଆ ସ୍ପନସର ଖୋଜା ଆରମ୍ଭକଲା ବିସିସିଆଇ

ନୂଆଦିଲ୍ଲୀ,୨୫।୮(ପି.ଟି.)

ଫାଣ୍ଟାସି ସ୍ପୋର୍ଟ୍ସ କମ୍ପାନୀ ଡ୍ରିମ ୧୧ ସହିତ ହୋଇଥିବା ସ୍ପନ୍‌ସରଶିପ୍ ଚୁକ୍ତିକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୋମବାର ବାତିଲ କରିଦେଇଛି। ଏଥିଯୋଗୁ ନୂଆ ସ୍ପନସର ଖୋଜା ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ମାସରେ ହେବାକୁ ଥିବା ଏସିଆ କପ୍‌ରେ ଟିମ ଇଣ୍ଡିଆ ବିନା ସ୍ପନ୍‌ସରରେ ଖେଳିବ। ନିକଟରେ ସଂସଦରେ ପାରିତ ହୋଇଥିବା 'ପ୍ରମୋଶନ ଆଣ୍ଡ୍ ରେଗୁଲେଶନ ଅଫ୍ ଅନ୍‌ଲାଇନ୍ ଗେମିଂ' ଆଇନ ଅଧୀନରେ ଭାରତ ସରକାର ରିୟଲ ମନି ଗେମିଂକୁ ବ୍ୟାନ କରିଥିବାରୁ ବିସିସିଆଇ ଭାରତୀୟ କ୍ରିକେଟ୍ ଦଳର ଟାଇଟଲ ସ୍ପନସର ଭାବେ ଡ୍ରିମ୍‌୧୧କୁ ଜାରି ନ ରଖିବାକୁ ନିଷ୍ପତ୍ତି ନେଇଛି। ଡ୍ରିମ୍‌୧୧ ସହ ଚୁକ୍ତି ଶେଷ ହୋଇଥିବା ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ସ୍ପଷ୍ଟ କରିଛନ୍ତି। ''ଆମ ଆଭିମୁଖ୍ୟ ପୂରା ସ୍ପଷ୍ଟ। ସରକାରଙ୍କ ଗାଇଡ୍‌ଲାଇନ କାରଣରୁ ବିସିସିଆଇ ଡ୍ରିମ୍‌୧୧ ଏବଂ ଏହା ଭଳି ଗେମିଂ କମ୍ପାନୀ ସହ ସ୍ପନସରଶିପ୍ ସମ୍ପର୍କ ରଖିପାରିବ ନାହିଁ। ନୂଆ କଟକଣା ଆଧାରରେ ଡ୍ରିମ୍‌୧୧ ସହିତ ଆମର କୌଣସି ସମ୍ଭାବନା ନାହିଁ। ଏଣୁ ଆମେ ସେମାନଙ୍କ ସହ ରହିପାରିବୁ ନାହିଁ ଏବଂ ଆମେ କିଛି ବିକଳ୍ପ ଖୋଜିବାକୁ ଚେଷ୍ଟା କରୁଛୁ। ଏହି ପ୍ରକ୍ରିୟା ଚାଲିଛି। ବର୍ତ୍ତମାନ ସ୍ପନସରଶିପ ସ୍ଥାନ ଖାଲି ରହିଛି। ଏ କ୍ଷେତ୍ରରେ କିଛି ଅପଡେଟ୍ ହେଲେ ଆମେ ଜଣାଇବୁ'' ବୋଲି ସାଇକିଆ କହିଛନ୍ତି। ୨୦୨୩ରେ ୩୫୮ କୋଟି ଟଙ୍କାରେ ଡ୍ରିମ୍‌୧୧ ଭାରତୀୟ ଜାତୀୟ ଦଳର ସ୍ପନସରଶିପ୍ ୩ ବର୍ଷ ଲାଗି ହାସଲ କରିଥିଲା।

# ଓଡ଼ିଶା ଦଳର ପ୍ରଶିକ୍ଷଣ ଶିବିର ଆରମ୍ଭ

ଭୁବନେଶ୍ୱର, ୨୫।୮ (ତପନ ସ୍ୱାଇଁ)

ଉତ୍ତରାଖଣ୍ଡର ହଲଦ୍ୱାନିସ୍ଥିତ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ୨୦ତମ କ୍ୟାଡେଟ (୧୭ ବର୍ଷରୁ କମ୍) ଜାତୀୟ ଅଶିଚାଳନା ପ୍ରତିଯୋଗିତା ସେପ୍ଟେମ୍ବର ୮ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏନେଇ ସୋମବାର ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଫେନ୍‌ସିଂ ହଲରେ ଓଡ଼ିଶା ଦଳର ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ରାଜ୍ୟ କ୍ରୀଡ଼ା ବିଭାଗ ସହଯୋଗରେ ଆୟୋଜିତ ଏହି ଶିବିର ୧୦ ଦିନ ଧରି ଚାଲିବ। ଏଥିରେ ମୋଟ ୩୦ ଜଣ ଖେଳାଳି ଭାଗ ନେଇଛନ୍ତି। ରାଜ୍ୟ ଅଶିଚାଳନା ସଂଘ ପକ୍ଷରୁ ଆୟୋଜିତ ଏହି ଶିବିରରେ ଯେଉଁ ଖେଳାଳିମାନେ ଭଲ ଖେଳ ପ୍ରଦର୍ଶ କରିବେ ସେମାନଙ୍କ ମଧ୍ୟରୁ ବାଳକ ବର୍ଗରୁ ୧୨ ଏବଂ ବାଳିକା ବର୍ଗରୁ ୧୨ ଜଣ ଖେଳାଳିଙ୍କୁ ଜାତୀୟ ପ୍ରତିଯୋଗିତା ପାଇଁ ଚୟନ କରାଯିବ ବୋଲି ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି। ବଲାଙ୍ଗୀର ଉପ ଜିଲ୍ଲାପାଳ ଆଲୋକ କୁମାର ପଟେଲ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ବଲାଙ୍ଗୀର ସ୍ପୋର୍ଟ୍ସ ହଷ୍ଟେଲ ଅଶିଚାଳନା କୋଚ ଅନ୍ୱେଷା ରାଉତ, ରୋଶନ ସାହୁ, ଜ୍ୟୋତି ରଞ୍ଜନ ଠାକୁର, ସୁଭଦ୍ରା ବେହେରା, ଭୁବନେଶ୍ୱର ଫେନ୍‌ସିଂ ଏକାଡେମୀ କୋଚ ସୁକାନ୍ତ ସେଠ ଏବଂ କ୍ରୀଡ଼ା ଶିକ୍ଷକ ବୁଦ୍ଧିରାଜ ବିଶ୍ୱାଳ, ବୀରେନ୍ଦ୍ର ସୁନା, ସସ୍ମିତା ଗଡତିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ୧୭ ବର୍ଷରୁ କମ୍ ଅଶିଚାଳନା


ପ୍ରଶିକ୍ଷଣ ଶିବିରରେ ଅଭ୍ୟାସ ଅବସରରେ ଦୁଇ ଅଶିଚାଳକ।



ପଞ୍ଜାବର ଜଳନ୍ଧରରେ ଅନୁଷ୍ଠିତ ଜାତୀୟ ଜୁନିୟର ହକିରେ ରୌପ୍ୟ ପଦକ ବିଜୟୀ ଓଡ଼ିଶା ଦଳକୁ ସୋମବାର କଳିଙ୍ଗ ଷ୍ଟାଡିୟମ ପରିସରରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମ୍ବର୍ଦ୍ଧିତ କରିଛନ୍ତି। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ରାଜ୍ୟ କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ୟେଦୁଲା ବିଜୟ, ଓଡ଼ିଶା ହକି ପ୍ରମୋଶନ କାଉନ୍ସିଲ ସିଇଓ ଦୀପଙ୍କର ମହାପାତ୍ର ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ